ବିକ୍ରମ ସିଂହ ତାମିଲମାନଙ୍କ ପ୍ରତି ନରମ ମନୋଭାବ ପୋଷଣକରି ସେମାନଙ୍କର ସମସ୍ୟା ସମାଧାନ କରିବା ନିମନ୍ତେ କିଛିଟା ଉଦ୍ୟମ କରିଛନ୍ତି। ସେ ଭାରତ ସହିତ ଉତ୍ତମ ସମ୍ପର୍କ ସ୍ଥାପନରେ ବିଶ୍ୱାସୀ, ଯଦିଓ ତାଙ୍କର ତିନିବର୍ଷର ଶାସନକାଳ ମଧ୍ୟରେ ଦେଶରକ୍ଷା ସମ୍ବନ୍ଧୀୟ କୌଣସି ଚୁକ୍ତି ଭାରତ ସହିତ କରିନାହାନ୍ତି। ତାଙ୍କ ସମୟରେ ଶ୍ରୀଲଙ୍କାରେ ଚାଇନାର ପ୍ରଭାବ ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଚାଇନା ସବୁଠାରୁ ଅଧିକ ପୁଞ୍ଜି ନିବେଶକାରୀ ଓ ସବୁଠାରୁ ବଡ଼ ବାଣିଜ୍ୟ ସହଯୋଗୀ। ଶ୍ରୀଲଙ୍କାର ଏଇ ରାଜନୈତିକ ସଂକଟ ଭାରତ ଓ ଚାଇନା ମଧ୍ୟରେ ପ୍ରଭାବ ରକ୍ଷା ନିମନ୍ତେ ଛାୟାଯୁଦ୍ଧ ବୋଲି ବିବେଚନା କରାଯାଇପାରେ। ପକ୍ଷାନ୍ତରେ ଏହା ତାମିଲବିରୋଧୀ ସିଂହଳୀ ମନୋଭାବର ଏକ ସମ୍ପ୍ରସାରଣ।

ରାଷ୍ଟ୍ରପତି ସିରିସେନା ଜଣେ ସୁବିଧାବାଦୀ ରାଜନୈତିକ ନେତା। ରାଜପାକ୍‌ସେଙ୍କ ଜନପ୍ରିୟତା ହ୍ରାସ ସମୟରେ (୨୦୧୫) ସେ ରାଜପାକ୍‌ସେଙ୍କୁ ଛାଡି ବିକ୍ରମ ସିଂହଙ୍କ ସହିତ ହାତ ମିଳାଇ ଜଣେ ସାଧାରଣ ମନ୍ତ୍ରୀରୁ ରାଷ୍ଟ୍ରପତି ହୋଇପାରିଥିଲେ। ବର୍ତ୍ତମାନ ନିଜର ରାଷ୍ଟ୍ରପତି ପଦ ରକ୍ଷା ନିମନ୍ତେ ରାଜପାକ୍‌ସେଙ୍କ ଜନପ୍ରିୟତା ବୃଦ୍ଧି ଆକଳନ କରି ତାଙ୍କୁ ସାହାଯ୍ୟ କରିବାକୁ ଅଗଣତାନ୍ତ୍ରିକ ପନ୍ଥା ଅବଲମ୍ବନ କରିଛନ୍ତି। ସୁପ୍ରିମ୍‌କୋର୍ଟ ଓ ବାଚସ୍ପତି ଜୟସୁରିଆ ଗଣତନ୍ତ୍ରକୁ ରକ୍ଷା କରିବା ନିମନ୍ତେ ଉଦ୍ୟମ କରୁଛନ୍ତି।

ଦେଶ ବର୍ତ୍ତମାନ ଏକ ବିସ୍ଫୋରକ ସ୍ଥିତିରେ। ଚାରିଆଡ଼େ ଅସୁରକ୍ଷା ଓ ହିଂସାର ବାତାବରଣ। ବିକ୍ରମ ସିଂହ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ନିଜ ଦଳୀୟ କର୍ମୀଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ରହିଛନ୍ତି ଓ ରାଜପାକ୍‌ସେଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ସ୍ୱୀକାର କରୁନାହାନ୍ତି। ଏକ ନୂତନ ନିର୍ବାଚନ ଅବଶ୍ୟମ୍ଭାବୀ ହୋଇ ଉଠିଲାଣି ଓ ନିର୍ବାଚନ ସମାପ୍ତ ହୋଇ ଦେଶରେ ନୂତନ ପ୍ରଧାନମନ୍ତ୍ରୀ ଗାଦିନସୀନ ହେବା ପର୍ଯ୍ୟନ୍ତ ପରିସ୍ଥିତି ଜଟିଳ ରହିବ।

ସିଂହଳୀ ଭାଷାଭାଷୀମାନେ ଭାରତ ସହିତ ନିବିଡ଼ ସମ୍ପର୍କକୁ ସନ୍ଦେହ ଚକ୍ଷୁରେ ଦେଖନ୍ତି। ଶ୍ରୀଲଙ୍କାର ଦୂରତ୍ୱ ଭାରତଠାରୁ ମାତ୍ର ୨୯ କି.ମି.। ବାରଶହ ବର୍ଷ କାଳ ସିଂହଳୀ ଓ ତାମିଲ ଭାଷାଭାଷୀମାନଙ୍କ ମଧ୍ୟରେ ଯୁଦ୍ଧବିଗ୍ରହ ଲାଗି ରହିଥିଲା। ସିଂହଳର ଉତ୍ତର ଓ ଉତ୍ତରପୂର୍ବାଞ୍ଚଳରେ ବାସ କରୁଥିବା ତାମିଲମାନଙ୍କୁ ସିଂହଳୀମାନେ ଭାରତୀୟ ବୋଲି ମନେକରନ୍ତି। ଜଣେ ସାଧାରଣ ସିଂହଳୀର ବିବେଚନାରେ ତାମିଲନାଡୁ ହିଁ ଭାରତ। ସିଂହଳୀମାନଙ୍କ ଇତିହାସ, ଲୋକଗୀତ, ଗଳ୍ପ, ସାହିତ୍ୟ ଇତ୍ୟାଦି ଭାରତୀୟ ଆକ୍ରମଣ ଆଶଙ୍କାରେ ଭରପୂର। ସିଂହଳୀ ଭାଷା ପାଲି ଭାଷାରୁ ଜନ୍ମ ଓ ଏହା ଉତ୍ତରଭାରତୀୟ ଭାଷାର ବଂଶଜ ହେଲେ ମଧ୍ୟ କୌଣସି ଭାରତୀୟ ଭାଷା ଓ ସାହିତ୍ୟ ସହିତ ଏହା ସମ୍ପର୍କ ରକ୍ଷା କରିପାରିନାହିଁ। ସିଂହଳୀମାନଙ୍କ ପୂର୍ବସୂରୀ ଉତ୍ତର ଓ ପୂର୍ବ ଭାରତୀୟ ହେଲେ ମଧ୍ୟ ଉତ୍ତର ଓ ପୂର୍ବ ଭାରତ ସହିତ ସେମାନଙ୍କର କୌଣସି ଭାବଗତ, ସାଂସ୍କୃତିକ ଓ ଐତିହାସିକ ସମ୍ପର୍କ ବାସ୍ତବରୂପ ନେଇନାହିଁ। ଶ୍ରୀଲଙ୍କାର ସଂଖ୍ୟାଗରିଷ୍ଠ ସିଂହଳୀ ଭାଷାଭାଷୀମାନେ ଭାବଗତ ସ୍ତରରେ ନିଜକୁ ବୃହତ୍ତର ଭାରତର ଏକ ସଂଖ୍ୟାଲଘୁ ଗୋଷ୍ଠୀ ମନେକରି ଅବଚେତନ ସ୍ତରରେ ମାନସିକ ହୀନମନ୍ୟତାର ଶିକାର ହୋଇଛନ୍ତି। ପୃଥିବୀର ଅନ୍ୟ ସମସ୍ତ ବୌଦ୍ଧ ଧର୍ମାବଲମ୍ବୀ ରାଷ୍ଟ୍ର ମଙ୍ଗୋଲ ବଂଶୋଦ୍ଭବ ଓ ଭାରତୀୟ ବଂଶୋଦ୍ଭବଙ୍କ ମଧ୍ୟରେ ସିଂହଳୀମାନେ ହିଁ ବୌଦ୍ଧ ଧର୍ମାବଲମ୍ବୀ। ସିଂହଳରେ ଭାରତର ପ୍ରଭାବ ବୃଦ୍ଧି, ବୌଦ୍ଧଧର୍ମର ପ୍ରତିଷ୍ଠା ଓ ବିକାଶ ଦିଗରେ ବାଧା ସୃଷ୍ଟି କରିବ ବୋଲି ସେମାନଙ୍କର ଆଶଙ୍କା। ଏ ସବୁ କାରକମାନଙ୍କୁ ବିଚାରକୁ ନେଇ ଆମ ଦେଶରେ ଶ୍ରୀଲଙ୍କା ନୀତି ପ୍ରଣୟନ ହେବା ଜରୁରୀ।

ମୋ–୯୯୩୭୪୨୨୫୨୧

# ଓଡ଼ିଆ ସଂସ୍କୃତି ଓ ପ୍ରଥମାଷ୍ଟମୀ



ଡ. ଉଦ୍ଧବ ଚରଣ ନାୟକ

ଅକ୍ଷୟତୃତୀୟା, ରଜ, କୁମାରପୂର୍ଣ୍ଣିମା, ବଡ଼ଓଷା, ବାଲିଯାତ୍ରା ବା ବୋଇତ ବନ୍ଦାଣ, ମାଣବସା, ପ୍ରଥମାଷ୍ଟମୀ ଓ ଶାମ୍ବଦଶମୀ ହେଉଛି ଖାଣ୍ଟି ଓଡ଼ିଆ ପର୍ବ। ଏସବୁ ଓଡ଼ିଶାର ଏକାନ୍ତ ନିଜସ୍ୱ ତଥା ଅତି ଆପଣାର ପର୍ବ। ମାର୍ଗଶିର ମାସକୁ ବର୍ଷର ପ୍ରଥମ ମାସ ବୋଲି କୁହାଯାଏ। ଭଗବାନ ଶ୍ରୀକୃଷ୍ଣ ଗୀତାର ଦଶମ ଅଧ୍ୟାୟରେ ଅର୍ଜୁନଙ୍କୁ କହିଛନ୍ତି–'ମାସାନାଂ ମାର୍ଗଶୀର୍ଷୋଽହମୃତୁନାଂ କୁସୁମାକରଃ...' ଅର୍ଥାତ୍ ମୁଁ ମାସଗୁଡ଼ିକ ମଧ୍ୟରେ ମାର୍ଗଶିର ଓ ଋତୁଗୁଡ଼ିକ ମଧ୍ୟରେ ବସନ୍ତ। ଏଣୁ ମାର୍ଗଶିର ମାସଟି ଶ୍ରେଷ୍ଠ ବା ଆଦ୍ୟମାସ ଭାବରେ ଗ୍ରହଣୀୟ। ଆମର ପ୍ରାଚୀନ ଓଡ଼ିଆ କବି ଅଚ୍ୟୁତାନନ୍ଦ ଦାସ (ଷୋଡ଼ଶ ଶତାବ୍ଦୀ) ତାଙ୍କର ବାରମାସୀ ଗୀତିକାରେ ଆଦ୍ୟରେ ଏହି ମାର୍ଗଶିର ମାସର ନାମ ଉଚ୍ଚାରଣ କରିଛନ୍ତି–

''ଆଦ୍ୟ ମାର୍ଗଶିର ଶିଶିରେ ଶୀତ,
ଶ୍ରୀକୃଷ୍ଣ ଜାଣନ୍ତି ରାଧିକା ଚିତ୍ତ।
ଦୁଃଖର ଭାବନା ଦୁଃଖୀ ସଙ୍ଗୀତ,
କାହୁଁ ଆଣିଦେବି କମଳାକାନ୍ତ,
ମୋ କାହ୍ନୁରେ...।''

ଏହି ମାର୍ଗଶିର ମାସର କୃଷ୍ଣ ଅଷ୍ଟମୀ ବା ପ୍ରଥମ ଅଷ୍ଟମୀଟିକୁ ସୌନ୍ଦର୍ଯ୍ୟ ଓ ସମ୍ପଦର ଦେବୀ ମା' ମହାଲକ୍ଷ୍ମୀଙ୍କର ଆବିର୍ଭାବ ତିଥି ଭାବରେ ଗ୍ରହଣ କରାଯାଏ। କାରଣ ଏହାକୁ ଅନୁକରଣ କରି ଆମ ଓଡ଼ିଆ ଘରର ବୋହୂ ସାଆନ୍ତାଣୀମାନେ ଲକ୍ଷ୍ମୀ ପୂଜନ ଆରମ୍ଭ କରିଥାଆନ୍ତି। ପ୍ରଥମାଷ୍ଟମୀ ପରେ ପରେ ସେମାନେ ମାଣବସାଇ ମା' ଲକ୍ଷ୍ମୀଙ୍କର ପୂଜା ଅର୍ଚ୍ଚନା କରନ୍ତି, ଯାହାକି 'ମାଣବସା ଓଷା' ଭାବରେ ଖ୍ୟାତ। ଏହି ପ୍ରଥମ ଅଷ୍ଟମୀଠାରୁ ନୂଆଧାନ, ନୂଆ ବିରି ତଥା ଅନ୍ୟାନ୍ୟ ନୂତନ ଶସ୍ୟର ବ୍ୟବହାର ଆରମ୍ଭ ହୁଏ। ବିଶେଷ ଉଲ୍ଲେଖଯୋଗ୍ୟ ଘଟଣା ହେଲା, ଏହି ଦିବସ ଉପଲକ୍ଷେ ପ୍ରତ୍ୟେକ ଓଡ଼ିଆ ପରିବାରରେ ଜ୍ୟେଷ୍ଠ ସନ୍ତାନ, ପୁଅ ହେଉ କି ଝିଅ, ସେମାନଙ୍କୁ 'ପୋରୁହାଁ' ବା 'ପୋଢୁଆଁ' କରାଯାଏ। ତେଣୁ ଏହି ଅଷ୍ଟମୀଟି ପୋରୁହାଁ 'ଅଷ୍ଟମୀ' ବା 'ପ୍ରଥମାଷ୍ଟମୀ' ଭାବରେ ଖ୍ୟାତ। ଏହି ପରମ୍ପରାରୁ ସ୍ପଷ୍ଟ ସୂଚିତ ହୁଏ ଯେ, ଓଡ଼ିଆ ଜାତି ବହୁ ପ୍ରାଚୀନକାଳରୁ ପୁଅ–ଝିଅଙ୍କ ଭିତରେ ପ୍ରଭେଦ ନ ରଖି ଦୁହିଁଙ୍କୁ ସମାନ ଦୃଷ୍ଟିରେ ଦେଖିଆସିଛି। ଆଜି ଯାହାକି 'ନାରୀ–ପୁରୁଷ ସମାନତା' ଶୀର୍ଷକରେ ଜାତୀୟ ମୂଲ୍ୟବୋଧ ଭାବରେ ଶିକ୍ଷା ପ୍ରଦାନ କରାଯାଉଛି।

ଦ୍ୱିତୀୟ ସନ୍ତାନକୁ ମଧ୍ୟ ପ୍ରଥମାଷ୍ଟମୀରେ ପ୍ରଥମ ସନ୍ତାନ ସହ 'ଦୁହାଁ' ବା 'ଦୁଆ' ଭାବରେ ମାନ୍ୟତା ପ୍ରଦାନ କରାଯାଏ। ଏହି ଦିନରେ ଜ୍ୟେଷ୍ଠ ସନ୍ତାନ ବା ପୋରୁହାଁ ସନ୍ତାନମାନଙ୍କ ପରିଧାନ ନିମନ୍ତେ ନୂତନ ବସ୍ତ୍ର–ପୋଷାକ ସହ ପିଠା ପ୍ରସ୍ତୁତି ନିମନ୍ତେ ନୂଆ ଅରୁଆଚାଉଳ ଓ ନୂଆ ବିରି ମାମୁଘରୁ ଆସିଥାଏ। ମାମୁମାନେ ଭଉଣୀର ଜ୍ୟେଷ୍ଠ ସନ୍ତାନକୁ ପୋରୁହାଁ କରିବାର ବିଧି ରହିଛି। ଆମ ଓଡ଼ିଆ ଘରେ ପିଲାର ମାମୁଙ୍କୁ ଥଟ୍ଟା ମଜାରେ 'ଅଷ୍ଟମୀ ବନ୍ଧୁ' ବୋଲି କୁହାଯାଏ। ପୋରୁହାଁ ଓ ଦୁଆଙ୍କୁ ନୂତନ ପୋଷାକ ପିନ୍ଧାଇ ମା' ଲକ୍ଷ୍ମୀଙ୍କ ପୂଜା ପରେ ସେମାନଙ୍କୁ ବନ୍ଦାପନା କରାଯାଏ। ସେମାନେ ଚିର ଆରୋଗ୍ୟ ରହିବେ। ଦୀର୍ଘଜୀବୀ ହେବେ– ଏହି କାମନା ମା' ଲକ୍ଷ୍ମୀଙ୍କ ପାଖରେ କରାଯାଏ। ପ୍ରଥମାଷ୍ଟମୀରେ ଜ୍ୟେଷ୍ଠ ସନ୍ତାନକୁ ନୂତନ ବେଶ ପରିପାଟୀରେ ସଜାଇ ପୂଜା ବନ୍ଦାପନା କରିବା ପଛରେ ଥାଏ ଏକ ସାମାଜିକ ପରମ୍ପରା ଓ ପ୍ରତିବଦ୍ଧତା– ଜ୍ୟେଷ୍ଠ ସନ୍ତାନ ହେବ ପିତାଙ୍କ ପରେ ପରିବାରର ମୁଖ୍ୟ। ସାରା ପରିବାରର ପାଳନପୋଷଣ ଦାୟିତ୍ୱ ରହିବ ତା' ଉପରେ। ତେଣୁ ଜ୍ୟେଷ୍ଠ ସନ୍ତାନ ପ୍ରତି ଏହା ହେଉଛି ଏକ ସମ୍ମାନ। ଏହି ପରମ୍ପରା ଭାରତବର୍ଷର ଅନ୍ୟ କୌଣସି ରାଜ୍ୟରେ ଦେଖିବାକୁ ମିଳେନାହିଁ।

ଏହି ପରମ୍ପରା ମଧ୍ୟ ଓଡ଼ିଶାର ଧାର୍ମିକ ଓ ସାଂସ୍କୃତିକ କେନ୍ଦ୍ର ଶ୍ରୀଜଗନ୍ନାଥ ମନ୍ଦିରରେ ଯଥାବିଧି ପାଳନ କରାଯାଏ। ଠାକୁରମାନେ ପ୍ରଥମାଷ୍ଟମୀ ତିଥିରେ ନୂତନ ବେଶପୋଷାକ ପରିଧାନ କରି ପୋରୁହାଁ ହୁଅନ୍ତି। ପ୍ରଥମାଷ୍ଟମୀରେ ପ୍ରତ୍ୟେକ ଓଡ଼ିଆ ପରିବାରରେ ଏକ ସ୍ୱତନ୍ତ୍ର ପିଠା ପ୍ରସ୍ତୁତ କରାଯାଏ। ସେହି ପିଠାର ନାମ 'ଏଣ୍ଡୁରି ପିଠା'। ଏଣ୍ଡୁରି ପିଠା ନୂଆ ଚାଉଳ ପିଠଉରେ ହଳଦୀପତ୍ର ଭିତରେ ଅଥାର ବାମ୍ଫ ହାଣ୍ଡିରେ ସିଝା ହୁଏ। ଅଥାର ହାଣ୍ଡିଟି ଓଡ଼ିଆ ଗ୍ରାମୀଣ ବୈଜ୍ଞାନିକ କୌଶଳରେ ନିର୍ମିତ ଏକ ପିଠା ତିଆରି ଯନ୍ତ୍ର। ଏହି ଯନ୍ତ୍ର ସାହାଯ୍ୟରେ ଏଣ୍ଡୁରି ପିଠା ବ୍ୟତୀତ ମଣ୍ଡା ଓ ମୁଆଁପିଠା ମଧ୍ୟ ପ୍ରସ୍ତୁତ କରାଯାଏ। ଅଥାର ହାଣ୍ଡିରେ ପ୍ରସ୍ତୁତ ଏହି ପିଠା ଅତ୍ୟନ୍ତ ରୁଚିକର ଓ ପୁଷ୍ଟିକର ମଧ୍ୟ। ହଳଦୀପତ୍ରରେ ସିଝା ହେଉଥିବାରୁ ଏଥିରୁ ହଳଦୀର ଭୁରୁଭୁରୁ ବାସ୍ନା ବାହାରେ ଓ ଖାଇବାକୁ ସୁସ୍ୱାଦୁ ଲାଗେ। ଏଣ୍ଡୁରି ପିଠା ସହ ପ୍ରଥମାଷ୍ଟମୀରେ ଚକୁଳି, କାକରା, ଆରିସା ପିଠା ମଧ୍ୟ ଓଡ଼ିଆ ଘରେ ପ୍ରସ୍ତୁତ ହୁଏ। ଏହିଦିନ ପ୍ରସ୍ତୁତ ଏଣ୍ଡୁରି ପିଠା ସ୍ୱାସ୍ଥ୍ୟପକ୍ଷେ ହିତକାରକ। ଶିଶିର ଶେଷରେ ଶୀତ ଆଗମନରେ ଚର୍ମରୋଗ ଯଥା– କାଛୁ, କୁଣ୍ଡିଆ ଇତ୍ୟାଦି ହେବାର ବହୁ ସମ୍ଭାବନା ଥାଏ। ଏଣ୍ଡୁରି ପିଠା ହଳଦୀପତ୍ରରେ ନୂଆ ଚାଉଳରେ ପ୍ରସ୍ତୁତ ହୋଇଥିବାରୁ ଚର୍ମରୋଗ ପ୍ରତିଷେଧକ ବୋଲି କହନ୍ତି ଆୟୁର୍ବେଦାଚାର୍ଯ୍ୟମାନେ। ପ୍ରଥମାଷ୍ଟମୀ ସାମାଜିକ ମୂଲ୍ୟବୋଧ ତଥା କୃଷିଭିତ୍ତିକ ମହାନ୍ ସାଂସ୍କୃତିକ ପରମ୍ପରାର ନିଦର୍ଶନ, ଯାହା ଭାରତରେ ଅନ୍ୟତ୍ର ବିରଳ।

ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ,
ଭୁବନେଶ୍ୱର, ମୋ–୯୪୩୮୨୯୯୧୭୪

## ଏଇ ଭାରତରେ

କେତେକ ବ୍ୟକ୍ତି ଅସାଧାରଣ କାର୍ଯ୍ୟକରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଆନ୍ତି। ବାବା ଆଖ୍ୟା ପାଇଥିବା କେତେକ ବ୍ୟକ୍ତି ଅଲୌକିକତା ପ୍ରଦର୍ଶନ କରୁଥିବାର ଅନେକ ନଜିର ରହିଛି। ଆମ ଓଡିଶାରେ ମଧ୍ୟ କଂକ୍ରିଟ ଗାଈ କ୍ଷୀର ଦେବାକଥା ଅନେକେ ଜାଣନ୍ତି। ଏଭଳି ଅଲୌକିକତା ଅଥବା ମିଥ୍ୟା ଭେଲିକି ଦେଖାଇ ଦୁର୍ବଳ ମାନସିକତାର ଭକ୍ତଙ୍କୁ ବିମୋହିତ କରାଯାଇପାରେ। ଭକ୍ତମାନେ ବାବାଙ୍କ ଅଲୌକିକତାରେ ଆକୃଷ୍ଟ ହୋଇ ତାଙ୍କୁ ଭକ୍ତି କରନ୍ତି ଏବଂ ଦାନଦକ୍ଷିଣାରେ ପୋତିପକାନ୍ତି। ଏପରି ଘଟଣାକ୍ରମରେ ଜଣେ ବାବା ନାମଧାରୀ ବ୍ୟକ୍ତି ୧୦୦ଫୁଟ ଉଚ୍ଚ ଗଛରେ ଚଢ଼ି ପୂଜାର୍ଚ୍ଚନା କରୁଛନ୍ତି। ଉତ୍ତରପ୍ରଦେଶର ବହରାଇଚ୍‌ରେ ଏହି ବାବାଙ୍କ କାର୍ଯ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସ୍ଥାନୀୟ ହରଦୀ ଅଞ୍ଚଳର ବଳାସରାୟ ଗାଁରେ ଥିବା ହନୁମାନ ମନ୍ଦିରରେ ବାବା ରହୁଛନ୍ତି। ସେ କେଉଁଠାରୁ ଆସିଛନ୍ତି କେହି ଜାଣନ୍ତି ନାହିଁ। କିନ୍ତୁ ବାବାଙ୍କ ଚମତ୍କାର କାର୍ଯ୍ୟ ଲୋକଙ୍କୁ ଚକିତ କରିଛି। ଏଇ କିଛିଦିନ ହେଲା ବାବା ମନ୍ଦିର ପରିସରରେ ଥିବା ଅଶୋକ ଗଛରେ ଚଢ଼ି ଏହା ଉପରେ ପୂଜାର୍ଚ୍ଚନା କରୁଛନ୍ତି। ଏପରି କି ଆରତି, ହବନ ଆଦି କରିବା ସହିତ ସେଠାରେ ଶୟନ କରୁଛନ୍ତି। ସେ କିପରି ଗଛରେ ଚଢୁଛନ୍ତି ଓ ଓହ୍ଲାଉଛନ୍ତି ତାହା କାହାରିକୁ ଜଣାନାହିଁ। ପ୍ରଶାସନ ପାଖରେ ଏହି ଖବର ପହଞ୍ଚିବା ପରେ ଏଠାରେ ସୁରକ୍ଷାବଳ ମୁତୟନ କରାଯାଇଛି।

## ଚିରନ୍ତନୀ

ଜୀବନ–ବେଳା ପରେ ଖେଳିଲା କେତେ ବୀଚି
ଲାଗିଲା ନବ ନବ ଆଘାତ
ପାରିବି ନାହିଁ କହି ସକଳ ଆଜି ଫେଇ
ଗୋପନ କଥା ଆରେ ସଙ୍ଗାତ!
(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ



## ଜିଲା ଡାଏରୀ
## ବଲାଙ୍ଗୀର

### କୃଷିବୀମା ପ୍ରଦାନରେ ଚଞ୍ଚକତା

ଚଳିତବର୍ଷ ବଲାଙ୍ଗୀର ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। କିନ୍ତୁ ବୀମା କମ୍ପାନୀ କ୍ଷତିଗ୍ରସ୍ତ କୃଷକଙ୍କୁ ଅତି କମ୍ ପରିମାଣର ବୀମାରାଶି ପ୍ରଦାନ କରୁଥିବାରୁ ଅସନ୍ତୋଷ ଦେଖାଦେଇଛି । ଜିଲାର ମୁଖ୍ୟ ପ୍ରଶାସକ ମଧ୍ୟ ସ୍ୱୀକାର କରିଛନ୍ତି ଯେ, କୃଷକମାନଙ୍କୁ ବୀମା କମ୍ପାନୀ ଧୋକା ଦେଇଛି। ତେଣୁ ଏହାର ବିଧିବଦ୍ଧ ତଦନ୍ତ କରାଯାଇ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପରିଷଦ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲେ ମଧ୍ୟ ଏଥିପ୍ରତି କେହି ଗୁରୁତ୍ୱ ଦେଉ ନ ଥିବା ଦେଖାଯାଉଛି। ନିୟମାନୁସାରେ କୃଷି ବିଭାଗ ସହ ରାଜସ୍ୱ ଓ ପରିସଂଖ୍ୟାନ ବିଭାଗ ମିଶି କ୍ରପ୍‌କଟିଂ ରିପୋର୍ଟ ପ୍ରସ୍ତୁତ କରିଥାନ୍ତି। କିନ୍ତୁ ଏହି ବିଭାଗତ୍ରୟ ମଧ୍ୟରେ ସମନ୍ୱୟ ଅଭାବରୁ ଚାଷୀମାନେ ହକ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ଗତବର୍ଷ ରାଜସ୍ୱ ବିଭାଗର ରିପୋର୍ଟ ଗୋଟିଏ ତଥ୍ୟ ଦେଉଥିବା ବେଳେ କମ୍ପାନୀ ପାଖରେ ପହଞ୍ଚିଲା ବେଳେ ତାହା ଓଲଟି ଯାଇଥିଲା। ଏହାକୁ ଧ୍ୟାନରେ ରଖି ତଦନ୍ତ କରାଗଲେ ଅନେକ ତଥ୍ୟ ପଦାକୁ ଆସିବ।

–ସୁବାସ ଚନ୍ଦ୍ର ପଣ୍ଡା

## ପାଠକ ଶ୍ରେଷ୍ଠ ବିଚାରକ

### ନେତାଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା ରହୁ

ମହାଶୟ,

ସ୍ୱାଧୀନତାର ସତୁରିବର୍ଷ ବିତିଯାଇଥିଲେ ମଧ୍ୟ ଆଜି ସବୁପ୍ରକାର ସରକାରୀ ଯୋଜନା ଥାଇ ବି ଗଛତଳେ କିମ୍ବା କାହା ବାରଣ୍ଡାରେ ଶିକ୍ଷା, ଡାକ୍ତରଙ୍କ ଅନୁପସ୍ଥିତିରେ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ରୋଗଚିକିତ୍ସା, ଦଉଡ଼ିରେ ଓହଳି ଅଥବା ପହଁରି ଯିବା ରାସ୍ତା, ପୂଜାସ୍ଥଳର ଅଗଣାଗୁଡ଼ିକରେ ଭିକ୍ଷାଥାଳରେ ଜୀବନ, ପଲିଥିନ୍ ବା କୁଡ଼ିଆରେ ବସତି ଆଦି ଦୃଶ୍ୟ ଦେଖିବାକୁ ମିଳୁଛି। ନିକଟ ଅତୀତରେ ସୁପ୍ରିମକୋର୍ଟ ତିନୋଟି ସନ୍ତାନର ଜନକଜନନୀ ପଞ୍ଚାୟତ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ରାୟ ଶୁଣାଇଛନ୍ତି। ଏହା ସ୍ୱାଗତଯୋଗ୍ୟ। ମାତ୍ର କେବଳ ପଞ୍ଚାୟତ ନିର୍ବାଚନ କାହିଁକି, ବିଧାନସଭା ଓ ଲୋକ ସଭା ନିର୍ବାଚନ ପାଇଁ ବି ସମାନ ନିୟମ ହେବା ଉଚିତ। ତା'ଛଡ଼ା ପ୍ରତ୍ୟେକ ରାଜନୈତିକ ପ୍ରାର୍ଥୀଙ୍କର ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତା ରହିଲେ ସମ୍ପୃକ୍ତ ଅଞ୍ଚଳର ଉନ୍ନତି ଦିଗରେ ବିଚାର କରିବାକୁ ସେମାନେ ସମର୍ଥ ହୁଅନ୍ତେ।

ଭୋଳାନାଥ ପ୍ରଧାନ, ସରକାରୀ ଉଚ୍ଚ ବିଦ୍ୟାଳୟ, ସିକରପାଇ, ରାୟଗଡ଼ା

### ହୃଦୟ ବି ବଦଳିଯାଉଛି

ଡ. ନରହରି ବେହେରାଙ୍କ ପ୍ରବନ୍ଧ 'ଏଣିକି ଘର ବଦଳିଯିବ' ଅତ୍ୟନ୍ତ ହୃଦୟସ୍ପର୍ଶୀ। ଘର ବଦଳିଯିବା ସହିତ ମନ ଏବଂ ହୃଦୟ ବି ବଦଳିଯାଉଛି। ଆଗର କଚ୍ଚା ଘର ତଥା ଚାଳ ଘରେ ଦାରିଦ୍ର୍ୟ ଥିଲେ ବି ଆତ୍ମୀୟତା ଥିଲା। ପକ୍କା ଘର ଅତ୍ୟନ୍ତ ମଜଭୁତ ହେଲେ ବି ଆତ୍ମୀୟତା ନାହିଁ। ଯେଉଁ ଝିଅପୁଅଙ୍କୁ ମା'ବାପାମାନେ ଯେତିକି ଆଧୁନିକ, ପାଠୁଆ ଏବଂ ସ୍ୱାବଲମ୍ବୀ କରିବାକୁ ନିଜ ଜୀବନକୁ ବାଜି ଲଗେଇ ଦେଲେ, ସେମାନେ ସେତିକି ଦୂରତା ରକ୍ଷା କରୁଛନ୍ତି। ପକ୍କା ଘର କଠିନ ହେଲାପରି ସେମାନଙ୍କର ହୃଦୟ ମଧ୍ୟ କଠୋର ହୋଇଯାଉଛି।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | A | 1 | | | 8 | | E | | | 3 | | | |
| | 1 | | | | 0 | | | | | A | | | | D |
| 7 | | | | | 2 | | 5 | | | | E | 4 | | 6 |
| | 4 | 2 | E | | 7 | | 0 | | | 5 | | B | A | |
| | | E | | | A | 6 | B | | C | 9 | 2 | | 5 | |
| | | 6 | | | | B | 2 | | | C | | | | 0 |
| | | 8 | 3 | 0 | | | | | | | | 1 | | |
| | | | | 9 | 4 | E | | 6 | 3 | B | | A | | |
| 2 | | B | | | | | | | | | | 9 | D | C |
| | | 0 | | 5 | E | | | | | 2 | | | | |
| | 5 | 9 | | | | | | | 7 | | | E | | B |
| | B | | 0 | 1 | 6 | | | 4 | | | | | | 9 |
| | | | | | | 3 | | 8 | | 1 | | 0 | | |
| | | | B | | | | 7 | | | | 5 | | | 2 |
| | 2 | | | | 5 | | | | 8 | | | D | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | B | A | 5 | 0 | 9 | 2 | 3 | C | 1 | D | 6 | E | 7 | 4 |
| D | 9 | E | 3 | 2 | 7 | 0 | B | 1 | 8 | C | 4 | 5 | 6 | A |
| C | 1 | 5 | 4 | 8 | D | 6 | 7 | A | 3 | B | E | 2 | 9 | 0 |
| 0 | 2 | 6 | 1 | B | C | 5 | 4 | E | 9 | 7 | A | 8 | D | 3 |
| 7 | 4 | 3 | 6 | A | E | 8 | D | 9 | 5 | 2 | 0 | B | 1 | C |
| 1 | 6 | 4 | E | 7 | 5 | A | 9 | B | D | 8 | C | 3 | 0 | 2 |
| B | A | 8 | 2 | D | 0 | 1 | 6 | 3 | 7 | 4 | 5 | 9 | C | E |
| 9 | 3 | D | B | 6 | 4 | 7 | C | 0 | A | E | 2 | 1 | 5 | 8 |
| 2 | E | 0 | 8 | C | 3 | D | 5 | 4 | 6 | 9 | 1 | A | B | 7 |
| 5 | 7 | C | A | 9 | 1 | E | 2 | 8 | B | 0 | 3 | 6 | 4 | D |
| 3 | D | 7 | 9 | E | B | 4 | 1 | 6 | 0 | A | 8 | C | 2 | 5 |
| 4 | 0 | 2 | D | 3 | A | B | E | 5 | C | 6 | 9 | 7 | 8 | 1 |
| E | 5 | B | C | 1 | 2 | 9 | 8 | 7 | 4 | 3 | D | 0 | A | 6 |
| A | 8 | 1 | 7 | 4 | 6 | C | 0 | 2 | E | 5 | B | D | 3 | 9 |
| 6 | C | 9 | 0 | 5 | 8 | 3 | A | D | 2 | 1 | 7 | 4 | E | B |

ଗତକାଲିର ଉତ୍ତର




**ସଂକ୍ଷେପରେ**

## ଶତ ପ୍ରତିଶତ ଶିଳ୍ପ ସଂସ୍କାର ଲାଗୁ ଉପରେ ଗୁରୁତ୍ୱ

### ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା

ଭୁବନେଶ୍ୱର,୨୯।୧୧(ବ୍ୟୁରୋ): ରାଜ୍ୟ ସରକାର ଆଣିଥିବା ବିଭିନ୍ନ ଶିଳ୍ପ ସଂସ୍କାରକୁ ଶତ ପ୍ରତିଶତ ଲାଗୁ କରାଯାଉ। ଏଥିପାଇଁ ସମସ୍ତ ସମ୍ପୃକ୍ତ ସଚିବ ଏବଂ ଅଧିକାରୀଙ୍କୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ପୂର୍ବ ପ୍ରସ୍ତୁତ ଗାଇଡ୍ ଲାଇନକୁ ପାଳନ ପାଇଁ କଡ଼ା ନିର୍ଦ୍ଦେଶ ରହିଛି। ଆଦିତ୍ୟ ପ୍ରସାଦ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଶିଳ୍ପ ସଂସ୍କାର ସମ୍ପର୍କରେ ଯେପରି ଲୋକମାନେ ଭଲ ଭାବରେ ଅବଗତ ହେବେ, ସେଥିପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଉ। ଅନ୍‌ଲାଇନ ପ୍ରକ୍ରିୟା ମାଧ୍ୟମରେ ଆସନ୍ତା ଜାନୁୟାରୀ ୩୧ ସୁଦ୍ଧା ବିଭିନ୍ନ କ୍ଲିୟରାନ୍ସ, ଅନୁମତି ପତ୍ର, ନୋ ଅବ୍‌ଜେକ୍ସନ ଏବଂ ଲାଇସେନ୍ସ ଆଦି ଆବେଦନର ଅନୁମତି ପ୍ରଦାନ କରାଯିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଧାର୍ଯ୍ୟ ଲକ୍ଷ୍ୟର ପ୍ରାୟ ୯୭.୮୩% ସଂସ୍କାର କାର୍ଯ୍ୟକାରୀ କରାଯାଇଥିବା ବୈଠକରୁ ସୂଚନା ମିଳିଛି। ପରିବେଶ, ଶ୍ରମ ନିୟମ, ଟିକସ ସମ୍ବନ୍ଧୀୟ ଏବଂ ସିଙ୍ଗଲ ୱିଣ୍ଡୋ ସିଷ୍ଟମକୁ ଅଗ୍ରାଧିକାର ଦିଆଯାଉଛି। ଖୋର୍ଦ୍ଧା, ବ୍ରହ୍ମପୁର ଏବଂ ସମ୍ବଲପୁରରେ ଶିଳ୍ପ ସମ୍ବନ୍ଧୀୟ ଆବଶ୍ୟକ ନିଷ୍ପତ୍ତି ନେବା ପାଇଁ ୩ଟି ବାଣିଜ୍ୟିକ ଅଦାଲତ ସ୍ଥାପନ କରାଯାଇଛି।

### ■ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ୨୪ ଘଣ୍ଟା ପଶ୍ଚିମ ଓଡ଼ିଶା ମହାବନ୍ଦ

ସମ୍ବଲପୁର,୨୯।୧୧(ବ୍ୟୁରୋ)

ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଜୋରଦାର ହୋଇଛି । ପୂର୍ବ ନିଷ୍ପତ୍ତି ଅନୁଯାୟୀ ଗୁରୁବାର ସକାଳ ୬ଟାରୁ ଶୁକ୍ରବାର ସକାଳ ୬ଟା ପର୍ଯ୍ୟନ୍ତ ୨୪ ଘଣ୍ଟା ପଶ୍ଚିମ ଓଡ଼ିଶାରେ ମହାବନ୍ଦ ପାଳିତ ହୋଇଛି। ଏହି ମହାବନ୍ଦ ପାଳନ ଶନିବାର ସକାଳ ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି(ସିଏସି) କହିଛି । ମହାବନ୍ଦକୁ ମହାସମର୍ଥନ ମିଳିଛି ବୋଲି ସିଏସି ଦାବି କରିଛି। ଏହି ଆନ୍ଦୋଳନରେ କେବଳ ଓକିଲମାନେ ନୁହନ୍ତି, ବିଭିନ୍ନ ରାଜନୈତିକ ଦଳ, ଚାଷୀ ମୂଲିଆ, ଶ୍ରମିକ, ଗୃହିଣୀ ତଥା ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଛନ୍ତି। ଆନ୍ଦୋଳନକାରୀମାନେ ରେଳରୋକୋ କରିବା ସହ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଟ୍ରେନ ଓ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏପରିକି ଦୋକାନ, ବଜାର, ବ୍ୟାଙ୍କ, ସରକାରୀ, ବେସରକାରୀ ଅନୁଷ୍ଠାନ, ସ୍କୁଲ କଲେଜ ମଧ୍ୟ ବନ୍ଦ ରହିଥିଲା। ଆନ୍ଦୋଳନକାରୀମାନେ ସମ୍ବଲପୁର ରେଳ ମଣ୍ଡଳ ଅଧୀନ ସମ୍ବଲପୁର ଷ୍ଟେଶନ (ଖେତରାଜପୁର), ସିଟି ଷ୍ଟେଶନ, ଫାଟକ ଷ୍ଟେଶନରେ ରେଳ ରୋକୋ କରିଥିଲେ। ଫଳରେ ସମ୍ବଲପୁର-ପୁରୀ, ସମ୍ବଲପୁର-ରାୟଗଡ଼ା ଇଣ୍ଟରସିଟି ଟ୍ରେନ ଅଟକି ରହିଥିଲା। ସେହିପରି ସିଟି ଷ୍ଟେଶନରେ ପୁରୀ-ଇନ୍ଦୋର ହମ୍‌ସଫର ଏକ୍ସପ୍ରେସ ଟ୍ରେନକୁ ଆନ୍ଦୋଳନକାରୀମାନେ ଅଟକ ରଖିଥିଲେ। ପ୍ରାୟ ୬ ଘଣ୍ଟା ଅଟକ ପରେ ଟ୍ରେନ ଭୁବନେଶ୍ୱର ଫେରିଯାଇଥିଲା। ଏହି ମହାବନ୍ଦ ଯୋଗୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ରେଳ ଚଳାଚଳ ପ୍ରଭାବିତ ହୋଇଥିଲା। ଗୁରୁବାର ୧୭ଟି ଟ୍ରେନ ବାତିଲ କରାଯିବା ସହ ୧୦ଟି ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଥିବା ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଷ୍ଟେଶନ ଓ ରାସ୍ତାରେ ଫସି ରହିଥିବା ଯାତ୍ରୀମାନଙ୍କୁ ଓକିଲ ସଂଘ ପକ୍ଷରୁ ରନ୍ଧାଖାଦ୍ୟ, ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିଲା। ଏପରିକି ଜିଲା ଜଜଙ୍କ ସମେତ ଅନ୍ୟ ବିଚାରପତିମାନେ ଚାଲି ଚାଲି କୋର୍ଟକୁ ଆସିଥିଲେ । ହେଲେ ଓକିଲମାନେ ସେମାନଙ୍କୁ କାର୍ଯ୍ୟ ନ କରିବାକୁ ଅନୁରୋଧ କରିବାରୁ ବିଚାରପତିମାନେ ଫେରିଯାଇଥିଲେ ।

ପଶ୍ଚିମ ଓଡ଼ିଶାର ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ସୋନପୁର ଜିଲାରେ ମହାବନ୍ଦର ସମ୍ପୂର୍ଣ୍ଣ ପ୍ରଭାବ ପଡ଼ିଥିଲା। ସୁନ୍ଦରଗଡ଼ ଜିଲାର ବଣାଇ ଓ ସୁନ୍ଦରଗଡ଼ ସବଡିଭିଜନ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ରାଉରକେଲାରେ ବନ୍ଦ ପ୍ରଭାବ ଶୂନ ରହିଥିଲା। ବରଗଡ଼ ଜିଲାରେ ପଦ୍ମପୁର ସବ୍‌ଡିଭିଜନର ଅତାବିରା ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ବରପାଲିରେ ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିଥିଲା। ତେବେ ବଲାଙ୍ଗୀର ଜିଲାବାସୀ ଏହି ମହାବନ୍ଦରେ ସାମିଲ ହୋଇ ନ ଥିଲେ । ଏହି ଆନ୍ଦୋଳନରେ ବିଭିନ୍ନ ରାଜନୈତିକ ଦଳ ବି ସାମିଲ ହୋଇଥିଲେ । ଜିଲା ଜାତୀୟ କଂଗ୍ରେସ କମିଟି, ବିଜେଡି, ଭାଜପା, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଆମ୍ ଆଦମୀ ପାର୍ଟି, ବହୁଜନ ସମାଜ ପାର୍ଟି କର୍ମୀ ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଓକିଲ ସଂଘ କର୍ମକର୍ତ୍ତା ବିଭିନ୍ନ ଛକରେ ପିକେଟିଂ କରି ବନ୍ଦ ପାଳନ କରିଥିଲେ। ବନ୍ଦକୁ ଆଖି ଆଗରେ ରଖି ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ସୂଚନାଯୋଗ୍ୟ, ୬୦ ଦଶକରୁ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ପଶ୍ଚିମ ଓଡ଼ିଶାବାସୀ ବିଭିନ୍ନ ଉପାୟରେ ଆନ୍ଦୋଳନ କରି ଆସୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି।



ଆନ୍ଦୋଳନକାରୀମାନେ ରେଳଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

- ■ସାଧାରଣ ଜୀବନଯାତ୍ରା ପ୍ରଭାବିତ
- ■ଦୋକାନ ବଜାର, ସରକାରୀ, ବେସରକାରୀ ଅନୁଷ୍ଠାନ ବନ୍ଦ
- ■୧୭ ଟ୍ରେନ ବାତିଲ,୧୦ର ପଥ ପରିବର୍ତ୍ତନ
- ■ବଲାଙ୍ଗୀର ଜିଲା ବାଦ୍, ବରଗଡ଼ରେ ମିଶ୍ରିତ ପ୍ରଭାବ

### ■୧ରୁ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ

# ଫୋକସ୍‌ରେ ହକି ବିଶ୍ୱକପ୍

**ପ୍ରଥମ ଥର ପାଇଁ ଭାଗନେବେ ଶହେରୁ ଊର୍ଦ୍ଧ୍ୱ ବାଲୁକା ଶିଳ୍ପୀ**

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ମହାଆଡ଼ମ୍ବରରେ ହକି ବିଶ୍ୱକପ୍ ୨୦୧୮ର ଦୁଇଟି ଉଦ୍‌ଘାଟନୀ ସମାରୋହ କରି ସମଗ୍ର ବିଶ୍ୱ ନଜରରେ ରହିଥିବା ଓଡ଼ିଶା ଏବେ ପୁଣି ଏକ ଅନ୍ତର୍ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଯାଉଛି। ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ କୋଣାର୍କ ମହୋତ୍ସବ ସହ ସମାନ୍ତରାଳ ଭାବେ ଡିସେମ୍ବର ୧ରୁ ଅନୁଷ୍ଠିତ ହେବାକୁ ଯାଉଛି ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ। ଚନ୍ଦ୍ରଭାଗା ବେଳାଭୂମି ଶଯ୍ୟାରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ଦେଶ ଏବଂ ଦେଶ ବାହାରୁ ପ୍ରଥମ ଥର ପାଇଁ ଶହେରୁ ଊର୍ଦ୍ଧ୍ୱ ବାଲୁକା ଶିଳ୍ପୀ ଅଂଶଗ୍ରହଣ କରିବେ। ଗତବର୍ଷ ୬୫ଜଣ ଶିଳ୍ପୀ ଅଂଶଗ୍ରହଣ କରିଥିବା ବେଳେ ଏଥର ୧୦୧ଜଣ ଅଂଶଗ୍ରହଣ କରିବେ। ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ନେଦରଲାଣ୍ଡ, ସ୍ପେନ୍, ଶ୍ରୀଲଙ୍କା ଓ ଇଟାଲୀରୁ ୬ଜଣ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀଙ୍କ ସହ ୨୫ଜଣ ମହିଳା ଶିଳ୍ପୀ ଉତ୍ସବରେ ଯୋଗଦେବେ। ଏଥର ମଧ୍ୟ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ଆୟୋଜନ ହେବ। ୫ଦିନ ଧରି ଚାଲିବାକୁ ଥିବା ଉତ୍ସବରେ ୫ଟି ଥିମ୍‌କୁ ନେଇ ଶିଳ୍ପୀମାନେ ବାଲୁକା କଳା ତିଆରି କରିବେ। ପ୍ରଥମ ଦିନ ହକି ବିଶ୍ୱକପ୍‌କୁ ଫୋକସ୍ କରି ବାଲୁକା କଳା ପ୍ରଦର୍ଶନୀ ଆୟୋଜନ ହେବାକୁ ଥିବାବେଳେ ଏଥିପାଇଁ କ୍ରୀଡ଼ାବିତ୍‌ମାନଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଛି। ସେହିଭଳି ଦ୍ୱିତୀୟ ଦିନ 'ଐତିହ୍ୟ', ୩ୟ ଦିନ 'ପରିବେଶ', ୪ର୍ଥ ଦିବସରେ 'ମହିଳା ସଶକ୍ତୀକରଣ' ଏବଂ ପଞ୍ଚମ ତଥା ଅନ୍ତିମ ଦିବସରେ 'ସଂସ୍କୃତି ଓ ପର୍ବପର୍ବାଣି' ଥିମ୍ ରହିବ। ଏଥର ଏକକ, ଦ୍ୱୈତ, ମହିଳା, ପୁରୁଷ ଓ ଅନ୍ତର୍ଜାତୀୟସ୍ତରୀୟ ପ୍ରତିଯୋଗୀଙ୍କୁ ନେଇ ଭିନ୍ନ ଭିନ୍ନ ବିଭାଗରେ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ସୁଦର୍ଶନ ପଟ୍ଟନାୟକ ସୂଚନା ଦେଇଛନ୍ତି।

With Best Compliments from
LISAS'IAS
(25 Years of Excellence)
Providing Guidance for

IAS & OAS
(PRELIM, MAIN & VIVA)
2, Budha Nagar, Bhubaneswar-6, Tel : 9338222113, 9337594620, Website : www.lisasias.org, E-mail : lisascivils@lisasias.org

# ଓଡ଼ିଶା ଫେରିଲେ ଅପରାଜିତା

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ନିକଟରେ ଭାଜପାରେ ଯୋଗଦେଇଥିବା ପୂର୍ବତନ ଆଇଏଏସ୍ ଅଧିକାରୀ ଅପରାଜିତା ଷଡଙ୍ଗୀ ଗୁରୁବାର ଓଡ଼ିଶା ଫେରିଛନ୍ତି। ପୂର୍ବାହ୍ନ ୧୧ଟାରେ ଦିଲ୍ଲୀରୁ ଫେରି ବିମାନବନ୍ଦରରେ ପହଞ୍ଚିବାପରେ ଅପରାଜିତାଙ୍କୁ ଦଳ ପକ୍ଷରୁ ଭାବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଭାଜପାର ଶତାଧିକ କର୍ମୀ ଓ ନେତା ତାଙ୍କୁ ବିମାନବନ୍ଦରରୁ ଲିଙ୍ଗରାଜ ମନ୍ଦିର ପାଛୋଟି ନେଇଥିଲେ। ସେଠାରେ ସେ ପୂଜାର୍ଚ୍ଚନା କରିଥିଲେ। ପରେ ସେ ରାସ୍ତାରେ ଯାଉଥିବା ଏକ ଅଟୋକୁ ଅଟକାଇ ବ୍ୟବସାୟ କିଭଳି ଚାଲିଛି ବୋଲି ପଚାରି ବୁଝିଥିଲେ। କେତେଜଣ ଦୋକାନୀଙ୍କୁ ଭଲ, ମନ୍ଦ ପଚାରି ବୁଝିଥିଲେ। ପରେ ଅପରାଜିତା ଦଳୀୟ କର୍ମୀମାନଙ୍କ ସହ ଚା ପିଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟ ଶୈଳୀରେ ଅନୁପ୍ରାଣିତ ହୋଇ ଜଣେ ସାମାନ୍ୟ କର୍ମୀଭାବେ ଦଳରେ ସାମିଲ ହୋଇଥିବା କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଭାଜପାରେ ଯୋଗଦେବା ଏକ ବିଚାର ସମ୍ମତ ନିଷ୍ପତ୍ତି। ଯେତେବେଳେ ଜଣେ ଗୋଟିଏ ଦଳକୁ ଯାଇଥାଏ କିମ୍ବା ସଦସ୍ୟତା ଗ୍ରହଣ କରେ ସେ ନିଶ୍ଚିତଭାବେ ୨ଟି ଜିନିଷକୁ ଗୁରୁତ୍ୱ ଦେଇଥାଏ। ଦଳର ଆଭିମୁଖ୍ୟ, ବିଚାରଧାରା ଏବଂ ନେତୃତ୍ୱ ଦେଖି ଆସିଥାଏ। ଏସବୁକୁ ଭଲରେ ଦେଖି ଭାଜପାରେ ସାମିଲ ହୋଇଥିବା ସେ କହିଛନ୍ତି। ଏହି ଅବସରରେ ଅପରାଜିତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ■ ପାରାଦୀପ ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠା ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ପାରାଦୀପ ତୈଳ ବିଶୋଧନାଗାର ନିକଟରେ ପ୍ରସ୍ତାବିତ ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟକ୍ତିଗତଭାବେ ହସ୍ତକ୍ଷେପ କରନ୍ତୁ। ଆସନ୍ତା ଫେବୃୟାରୀ ସୁଦ୍ଧା ପାରାଦୀପ ତୈଳ ବିଶୋଧନାଗାରରୁ ପଲିପ୍ରପିଲିନ ଉତ୍ପାଦନ ଆରମ୍ଭ ହେବ। ପାରାଦୀପ ପ୍ଲାଷ୍ଟିକ ପାର୍କ କଞ୍ଚାମାଲ ପାଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏନେଇ କେନ୍ଦ୍ରମନ୍ତ୍ରୀ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି କହିଛନ୍ତି ଯେ, ଫେବୃୟାରୀ ସୁଦ୍ଧା ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠା ନ ହେଲେ ପୁଞ୍ଜି ନିବେଶ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଭାରତୀୟ ତୈଳ ନିଗମ ଏବଂ ଇଡ୍‌କୋର ମିଳିତ ଉଦ୍ୟମରେ ତୁରନ୍ତ ପ୍ରସ୍ତୁତ ହେଲେ ଯାଇ ପୁଞ୍ଜିନିବେଶକାରୀମାନଙ୍କର ଆବଶ୍ୟକତାକୁ ପୂରଣ କରାଯାଇପାରିବ। ପୁଞ୍ଜି ନିବେଶକାରୀଙ୍କୁ ଆକର୍ଷିତ କରିବାକୁ ଭାରତୀୟ ତୈଳ ନିଗମ ଓଡିଶା ସରକାରଙ୍କୁ ସାମିଲ କରି ଚେନ୍ନାଇ, କୋଲକାତା, ହାଇଦ୍ରାବାଦ ଓ ଭୁବନେଶ୍ୱର ଆଦି ସ୍ଥାନରେ ରୋଡ ଶୋ'ର ଆୟୋଜନ କରିଛନ୍ତି । ଏହାଦ୍ୱାରା ଅନେକ ନିବେଶକାରୀ ପାରାଦୀପ ପ୍ଲାଷ୍ଟିକ ପାର୍କରେ ନିବେଶ ପାଇଁ ଇଚ୍ଛାବ୍ୟକ୍ତ କରିଛନ୍ତି । ଏମାନଙ୍କ ମଧ୍ୟରେ ଛଅଟି କମ୍ପାନୀ ପ୍ରକଳ୍ପ ପାଇଁ ଭୂମି ଯୋଗାଇ ଦେବାକୁ ଆବେଦନ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

### କୋର୍ଟରୁ ୨ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣା

## ୩ ସୁରକ୍ଷାକର୍ମୀ ନିଲମ୍ବିତ

### ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସର ୨ ଟିମ୍

ଜୟପୁର/କୋରାପୁଟ,୨୯।୧୧(ଡି.ଏନ୍.ଏ./ସ୍ୱ.ପ୍ର.): ଜୟପୁର ସିଜେଏମ୍ କୋର୍ଟ ପରିସରରୁ ଗତ ବୁଧବାର ଦୁଇ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି କୋରାପୁଟ ଏସ୍‌ପି କନ୍‌ୱର ବିଶାଲ ସିଂ। କର୍ତ୍ତବ୍ୟରେ ଅବହେଳା ପାଇଁ ତିନି ଜଣ ସୁରକ୍ଷାକର୍ମୀଙ୍କୁ ସେ ଗୁରୁବାର ନିଲମ୍ବନ କରିଛନ୍ତି। ସେମାନେ ହେଲେ ହାବିଲଦାର ଆର.କେ. ସ୍ୱାଇଁ, ପି. ଗୁପ୍ତେଶ୍ୱର ରାଓ ଓ ଭିକାରୀ ନାୟକ । ଅନ୍ୟପକ୍ଷରେ ୨ ଫେରାର ଅଭିଯୁକ୍ତ ଲାଲ ବାହାଦୁର ଦର୍ଜି ଏବଂ ଟି. ପବନ କୁମାରଙ୍କୁ ଧରିବା ପାଇଁ ୨ଟି ପୋଲିସ ଦଳ ଗଠନ କରାଯାଇଥିବା ଅତିରିକ୍ତ ଏସ୍‌ପି ଭି. ରଘୁନାଥ ରାଓ ପ୍ରକାଶ କରିଛନ୍ତି। ଟାଉନଥାନା ଅଧିକାରୀ ବାଲେଶ୍ୱର ଗିଧି ଏବଂ ଏସ୍‌ଆଇ ଶିବଶଙ୍କର ସାହୁଙ୍କ ନେତୃତ୍ୱରେ ଏହି ଦୁଇଟି ସ୍ୱତନ୍ତ୍ର ଦଳ ଫେରାର ଅଭିଯୁକ୍ତଙ୍କୁ ସନ୍ଧାନ କରିବା ଆରମ୍ଭ କରଦେଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଫେରାର ଅଭିଯୁକ୍ତ ଲାଲ ବାହାଦୁର ନାମରେ ୭ଟି ଏବଂ ପବନ କୁମାରଙ୍କ ନାମରେ ଜୟପୁର ଟାଉନ, ସଦର ଏବଂ ମାଲକାନଗିରି ଥାନାରେ ଡକାୟତି, ଲୁଟ୍, ନାବାଳିକା ବଳାତ୍କାର ଭଳି ମାମଲା ରହିଛି।

CLASSIFIED DISPLAY

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS

Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841



XANTHELASMA
FOR ALL YOUR QUERIES : 9238008828
LASER & COSMETIC SURGERY CLINIC
ASHWINI HOSPITAL
SEC.-1, CDA, CUTTACK


ଆନନ୍ଦର ନୂଆ ଶିଖରକୁ ଛୁଅନ୍ତୁ ...
ମାଲିସ୍ କଣ ଅଟେ?
ଏହା ପ୍ରାଚୀନ ସମୟରୁ ଚାଲି ଆସୁଥିବା ଚାପ ଦୂର କରିବା ପାଇଁ, ଆରାମ ପ୍ରଦାନ କରିବା ଏବଂ ଶାରିରୀକ ପ୍ରଣାଳୀର ସୁଧାରରେ ସହାୟକ ଲୋକପ୍ରିୟ ବୈଜ୍ଞାନିକ ସ୍ୱାସ୍ଥ୍ୟବର୍ଦ୍ଧକ ପ୍ରକ୍ରିୟା ଅଟେ।
ଷ୍ଟେ-ଅନ୍‌ର ପାୱାର ତେଲ କଣ ଅଟେ?
ଏହା ମାଲିସ୍‌ର ପ୍ରକ୍ରିୟାକୁ ଆହୁରି ଅଧିକ ଫଳପ୍ରଦ କରୁଥିବା ତେଲରେ କଲୌଞ୍ଜି, ଗୋଖରୁ, ଅଶ୍ୱଗନ୍ଧା ତଥା ୨ ଟି ଆୟୁର୍ବେଦିକ ମିଶ୍ରିତ ଔଷଧ ଅଟେ।
ଷ୍ଟେ-ଅନ୍‌ର ପାୱାର ତେଲ ଦ୍ୱାରା ମାଲିସ୍ କିପରି କରିବେ ?
ସର୍ବପ୍ରଥମେ ଶରୀରର ସେହି ଅଂଶକୁ ଉଷୁମ ପାଣି ଦ୍ୱାରା ଧୋଇ ଦିଅନ୍ତୁ। ଏହାପରେ ଷ୍ଟେ-ଅନ୍‌ର ତେଲର କିଛି ବୁନ୍ଦାକୁ ପାପୁଲିରେ ନେଇ ହାଲୁକା ହାତରେ ମୂଳକୁ ଛାଡ଼ି ଉପଯୁକ୍ତ ଅଂଶର ମାଲିସ୍ କରନ୍ତୁ। ଉତ୍କୃଷ୍ଟ ପରିଣାମ ପାଇଁ ନିୟମିତ ଶୋଇବା ପୂର୍ବରୁ ଏହାର ବ୍ୟବହାର କରନ୍ତୁ ଓ ଆରାମର ଏକ ଅତୁଳନୀୟ ଅନୁଭବ ପାଆନ୍ତୁ।
କେବଳ ପୁରୁଷଙ୍କ ପାଇଁ


ଷ୍ଟେ-ଅନ୍ ପାୱାର ଅଏଲ୍
ଷ୍ଟେ-ଅନ୍ : କ୍ୟାପ୍‌ସୁଲ୍, ଓରାଲ୍ ଲିକ୍ୟୁଇଡ୍, ସ୍ପ୍ରେ ପ୍ୟାକ୍ ମଧ୍ୟ କେମିଷ୍ଟରେ ଉପଲବ୍ଧ ଅଟେ।

boyanika 62 Years of Excellence
ବୟନିକା
୬୨ ବର୍ଷର ଉତ୍କର୍ଷ
Government of Odisha
ଦ୍ୱାରା ଆୟୋଜିତ
SPECIAL HANDLOOM EXPO
ସ୍ୱତନ୍ତ୍ର ହସ୍ତତନ୍ତ ମେଳା
ସ୍ଥାନ : ଭଞ୍ଜ ଭବନ, ସେକ୍ଟର-୫, ରାଉରକେଲା
ଏହି ଉତ୍ସବ କୁ
୩୦ ନଭେମ୍ବର ସନ୍ଧ୍ୟା ୬.୦୦ ଘଟିକା ସମୟରେ
ଉଦ୍‌ଘାଟନ କରିବେ :
ଶ୍ରୀଯୁକ୍ତ ସୁବ୍ରତ ତରାଇ
ମାନ୍ୟବର ବିଧାୟକ, ରଘୁନାଥପାଲି
ଭବ୍ୟ ଉପସ୍ଥିତି :
ଶ୍ରୀଯୁକ୍ତ ଶାରଦା ପ୍ରସାଦ ନାୟକ
ଅଧ୍ୟକ୍ଷ, ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ
ଆକର୍ଷଣୀୟ ସରକାରୀ ରିହାତି
ଏହି ଉତ୍ସବରେ ଯୋଗ ଦେବା ନିମନ୍ତେ ବିନମ୍ର ଅନୁରୋଧ ।
୩୦ ନଭେମ୍ବର ରୁ ୧୩ ଡିସେମ୍ବର ପର୍ଯ୍ୟନ୍ତ
ପ୍ରତ୍ୟେକ ଦିନ ୧୧.୩୦ ରୁ ରାତ୍ର ୯.୩୦ ପର୍ଯ୍ୟନ୍ତ
ବିକାଶ ଚନ୍ଦ୍ର ମହାପାତ୍ର, ଓ.ପ୍ର.ସେ.(ଏସ୍.ଏ.ଜି)
ପରିଚାଳନା ନିର୍ଦ୍ଦେଶକ, ବୟନିକା
ଶେଷ କୁମାର ମେହେର
ସଭାପତି, ବୟନିକା
ପ୍ରାୟୋଜକ :
ହସ୍ତତନ୍ତ ଉନ୍ନୟନ ଆୟୋଗ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର
ଆୟୋଜକ:
ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ

### ଦାଦନ ଖଟିବାକୁ ଯାଇ ୫ ଶ୍ରମିକ ନିଖୋଜ ଘଟଣା
### କୋର୍ଟ ହସ୍ତକ୍ଷେପ ପରେ ମଧ ଶ୍ରମ ବିଭାଗ ଚୁପ

**ଚଣ୍ଡିଖୋଲ, ୨୯।୧୧(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ଦର୍ପଣ ପଞ୍ଚାୟତର ବଡ଼ଝରି ଆଦିବାସୀ ସାହିର ୫ ଜଣ ଯୁବକ ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ୍ୱହେବ ଦାଦନ ଖଟିବାକୁ ଯାଇ ଫେରି ନାହାନ୍ତି। ଏ ନେଇ ରୁପା ପିଙ୍ଗୁଆ ନାମକ ଜଣେ ବ୍ୟକ୍ତି ଚଣ୍ଡିଖୋଲ ବିଚାର ବିଭାଗୀୟ କୋର୍ଟର ଲିଗାଲ ଏଡ୍‌ରେ କିଛିମାସ ତଳେ ଅଭିଯୋଗ କରିଥିଲେ। ଲିଗାଲ ଏଡ୍‌ର ଅଧକ୍ଷା ବିଚାରପତି ନେହା ଅଗ୍ରୱାଲାଙ୍କ ନିର୍ଦ୍ଦେଶ କ୍ରମେ ଏକ ମାମଲା (୧୨୪/୧୮) ମଧ ରୁଜୁ ହୋଇଛି। ନଭେମ୍ବର ୨୦ରେ ଚିଠି ନମ୍ବର ୪୭୬ ଦ୍ୱାରା ଜିଲାପାଳଙ୍କୁ ଘଟଣା ସମ୍ପର୍କରେ ତଦନ୍ତ କରିବାକୁ ନିର୍ଦ୍ଦେଶ ରହିଥିବା ଚିଠିରେ ଉଲ୍ଲେଖ ରହିଛି। ଏହାର ଏକ ନକଲ ଜିଲା ଓ ରାଜ୍ୟ ଶ୍ରମ ଅଧିକାରୀଙ୍କୁ ମଧ ପଠାଯାଇଥିବା ଜଣାପଡିଛି। ଇତି ମଧରେ ନିର୍ଦ୍ଦେଶନାମାକୁ ୧୦ଦିନ ବିତିଯାଇଥିଲେ ମଧ ଶ୍ରମ ବିଭାଗ ପକ୍ଷରୁ ସମ୍ପୃକ୍ତ ଯୁବକମାନଙ୍କୁ ଖୋଜିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ଶ୍ରମ ଅଧିକାରୀଙ୍କୁ ପଚାରିବାରୁ ସେ ଚିଠି ପାଇ ନ ଥିବା କହିଥିଲେ। ପ୍ରକାଶ ଯେ ଦୁଇବର୍ଷ ତଳେ କେନ୍ଦ୍ରାପଡ଼ା ଜିଲାର ଜଣେ ଦଲାଲ ସମ୍ପୃକ୍ତ ୫ ଜଣ ଶ୍ରମିକଙ୍କୁ କାମ ଦେବା ପାଇଁ ବାହାର ରାଜ୍ୟକୁ ଚାଲାଣ କରିଥିଲା। ଏ ଦିଗରେ ଜିଲାପାଳ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ପୋଲିସ ପକ୍ଷରୁ ବ୍ୟାଙ୍କରେ ମକ୍‌ଡ୍ରିଲ

**ଚଣ୍ଡିଖୋଲ, ୨୯।୧୧(ଡି.ଏନ୍.ଏ.):** ବ୍ୟାଙ୍କ ପରିସରରେ ଡକାୟତି ଏବଂ ଏହାର କିପରି ସାମ୍ନା କରାଯାଇ ପାରିବ ସେ ନେଇ ଗୁରୁବାର ବଡ଼ଚଣା ପୋଲିସ ପକ୍ଷରୁ ଏକ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ପୂର୍ବ ପ୍ରସ୍ତୁତି ଅନୁସାରେ ହଠାତ ବ୍ୟାଙ୍କର ସାଇରନ ବାଜିବା ପରେ ପୋଲିସ କର୍ମଚାରୀମାନେ ପହଞ୍ଚି ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ। ବ୍ୟାଙ୍କ ଭିତରେ ଥିବା ଗ୍ରାହକମାନେ କିଛି ଜାଣିବା ପୂର୍ବରୁ ମୁଖା ପିନ୍ଧା ଅବସ୍ଥାରେ ଥିବା ୩ ଜଣ ଯୁବକଙ୍କୁ ପୋଲିସ କାବୁ କରି ଚଣ୍ଡିଖୋଲ ଫାଣ୍ଡିକୁ ଆଣିଥିଲା। ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଏସ୍ଆଇ ଅନୀତା ସାହୁ, ଫାଣ୍ଡି ଅଧିକାରୀ ନାରାୟଣ ପ୍ରସାଦ ବେହେରାଙ୍କ ସମେତ ଅନ୍ୟା ପୋଲିସ କର୍ମଚାରୀ ମକ୍‌ଡ୍ରୀଲରେ ଉପସ୍ଥିତ ଥିଲେ।

# ବିଦ୍ୟାଳୟ କ୍ରୀଡ଼ାକୁ ଅଣଦେଖା

**ଛାତ୍ରୀଛାତ୍ରଙ୍କ ଖେଳ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ**

ରସୁଲପୁର,୨୯।୧୧(ଡି.ଏନ୍.ଏ.)

ବିଦ୍ୟାଳୟରୁ କ୍ରୀଡ଼ା ଭବିଷ୍ୟତ ସୃଷ୍ଟି ହୁଏ। କ୍ରୀଡ଼ା ପ୍ରତି ରୁଚି ରଖୁଥିବା କୋମଳମତି ବାଳିକାବାଳକଙ୍କୁ ବିଦ୍ୟାଳୟସ୍ତରରୁ ଉପଯୁକ୍ତ ପ୍ରୋତ୍ସାହନ ଆବଶ୍ୟକତା ରହିଛି। ରାଜ୍ୟ ସରକାର ବିଶ୍ୱସ୍ତରୀୟ କ୍ରୀଡ଼ା ଆୟୋଜନ କରି ବାହାବାହା ନେଉଛନ୍ତି । ହେଲେ ବିଦ୍ୟାଳୟସ୍ତରରେ କ୍ରୀଡ଼ାର ଭିତ୍ତିଭୂମୀ ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପଦକ୍ଷେପ ସେଭଳି ଦୃଶ୍ୟମାନ ହେଉ ନାହିଁ। ନିଜ ରାଜ୍ୟରେ ଅନ୍ତର୍ଜାତୀୟସ୍ତରର ଖେଳାଳି ସୃଷ୍ଟି କରିବା ଦିଗରେ ଆନ୍ତରିକତା ନ ଥିବା ଭଳି ମନେ ହେଉଛି। ଯାଜପୁର ଜିଲା ରସୁଲପୁର ବ୍ଲକର ପୁରାତନ ବିଦ୍ୟାଳୟ ମଧୁବନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଡିସେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ପାଇଁ ସରକାରୀ ସହାୟତାରୁ ଏହା ସ୍ପଷ୍ଟ ହୋଇଯାଇଛି। ଏଠାରେ ଅନୁଷ୍ଠିତ ହେବାକୁ ଥିବା ୧୪ବର୍ଷରୁ କମ୍ ବାଳିକାବାଳକ କବାଡ଼ି ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ନିଜ ଖର୍ଚ୍ଚରେ ଖେଳରେ ଯୋଗଦେବେ। ଏହି କ୍ରୀଡ଼ା ପାଇଁ ସରକାରୀ ଅନୁଦାନ କେବଳ ଖେଳ ପଡ଼ିଆରେ ମଞ୍ଚ ବାନ୍ଧିବା ଓ କବାଡ଼ି କୋର୍ଟରେ ଚୂନ ପକାଇବା ପାଇଁ ପ୍ରଦାନ କରାଯାଉଛି । ମାତ୍ର ଆଉ ସବୁ ଖର୍ଚ୍ଚ ପ୍ରତିଯୋଗୀଙ୍କ ଅଭିଭାବକମାନେ ବହନ କରିବେ ବୋଲି ଜଣାପଡିଛି। ବିଦ୍ୟାଳୟ କ୍ରୀଡ଼ାକୁ ନେଇ ସରକାରଙ୍କ ଉଦାସୀନ ମନୋଭାବ କୁନି କୁନି ବିଦ୍ୟାର୍ଥୀଙ୍କ ଖେଳୁଆଡ଼ ମନୋଭାକୁ ଆଘାତ ପହଞ୍ଚାଉଛି।

ରାଜ୍ୟସ୍ତରୀୟ(୧୪ବର୍ଷରୁ କମ୍) ପ୍ରତିଯୋଗିତା ପାଇଁ ମଧୁବନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗତ ସପ୍ତାହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରାଯିବା ନେଇ ଆଲୋଚନା ହୋଇଥିଲା। ଦୂରଦୂରାନ୍ତ ଜିଲାରୁ ଆସୁଥିବା କବାଡ଼ି ଖେଳାଳି, ଅଭିଭାବକ, ଅଫିସିଆଲମାନଙ୍କ ବିଭିନ୍ନ ଦିଗରେ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ନେଇ ଆଲୋଚନା ହୋଇଥିଲା। ଅର୍ଥ ସମସ୍ୟାକୁ ନେଇ ବୈଠକରେ ଚିନ୍ତା ପ୍ରକଟ କରାଯାଇଥିଲା। ପ୍ରତିଯୋଗୀମାନେ ନିଜସ୍ୱ ଖର୍ଚ୍ଚରେ ଆସିବେ। ଏହାସତ୍ତ୍ୱେ ବି ବହୁବିଧ ଖର୍ଚ୍ଚ ଭାର ଆୟୋଜକ ବିଦ୍ୟାଳୟ ଓ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ଉପରେ ପଡିବ ବୋଲି ଜିଲା ଶିକ୍ଷାଧିକାରୀ କୃଷ୍ଣ ଚନ୍ଦ୍ର ନାୟକ ଖୋଲାଖୋଲି ଭାବରେ ପ୍ରକାଶ କରିଥିଲେ। ଆର୍ଥିକ ଭାରକୁ ସମ୍ଭାଳିବାରେ ଆଗ୍ରହ ପ୍ରକାଶ କରୁଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ ଦିଗରେ ଗୁରୁତ୍ୱ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ପ୍ରତିଯୋଗିତା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମାତ୍ର ୪୦,୦୦୦/- ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ଅର୍ଥକୁ ପଡିଆରେ ମଞ୍ଚ ବାନ୍ଧିବା ଓ କବାଡ଼ି କୋର୍ଟରେ ଚୂନ ପକାଇବାରେ ଖର୍ଚ୍ଚ କରାଯିବ । ଏହି ପ୍ରତିଯୋଗିତାରେ ସମଗ୍ର ରାଜ୍ୟର ୩୦ଟି ଜିଲାରୁ ପ୍ରତ୍ୟେକ ବିଭାଗରେ ଅନ୍ୟୁନ୍ ୨୦ଟି ଲେଖାଏ ଦଳ ଅଂଶ ଗ୍ରହଣ କରିବେ। ଏହିପରି ଭାବରେ ମୋଟ ୬୦୦ରୁ ଉର୍ଦ୍ଧ୍ୱ ଖେଳାଳି ଓ ୧୫୦ରୁ ଉର୍ଦ୍ଧ୍ୱ ଖେଳ ପରିଚାଳକଙ୍କ ସମାଗମ ହେବ। ୪ଦିନ ବ୍ୟାପି ଏହି ପ୍ରତିଯୋଗିତା ଚାଲିବ। ପ୍ରତିଯୋଗୀ ଓ ପରିଚାଳକମାନଙ୍କ ରହିବା, ଖାଇବା, ଯାତାୟତ ଖର୍ଚ୍ଚ ଆଦିକୁ ଖେଳାଳିମାନେ ନିଜେ ବହନ କରିବେ । ପିଲାମାନେ ବିଦ୍ୟାଳୟ ତରଫରୁ ଖେଳିବେ ଓ ଅଭିଭାବକମାନେ ତାର ଖର୍ଚ୍ଚ ବହନ କରିବେ। ଏଭଳି ଏକ ଅଜବ ସ୍ଥିତି ଆମ ରାଜ୍ୟରେ ଘଟୁଛି। ଏଠାରେ ପିଲାମାନଙ୍କୁ ମାଗଣା ଶିକ୍ଷା ପ୍ରଦାନ ଯୋଜନାକୁ ନେଇ ସରକାରଙ୍କ ଦୋମୁହାଁ ନୀତି ପଦାରେ ପଡିଯାଇଛି। ମାଗଣା ଶିକ୍ଷା ଆଇନର ସଫଳତା ଦିଗ ପ୍ରତି ଅଙ୍ଗୁଳି ଦେଖାଉଛି। ଗୋଟେପଟେ ବିଦ୍ୟାର୍ଥୀମାନଙ୍କ ଲୁକ୍କାୟିତ କ୍ରୀଡ଼ାର ବିକାଶକୁ ଶିକ୍ଷାର ପରିସର ଭୁକ୍ତ ବୋଲି ସରକାର ମନେ କରୁଥିବାବେଳେ ଝିଅ ଓ ପୁଅମାନଙ୍କ ଖେଳିବା ଖର୍ଚ୍ଚ ଅଭିଭାବକମାନେ କାହିଁକି ବହନ କରିବେ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ସରକାର ରାଜ୍ୟରେ ଏସିଆନ ଗେମ୍ସ ଓ ବିଶ୍ୱକପ୍ ହକି ଭଳି ବଡବଡ ପ୍ରତିଯୋଗିତାମାନ ଆୟୋଜନ କରି ନିଜର ପ୍ରଚାର ପ୍ରସାର କରୁଛନ୍ତି । ବେକାରୀ ଯୁବତୀଯୁବକଙ୍କୁ ନିଯୁକ୍ତି ନ ଦେଇ ଯୁବବାହିନୀରେ ସାମିଲ କରି ଭୋଟ ହାତେଇବାକୁ ଉଦ୍ୟମ କରୁଛନ୍ତି। ମାତ୍ର ଖେଳ ବେଳକୁ ପିଲାମାନଙ୍କୁ ନିଜ ପକେଟରୁ ଖର୍ଚ୍ଚ କରିବାକୁ ପଡୁଛି ବୋଲି ଅଭିଭାବକ ଓ ଶିକ୍ଷିକାଶିକ୍ଷକମାନେ ମତ ରଖିଛନ୍ତି। ସରକାରଙ୍କର ଏଭଳି ପଦକ୍ଷେପ ଆର୍ଥିକ ଅନଗ୍ରସର କ୍ରୀଡା ପ୍ରତିଭାମାନଙ୍କୁ ମାରି ଦେଉଥିବା ଆଲୋଚନା ହେଉଛି।

### ଯାଜପୁରରେ ପେଟ୍ରୋଲ ପମ୍ପ ଖୋଲିବା ପାଇଁ ଚୟନ

ଯାଜପୁର ରୋଡ୍,୨୯।୧୧(ନି.ପ୍ର)

ପେଟ୍ରୋଲ, ଡିଜେଲର ଖୁଚୁରା ବ୍ୟବସାୟ ନିମନ୍ତେ ଇଣ୍ଡିଆନ ଅଏଲ୍, ଭାରତ ପେଟ୍ରୋଲିୟମ, ହିନ୍ଦୁସ୍ତାନ ପେଟ୍ରୋଲିୟମ ପ୍ରମୁଖ କମ୍ପାନୀ ପକ୍ଷରୁ ଚୟନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଗୁରୁବାର ଏହି ୩ଟି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶାରେ ୨୬୩୬ଟି ପମ୍ପ ଖୋଲାଯିବ। ତନ୍ମଧ୍ୟରୁ ଯାଜପୁର ଜିଲାରେ ୧୪୦ଟି ଖୋଲିବ। ଏହି ବ୍ୟବସାୟ ପାଇଁ ୨୧ରୁ ୬୦ବର୍ଷର ବ୍ୟକ୍ତି ଦରଖାସ୍ତ ଆବେଦନ କରିପାରିବେ। ମହିଳାଙ୍କୁ ଅଗ୍ରାଧିକାର ଦିଆଯିବ। ତୈଳ ବିପଣନ କମ୍ପାନୀଗୁଡ଼ିକ ନୂଆ ପେଟ୍ରୋଲ ପମ୍ପ ସ୍ଥାପନ ନିମନ୍ତେ ବିଜ୍ଞାପନ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରିଛନ୍ତି। ଏ ସମ୍ପର୍କରେ ଉକ୍ତ ୩ କମ୍ପାନୀର କର୍ମକର୍ତ୍ତା ସୁଶାନ୍ତ ଗୋଏଲ୍, ସୌମ୍ୟରଞ୍ଜନ ପାଢ଼ୀ, ସୌରଭ ମଣ୍ଡଳ, ଶ୍ରୀନିବାସ ପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି। ଚୟନ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆଣିବା ପାଇଁ ପ୍ରଥମ ଥର ପାଇଁ କମ୍ପ୍ୟୁଟରରେ ଆଧାରିତ ଲଟେରୀ ଉଠାଣ ବିଟ୍ ଓପନିଂ ନିରପେକ୍ଷ ଏଜେନ୍ସି ଦ୍ୱାରା କରାଯିବାର ବ୍ୟବସ୍ଥା କରାଯାଇଛି। ବିନା ଜମିରେ ପେଟ୍ରୋଲ ପମ୍ପ ଆବେଦନ କରିପାରିବେ ଓ ଅଟୋମେଶନ୍ ଆଧାରିତ ନୂତନ ଜ୍ଞାନକୌଶଳ ଦ୍ୱାରା ସମସ୍ତ ପେଟ୍ରୋଲ ପମ୍ପ ସ୍ଥାପନ କରାଯିବାର ବ୍ୟବସ୍ଥା ରହିଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶନି ସାତ, ମଙ୍ଗଳ ତିନି**
**ଆଉ ସବୁ ଦିନେ ଦିନ୍ ଦିନ୍ ।**

ବର୍ଷାଦିନେ ବାର ଅନୁସାରେ ବର୍ଷାର ଗତି। ଶନିବାର ଦିନ ଆରମ୍ଭ ହୋଇଥିଲେ ବର୍ଷା ସାତଦିନ, ମଙ୍ଗଳବାର ଦିନ ଆରମ୍ଭ ହୋଇଥିଲେ ତିନିଦିନ ଲାଗି ରହେ। ସେହିପରି ଅଲଗା ଦିନମାନଙ୍କରେ ଆରମ୍ଭ ହୋଇଥିଲେ କେବଳ ଗୋଟିଏ ଦିନ ଲେଖାଏ ବର୍ଷା ହୁଏ ବୋଲି ଅନୁମାନ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଶାଗ ଭାଜିଦେବି ତରକାରି କରିବି**
**ଖାଇବୁ ନାଦି ଖା ।**
**ରାଗିଚୁ ଯଦି ନ ଖାଇବୁ ଏଠି**
**ବେଗି ପଳେଇ ଯା ।**

କ୍ରୋଧ ବା ରାଗ ସମ୍ପର୍କର ମଧୁରତାକୁ ନଷ୍ଟ କରିଦିଏ। କିଛି ବ୍ୟକ୍ତି ରାଗିଗଲେ ଘରେ ଖିଆପିଆ କରି ନ ଥାନ୍ତି। ଏଭଳି ବ୍ୟକ୍ତିଙ୍କୁ ବୁଝାଶୁଝା କରାଇବା କାଠିକର ପାଠ ହୋଇଯାଇଥାଏ। ଏପରିସ୍ଥଳେ ମନ ଜାଣି ରୋଷେଇ କରିଥିବା ସତ୍ତ୍ୱେ ଖାଦ୍ୟ ଖାଉ ନ ଥିବା ବ୍ୟକ୍ତି ପ୍ରତି ବିରକ୍ତି ଭାବ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


## ଶିଶୁ ବିକାଶ ପରିଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର (ଗ୍ରାମାଞ୍ଚଳ)

ଭୁବନେଶ୍ୱର

ବିଜ୍ଞାପନ ପତ୍ର ସଂଖ୍ୟା...................../ ତାରିଖ.................

No.50-ଗ

**ବିଜ୍ଞାପନ**

**ପ୍ରାପ୍ତେଷୁ,**
**ମଧୁମିତା ବେହେରା, ଅଙ୍ଗନୱାଡ଼ି କର୍ମୀ**
**ଭୁଆସୁଣୀ ମିନି ଅଙ୍ଗନୱାଡ଼ି କେନ୍ଦ୍ର**
**ପିତା: ନାରଣ ବେହେରା**
**ସା: ଭୁଆସୁଣୀ**
**ପୋ: ଦାରୁଠେଙ୍ଗ**
**ଥାନା: ଚନ୍ଦକା**
**ଜିଲ୍ଲା: ଖୋର୍ଦ୍ଧା**

**ବିଷୟ:** କାର୍ଯ୍ୟରେ ଯୋଗଦାନ ନିମନ୍ତେ।

ଏତଦ୍ୱାରା ତୁମ୍ଭଙ୍କୁ ଜଣାଇ ଦିଆଯାଉଅଛି ଯେ, ତୁମ୍ଭେ ବିନା ଦରଖାସ୍ତରେ କାର୍ଯ୍ୟରେ ଅନୁପସ୍ଥିତ ରହିଅଛ। ତୁମ୍ଭଙ୍କୁ ବାରମ୍ବାର ଶିଶୁ ବିକାଶ ପରିଯୋଜନା ଅଧିକାରୀ ଭୁବନେଶ୍ୱର (ଗ୍ରାମାଞ୍ଚଳ) ଲିଖିତ ଆକାରରେ ଜଣାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ତୁମେ ତୁମ୍ଭ କାର୍ଯ୍ୟରେ ଯୋଗଦାନ କରୁନାହଁ ଏବଂ ତୁମ୍ଭେ ବର୍ତ୍ତମାନ କେଉଁଠାରେ ଅବସ୍ଥାନ କରୁଅଛ ତାହାର ନିର୍ଦ୍ଦିଷ୍ଟ ଠିକଣା ମଧ କାର୍ଯ୍ୟାଳୟରେ ନାହିଁ। ଏଣୁ ଏତଦ୍ୱାରା ତୁମ୍ଭଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି ଯେ, ଏହି ବିଜ୍ଞାପନ ପ୍ରକାଶ ହେବାର ୭(ସାତ) ଦିନ ମଧରେ ତୁମ୍ଭେ କାର୍ଯ୍ୟରେ ଯୋଗଦାନ କରିବ ନଚେତ ନିମ୍ନ ସ୍ୱାକ୍ଷରକାରୀ ତୁମ୍ଭଙ୍କୁ କାର୍ଯ୍ୟରୁ ବହିଷ୍କାର କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବାଧ ହେବେ।

**ଶିଶୁ ବିକାଶ ପରିଯୋଜନା ଅଧିକାରୀ**
**ଭୁବନେଶ୍ୱର ଗ୍ରାମାଞ୍ଚଳ**

33027/11/0001/1819


ଅର୍ଶ (ମଳକଣ୍ଟକ) - Piles ଓ
ଭଗନ୍ଦର - Fistula ର
ବିନା ଅପରେସନ୍‌ରେ (କ୍ଷାରସୂତ୍ର ପଦ୍ଧତିରେ) ସଫଳ ଚିକିତ୍ସା
ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ
ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା
Call Us
94371 38000
94371 36000
0674-2354577
0674-2354320
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁଁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।

A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ୍ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

M. GROUP FINANCE CO.
DIWALI OFFER
(Govt. Approved)

• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra


ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ସନ୍ତୋଷ ନନ୍ଦ
ଜିଲ୍ଲା କଂଗ୍ରେସ, ଯାଜପୁର

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ମନୋଜ ରାଉତ
ଜିଲ୍ଲା କଂଗ୍ରେସ, ସଭାପତି, ଯାଜପୁର


ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ସୁଦିପ୍ତ କୁମାର ପଣ୍ଡା
ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ, ଯାଜପୁର

ସତ୍ୟ ଓ ନିର୍ଭୀକ ଖବର ପରିବେଷଣ ପାଇଁ ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। ଡେରାବିଶ ବ୍ଲକ କୁଶିଆପାଳ

ପ୍ରାଥମିକ କୃଷି ସମବାୟ ସମିତିର ସମସ୍ତ ପରିଚାଳନା ନିର୍ଦ୍ଦେଶକ ଓ ସମସ୍ତ ଚାଷୀଙ୍କ ଉଦ୍ୟମରେ ସମବାୟ ଆନ୍ଦୋଳନ ଆହୁରି ସୁଦୃଢ ହେଉ। ଏହି ସମିତି ଜରିଆରେ ସମବାୟ ଆନ୍ଦୋଳନକୁ ଅଧିକ ତ୍ୱରାନ୍ୱିତ କରିବା ସହିତ କୃଷି ଓ କୃଷକଙ୍କ ବିକାଶ ପାଇଁ ଆମେ ସଂକଳ୍ପ ବଦ୍ଧ।

ମୃତ୍ୟୁଞ୍ଜୟ ଦାଶ
ସମ୍ପାଦକ
କୁଶିଆପଳ ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ
ସରୋଜ କାନ୍ତ ନାୟକ
ସଭାପତି



AGASTI HONDA
Infront of Biraja Women's College, Kusuma Road, Jajapur, Ph : 06728-223100, Mob : 9437518500


## ପାଣିକୋଇଲି ମହୋତ୍ସବ ପ୍ରସ୍ତୁତି

**କୋରେଇ,୨୯।୧୧(ସ୍ୱ.ପ୍ର):** ପାଣିକୋଇଲି ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ବାର୍ଷିକ ଆସନ୍ତା ଜାନୁଆରୀ ୫, ୬ ଓ ୭ ତାରିଖ ୩ଦିନ ବ୍ୟାପୀ ମହାସମାରୋହରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ତାରିଣୀ ପ୍ରସାଦ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମହୋତ୍ସବ କମିଟିର ରାକେଶ ସାହୁ, ସମିତି ସଭ୍ୟ ଜହର ଅଲ୍ଲୀ, ପ୍ରଫୁଲ୍ଲ ବେହେରା, ସ୍ୱପ୍ନାନନ୍ଦ ଦାସ, ଉପେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଡେରାବିଶ ପ୍ରାଚୀ ଐତିହ୍ୟ ଓ ସଂସ୍କୃତି ମହାନ୍। ଏହାକୁ ଉଜ୍ଜୀବିତ ରଖିବା ପାଇଁ ଆସନ୍ତୁ ସଂକଳ୍ପ ନେବା। ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ

ସମବାୟ ଆନ୍ଦୋଳନକୁ ଆମ ସମିତି ପ୍ରତ୍ୟେକ ଚାଷୀଭାଇମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଆମେ ସଂକଳ୍ପ ବଦ୍ଧ।

କାଉପଡା ପ୍ରାଥମିକ କୃଷି ସମବାୟ ସମିତି
କାଉପଡା, ଡେରାବିଶ
ଗୌରାଙ୍ଗ ପ୍ରଧାନ
ସମ୍ପାଦକ
ପ୍ରଶାନ୍ତ କୁମାର ଦାସ
ସଭାପତି

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଜଗତ୍‌ସିଂହପୁର ଜିଲ୍ଲାର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେସଙ୍ଗେ ସେମାନଙ୍କର ସୁଖ ସମୃଦ୍ଧି କାମନା କରୁଛି।

ଲିଙ୍ଗରାଜ ସ୍ୱାଇଁ
ଜିଲ୍ଲା ପରିଷଦ ଉପାଧ୍ୟକ୍ଷ, ଜଗତ୍‌ସିଂହପୁର

ରସୁଲପୁର ବ୍ଲକ ଅଞ୍ଚଳର ସମସ୍ତ ଶିକ୍ଷିକା/ଶିକ୍ଷକ, ଅଭିଭାବକମାନଙ୍କୁ ଅଭିନନ୍ଦନ ଓ ଛାତ୍ର/ଛାତ୍ରୀମାନଙ୍କୁ ସ୍ନେହ, ଶ୍ରଦ୍ଧା ଜ୍ଞାପନ କରିବା ସହ ସମସ୍ତଙ୍କର ସଫଳତା କାମନା କରୁଛି।

ପ୍ରତାପରୁଦ୍ର ପଣ୍ଡା
ପ୍ରାକ୍ତନ ସଭାପତି, ପ୍ରାଥମିକ ଶିକ୍ଷକ ସଂଘ, ରସୁଲପୁର ବ୍ଲକ-ଯାଜପୁର

'ଧରିତ୍ରୀ' ଖବରକାଗଜର ଜନ୍ମଦିନରେ ସମସ୍ତଙ୍କର ମଙ୍ଗଳ କାମନା କରୁଛି।

ଉମାକାନ୍ତ ସ୍ୱାଇଁ
ଏମ୍.ଡି. ରଘୁପତି ଆଇଡିଆଲ ସ୍କୁଲ ଅଫ ଏଜୁକେସନ ନାଉସିରା, ତିର୍ତ୍ତୋଲ, ଜଗତ୍‌ସିଂହପୁର

ଦୈନିକ ନିରପେକ୍ଷ ଧରିତ୍ରୀ ଖବରକାଗଜର ଜନ୍ମଦିନ ଅବସରରେ ଶୁଭେଚ୍ଛା ସହ ସମସ୍ତଙ୍କ ମଙ୍ଗଳ ପାଇଁ ମା' ଶାରଳାଙ୍କ ନିକଟରେ ପ୍ରାର୍ଥନା।

ଅଶ୍ୱିନୀ କୁମାର ଦାସ
ପୂର୍ବତନ ବ୍ଲକ ବିଜେଡି ସଭାପତି, ତିର୍ତ୍ତୋଲ

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପରେଶ ମଲ୍ଲିକ
ସମାଜସେବୀ

ଦୈନିକ ଧରିତ୍ରୀର ଜନ୍ମଦିନ ଅବସରରେ ଜଗତ୍‌ସିଂହପୁର ଜିଲ୍ଲା ତଥା ଓଡିଶାର ସମସ୍ତ ଜନସାଧାରଣଙ୍କର ସୁଖ, ସମୃଦ୍ଧି କାମନା କରୁଛୁ। ମା' ଶାରଳା ସମସ୍ତଙ୍କୁ ଭଲରେ ରଖନ୍ତୁ।


ପ୍ରିୟଦର୍ଶିନୀ ବିଶ୍ୱାଳ
ଡି.ଆର.ଡି.ଏ ଅଧ୍ୟକ୍ଷା, ଜଗତ୍‌ସିଂହପୁର
ଗଙ୍ଗାଧର ବିଶ୍ୱାଳ
ସମାଜସେବୀ


ସମସ୍ତ ଜନସାଧାରଣଙ୍କୁ ଖବରକାଗଜ ମାଧ୍ୟମରେ ସଚେତନ କରୁଥିବା ଓଡିଶାରେ ଏକମାତ୍ର ନିର୍ଭୀକ ଓ ନିରପେକ୍ଷ ଦୈନିକ ଧରିତ୍ରୀ ୪୫ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। ଗୁରୁକୁଳ ପରମ୍ପରାକୁ ବଜାୟ ରଖିବା ଏବଂ ସମସ୍ତ ଛାତ୍ରଛାତ୍ରୀଙ୍କ ଭିତରେ ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷା ପାଇଁ ପ୍ରୟାସ ଜାରି ରଖିଥିବା କଳିଙ୍ଗ ଆବାସିକ ବିଦ୍ୟାଳୟର ଅଭିବୃଦ୍ଧି ପାଇଁ ସମସ୍ତ ସହଯୋଗ କାମନା କରୁଛି।
ମନୋଜ କୁମାର ପ୍ରଧାନ
ପରିଚାଳନା ନିର୍ଦ୍ଦେଶକ, କଳିଙ୍ଗ ଆବାସିକ ବିଦ୍ୟାଳୟ, କେଶପୁର (ଡେରାବିଶ)

Kanchan Murali Auto
Central Market, Jagatsinghpur
One & Only Honda Authorised 4'S Showroom
Contact:- 06724-222122, 223112, Mob- 7064522122
Branch- Kujanga, Naugaon & Tarpur



ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଗୌତମ ରାୟ
ଜିଲ୍ଲା ବିଜେପି ସଭାପତି, ଯାଜପୁର


ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ସହ ପାଟକୁରା ନିର୍ବାଚନମଣ୍ଡଳୀର ସମସ୍ତ ଭାଇଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି। ଅବହେଳିତ ପାଟକୁରା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ସମସ୍ତ ଯୁବ ବନ୍ଧୁ ସଂକଳ୍ପ ନେବାକୁ ନିବେଦନ କରୁଛି।
ଜୟନ୍ତ ମହାନ୍ତି
ବରିଷ୍ଠ କଂଗ୍ରେସ ନେତା, ପାଟକୁରା ନିର୍ବାଚନମଣ୍ଡଳୀ, କେନ୍ଦ୍ରାପଡା


ଧରିତ୍ରୀର ୪୫ତମ ଜନ୍ମଜୟନ୍ତୀ ଅବସରରେ ଆଳି ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଶ୍ରୀଯୁକ୍ତ ଦେବେନ୍ଦ୍ର ଶର୍ମା
ବିଧାୟକ, ଆଳି

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ଓଳିଆ ଗ୍ରାମପଞ୍ଚାୟତ ପକ୍ଷରୁ ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ।

ମଞ୍ଜୁଳା ମଞ୍ଜରୀ ମହାପାତ୍ର
ସରପଞ୍ଚ, ଓଳିଆ ଗ୍ରାମପଞ୍ଚାୟତ

ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବଡ଼ମ୍ବା ବ୍ଲକ ବିଜୁ ଯୁବ ଜନତା ଦଳ ତରଫରୁ ବଡ଼ଗାଁ ବ୍ଲକବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ନମସ୍କାର।

ସଂଜୟ କୁମାର ସ୍ୱାଇଁ
ବିଜୁ ଯୁବ ଜନତା ଦଳ ସଭାପତି
ବଡ଼ମ୍ବା ବ୍ଲକ, କଟକ


ସମାଜର ଅମୂଲ୍ୟ ସଂପଦ ବାପା ମାଆଙ୍କୁ ଭଲ ପାଇବା ପାଇଁ ଆସନ୍ତୁ ସଂକଳ୍ପ ନେବା। ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇବା ସହ ମାହାଙ୍ଗା ନିର୍ବାଚନମଣ୍ଡଳୀର ସମସ୍ତ ଭାଇ ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଦେବେନ୍ଦ୍ର କୁମାର ସାହୁ
ବରିଷ୍ଠ କଂଗ୍ରେସ ନେତା
ମାହାଙ୍ଗା ନିର୍ବାଚନମଣ୍ଡଳୀ (କଟକ)

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ଖରଡ଼ି ଗ୍ରାମପଞ୍ଚାୟତ ପକ୍ଷରୁ ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ।

ସୁରେଶ କୁମାର ସାହୁ
ସରପଞ୍ଚ, ଖରଡ଼ି ଗ୍ରାମପଞ୍ଚାୟତ


ଧରିତ୍ରୀର ଏହି ଶୁଭ ଜନ୍ମୋତ୍ସବ ଅବସରରେ ଆଳି ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଶ୍ରୀମତୀ ଝରଣା ଦାଶ
ଅଧ୍ୟକ୍ଷା, ଆଳି ବ୍ଲକ



ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ ଧର୍ମଶାଳା ପ୍ରଗତିର ସାରଥି ବିଧାୟକ ଶ୍ରୀଯୁକ୍ତ ପ୍ରଣବ ବଳବନ୍ତରାୟଙ୍କ ହାତମୁଠାକୁ ମଜଭୁତ୍ କରି ପ୍ରଗତି ରଥକୁ ଆଗକୁ ନେଇ ରାଜ୍ୟରେ ପ୍ରମୁଖ ସ୍ଥାନ ଅଧିକାର କରିବା ପାଇଁ ନିବେଦନ।

ଶ୍ରୀଯୁକ୍ତ ପ୍ରସନ୍ନ କୁମାର ରାଉତ
ସଭାପତି, ବିଜୁ ଯୁବ ଜନତା ଦଳ, ଧର୍ମଶାଳା ଓ ସମିତି ସଭ୍ୟ

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।


ହୋଟେଲ୍ ନିର୍ମଳା ରେସିଡେନ୍ସି
ଜଗତ୍‌ସିଂହପୁର


## ପ୍ରଗତି ପଥେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଯାଜପୁର

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା:** ଏହି ଯୋଜନାରେ ୨୦୧୭-୧୮ ଆର୍ଥିକ ବର୍ଷରେ ୧୨୪୩୯ଟି ଗୃହ ନିର୍ମାଣ କରିବାର ଲକ୍ଷ୍ୟଧାର୍ଯ୍ୟ ଥିବାସ୍ଥଳେ ଅଦ୍ୟାବଧି ୪୮୩୫ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ସମ୍ପୂର୍ଣ୍ଣ କରାଯାଇ ୬୨୮୫.୫୦ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୮୯୪୫ଟି ଘର ଜିଲ୍ଲାକୁ ମଞ୍ଜୁରୀ ମିଳିଛି। ତନ୍ମଧ୍ୟରୁ ଏଯାବତ ୬୭୮୪ ହିତାଧିକାରୀ ଚୟନ କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ୧୭୯୯ ହିତାଧିକାରୀଙ୍କୁ ୧ମ କିସ୍ତି ପୈଠକ କରାଯାଇଛି।

**ବିଜୁ ପକ୍କାଘର ଯୋଜନା (ସ୍ୱତନ୍ତ୍ର):** ଏହି ଯୋଜନାରେ ୨୦୧୭-୧୮ ଆର୍ଥିକ ବର୍ଷରେ ବିଜୁ ପକ୍କାଘର ଯୋଜନାରେ ମୋଟ ୫୨୫ଟି ଗୃହ ନିର୍ମାଣ କରିବାର ଲକ୍ଷ୍ୟଧାର୍ଯ୍ୟ ଥିବାସ୍ଥଳେ ଅଦ୍ୟାବଧି ୧୦୪ଟି ଗୃହ ସମ୍ପୂର୍ଣ୍ଣ କରାଯାଇ ୧୩୫.୨୦ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି। ଆର୍ଥିକ ବର୍ଷ ୨୦୧୮-୧୯ରେ ବିଜୁ ପକ୍କାଘର ଯୋଜନା (ସ୍ୱତନ୍ତ୍ର)ରେ ମୋଟ ୧୪୦୦ଟି ଗୃହ ନିର୍ମାଣ କରିବାର ଲକ୍ଷ୍ୟଧାର୍ଯ୍ୟ ହୋଇଅଛି।

**ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା:** ୨୦୧୮-୧୯ ଆର୍ଥିକ ବର୍ଷରେ ଅଦ୍ୟାବଧି ୨୭୮୪୩୭ଟି ପରିବାରକୁ କାର୍ଯ୍ୟପତ୍ର ପ୍ରଦାନ କରାଯାଇଛି ଏବଂ ୪୬୭୬୦ଟି ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଛି। ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାରେ ଅଙ୍ଗନୱାଡ଼ି, ଫାର୍ମ ପଣ୍ଡ, ଜଳଅମଳ ପ୍ରକଳ୍ପ, ଖେଳପଡ଼ିଆ, ଜମି ସମତଳ, ପୋଖରୀ ଖନନ ଓ ପୁନଃରୁଦ୍ଧାର, ବୃକ୍ଷରୋପଣ, Vermi/NADEP ନିର୍ମାଣ, ଗୋରୁ ଛେଳି ଗୁହାଳ ନିର୍ମାଣ ଇତ୍ୟାଦି ୨୦୫୧ଟି ପ୍ରକଳ୍ପ ହାତକୁ ନିଆଯାଇଛି। ଏହି ଯୋଜନାରେ ଚଳିତ ଆର୍ଥିକ ବର୍ଷ ମଇ ମାସ ଏଯାବତ୍ ମୋଟ ୧୨କୋଟି ୮୭ ହଜାର ଟଙ୍କା ବ୍ୟୟ ଅଟକଳ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ସ୍ଥଳେ ଅଦ୍ୟାବଧି ୧୦କୋଟି ୫୮ ଲକ୍ଷ ୯୨ ହଜାର ଟଙ୍କା ବ୍ୟୟ କରାଯାଇଛି ଏବଂ ୩୮୬୨୨୦ଟି ଶ୍ରମଦିବସ ସୃଷ୍ଟି କରିବା ଲକ୍ଷ୍ୟ ଧାର୍ଯ୍ୟ ଥିବାସ୍ଥଳେ ୪୨୩୭୮୭ଟି ଶ୍ରମଦିବସ ସୃଷ୍ଟି କରାଯାଇ ପାରିଛି। ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନା ଅନ୍ତର୍ଭୁକ୍ତ ୭୩% ହିତାଧିକାରୀଙ୍କୁ ଏହି ଯୋଜନାରେ ୯୫ ଦିନର ଶ୍ରମଦିବସ ଯୋଗାଇ ଦିଆଯାଇପାରିଛି।

**ଗୋପବନ୍ଧୁ ଗ୍ରାମୀଣ ଯୋଜନା:** ୨୦୧୭-୧୮ ଆର୍ଥିକ ବର୍ଷରେ ଏହି ଯୋଜନାରେ ମୋଟ୍ ୧୦କୋଟି ୨୦ ଲକ୍ଷ ଟଙ୍କା ସରକାରଙ୍କ ଦ୍ୱାରା ମଞ୍ଜୁରୀ ହୋଇଥିଲା। ଏ ଯୋଜନାରେ ସଡ଼କ, ବିଜୁଳି, ପାଣି ଆଦି ପ୍ରକଳ୍ପ ବାବଦକୁ ୮ କୋଟି ୨୯ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟ କରାଯାଇପାରିଛି। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର, ଯାଜପୁର ଜିଲ୍ଲା ପାଇଁ ମୋଟ ୧୬ କୋଟି ୭୦ ଲକ୍ଷ ୨୭ ହଜାର ଟଙ୍କା ଅର୍ଥ ମଞ୍ଜୁରୀ କରିଛନ୍ତି। ଖୁବ୍‌ଶୀଘ୍ର ଏ ଯୋଜନାରେ ପ୍ରକଳ୍ପ ମାନ ବ୍ଲକୱାରୀ କାର୍ଯ୍ୟ ଆରମ୍ଭ କରାଯିବ।

**ଓଡ଼ିଶା ଜୀବିକା ମିଶନ:** ଓଡ଼ିଶା ଜୀବିକା ମିଶନ, ଯାଜପୁର ତରଫରୁ ୨୦୧୭-୧୮ ଆର୍ଥିକ ବର୍ଷରେ ଅଦ୍ୟାବଧି ୫୮୬୧ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୦୧୨୪.୭୧ ଲକ୍ଷ ଟଙ୍କାର ଋଣ ରାଶି ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ଯୋଗାଇ ଦିଆଯାଇଅଛି। ୯୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୦ ହଜାର ଟଙ୍କା ଲେଖାଏଁ ଏବଂ ୧୧୩୯ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୫ ହଜାର ଟଙ୍କାର ଆବର୍ତ୍ତନ ପାଣ୍ଠି ଯୋଗାଇ ଦିଆଯାଇଛି। ମିଶନ ସମୃଦ୍ଧି ମାଧ୍ୟମରେ ୪ଟି ବ୍ଲକ ଯଥା- ଦଶରଥପୁର, ଧର୍ମଶାଳା, ଦାନଗଦୀ ଓ ସୁକିନ୍ଦା ବ୍ଲକରେ ଚିରନ୍ତନ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ୨୯ଟି ଗ୍ରାମ ପଞ୍ଚାୟତରେ ମହାସଂଘ ଦ୍ୱାରା ୮୭ଜଣ କୃଷିମିତ୍ର ଏବଂ ୫୮ଜଣ ପ୍ରାଣୀମିତ୍ରଙ୍କ ମାଧ୍ୟମରେ ପ୍ରାୟତଃ ୧୦ ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଜୈବିକ ପ୍ରଣାଳୀରେ ଚାଷ କରିବା ସହିତ ପ୍ରାଣୀ ସମ୍ପଦ ମାଧ୍ୟମରେ ଜୀବନ ଜୀବିକାର ଉନ୍ନତି ପାଇଁ ଉତ୍ସାହିତ କରାଯାଇଅଛି। ସେହିଭଳି ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ମାଧ୍ୟମରେ ୨୧୯୩ ଜଣଙ୍କୁ ତାଲିମ ଦିଆଯାଇ ୬୨୧ ଜଣ ଯୁବକ/ଯୁବତୀଙ୍କୁ ତାଲିମ ପ୍ରତିଷ୍ଠାନ ମାଧ୍ୟମରେ ବିଭିନ୍ନ କମ୍ପାନୀରେ ନିଯୁକ୍ତି କରାଯାଇଅଛି। ଏହାଛଡ଼ା ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ ଅନୁଷ୍ଠାନ ମାଧ୍ୟମରେ ୨୧୧ଜଣ ଅଭାବୀ ପରିବାରର ଉଦ୍ୟୋଗୀଙ୍କୁ ବିଭିନ୍ନ ଧନ୍ଦାମୂଳକ ତାଲିମ ପ୍ରଦାନ କରାଯାଇ ଆତ୍ମନିର୍ଭରଶୀଳ କରାଯାଇପାରିଛି।

**ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ):** ଏହି ଯୋଜନାରେ ଜିଲ୍ଲାରେ ମୋଟ ୩,୬୫,୭୭୦ ଗୋଟି ବ୍ୟକ୍ତିଗତ ପାଇଖାନା (IHHL) ନିର୍ମାଣ କରିବା ଲକ୍ଷ୍ୟଥିବା ସ୍ଥଳେ, ୨୦୧୮ ମାର୍ଚ୍ଚମାସ ଶେଷ ସୁଦ୍ଧା ୨୭୪୦୯ଟି ପାଇଖାନା ସମ୍ପୂର୍ଣ୍ଣ କରାଯାଇଛି ଏବଂ ବକେୟା ୩,୩୮,୩୬୧ ଗୋଟି ପାଇଖାନା ମଧ୍ୟରୁ ଅଦ୍ୟାବଧି ୧,୬୪,୭୧୮ ଗୋଟି ପାଇଖାନା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ୨୦୧୮ ଅକ୍ଟୋବର ମାସ ୨ ତାରିଖ ସୁଦ୍ଧା ବକେୟା ୧,୭୩,୬୪୩ ଗୋଟି ପାଇଖାନା ନିର୍ମାଣ କାର୍ଯ୍ୟ ଶେଷ କରି ଜିଲ୍ଲାକୁ ଏକ ମଳମୁକ୍ତ ଜିଲ୍ଲା ଭାବେ ଘୋଷଣା କରିବାକୁ କାର୍ଯ୍ୟକ୍ରମ ରହିଛି।

ଏତଦ୍‌ବ୍ୟତୀତ ଚତୁର୍ଦ୍ଦଶ କେନ୍ଦ୍ରୀୟ ଅର୍ଥ କମିଶନ ଓ ଚତୁର୍ଥ ରାଜ୍ୟ ଅର୍ଥ କମିଶନ ଓ ଅନ୍ୟାନ୍ୟ ଯୋଜନାରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ବ୍ଲକ ଏବଂ ଗ୍ରାମପଞ୍ଚାୟତ ସ୍ତରରେ ହାତକୁ ନିଆଯାଇଅଛି।

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶକ
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଯାଜପୁର


INDIRA GANDHI INSTITUTE OF HOTEL MANAGEMENT
GOVT. OF INDIA

ନିଶ୍ଚିତ ଚାକିରୀ ଏବେ Bond Paper ରେ
JOIN AFTER 10th, +2 & +3
100% PLACEMENT ON BOND PAPER> LAPTOP FREE* > FREE SPOKEN ENGLISH > PGDCA
ଛାତ୍ର ଛାତ୍ରୀ ମାନେ ଚାକିରୀ ପାଇଁ ଚିନ୍ତା କରନ୍ତୁ ନାହିଁ । ଇନ୍ଦିରାଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜ୍‌ମେଣ୍ଟ ଆପଣଙ୍କୁ ଦେଉଛି ନିଶ୍ଚିତ ଚାକିରୀ ଏବେ Bond paper ରେ । ଛାତ୍ର ଛାତ୍ରୀ ମାନେ ୧୦ମ, +୨ ଓ +୩ ପରେ ହୋଟେଲ ମ୍ୟାନେଜ୍‌ମେଣ୍ଟ କୋର୍ସ କରି ଦେଶ ଓ ବିଦେଶର ବଡ ବଡ ପଞ୍ଚ ତାରକା ହୋଟେଲ Taj, oberoi, itc etc. ମାସିକ ୧୫,୦୦୦ଟଙ୍କା ରୁ ୮୦,୦୦୦ ଟଙ୍କା ଦରମା ସହିତ ମାଗଣା ରହିବା ,ଖାଇବା ଓ ମେଡିକାଲ୍ ସୁବିଧା ପାଇ ପାରୁଛନ୍ତି। ଏହା ବ୍ୟତିତ Cruise, Railway, Air Lines, Tourism Dept. ରେ ଚାକିରୀର ସୁଯୋଗ ପାଉଛନ୍ତି ।ଏଠାରେ କମ୍ କୋର୍ସ ଫିସ୍ ସହିତ ନିଶ୍ଚିତ ଚାକିରୀ Bond paperରେ ଲିଖିତ ଆକାରରେ ଦିଆଯାଏ । ଏଠାରେ ଉନ୍ନତମାନର ଶିକ୍ଷା ପ୍ରଣାଳୀ ପ୍ରାକ୍ଟିକାଲ ଲ୍ୟାବ୍, ଭଲ ଶିକ୍ଷକ ମଣ୍ଡଳୀ, କମ୍ପ୍ୟୁଟର, ସ୍ପୋକନ୍ ଇଂଲିଶ୍, ଏଡିଟ୍ୟୁର୍, ଲ୍ୟାପଟପ୍ , ମାଗଣା ୟୁନିଫର୍ମ ଏବଂ କୋର୍ସ ଫିସ୍‌ର ସହଜ କିସ୍ତିର ସୁବିଧା ଅଛି । ଏସି, ଏସ୍‌ଟି ଓ ଝିଅ ପିଲାଙ୍କ ପାଇଁ ରିହାତିର ସୁବିଧା ରହିଅଛି'' ।
Jodikuan Chhak Biraja Mandir Main Road, Jajpur Town
Ph No :- 9337299405, 9438681361/62,9937590444

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
SAIZAR
KALINGA NAGAR, JAJPUR ROAD, JAJPUR


ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ସୁକିନ୍ଦା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ।

ପ୍ରଦୀପ ବଳସାମନ୍ତ (ଟୁଟୁ)
ସୁକିନ୍ଦା

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୦ ନଭେମ୍ବର, ୨୦୧୮



ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।
- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ଚରିତ୍ର ଗଠନରେ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ



**ପାରାଦୀପ, ୨୯।୧୧ (ସ୍ୱ.ପ୍ର.):** ପାରାଦୀପ ଉପକଣ୍ଠ ନୂଆଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ମା'ମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁଙ୍କୁ ସଂସ୍କାରୀ କରିବା ସମ୍ପର୍କରେ ସଚେତନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ବାବୁରାମ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସଭାପତି ଗୌରହରି ରାଉତ ଓ ଅନ୍ୟ ଅତିଥିମାନେ ଯୋଗ ଦେଇଥିଲେ। ଶିଶୁର ଚରିତ୍ର ଗଠନ ଓ ରାଷ୍ଟ୍ର ନିର୍ମାଣରେ ମା'ର ଭୂମିକା କିପରି ହେବା ଆବଶ୍ୟକ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରସନ୍ନଜିତ୍ ସାହୁ, ମନ୍ଦାକିନୀ ସ୍ୱାଇଁ ସଂଚାଳନ କରିଥିଲେ।

### କଂଗ୍ରେସର ବୁଥ୍ କମିଟି ଗଠନ

**ବାଲିକୁଦା, ୨୯।୧୧ (ସ୍ୱ.ପ୍ର.):** ବାଲିକୁଦା ବ୍ଲକ ମୂଳୁଗାଁ ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ବୁଥ କମିଟି ଗଠନ କରାଯାଇଛି। ଏହି ଉପଲକ୍ଷେ ବୁଧବାର ରାତିରେ ସ୍ଥାନୀୟ ଗୋପୀନାଥଜୀଉ ମଠ ପ୍ରାଙ୍ଗଣରେ ଏକ ବୈଠକ ହୋଇଥିଲା। କଂଗ୍ରେସ ନେତା ଗଙ୍ଗାଧର ଖଟୁଆଙ୍କ ସଭାତିପତ୍ୱରେ ଆୟୋଜିତ ବୈଠକରେ ବାଲିକୁଦା ଜିଲାପରିଷଦ ଜୋନ-୨ କଂଗ୍ରେସ ସଭାପତି ବିଭୁତି ଭୁଷଣ ସ୍ୱାଇଁ ଯୋଗ ଦେଇଥିଲେ। ବୁଥସ୍ତରରେ କଂଗ୍ରେସ ସଙ୍ଗଠନ କିପରି ମଜବୁତ ହେବ ସେଥିପାଇଁ ଦଳ ପକ୍ଷରୁ ଏହି କମିଟି ଗଠନ କରାଯାଉଥିବା ସ୍ୱାଇଁ କହିଥିଲେ। କମିଟିରେ ଜଣେ ବୁଥ ସଭାପତି, ୨ଜଣ ଏଜେଣ୍ଟ, ୨ଜଣ ସୋସିଆଲ ମିଡିଆ କର୍ମୀ, ଜଣେ ମହିଳା, ଜଣେ ଅନୁସୁଚିତ ଜାତିର ପୁରୁଷ, ୨ ଜଣ ସାଧାରଣ ବର୍ଗର ସଭ୍ୟ ରହିବେ। ବୈଠକରେ ପଞ୍ଚାୟତର ୬ ଟି ବୁଥର କମିଟି ଗଠନ କରାଯାଇଛି। ରାମକୃଷ୍ଣ ଶତପଥୀ, ସୁଶାନ୍ତ ବେହେରା, ସନ୍ତୋଷ କୁମାର ଦାସ, ପ୍ରହ୍ଲାଦ ଓଝା, ଅଭୟ କୁମାର ସାସମଲ, ଅଶୋକ ବେହେରା, ତରୁଣ ମହାରଣା ପ୍ରମୁଖ ଯୋଗଦେଇଥିଲେ।

### ମହାବୀର ଯୁବକ ସଂଘର କବାଡ଼ି, ଉତ୍ତରପଡ଼ା ଚାମ୍ପିୟନ

**ଏରସମା, ୨୯।୧୧ (ସ୍ୱ.ପ୍ର.):** ଏରସମା ବ୍ଲକ ଆମ୍ବିକି ପଞ୍ଚାୟତ କାଙ୍କଣ ଗ୍ରାମର ମହାବୀର ଯୁବକ ସଂଘ ପକ୍ଷରୁ ଗତ ୨୮ ତାରିଖରେ ଆରମ୍ଭ ହୋଇଥିବା କବାଡ଼ି ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଏଥିରେ ଉତ୍ତରପଡ଼ା ଦଳ ଚାମ୍ପିୟନ ହୋଇଛି। ଟୁର୍ଣ୍ଣାମେଣ୍ଟରେ ଆମ୍ବିକି, ଉତ୍ତରପଡ଼ା, ପାଟଣା, ହାତୀଆପାଳ, ପିପରକଣୀ ଦଳ ଭାଗ ନେଇଥିଲେ। ଲିଗ ମ୍ୟାଚରେ ପ୍ରତ୍ୟେକ ଦଳ ପରସ୍ପରକୁ ଭେଟିଥିଲେ। ଫାଇନାଲ ଖେଳ ପିପରକଣୀ ଓ ଉତ୍ତରପଡ଼ା ମଧ୍ୟରେ ହୋଇଥିଲା। ଏଥିରେ ପିପରକଣୀ ୬ ଓ ଉତ୍ତରପଡ଼ା ୧୫ ପଏଣ୍ଟ ପାଇଥିଲେ। ଏହି ଅବସରରେ ସୁଶାନ୍ତ କୁମାର ମାଇତିଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ବୃନ୍ଦାବନ ମାଇତି, ବାଚସ୍ପତି ପ୍ରଧାନ, ରବୀନ୍ଦ୍ର ଗିରି ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ସିଲ୍‌ଡ ଓ ରନର୍ସ ଅପ୍ ଦଳକୁ ରନର୍ସ କପ୍ ପ୍ରଦାନ କରିଥିଲେ। କ୍ଲବର ସଂପାଦକ ଜଗନ୍ନାଥ ମାଇତି, ଉତ୍ତମ ବେରା, ପ୍ରଭାତ ଜେନା, କାର୍ତ୍ତିକ ସେଠୀ, ପ୍ରଭାଂଶୁ ଓଝା ପ୍ରମୁଖ ସହଯୋଗ କରିଥିଲେ।

### ବିଶ୍ୱକପ୍ ହକି ଉଦ୍‌ଘାଟନ ଦେଖିଲେ ଗ୍ରାମବାସୀ

**କୁଜଙ୍ଗ, ୨୯।୧୧ (ସ୍ୱ.ପ୍ର.):** କୁଜଙ୍ଗ ବ୍ଲକର ମଲ୍ଲାସାହି, କୁଜଙ୍ଗ, କୋଠି, ଫତେପୁର ପଞ୍ଚାୟତରେ ବିଜୁ ଯୁବ ବାହିନୀ ସହଯୋଗରେ ସ୍ଥାନୀୟ ଗ୍ରାମବାସୀ ପୁରୁଷ ହକି ବିଶ୍ୱକପ୍‌ର ଉଦ୍‌ଘାଟନ ଉତ୍ସବ ଦେଖିଛନ୍ତି। କୁଜଙ୍ଗ ପଞ୍ଚାୟତ ବିଜୁ ଯୁବବାହିନୀ ସଭାପତି ସରୋଜ କୁମାର ସାହୁ, ସମ୍ପାଦକ ଦିଲୀପ ମହାପାତ୍ର, କୋଷାଧକ୍ଷ ମହେଶ୍ୱର ଦାସ ପ୍ରମୁଖ ଏଲ୍‌ଇଡି ମାଧମରେ ଲୋକଙ୍କୁ ଉଦ୍‌ଘାଟନ ଉତ୍ସବ ଦେଖାଇଥିଲେ। ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ମଲ୍ଲାସାହି ପଞ୍ଚାୟତ ବିଜୁ ଯୁବବାହିନୀର ସଭାପତି ସୁଧାଂଶୁ ଶେଖର ପାଣି, ସମ୍ପାଦକ ଅଶୋକ ସ୍ୱାଇଁ, କୋଷାଧକ୍ଷ ସୁଶାନ୍ତ ସ୍ୱାଇଁ, କୋଠି ପଞ୍ଚାୟତ ବିଜୁ ଯୁବବାହିନୀ ସଭାନେତ୍ରୀ କାବେରୀ ତରାଇ, ଫତେପୁର ପଞ୍ଚାୟତର ସଭାପତି ସିଦ୍ଧାର୍ଥ ପ୍ରଧାନ, ସମ୍ପାଦକ ସ୍ମିତରଞ୍ଜନ ରାଉତ ପ୍ରମୁଖ ନିଜ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଦ୍ୟାଳୟରେ ପଢାଉଛନ୍ତି ଗ୍ରାମବାସୀ

**ନାଉଗାଁ, ୨୯।୧୧ (ସ୍ୱ.ପ୍ର.)**



ଜଣେ ଗ୍ରାମବାସୀ ପିଲାଙ୍କୁ ପଢ଼ାଉଛନ୍ତି।

- ବିଦ୍ୟାଳୟ ମିଶ୍ରଣକୁ ବିରୋଧ
- ଶିକ୍ଷକ ଛାଡ଼ିସାରିଲେଣି ସ୍କୁଲ
- ଜିଦ୍‌ରେ ଅଟଳ ଅଭିଭାବକ

ସରକାରୀ ନିୟମ ଅନୁଯାୟୀ, ୨୦ରୁ କମ୍ ଉପସ୍ଥାନ ଥିବା ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାୟଳୟରେ ମିଶ୍ରଣ କରାଯାଉଛି। ଏହି ଦୃଷ୍ଟିରୁ ନାଉଗାଁ ବ୍ଲକର ୪ ବିଦ୍ୟାଳୟ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। ତେଣୁ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକମାନେ ମଧ୍ୟ ନିକଟସ୍ଥ ବିଦ୍ୟାଳୟରେ ନିଯୁକ୍ତ ହୋଇସାରିଲେଣି। ୧୫ ଦିନ ହେଲା ଏହି ବ୍ଲକ ଅଧୀନ କୋରୁଆ ପଞ୍ଚାୟତର ଧୂଆଁପଦା ପ୍ରାଥମିକ ବିଦ୍ୟାଳୟ କୋରୁଅ ଉ.ପ୍ରା ବିଦ୍ୟାଳୟରେ ଓ ଜାମୁଗାଁ ପଞ୍ଚାୟତର ଜଳଶରପଡ଼ା ପ୍ରାଥମିକ ବିଦ୍ୟାଳୟ ଛତିଆନା ପ୍ରାଥମିକ ବିଦ୍ୟାଳୟରେ ମିଶି ସାରିଛି। ଶିକ୍ଷକମାନେ ମଧ୍ୟ ନୂତନ ବିଦ୍ୟାଳୟରେ ଯୋଗ ଦେଇସାରିଛନ୍ତି। କିନ୍ତୁ ଗ୍ରାମବାସୀ ଏହି ବିଦ୍ୟାଳୟ ମିଶ୍ରଣକୁ ବିରୋଧ କରିଆସୁଛନ୍ତି। ସେମାନେ ପିଲାମାନଙ୍କୁ ନୂତନ ବିଦ୍ୟାଳୟକୁ ଛାଡିବାକୁ ରାଜି ହେଉନାହାନ୍ତି। ତେଣୁ ଏହି ଦୁଇ ସ୍କୁଲର ପିଲା ନୂତନ ସ୍କୁଲକୁ ନ ଯାଇ ପୂର୍ବପରି ସେମାନଙ୍କ ବିଦ୍ୟାଳୟକୁ ଆସୁଛନ୍ତି। ଶିକ୍ଷକ ନ ଥିବାରୁ ଗ୍ରାମବାସୀ ସେମାନଙ୍କୁ ପଢାଉଛନ୍ତି। ଧୂଆଁପଦା ଗ୍ରାମବାସୀଙ୍କ କହିବା କଥା ହେଲା, ଧୂଆଁପଦା ପ୍ରାଥମିକ ବିଦ୍ୟାଳୟରେ ପିଲା ସଂଖ୍ୟା ୨୧ ରହିଛି। ଏହି ବିଦ୍ୟାଳୟଳକୁ କୋରୁଅ ଉପ୍ରା ବିଦ୍ୟାଳୟ ସହ ମିଶ୍ରଣ କରାଯାଇଛି। ତେବେ କୋରୁଅ ଉପ୍ରା ବିଦ୍ୟାଳୟ ଧୂଆଁପଦାଠାରୁ ଦେଢକିମି ଦୂର। ନାଉଗାଁ-ଗାରୋଇ ମୁଖ୍ୟ ରାସ୍ତା ଦେଇ ଏହି ବିଦ୍ୟାଳୟକୁ ଯିବାକୁ ହୋଇଥାଏ। ଏହି ରାସ୍ତାରେ ପ୍ରତ୍ୟେହ ଭାରିଯାନ ଓ ଅନ୍ୟାନ୍ୟ ଗାଡ଼ି ଚଳାଚଳ କରୁଛି। ତେଣୁ ଛୋଟ ପିଲାମାନେ ଏହି ରାସ୍ତାରେ ଏତେଦୂର ଯିବା ନିରାପଦ ନୁହେଁ। ଗ୍ରାମର ଲୋକମାନେ ଚାଷ ଉପରେ ନିର୍ଭର କରି ଚଳନ୍ତି। ତେଣୁ ସେମାନେ ପିଲାଙ୍କୁ ପ୍ରତ୍ୟେହ ସ୍କୁଲରେ ନେଇ ଛାଡ଼ିବା ସମ୍ଭବ ନୁହେଁ। ତେଣୁ ବିଦ୍ୟାଳୟ ମିଶ୍ରଣକୁ ବିରୋଧ କରି ସେମାନେ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। କିନ୍ତୁ ଏହା କିଛି ସୁଫଳ ମିଳିନାହିଁ। ପିଲା ପଛେ ପାଠ ନ ପଢନ୍ତୁ, ସେମାନେ କୋରୁଅ ବିଦ୍ୟାଳୟକୁ ସେମାନଙ୍କୁ ଛାଡ଼ିବେ ନାହିଁ। ସେହିପରି ଜଳଶରପଡ଼ା ଗ୍ରାମବାସୀ କହିଛନ୍ତି ଯେ ସେମାନଙ୍କ ଗ୍ରାମଠାରୁ ଛତିଆନା ବିଦ୍ୟାଳୟ ୩ ଶହ ମିଟର ଦୂର। ତାଙ୍କ ବିଦ୍ୟାଳୟରେ ଅଧିକାଂଶ ଛାତ୍ରୀଛାତ୍ର ଦଳିତ ବର୍ଗର। ଫଳରେ ସେମାନେ ନିଜ ବିଦ୍ୟାଳୟ ଛାଡି ଅନ୍ୟତ୍ର ଯିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହି ସମସ୍ୟା ସମାଧାନ ନ ହେଲେ କୋମଳମତି ଛାତ୍ରୀଛାତ୍ର ଶିକ୍ଷାଲାଭରୁ ବଞ୍ଚିତ ହେବାର ଆଶଙ୍କା ରହିଛି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ନାଉଗାଁ ବ୍ଲକ ଶିକ୍ଷା ଅଧିକାରୀ ଗଣେଶ୍ୱର ସେଠୀ କହିଛନ୍ତି ଯେ, ଯେହେତୁ ଉକ୍ତ ୨ ବିଦ୍ୟାଳୟରେ ଉପସ୍ଥାନ କମ୍ ରହିଛି, ତେଣୁ ନିୟମ ଅନୁଯାୟୀ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି।



ଟେଲିତୋଳ ବାଲିଯାତ୍ରା ଉତ୍ସବରେ ବିଧାୟିକା ରାଜଶ୍ରୀ ମଲ୍ଲିକ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଟେଲିତୋଳ ବାଲିଯାତ୍ରାରେ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**ତିର୍ତ୍ତୋଲ, ୨୯।୧୧ (ଡି.ଏନ.ଏ.)**

ତିର୍ତ୍ତୋଲ ନିକଟ ମହାନଦୀ ପଠା ଗୋପିଆକୁଦଠାରେ ଚାଲିଥିବା ଟେଲିତୋଳ ବାଲିଯାତ୍ରା ସାଂସ୍କୃତିକ ମଣ୍ଡପରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକ ଉପସ୍ଥିତ ରହି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବହୁ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏନସିସି ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ସୌମ୍ୟରଞ୍ଜନ ପରିଜାଙ୍କ ସମେତ ତିର୍ତ୍ତୋଲ କଲେଜର ଏନସିସି ମୁଖ୍ୟ, ଏନସିସି କ୍ୟାଡେଟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ଜିଲାପରିଷଦ ସଭ୍ୟ ପ୍ରବୀର ରାୟ, ସନାତନ ଦଳାଇ, ଲିପାଲି ରାଉଳ, ତପନ ମହାନ୍ତି, ଦୀପକ ଦାସ, ରମାକାନ୍ତ ରାଉଳ, ଅମର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସଭ୍ୟ ଅଲେଖ ସାହୁ, ସମିର ମହାପାତ୍ର, ତୁଷାର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଜିଜ୍ଞାସା ସୃଷ୍ଟି କରେ ବିଜ୍ଞାନ ମେଳା

**ନାଉଗାଁ, ୨୯।୧୧ (ସ୍ୱ.ପ୍ର.)**



ଛାତ୍ରୀଛାତ୍ର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜିଜ୍ଞାସା ମନୋଭାବ ସୃଷ୍ଟି କରେ ବିଜ୍ଞାନ ମେଳା। ଏପରି କି ପିଲାମାନେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ନିଜର ଅନ୍ତର୍ନିହିତ ଶକ୍ତିର ବିକାଶ କରିବାର ସୁଯୋଗ ପାଇଥାନ୍ତି ବୋଲି ନାଉଗାଁ ବ୍ଲକ ଗୋପବନ୍ଧୁ ସ୍ମାରକୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଆୟୋଜିତ ଜବାହାରଲାଲ ନେହେରୁ ବିଜ୍ଞାନ, ଗଣିତ ଓ ପରିବେଶ ମେଳାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ବିଜ୍ଞାନ ମେଳାକୁ ଜିଲା ପରିଷଦ ସଭ୍ୟ ସୁବଳ ବେହେରା ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଗଣେଶ୍ୱର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତିରୁଣା ସରପଞ୍ଚ ନିରୁପମା ଦାସ, ସମିତି ସଭ୍ୟ ଝୁମୁରୀ ମଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହେମନ୍ତ ପରିଡ଼ା, ବିଜ୍ଞାନ ପ୍ରକଳ୍ପ ପରିଦର୍ଶକ ସୁବାସ ଚନ୍ଦ୍ର ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ତୋଷ କୁମାର ସ୍ୱାଇଁ ଅତିଥି ପରିଚୟ ଓ ନିରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷକ ବଂଶୀଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମୋଟ୍ ୭୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅପରାହ୍ନରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନ ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ ବେହେରା, ପବିତ୍ର କର, ବ୍ଲକ ପ୍ରକଳ୍ପ ସଂଯୋଜକ ବାଇଧର ତ୍ରିପାଠୀ, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଅଧକ୍ଷ ଜଟାଧରୀ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସ ଯୋଗ ଦେଇଥିଷଲ। ସୁକାନ୍ତ କୁମାର ଲେଙ୍କା ଅତିଥି ପରିଚୟ ଓ ଅମୂଲ୍ୟ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁଧୀର କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ୧୦ଟି ପ୍ରକଳ୍ପକୁ ଜିଲାସ୍ତରକୁ ମନୋନିତ ହୋଇଥିଲା। ବିଜ୍ଞାନ ମେଳାକୁ ସିଆରସିସି କାଳନ୍ଦୀ ଚରଣ ବିଶ୍ୱାଳ, ସ୍ନେହାଶିଷ ପ୍ରଧାନ, ଫକୀର ଚରଣ ସ୍ୱାଇଁ, ସୁଧୀର କୁମାର ବିଶ୍ୱାଳ, ସୁପ୍ରଭା ବେହେରା, ମିତା ସାମଲ, ରଞ୍ଜିତା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ମଡେଲ ପୋଲିସର ମକଡ୍ରିଲ୍

**ପାରାଦୀପ, ୨୯।୧୧ (ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲାର ପ୍ରଥମ ମଡ଼େଲ ଥାନା ପାରାଦୀପ ପକ୍ଷରୁ ଗୁରୁବାର ଏକ ସ୍ୱତନ୍ତ୍ର ମକଡ୍ରିଲ୍ କରାଯାଇଛି। ସାଦା ପୋଷାକଧାରୀ ପୋଲିସ ଡକାୟତ ବେଶରେ ହାତରେ ବନ୍ଧୁକ, ଭୁଜାଲି ଧରି ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ୍‌ରେ ପଶିଥିଲେ। କ୍ୟାଶିୟର, ମ୍ୟାନେଜର ଓ ଗ୍ରାହକଙ୍କୁ ଭୟଭୀତ କରି ଟଙ୍କା ଲୁଟିବା ପାଇଁ ପ୍ରୟାସ କରିଥିଲେ। ସେତେବେଳେ ବ୍ୟାଙ୍କ ଭିତରେ ଥିବା ସିକ୍ୟୁରିଟି, ବ୍ୟାଙ୍କ କର୍ମଚାରୀ ଓ ବାହାରେ ଜଗିଥିବା ପୋଲିସ କିପରି ସେମାନଙ୍କୁ ମୁକାବିଲା କରୁଛନ୍ତି ଏବଂ ଲୁଟ୍ ବେଳେ କ'ଣ ପଦକ୍ଷେପ ନେବା ଦରକାର ସେ ସମ୍ପର୍କରେ ଏହି ମକଡ୍ରିଲରେ ଦର୍ଶାଯାଇଥିଲା। ତେବେ ୬ ମିନିଟ୍‌ର ଏହି ଘଟଣା ସମସ୍ତଙ୍କୁ ବାସ୍ତବ ଭଳି ଲାଗିଥିଲା। କେତେଜଣ ଗ୍ରାହକ ଓ ବ୍ୟାଙ୍କ ବାହାରେ ଥିବା ଗୃହରକ୍ଷୀ ଡକାୟତ ଭୂମିକାରେ ଥିବା ପୋଲିସ ସହ ସଂଘର୍ଷ କରିଥିଲେ। ଏଥିରେ ୨ଜଣ ସାମାନ୍ୟ ଆହତ ହୋଇଛନ୍ତି। ବ୍ୟାଙ୍କ୍ ଲେନ୍‌ରେ ଥିବା ୨୦ ବ୍ୟାଙ୍କର ସାଇରନ ବାଜି ଉଠିଥିଲା। ଏ ସମସ୍ତ କୌଶଳ ଏସ୍‌ପି ପ୍ରକାଶ ଆରଙ୍କ ଉଦ୍ୟମରେ ପ୍ରଦର୍ଶିତ ହୋଇଥିଲା। ଏ ସମ୍ପର୍କରେ ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ୨ ମାସ ହେଲା ଚୋରି ରୋକିବା ନିମନ୍ତେ ଗୃହ ବିଭାଗ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କରିଛି। ସେହି ଅନୁଯାୟୀ ପ୍ରତ୍ୟେକ ବ୍ୟାଙ୍କ୍‌କୁ ସଚେତନ କରାଯାଇଛି। ମାତ୍ର ହାତ ଗଣତି କେତୋଟି ବ୍ୟାଙ୍କକୁ ଛାଡ଼ି ଦେଲେ ଅନ୍ୟମାନେ ସୁରକ୍ଷା ବ୍ୟବସ୍ଥା କରୁନାହାନ୍ତି। ତେଣୁ ଏଭଳି ମକଡ୍ରିଲ କରାଯାଇଥିଲା।

## ଠିକା ଶ୍ରମିକଙ୍କ ମଜୁରି ଚୁକ୍ତି ସ୍ୱାକ୍ଷର



ଚୁକ୍ତିପତ୍ର ସ୍ୱାକ୍ଷର ଅବସରରେ ଉପସ୍ଥିତ ଶ୍ରମିକ ନେତା ଓ ଅନ୍ୟମାନେ।

**ପାରାଦୀପ, ୨୯।୧୧ (ସ୍ୱ.ପ୍ର.)**

ପାରାଦୀପ ବନ୍ଦର ଭିତରେ ଯାନ୍ତ୍ରିକରଣ ବ୍ୟବସ୍ଥାରେ କୋଇଲା ବୋଝେଇ-ଖଲାସୀ କାମ କରୁଥିବା ଚେନ୍ନାଇ ରାଧା ନାମକ କମ୍ପାନୀ ଓ ସେଥିରେ କାମ କରୁଥିବା ଠିକା ଶ୍ରମିକଙ୍କ ମଧ୍ୟରେ ନୂତନ ବର୍ଦ୍ଧିତ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱର ଏଏଲ୍‌ସି (କେନ୍ଦ୍ରୀୟ ସହକାରୀ ଶ୍ରମ ଆୟୁକ୍ତ) ଅଫିସରେ ଏନେଇ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ଉଦ୍ୟମରେ ଏହା ସଫଳ ହୋଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ପଣ୍ୟ କାରବାରରେ କାମ କରୁଥିବା ଶ୍ରମିକଙ୍କ ମାସିକ ଦରମା ୩୨୦୦ଟଙ୍କାରୁ ୩୪୦୦ ଟଙ୍କାକୁ ବୃଦ୍ଧି ଘଟିଛି। ଏଥିସହ ଅନ୍ୟାନ୍ୟ ଆନୁସଙ୍ଗିକ ଭତ୍ତାରେ ସେହି ହାରରେ ଦରମା ବଢ଼ିଛି ବୋଲି ସଂଘ ସଭାପତି ବାପି ସର୍ଖେଲ କହିଛନ୍ତି। ଏହି ତ୍ରିପାକ୍ଷିକ ବୈଠକରେ ଏଏଲ୍‌ସି ଅଭିମନ୍ୟୁ ଲେଙ୍କା, କମ୍ପାନୀର ଏଚ୍‌ଆର ଡିଜିଏମ୍ ଏ.ରମେଶ, ସଂଘର ସଭାପତି ସର୍ଖେଲଙ୍କ ସମେତ ସମ୍ପାଦକ ସମୀର ବିଶ୍ୱାଳ ଉପସ୍ଥିତ ଥିଲେ।

## ବିଜ୍ଞାନ ମେଳାରେ ୧୦୨ ପ୍ରକଳ୍ପ ପ୍ରଦର୍ଶିତ

**ଏରସମା, ୨୯।୧୧ (ସ୍ୱ.ପ୍ର.)**

ଏରସମା ହାଇସ୍କୁଲ ପରିସରରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ୧୦୨ ପ୍ରକଳ୍ପ ପଦର୍ଶିତ ହୋଇଥିଲା। ବିଡିଓ କୈଳାସ ଚନ୍ଦ୍ର ବେହେରା ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ବିଇଓ ଜୟନ୍ତ କୁମାର ରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ତହସିଲଦାର ଅଞ୍ଜଳି ତରାଇ ମୁଖ୍ୟଅତିଥି, ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପ୍ରମୋଦ କୁମାର ନାୟକ ମୁଖ୍ୟବକ୍ତା, ଏରସମା ହାଇସ୍କୁଲର ପ୍ରଧାନ ଶିକ୍ଷକ ଉତ୍ତମ ଚରଣ ନାୟକ, ଏବିଇଓ ଗୋଲେଖ ଚନ୍ଦ୍ର ପ୍ରଧାନ, ବିଜୟ କୁମାର ସେନାପତି, ରମେଶ ଚନ୍ଦ୍ର ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୧୦ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନିତ ହୋଇଥିଲା। ବିଇଓ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନ ସଭାରେ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ମୁଖ୍ୟ ଅତିଥି, ଜିଲା ବିଜ୍ଞାନ ପରିଦର୍ଶକ ସୁବାସ ଚନ୍ଦ୍ର ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭିରଙ୍ଗ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଭୟ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଲୋକନାଥ ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ସିଆରସିସି ଦିଲୀପ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ପ୍ରବଚନ କାର୍ଯ୍ୟକ୍ରମ

**ତିର୍ତ୍ତୋଲ, ୨୯।୧୧ (ଡି.ଏନ.ଏ.)**

ପିପ୍ପଳମାଧବସ୍ଥିତ ଧର୍ମେଶ୍ୱର ମହାଦେବ ମନ୍ଦିର ବେଢାରେ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାବାଜୀ ସତ୍ୟାନନ୍ଦ ଦାସ ପ୍ରବଚନ ଦେଇଥିଲେ। ଅଭୟ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାପତି ଜେନାମଣୀ ଶୈଳେନ୍ଦ୍ର କୁମାର ରାୟ, ସନ୍ତୋଷ ଦାସ, ବିଷ୍ଣୁ ଚରଣ କାନୁନଗୋ ପ୍ରମୁଖ ସହଯୋଗ କରିଥିଲେ।

## ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ବାଲିଆ, ୨୯।୧୧**

ବିରିଡ଼ି ବ୍ଲକ ପୂରଣ ପଞ୍ଚାୟତ ବିଜୁ ଯୁବ ବାହିନୀ ତରଫରୁ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସାମାଜିକ କର୍ମୀ ପ୍ରକାଶ ଦାସଙ୍କୁ ବିଜୁ ଯୁବ ବାହିନୀ ତରଫରୁ ମୁଁ ହିରୋ ଭାବେ ଚୟନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାମାଜିକ କର୍ମୀ ପ୍ରବୀର ଦାସଙ୍କ ସଞ୍ଚାଳନାରେ ଓ ବିଜୁ ଯୁବ ବାହିନୀର ସଭାପତି ମନୋଜ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବିଦ୍ୟାଧର ଦାସ, ସରପଞ୍ଚ ସୁଭଦ୍ରା ଭୋଇ, ସମିତି ସଭ୍ୟା ମିତାଲି ଭୋଇ, ପୂରଣ ପଞ୍ଚାୟତ ବିଜେଡି ସଭାପତି ସୁକାନ୍ତ ବାରିକ, ଯୁବନେତା କୃପାସିନ୍ଧୁ ଭୋଇ, ହେମନ୍ତ ମଲ୍ଲିକ ପ୍ରମୁଖ ଯୋଗ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଦିଲୀପ ଭୋଇ, କୋଷାଧକ୍ଷ ଜ୍ଞାନ ରଞ୍ଜନ ରାଉତଙ୍କ ସମେତ ସାଗର ଭୋଇ, ବିକାଶ ମହାପାତ୍ର, କୁମୁଦ ମହାକୁଡ୍ଡ, ନିର୍ମଳା ସ୍ୱାଇଁ, ମିତାଲି ସାହୁ, ଅଭୟ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## କାର୍ତ୍ତିକେଶ୍ୱର ଭସାଣି ଶୋଭାଯାତ୍ରା

**କୁଜଙ୍ଗ, ୨୯।୧୧ (ସ୍ୱ.ପ୍ର.)**

କୁଜଙ୍ଗରେ କାର୍ତ୍ତିକେଶ୍ୱଙ୍କ ଭସାଣି ଉତ୍ସବ ସମ୍ପନ୍ନ ହୋଇଛି। କୁଜଙ୍ଗ-ପାରାଦୀପ ଯୁବ ସାଂସ୍କୃତିକ ପରିଷଦ ପକ୍ଷରୁ ପାରମ୍ପରିକ ବାଦ୍ୟ ତାଳେ ତାଳେ ପ୍ରଭୁ କାର୍ତ୍ତିକେଶ୍ୱରଙ୍କୁ ବିସର୍ଜନ ପାଇଁ ମହାନଦୀକୁ ନିଆଯାଇଥିଲା। କମିଟି ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ବୀରେନ୍ଦ୍ର ବିଶ୍ୱାଳ, ପ୍ରସନ୍ନ ସାମନ୍ତରାୟ, ଜଗବନ୍ଧୁ ନାୟକ, ଯତିନ ପଟ୍ଟନାୟକ, ସଭାପତି ପ୍ରଭାତ ବେହେରା, ଉପସଭାପତି ଶିଶିର ନାୟକ, ବସନ୍ତ ପଲାଇ, ଫକୀର ଅଧିକାରୀ, ସାଧାରଣ ସମ୍ପାଦକ ସବ୍ୟସାଚୀ ମିଶ୍ର, ସହ ସମ୍ପାଦକ ଶିଶିର କୁମାର ଦାସ, ସଂଯୋଜକ ରବୀନ୍ଦ୍ର ନାୟକ, କୋଷାଧ୍ୟକ୍ଷ ସମୀର ସୂତାର, ପୂଜା କମିଟି ଅଧ୍ୟକ୍ଷ ନିତ୍ୟାନ୍ଦ ମହାନ୍ତି ଓ ପ୍ରଶାନ୍ତ କୁମାର ରାଉତ ପରିଚାଳନା କରିଥିଲେ।



କାର୍ତ୍ତିକେଶ୍ୱରଙ୍କ ମୂର୍ତ୍ତିକୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

■ ମାର୍କେଟ୍ କମ୍ପ୍ଲେକ୍ସ ଗୃହ ଆବଣ୍ଟନକୁ ନେଇ ବିବାଦ

# ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ କରିବାକୁ ଦାବି

**ରାହାମା, ୨୯।୧୧ (ଡି.ଏନ୍.ଏ.)**

ରାହାମା ବଜାର



ରାହାମାରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଗୃହ।

- ଲଟେରୀ ମାଧମରେ ଗୃହ ଆବଣ୍ଟନ କରିବାକୁ ଉଦ୍ୟମ
- ରାହାମା ବଜାର କମିଟିର ବିରୋଧ

ରାହାମା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ନିର୍ମିତ ମାକ୍ସେଟ କମ୍ପ୍ଲେକ୍ସ ଗୃହ ଆବଣ୍ଟନକୁ ନେଇ ଏବେ ବିବାଦ ସୃଷ୍ଟି ହୋଇଛି। ପୂର୍ବରୁ ନିର୍ମିତ ହୋଇଥିବା ମାର୍କେଟ୍ କମ୍ପ୍ଲେକ୍ସ ଆବଣ୍ଟନ ବେଳେ ଉଚ୍ଛେଦ ବ୍ୟବସାୟୀମାନଙ୍କୁ ଥଇଥାନ କରାଯାଇଥିବା ବେଳେ ଏଥର ଲଟେରୀ ମାଧରେ ଗୃହ ଆବଣ୍ଟନ କରିବାକୁ ଯୋଜନା ହେଉଛି। ଫଳରେ ବହୁ ଉଚ୍ଛେଦ ବ୍ୟବସାୟୀ ଦୋକାନ ଗୃହ ପାଇବାରୁ ବଞ୍ଚିତ ହେବେ। ତେଣୁ ସମ୍ପୃକ୍ତ ବ୍ୟବସାୟୀମାନେ ଏହାକୁ ବିରୋଧ କରିଛନ୍ତି। ସୂଚନା ଅନୁଯାୟୀ, ୨ ବର୍ଷ ତଳେ ଉଚ୍ଛେଦ ବ୍ୟବସାୟୀଙ୍କୁ ଅଗ୍ରାଧିକାର ଭିତ୍ତିରେ ମାର୍କେଟ କମ୍ପ୍ଲେକ୍ସ ଗୃହ ପ୍ରଦାନ କରିବାକୁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଏହାକୁ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ରାହାମା ବଜାର କମିଟି ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବଜାର କମିଟି ଅଭିଯୋଗ କରିଛି ଯେ ବିଭିନ୍ନ ନିୟମର ଆଳ ଦେଖାଇ ନିୟନ୍ତ୍ରିତ ବଜାର କମଟି ଦୋକାନ ଗୃହ ବଣ୍ଟନ ନିମନ୍ତେ ଏରସମା, କୁଜଙ୍ଗ ଓ ପାରାଦୀପ ଅଞ୍ଚଳରୁ ଦରଖାସ୍ତ ଗ୍ରହଣ କରିଛି। ଏଥିସହ ଲଟେରୀ ମାଧ୍ୟମରେ ସମ୍ପୃକ୍ତ ଲୋକଙ୍କୁ ଦୋକାନ ଗୃହ ଦେବାକୁ ବୋର୍ଡ ଅଧିବେଶନରେ ସଂକଳ୍ପ ପାରିତ ହୋଇଛି। ଫଳରେ ପୁରୁଷ ପୁରୁଷ ଧରି ଏହି ବଜାରରେ ଦୋକାନ କରି ଚଳିଆସୁଥିବା ବହୁ ବ୍ୟବସାୟୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯିବାର ଆଶଙ୍କା ଅଛି। ଜଗତ୍‌ସିଂହପୁର ରାହାମା ହାଟ ମଧ୍ୟରେ ୨୦୦୧ରେ ୧୦ଜଣ ଦୋକାନୀଙ୍କୁ ଉଚ୍ଛେଦ କରାଯାଇ ମାର୍କେଟ ଗୃହ ଦିଆଯାଇଥିଲା। ୨୦୦୩ ରେ ଦୁର୍ଗା ମଣ୍ଡପ ସମ୍ମୁଖରୁ ୧୦ଜଣ ବ୍ୟବସାୟୀଙ୍କୁ ଛେଦ କରାଯାଇ ମାର୍କେଟ କମ୍ପ୍ଲେକ୍ସ ଦିଆଯାଇଥିଲା।

୨୦୧୫ରେ ଉଚ୍ଛେଦ ବ୍ୟବସାୟୀଙ୍କ ମଧ୍ୟରୁ ମାତ୍ର ୨୧ ଜଣ କୁକୁଡା, ମାଛ ବ୍ୟବସାୟୀଙ୍କୁ ହାଟ ପିଣ୍ଡିରେ ଥଇଥାନ କରାଯାଇଛି। ଅବଶିଷ୍ଟ ବ୍ୟବସାୟୀଙ୍କୁ ଥଇଥାନର ପ୍ରତିଶ୍ରୁତି ଦେଇ ନିୟନ୍ତ୍ରିତ ବଜାର କମିଟି ଉପେକ୍ଷା କରୁଥିବା ଅଭିଯୋଗ ହୋଇଛି। ଏହି ବଜାର ତାଳପଡ଼ା ମୌଜାର ୨ ଗୋଚର ପ୍ଲଟ ନଂ. ୮୨୪ ଓ ୧୯୫୨ରେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ୨ ମହଲା ବିଶିଷ୍ଟ ଶତାଧିକ ଦୋକାନ ଗୃହ ନିର୍ମାଣ କରାଯାଇଛି। ଏହି ଗୃହ ନିର୍ମାଣ ବେଳେ ବ୍ୟବସାୟୀ ତଥା ଗ୍ରାହକଙ୍କ ଆଗ୍ରହକୁ ସମ୍ମାନ ଦେଇ ବଜାର କମିଟି ଓ ଅଞ୍ଚଳବାସୀ ପ୍ରଶାସନକୁ ସହଯୋଗ କରିଥିଲେ।

କିନ୍ତୁ ବର୍ତ୍ତମାନ ପ୍ରଶାସନ ସ୍ଥାନୀୟ ବ୍ୟବସାୟୀଙ୍କ ଭାଗ୍ୟ ଓ ଭବିଷ୍ୟତ ସହ ଲୁଚକାଳି ଖେଳୁଛି ବୋଲି ରାହାମା ବଜାର କମିଟି ସଭାପତି ଜଟାଧାରୀ ଦାସ, ସମ୍ପାଦକ ସୁନାକର ବେହେରା, କାର୍ଯ୍ୟକାରୀ ସଭାପତି ମନୋଜ ସାହୁ, ଶିକ୍ଷାବିତ୍ ଅଜୟ କୁମାର ସାହୁ, ଶ୍ରୀକାନ୍ତ ଦାସ, ଦୁର୍ଯ୍ୟୋଧନ ସ୍ୱାଇଁ, ତାପସ କୁମାର ମଲ୍ଲ, ସରୋଜ କୁମାର ଦାସ, ପ୍ରଦ୍ୟୁମ୍ନ ଦାସ, ଭିକାରୀ ଚରଣ ସେନାପତି, ସରୋଜ କୁମାର ସେଠୀ, ରବୀନ୍ଦ୍ର ନାଥ ପ୍ରଧାନ, ଚିନ୍ମୟ ଦାସ, ପ୍ରଶାନ୍ତ ସାହୁ, ବାଲୁଙ୍କେଶ୍ୱର ସେନାପତି, ରବିନାରାୟଣ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏପରି କି ଉଚ୍ଛେଦ ସମୟରେ ୨୦୧୫ ନଭେମ୍ବର ୧୭ରେ ଯେଉଁ ନିଷ୍ପତ୍ତି ନିଆଯାଇଥିଲା, ପ୍ରଶାସନ ତାକୁ ଅଣଦେଖା କରି ପ୍ରତିଶ୍ରୁତିରୁ ଓହରିଯାଇଛି। ତେଣୁ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।




## ସଂକ୍ଷେପରେ

### ୪୯ତମ ସନାତନ ଧର୍ମ ସମ୍ମିଳନୀ ପ୍ରସ୍ତୁତି ବୈଠକ

**ରାଜନଗର, ୨୯।୧୧(ଡିଏନଏ):** ଠାକୁର ଶ୍ରୀ ଶ୍ରୀ ଅଭିରାମ ଦେବଙ୍କ ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀର ୪୯ତମ ବାର୍ଷିକ ଧର୍ମ ସମ୍ମିଳନୀ ଆସନ୍ତା ଫେବୃୟାରୀ ମାସରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀ ବାରଗାଁର ଆରାଧାଦେବୀ ମା' ମାଟିଆମଙ୍ଗଳା ପୀଠରେ ଅନୁଷ୍ଠିତ ହେବ। ଏ ନେଇ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ ଆଜ୍ଞାମାଳ ଅଣାଯାଇଛି। ଏହି ଆଜ୍ଞାମାଳ ଉତ୍ସବରେ କରମଳା ଶାନ୍ତିଧାମ ଆଶ୍ରମର ସନ୍ଥ ବାବାଜୀ ଭୀମସେନ ଦାସ, ବଦ୍ରୀନାଥ ଦାସ, ଅଦ୍ୱୈତ୍ୟ ଦାସ, ବାବାଜୀ ଶ୍ରୀନିବାସ ଦାସ ଯୋଗ ଦେଇଥିଲେ। ଆଞ୍ଚଳିକ ଭକ୍ତଗୋଷ୍ଠୀ ସମ୍ମିଳନୀର ସଭାପତି ଅନନ୍ତ ଚରଣ ମହାନ୍ତି, ସଂପାଦକ ଅନ୍ତର୍ଯ୍ୟାମୀ ପରିଡା, ସେବକ ଅଭୟ ଦାସ, ପରୀକ୍ଷିତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହାଛଡା ଚାନ୍ଦିବାଉଁଶମୂଳ, ଘଡିଆମାଳ, ଭିତରଗଡ, ଇଶ୍ୱରପୁର, କଣ୍ଡିରା, ମହୁଲିଆ, କୁରୁଣ୍ଟି ପ୍ରଭୃତି ପଞ୍ଚାୟତର ଶ୍ରଦ୍ଧାଳୁମାନେ ସାମିଲ ହୋଇଥିଲେ।

### ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ



**ରାଜନଗର, ୨୯।୧୧ (ଡିଏନଏ):** ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ଜୁଣଗଡି ଗ୍ରାମରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀର ପଞ୍ଚାୟତ ସଭାପତି ନିର୍ମଳ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି ଧ୍ରୁବ ସାହୁ, ପଞ୍ଚାୟତ ସମିତି ସଭାପତି ଜୟୀରାମ ସେଠୀ , ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ବିରଞ୍ଚି ନାରାୟଣ ସ୍ୱାଇଁ, ସମିତି ସଭ୍ୟ ଅଞ୍ଜନ ଦାସ, ରବିନ୍ଦ୍ର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଅର୍ଜନ କରିଥିବା ମନୋଜ ଦେବ, କପିଳ ଦାସ, ଉଷାରାଣୀ ନାୟକ, ସରିତା ରାଉଳ, ସାଇରାଜ ସାହୁଙ୍କୁ ମୁଁ ହିରୋ ମୁଁ ଓଡିଶା ସମ୍ମାନରେ ସମ୍ମାନିତ କରାଯାଇଥିଲା।

### ଭାଜପାର ଜନ ପରାମର୍ଶ ପଦଯାତ୍ରା

**ମାର୍ଶାଘାଇ,୨୯।୧୧(ଡିଏନ୍ଏ):** ମାର୍ଶାଘାଇ ୨୫ନଂ ଜୋନ୍ ମଣ୍ଡଳ ଭାଜପାର ଜନ ପରାମର୍ଶ ପଦଯାତ୍ରା ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଇଂ ପ୍ରକାଶ ଚନ୍ଦ୍ର ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ବରିଷ୍ଠ ଭାଜପା ନେତା ଭୁବନ ମୋହନ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭାଜପା କର୍ମୀମାନେ ମାର୍ଶାଘାଇ ଜୁଣ ଛକରୁ ପଦଯାତ୍ରାରେ ବାହାରି ମାର୍ଶାଘାଇ ବଜାର ପରିକ୍ରମା କରିଥିଲେ। ଏହାପରେ ଗାଁ ମାର୍ଶାଘାଇ, ତୁଳସୀପୁର,କାନପୁର,ଦୁମୁକା,ବାଘଡିଆ ଏବଂ ଦର୍ଶିପୁର ଗ୍ରାମକୁ ପଦଯାତ୍ରାରେ ଯାଇ ଜନସାଧାରଣଙ୍କ ପରାମର୍ଶ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଉତ୍କଳ ପରିଡା,ଜିଲା ସାଧାରଣ ସଂପାଦକ ହେମନ୍ତ ପରିଡା, ସଂପାଦକ ପ୍ରସନ୍ନ ପରିଡା, ଯୁବମୋର୍ଚ୍ଚା ଉପ ସଭାପତି ସୁକାନ୍ତ ଦାସ,ବ୍ଲକ ଯୁବମୋର୍ଚ୍ଚା ସଭାପତି ବଳଭଦ୍ର ଦାସ,ବିକ୍ରମ କେଶରୀ ରାଉତରାୟ,ଭରତ ଯେନା,ଘନଶ୍ୟାମ ପ୍ରଧାନ,ଶୁକଦେବ ସ୍ୱାଇଁ,ନିର୍ମଳା ଚୌଧୁରୀଙ୍କ ସମେତ ଶତାଧିକ ଭାଜପା କର୍ମୀ ଯୋଗଦେଇ ଲୋକଙ୍କ ଠାରୁ ପରାମର୍ଶ ନେଇଥିଲେ। ବାଲଣା ଆଦମପୁର ଗ୍ରାମ ପରିକ୍ରମା ପରେ ମଣିକୁଣ୍ଡା,ହିନ୍ଦୁଳିଆ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଭାଜପା ଟିମ୍ ପଦଯାତ୍ରାରେ ଯାଇଥିଲେ।

# ଭିତରକନିକା: ଅତ୍ୟାଧୁନିକ ବୋଟ୍ ଚଳାଚଳ ବନ୍ଦ

**ରାଜନଗର,୨୯।୧୧(ଡିଏନଏ)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ଭିତରକନିକା ଜାତୀୟ ଉଦ୍ୟାନକୁ ଜଳପଥରେ ଯିବା ପାଇଁ ଉଦ୍ଦିଷ୍ଟ ଅତ୍ୟାଧୁନିକ ବୋଟ ଚଳାଚଳ ଗତ ୨ ମାସ ହେଲା ବନ୍ଦ ରହିଛି । ଫଳରେ ପର୍ଯ୍ୟଟକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ପ୍ରକାଶ ଯେ, ଭିତରକନିକା ପରିଭ୍ରମଣରେ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକମାନଙ୍କ ନୌବିହାର ପାଇଁ ଆଇସିଜେଡଏମପି ପକ୍ଷରୁ ୭ଟି ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ବୋଟ ଯୋଗାଇ ଦିଆଯାଇଛି। ୨୦୧୪ ମସିହାରୁ ଏହି ବୋଟଗୁଡିକୁ ପର୍ଯ୍ୟଟକମାନଙ୍କ ନୌବିହାର ପାଇଁ ବ୍ୟବହାର କରାଯାଉଛି। ମାତ୍ର ଚଳିତବର୍ଷ ଅକ୍ଟୋବର ମାସଠାରୁ ପର୍ଯ୍ୟଟକମାନେ ଭିତରକନିକାକୁ ବୁଲି ଆସୁଥିବା ବେଳେ ଏହି ବ୍ୟୟବହୁଳ ବୋଟଗୁଡିକର ଚଳାଚଳ ବନ୍ଦ ରହିଥିବାରୁ ପର୍ଯ୍ୟଟକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପର୍ଯ୍ୟଟକମାନେ ଗୁପ୍ତି ଓ ଖୋଲାଘାଟରୁ ଏହି ବୋଟରେ ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ଓ ନାଳ ଦେଇ ଯାତ୍ରା କରି ପ୍ରକୃତିର ଅନବଦ୍ୟ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି । ୨୦୧୬ ଜାନୁୟାରୀ ୧ ତାରିଖରୁ ୪ଟି ବିଳାସପୂର୍ଣ୍ଣ ବୋଟ ଓ ୩ଟି କାଟାମାରାନ ବୋଟର ପରିଚାଳନା ଭାର କେରଳର ସମୁଦ୍ର ସିପୟାର୍ଡ ପ୍ରାଇଭେଟ ଲିମିଟେଡ କମ୍ପାନୀକୁ ଠିକାରେ ଦିଆଯାଇଛି। ଏହି କମ୍ପାନୀ ବାର୍ଷିକ ୫ଲକ୍ଷ ୮୬ ହଜାର ଟଙ୍କାରେ ଏହି ବୋଟ ଚଳାଇବାକୁ ଠିକା ନେଇଛି। ମାତ୍ର ଗୁପ୍ତି ପ୍ରବେଶପଥ ନିକଟ ପାଟଶାଳା ନଦୀରେ ୭ଟି ବୋଟ ବନ୍ଧା ହୋଇ ରହିଥିବା ବେଳେ ଏହା ପର୍ଯ୍ୟଟକଙ୍କୁ ନୌଯାତ୍ରା ପାଇଁ ଦିଆଯାଉନାହିଁ। ଅକ୍ଟୋବର ପ୍ରଥମ ସପ୍ତାହରୁ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଛି। ଭିତରକନିକାରେ ପ୍ରତିଦିନ ଶହ ଶହ ପର୍ଯ୍ୟଟକଙ୍କ ଭିଡ ଜମୁଛି। ତେବେ ବିଳାସପୂର୍ଣ୍ଣ ନୌଯାତ୍ରା ସେବାରୁ ପର୍ଯ୍ୟଟକମାନେ ଗତ ଦୁଇମାସ ହେଲା ବଞ୍ଚିତ ହୋଇଥିବା ନେଇ ଅଭିଯୋଗ ହୋଇଛି। ଅକ୍ଟୋବର ପ୍ରଥମ ସପ୍ତାହରେ କାଟାମାରାନ ବୋଟ ଦୁଇଟି ଟ୍ରିପ କରିଥିଲା। ତେବେ ଅକ୍ଟୋବର ପ୍ରଥମ ସପ୍ତାହରୁ ଅଦ୍ୟାବଧି ଦୁଇମାସ ହେଲା ବିଳାସପୂର୍ଣ୍ଣ ବୋଟ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଛି। ବିଳାସପୂର୍ଣ୍ଣ ବୋଟରେ ନୌଯାତ୍ରା କରିବାକୁ ଚାହୁଁଥିବା ପର୍ଯ୍ୟଟକଙ୍କୁ ବୋଟ ଚାଲୁନି କହି ଫେରାଇ ଦିଆଯାଉଛି। ଏ ସଂପର୍କରେ ଫରେଷ୍ଟର ପ୍ରଦୀପ ସ୍ୱାଇଁଙ୍କୁ ପଚାରିବାରୁ ବିଳାସପୂର୍ଣ୍ଣ ବୋଟ ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥାର ମ୍ୟାନେଜର ଦୀର୍ଘଦିନ ହେଲା ଅନୁପସ୍ଥିତ ଅଛନ୍ତି। ତେଣୁ ବର୍ତ୍ତମାନ ବୋଟ ପର୍ଯ୍ୟଟକଙ୍କୁ ଦିଆଯାଉନାହିଁ ବୋଲି ସେ କହିଛନ୍ତି ।


ପାଟଶାଳା ନଦୀରେ ବନ୍ଧା ହୋଇ ରହିଥିବା ବୋଟ୍।

## ଗହୀରମଥାରୁ ଟ୍ରଲର ଜବତ: ୯ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୨୯।୧୧(ଡିଏନଏ)**

ରାଜନଗର ବ୍ଲକର ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ଗୁରୁବାର ବେଆଇନ ଭାବେ ମାଛ ମାରୁଥିବା ଏକ ଟ୍ରଲରକୁ ବନବିଭାଗ ଟିମ୍ ଜବତ କରିଛି। ଏଥିରେ ଥିବା ୯ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ। ଜବତ ଟ୍ରଲର ବଳରାମଗଡି ଅଞ୍ଚଳର ବୋଲି ଜଣାପଡିଛି। ଏହି ଟ୍ରଲରରୁ ସାଢେ ୬ କୁଇଣ୍ଟାଲ ମାଛ ସହ ୧୦ଟି ଜାଲ ଜବତ କରାଯାଇଛି। ଗହୀରମଥା ଅତିରିକ୍ତ ବନ ସଂରକ୍ଷକ ଶ୍ରୀରାମପଦ ଶ୍ରୀଅରବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ଏକ ପାଟ୍ରୋଲିଂ ଟିମ୍ ଅଲିଭରିଡଲେ କଇଁଛମାନଙ୍କ ସୁରକ୍ଷା ପାଇଁ ପଇଁତରା ଦେଉଥିବା ବେଳେ ବାବୁବାଲି ଦ୍ୱୀପ ନିକଟରୁ ଏହି ଟ୍ରଲରକୁ ଜବତ କରିଥିଲେ ।

## ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମୀକ୍ଷା ବୈଠକ

**ମାର୍ଶାଘାଇ ୨୯।୧୧(ଡିଏନଏ)**

ମାର୍ଶାଘାଇ ବ୍ଲକ ସଭାଗୃହରେ ଗୁରୁବାର କେନ୍ଦ୍ରାପଡା ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ପରିଡା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଶେଷକରି ବିଭିନ୍ନ ଆବାସ ଯୋଜନା ,ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ବିଜୁ ପକ୍କା ଘର , ଇନ୍ଦିରା ଆବାସ ଏବଂ ସ୍ୱଚ୍ଛ ଭାରତ ଅନ୍ତର୍ଗତ ପାଇଖାନା ନିର୍ମାଣର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ। ଏହାଛଡା ଏହିସବୁ ଯୋଜନା କାର୍ଯ୍ୟକାରୀ କରିବାରେ ତତ୍ପରତା ପ୍ରକାଶ କରିବାକୁ ବିଡିଓ ସୁବାଦାର ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅଶୋକ କୁମାର ବେଉରା,ସହକାରୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର କାନୁନଗୋ, କନିଷ୍ଠ ଯନ୍ତ୍ରୀ,ବିଭିନ୍ନ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।।

## ମହିଁଷାସୁର ପଞ୍ଚାୟତରେ ୧୧ ପ୍ରକଳ୍ପର ଶିଳାନ୍ୟାସ

**ରାଜନଗର,୨୯।୧୧(ଡିଏନଏ)**

ରାଜନଗର ବ୍ଲକର ମହିଁଷାସୁର ପଞ୍ଚାୟତରେ ଆମ ଗାଁ ଆମ ବିକାଶ ଯୋଜନାରେ ୧୧ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ନିକଟରେ ବିଜୁ ଜନତା ଦଳର ଜନସଂପର୍କ ପଦଯାତ୍ରା ଅବସରରେ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ, ସରପଞ୍ଚ ପ୍ରତିଭା ମହାନ୍ତି, ସମିତି ସଭ୍ୟ ପ୍ରଶାନ୍ତ କୁମାର ରାଉତ ଏହି ପ୍ରକଳ୍ପଗୁଡିକର ଶିଳାନ୍ୟାସ କରିଥିଲେ। ଧନେଶ୍ୱରପୁର ମା' ବୁଢୀ ଖରାଖାଇ ଗୋଷ୍ଠୀକେନ୍ଦ୍ରକୁ ଉଦ୍‌ଘାଟନ କରାଯାଇଥିବା ବେଳେ ମଙ୍ଗରାଜପୁରର ମା'ପାଟକୁମାରୀ ଗୋଷ୍ଠୀ କେନ୍ଦ୍ର, ତରପଦାର ମା' ସିଦ୍ଧବାସୁଳେଇ ଗୋଷ୍ଠୀକେନ୍ଦ୍ର, ମହିଁଷାସୁରର ଲଚ୍ଛମନଜୀଉ ଗୋଷ୍ଠୀକେନ୍ଦ୍ର, ମା' ପାଟକୁମାରୀ ଯୁବ ବିକାଶ କେନ୍ଦ୍ର, ଲକ୍ଷ୍ମୀ ନାରାୟଣ ଗୋଷ୍ଠୀକେନ୍ଦ୍ର, ଗୁଲୁଦିଆର ଅନ୍ତର୍ଯ୍ୟାମୀ ଯୁବ ବିକାଶ କେନ୍ଦ୍ର, ଚଣ୍ଡିଆପଲ୍ଲୀର ଚଣ୍ଡେଶ୍ୱର ଗୋଷ୍ଠୀକେନ୍ଦ୍ର, ବାଘୁଆର ନିମନାହାକାଣୀ ଗୋଷ୍ଠୀକେନ୍ଦ୍ର, କହ୍ନୁଆର ମହାବୀର ମନ୍ଦିର ନିକଟରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଏହି ଜନସଂପର୍କ ପଦଯାତ୍ରା ଓ ପ୍ରକଳ୍ପ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗବନ୍ଧୁ ନାୟକ, ସୁରେନ୍ଦ୍ର ପ୍ରସାଦ ରାଉତ, ଜିଲା ପରିଷଦ ସଭ୍ୟ ରବିନ୍ଦ୍ର ନାଥ ସେଠୀ, ବ୍ଲକ ବିଜେଡି ଉପସଭାପତି ଗୋବର୍ଦ୍ଧନ ପ୍ରଧାନ, କୋଷାଧ୍ୟକ୍ଷ ବାଇଧର ସେଠୀ, ସାଧାରଣ ସଂପାଦକ ନରହରି ଜେନା, ବରିଷ୍ଠନେତା ନୃସିଂହ ଚରଣ ପଡିହାରୀ, ଛାତ୍ର ବିଜେଡି ସଭାପତି ପ୍ରକାଶ କୁମାର ତାଡୁ ପ୍ରମୁଖ ସାମିଲ ହୋଇଥିଲେ।

### ଅଗ୍ନି ବିପନ୍ନଙ୍କୁ ଭେଟିଲେ ବିଧାୟକ

**ମାର୍ଶାଘାଇ, ୨୯।୧୧ (ଡିଏନ୍ଏ)**

ମାର୍ଶାଘାଇ ବ୍ଲକ ଅଙ୍ଗୁଲାଇ ପଞ୍ଚାୟତ ବାଲିସାହି ଗ୍ରାମର ଗଣେଶ ଦାସ ଏବଂ ବିଜୟାନନ୍ଦ ମହାନ୍ତିଙ୍କ ଘରେ ରବିବାର ଅଗ୍ନିକାଣ୍ଡ ଘଟି ୨ ବଖରା ଭସ୍ମୀଭୂତ ହୋଇ ଯାଇଥିଲା। ମହାକାଳପଡା ବିଧାୟକ ମଙ୍ଗଳବାର ଏହି ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ଆବାସ ଯୋଜନାରେ ଉଭୟ ବିପନ୍ନ ପରିବାରଙ୍କୁ ଗୃହ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ଗାହାଣ,ଯୁବନେତା ଶିକ୍ଷାଂଶୁ ଲେଙ୍କା,ଜ୍ଞାନ ରଞ୍ଜନ ମହାରଣା ପ୍ରମୁଖ ବିଧାୟକଙ୍କ ସହିତ ଉପସ୍ଥିତ ଥିଲେ।

## ମୋଟର ଚାଳକ ସଂଘ ପକ୍ଷରୁ ସଫେଇ

**ପଟ୍ଟାମୁଣ୍ଡାଇ, ୨୯।୧୧ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ମୋଟର ଚାଳକ ସଂଘ ପକ୍ଷରୁ ଗୁରୁବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କରାଯାଇଥିଲା । ସ୍ୱଚ୍ଛ ଭାରତ ଅଭିଯାନରେ ମୋଟର ଚାଳକ ସଂଘ ସଭାପତି ରାଜ କିଶୋର ଦାଶଙ୍କ ନେତୃତ୍ୱରେ ୩୦ଜଣ ମୋଟର ଚାଳକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଅଳିଆ ସଫା କରି ପୋଡି ଦେଇଥିଲେ । ଏହି ସଫେଇ କାର୍ଯ୍ୟକ୍ରମରେ ସମ୍ପାଦକ ଦାଶରଥି ସାହୁ, ଲୋକମାନ ଖାନ୍, ସୁକାନ୍ତ ସାମଲ, ଦିଲିପ ମଲିକ, ରବିନ୍ଦ୍ର ମଲିକ, ସୁମନ ଦାସ, ଶୁଭ ଚନ୍ଦନ ବିଶ୍ୱାଳ, ହେମନ୍ତ ମହାନ୍ତି , ତୁଷାର ମଲିକ, ରଞ୍ଜିତ ମଲିକ, ପ୍ରକାଶ ଗିରି, ବାବୁଲି ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ ।



ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ ଅବସରରେ ସଂଘର ସଦସ୍ୟମାନେ।

## ପୂଜ୍ୟପୂଜା ସମ୍ବର୍ଦ୍ଧନା ସଭା

**ପଟ୍ଟାମୁଣ୍ଡାଇ,୨୯।୧୧(ସ୍ୱ.ପ୍ର)**

ସମାଜରେ ଏବେ ବି ପୂଜ୍ୟପୂଜାର ଆଦର ଓ ସମ୍ମାନ ରହିଛି । ବୟସ୍କ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ପରାମର୍ଶ ବିନା ସଂସ୍କାର ଓ ସଂସ୍କୃତି ତିଷ୍ଠି ରହିବା ସମ୍ଭବ ନୁହେଁ ବୋଲି ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧୀନ ପାଳପାଟଣା ଗ୍ରାମରେ ପୂଜ୍ୟପୂଜା ପରିଷଦ ପକ୍ଷରୁ ନିକଟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି । ଏହି ଅବସରରେ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ଉତ୍ସବରେ ଶିକ୍ଷାବିତ୍ ବୀରେନ କୁମାର ପ୍ରଧାନ ପୌରୋହିତ୍ୟ କରିଥିଲେ । ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ନୃସିଂହ ଚରଣ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ପଟ୍ଟାମୁଣ୍ଡାଇ ଥାନା ଅଧିକାରୀ ପ୍ରମୋଦ କୁମାର ମଲିକ ଯୋଗଦେଇ କହିଥିଲେ ଯେ, ଗୁରୁ ଗୁରୁଜନ ଓ ବରିଷ୍ଠ ନାଗରିକମାନେ ଯୁବପୀଢିମାନଙ୍କର ସମ୍ପତ୍ତି । ସେମାନଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେଲେ ପିଲାମାନେ ଜଣେ ଜଣେ ଉତ୍ତମ ନାଗରିକ ହୋଇପାରିବେ ବୋଲି କହିଥିଲେ । ପୂଜ୍ୟପୂଜାର ପରମ୍ପରା ଓ ପୂଜାର୍ଚ୍ଚନା ଓଡ଼ିଆ ଜାତିର ମହନୀୟତା ବହନ କରୁଥିବା ବେଳେ ଏହାକୁ ବଜାୟ ରଖିବା ପ୍ରତ୍ୟେକ ନାଗରିକଙ୍କ ପାଇଁ ଜରୁରୀ ବୋଲି ମତ ରଖିଥିଲେ । ଏହି ଗ୍ରାମର ପ୍ରବାସୀ ନାଗରିକ ଅନନ୍ତ ଚରଣ ନାୟକ, ବିଏନଏନଆର ସ୍କୁଲ ଅଧ୍ୟକ୍ଷ ବିଭୂତି ଭୂଷଣ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଞ୍ଚାୟତର ବରିଷ୍ଠ ନାଗରିକ ପୁରୁଷୋତ୍ତମ ପଣ୍ଡା, ଜଗବନ୍ଧୁ ପଣ୍ଡା, ଶ୍ୟାମ ସୁନ୍ଦର ପଣ୍ଡା, ବିଷ୍ଣୁ ଚରଣ ଭୂୟାଁ, କେଶବ ନାୟକ, ବାବାଜୀ ମହାନ୍ତି , କସ୍ତୁରୀ ଚରଣ ପଣ୍ଡାଙ୍କ ସମେତ ୨୪ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯଯାତି କୁମାର ସାହୁ, ପ୍ରଦୀପ କୁମାର ସାହୁ, ଦିବାକର ଭୂୟାଁ, ଅପୂର୍ବ ରଞ୍ଜନ ଭୂୟାଁ, ହିମାଂଶୁ ପାତ୍ର, ଅଭୟ ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ କଳ୍ପତରୁ ଭୂୟାଁ ଧନ୍ୟବାଦ ଦେଇଥିଲେ ।

# ଗାଁ ମାଟିକୁ ନେଇ ଆଗାମୀ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖିବାକୁ ଆହ୍ୱାନ


ଗୁଣ୍ଠି ଗାଁ ମହୋତ୍ସବରେ ଅତିଥିମାନେ।


ମହୋତ୍ସବରେ ଉପସ୍ଥିତ କନିକା ରାଜା, ରାଣୀ ଓ ଅନ୍ୟମାନେ।

**ଗୁଣ୍ଠି ଗାଁ ମହୋତ୍ସବ**

**ପଟ୍ଟାମୁଣ୍ଡାଇ,୨୯।୧୧(ସ୍ୱ.ପ୍ର)**

ପାଶ୍ଚାତ୍ୟ ସଭ୍ୟତାର ମୋହମାୟାରେ ମଣିଷ ଆଜି ଅର୍ଥ ସର୍ବସ୍ୱ ହୋଇପଡିଛି । ଯେଉଁ ଗାଁ ମାଟି ତାର ଏକ୍ତିଆରଶାଳ ତାହାକୁ ଭୁଲି ସହର ଅଭିମୁଖୀ ହୋଇ ପଡିଛି । ତେବେ ଚିନ୍ତା ଓ ଚେତନା ଭିତରେ ଆଜିର ଯୁବ ସମାଜ ଗାଁ ମାଟିର ବାସ୍ନାକୁ ନେଇ ଆଗାମୀ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖିବା ଉଚିତ୍ ବୋଲି ଗତ ୫ ଦିନ ଧରି ଗୁଣ୍ଠି ଗ୍ରାମରେ ଅନୁଷ୍ଠିତ ଗାଁ ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ କହିଛନ୍ତି । ଗୁଣ୍ଠି ଗ୍ରାମର ଆରାଧ୍ୟା ଦେବୀ ବଜ୍ରମହାକାଳୀ ପୀଠରେ ଅନୁଷ୍ଠିତ କାର୍ତ୍ତିକେଶ୍ୱର ପୂଜା କମିଟିର ୧୭ତମ ବାର୍ଷିକ ଉତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଉତିକଣ ଚାଷୀ ମୂଲିଆ ସଂଗ୍ରାମ ସମିତିର ଆବାହକ ଭି. ରାଉତରାୟ ଉଦ୍‌ଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ କନିକା ରାଣୀ ମୃଣାଳିନୀ ଦେବୀ, କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ, ଜିଲା ବିଜେଡି ସଭାପତି ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନଗୋ, ତହସିଲଦାର ସରୋଜ କୁମାର ସ୍ୱାଇଁ, ଭାଜପା ଜିଲା ପ୍ରଭାରୀ ବିଜୟ ନାୟକ, ସାମାଜିକ କର୍ମୀ ସୁବାସ ଦାସ, ଜିଲା ପରିଷଦ ସଭାପତି ମାନସ ରଞ୍ଜନ ପରିଡା, ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ପ୍ରମୋଦ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇ କହିଥିଲେ ଯେ, ଗାଁ ମାଟିର ବାସ୍ନା ଓ ଭାଇଚାରା ସମସ୍ତଙ୍କୁ ଗୋଟିଏ ଡୋରିରେ ବାନ୍ଧି ରଖିଛି । ଯାହା ଝଲମଲ୍ କରୁଥିବା ସହରରେ ଦେଖିବାକୁ ମିଳେନାହିଁ । ଏହି ଉତ୍ସବରେ ପ୍ରାକ୍ତନ ବିଧାୟକ ଅଲେଖ କୁମାର ଜେନା, ସୁକାନ୍ତ ପାତ୍ର, ବିଜେଡି ନେତା ସୁରେନ୍ଦ୍ର ରାଉତ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଗୁଣ୍ଠି ଗ୍ରାମର କଳାକାର ନିରଞ୍ଜନ ସାହୁ, ବିଷ୍ଣୁ ଚରଣ ନାଥ, ଶିକ୍ଷାବିତ୍ ଅନାଦି ଚରଣ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିବା ଗ୍ରାମର ନୃତ୍ୟ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୁଣ୍ଠି ଗ୍ରାମବାସୀ ଓ ପୂଜା କମିଟିର ସଦସ୍ୟମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଭାରତ ବିରୋଧରେ ପାକିସ୍ତାନ ସାମାପାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଯାଏ କର୍ତ୍ତାରପୁର କରିଡରର କିଛି ମୂଲ୍ୟ ନାହିଁ ।
- ହରଦୀପ ସିଂ ପୁରୀ, କେନ୍ଦ୍ରମନ୍ତ୍ରୀ

## ସଂକ୍ଷେପରେ

### ଅରବିନ୍ଦ ସାକ୍ସେନା ୟୁପିଏସ୍‌ସି ଅଧ୍ୟକ୍ଷ



ନୂଆଦିଲ୍ଲୀ,୨୯।୧୧(ପି.ଟି.)-ଅରବିନ୍ଦ ସାକ୍ସେନା ଗୁରୁବାର କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ସେ ୨୦୨୦ ଅଗଷ୍ଟ ୭ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। ପ୍ରଶାସନିକ ସେବା, ବିଦେଶ ସେବା ଏବଂ ପୋଲିସ ଅଧିକାରୀ ଚୟନ ପରୀକ୍ଷା ପରିଚାଳନା କରୁଥିବା ୟୁପିଏସ୍‌ସିରେ ସାକ୍ସେନା ଗତ ଜୁନ୍ ୨୦ରୁ କାର୍ଯ୍ୟକାରୀ ମୁଖ୍ୟ ଭାବେ କାର୍ଯ୍ୟକରି ଆସୁଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କ ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ୨୦୧୫ ମେ ୮ରେ ୟୁପିଏସ୍‌ସିରେ ଯୋଗଦେବା ପୂର୍ବରୁ ସାକ୍ସେନା ବିମାନ ଚଳାଚଳ ଗବେଷଣା କେନ୍ଦ୍ର (ଏଆରସି) ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ଦିଲ୍ଲୀ ଆଇଆଇଟିରୁ ସିଷ୍ଟମ ମ୍ୟାନେଜମେଣ୍ଟରେ କେବଳ ତାଙ୍କ ପିଏଚ୍‌ଡି କରିଥିବା ସାକ୍ସେନା ୧୯୭୮ରେ ଭାରତୀୟ ଡାକସେବାରେ ଯୋଗଦେଇଥିଲେ। ୧୯୮୮ରୁ ସେ କ୍ୟାବିନେଟ ସଚିବାଳୟରେ କାର୍ଯ୍ୟ କରୁଥିଲେ।

### ନୌସେନା ଅଧିକାରୀଙ୍କ ନାଁରେ ମାମଲା

ପୁଣେ,୨୯।୧୧(ପି.ଟି.)- ସ୍ତ୍ରୀଙ୍କ ଆପତ୍ତିଜନକ ଫଟୋ ଅନଲାଇନ୍ ଆପ୍ଲିକେଶନ୍‌ରେ ଅପ୍‌ଲୋଡ କରିବା ଅଭିଯୋଗରେ ନୌସେନା କମାଣ୍ଡରଙ୍କ ବିରୋଧରେ ପୁଣେ ପୋଲିସ ମାମଲା ରୁଜୁ କରିଛି। ସ୍ତ୍ରୀଙ୍କ ଅଶ୍ଳୀଳ ଚିତ୍ର ପ୍ରତି ସ୍ୱାମୀଙ୍କର ଦୁର୍ବଳତା ରହିଥିବା ମହିଳା ଜଣଙ୍କ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ସ୍ୱାମୀ ତାଙ୍କ ଅଭ୍ୟାସ ତ୍ୟାଗ କରୁ ନ ଥିବାରୁ ସେ ଏବେ ପିଲାଙ୍କ ସହ ବାପଘରେ ରହୁଥିବା କହିଛନ୍ତି। ମହିଳା ଜଣକ ମଧ୍ୟ ଜଣେ ପୂର୍ବତନ ସେନା ଅଧିକାରୀ। ସେ ଗତ ମାସରେ ପରିବାର ଅଦାଲତରେ ଛାଡ଼ପତ୍ର ଲାଗି ଆବେଦନ କରିଛନ୍ତି। ନୌସେନା କମାଣ୍ଡର କେବଳ ତାଙ୍କ ସ୍ତ୍ରୀଙ୍କ ନୁହେଁ, ତାଙ୍କ ବନ୍ଧୁପତ୍ନୀ ଓ ଅନ୍ୟ ମହିଳାମାନଙ୍କ ଫଟୋ ମଧ୍ୟ ଅନ୍‌ଲାଇନରେ ଅପ୍‌ଲୋଡ କରିଛନ୍ତି।

### ରବର ପ୍ଲାଣ୍ଟରେ ନିଆଁ: ୩ ଦଗ୍ଧ

ବଡ଼ୋଦରା,୨୯।୧୧(ପି.ଟି.)-ଗୁଜରାଟର ବଡ଼ୋଦରାସ୍ଥିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ କମ୍ପ୍ଲେକ୍ସର ରବର ପ୍ଲାଣ୍ଟରେ ନିଆଁ ଲାଗି ୩ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଗୁରୁବାର ସକାଳେ ପଲିବୁଟାଡିଏନ୍ ରବର (ପିବିଆର୨) ପ୍ଲାଣ୍ଟରେ ଅଗ୍ନିକାଣ୍ଡ ଘଟିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ନିଆଁକୁ ଆୟତ୍ତ କରିଥିଲେ। ଗୁରୁତର ଆହତ ୩ ଜଣ କର୍ମଚାରୀଙ୍କର ହସ୍ପିଟାଲରେ ମୃତ୍ୟୁ ହୋଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ଏହାର ତଦନ୍ତ କରାଯିବ ବୋଲି କମ୍ପାନୀ କହିଛି।

### ୨ ଆତଙ୍କବାଦୀ ନିହତ

ଶ୍ରୀନଗର,୨୯।୧୧(ପି.ଟି.)- ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଉଭୟେ ହିଜବୁଲ କମାଣ୍ଡର ରିୟାଜ ନାଇକୁଙ୍କ ଘନିଷ୍ଠ ସହଯୋଗୀ। ଅନ୍ତର୍ଣ୍ଣିପୋରା ଅଞ୍ଚଳର ଶର୍ଶାଲିରେ ହିଜବୁଲ ମୁଜାହିଦିନ ଆତଙ୍କବାଦୀ ଲୁଚିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଘେରି ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଗୁଳିବର୍ଷା କରିଥିଲେ। ପାଲଟା ଜବାବରେ ଆତଙ୍କବାଦୀ ଅଜନାନ୍ ଅହମଦ ଲୋନ୍ ଓରଫ୍ ଉକାବ ଏବଂ ଆଦିଲ ବିଲାଲ ଭଟ ଓରଫ ଡାମାଇର ଅଲ ହିଜବି ଟଳି ପଡ଼ିଥିଲେ।

### ଇତିହାସର ଆଇନାରେ
### ନଭେମ୍ବର ୩୦ର ପ୍ରମୁଖ ଘଟଣା

୧୯୬୬ ମସିହା ନଭେମ୍ବର ୩୦ରେ ବାର୍ବାଡୋସ ଏକ ସ୍ୱାଧୀନ କମନଓ୍ୱେଲ୍ଥ ରାଷ୍ଟ୍ରର ପରିଚୟ ହାସଲ କରିଥିଲା। ରାଣୀ ଏଲିଜାବେଥ ଦ୍ୱିତୀୟ ଏହାର ରାଷ୍ଟ୍ରମୁଖ୍ୟ ହୋଇଥିଲେ। ବାର୍ବାଡୋସର ଲୋକସଂଖ୍ୟା ୨,୮୪,୯୯୬ ଜଣ। ଏମାନେ ମୁଖ୍ୟତଃ ଆଫ୍ରିକୀୟ।

୧୯୬୭ ନଭେମ୍ବର ୩୦ରେ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଗଠନ ହୋଇଥିଲା। ଜୁଲ୍ ଫିକର ଅଲି ଭୁଟ୍ଟୋ ଏହି ବାମପନ୍ଥୀ ସୋସିଆଲ ପ୍ରୋଗ୍ରେସିଭ ପାର୍ଟିର ପ୍ରତିଷ୍ଠାତା। ଏହି ଦଳ ଗଠନ ପରେ ୫ ଥର କ୍ଷମତାକୁ ଆସିଛି।

## ମୋଦିଙ୍କୁ ଭେଟିବାକୁ ଚାହାନ୍ତି ଇମ୍ରାନ୍
# ଆଲୋଚନା ପାଇଁ ଆଗ୍ରହୀ

ଇସଲାମାବାଦ,୨୯।୧୧(ପି.ଟି.)

କର୍ତ୍ତାରପୁର କରିଡର ଶିଳାନ୍ୟାସର ଦିନକ ପରେ ଭାରତ ଆଡକୁ ପାକିସ୍ତାନ ବନ୍ଧୁତାର ହାତ ବଢ଼ାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ପାକିସ୍ତାନ ବାହାରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ଅନୁମତି ଦେବେ ଇସଲାମାବାଦର କୌଣସି ସ୍ୱାର୍ଥସାଧନ ହେଉନାହିଁ ବୋଲି ଇମ୍ରାନ୍ ଏହି ପରିପ୍ରେକ୍ଷୀରେ ସ୍ପଷ୍ଟ କରିଛନ୍ତି।

ଆତଙ୍କବାଦ ଓ ଆଲୋଚନା ଏକସଙ୍ଗେ ହୋଇପାରିବ ନାହିଁ। ତେଣୁ ପାକିସ୍ତାନ ସାମାପାର ଆତଙ୍କବାଦକୁ ଲଗାମ ଲଗାଇ ଆତଙ୍କବାଦୀଙ୍କ ବିରୋଧରେ ବିଶ୍ୱସନୀୟ ତଥା ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଭାରତ ବାରମ୍ବାର ତା'ର ଅଭିମୁଖ୍ୟ ଦୋହରାଇ ଆସିଛି। ଏହି ପରିପ୍ରେକ୍ଷୀରେ ଇସଲାମାବାଦରେ ଗୁରୁବାର କେତେଜଣ ଭାରତୀୟ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ଇମ୍ରାନ୍ କହିଛନ୍ତି, ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେବାକୁ ପାକିସ୍ତାନ ଚାହେଁନାହିଁ। ଏପରି କରିବା ଦ୍ୱାରା ଇସଲାମାବାଦର କିଛି ସ୍ୱାର୍ଥ ସାଧନ ହେଉନାହିଁ। ପାକିସ୍ତାନୀମାନେ ଭାରତ ସହ ଶାନ୍ତି ଚାହାନ୍ତି। ସେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ତାଙ୍କ ସହ ଆଲୋଚନା କରିବାକୁ ଆଗ୍ରହୀ। ଇମ୍ରାନ୍ ଆହୁରି କହିଛନ୍ତି, ଭାରତ ପ୍ରତି ଏଠାକାର ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିଛି। କଶ୍ମୀର ପ୍ରସଙ୍ଗର ସମାଧାନ ମଧ୍ୟ ସମ୍ଭବ। କଶ୍ମୀର ପାଇଁ ସାମରିକ କାର୍ଯ୍ୟାନୁଷ୍ଠାନ ସମାଧାନର ପନ୍ଥା ନୁହେଁ। ସେ ସବୁ ପ୍ରସଙ୍ଗରେ ମୋଦିଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ। ତେବେ ଶାନ୍ତି ପାଇଁ ଏକତରଫା ଉଦ୍ୟମ ସଫଳ ହେବ ନାହିଁ। ତେଣୁ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ନୂଆଦିଲ୍ଲୀକୁ ଇସଲାମାବାଦ ଅପେକ୍ଷା କରିବ। ସେହିପରି ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜମାତ୍-ଉଦ୍-ଦାୱା (ଜେୟୁଡ଼ି) ମୁଖ୍ୟ ହାଫିଜ୍ ସୟିଦ୍‌ଙ୍କୁ ଦଣ୍ଡିତ କରିବା ନେଇ ଗଣମାଧ୍ୟମର ଉତ୍ତର ମଧ୍ୟ ଇମ୍ରାନ୍ ଦେଇଛନ୍ତି। ସେ କହିଛନ୍ତି, ସୟିଦ୍‌ଙ୍କ ବିରୋଧରେ ଜାତିସଂଘ କଟକଣା ଜାରି କରିଛି। ତାଙ୍କ ଉପରେ ପୂର୍ବରୁ ଲଗାମ ଲାଗିସାରିଛି।



ଇମ୍ରାନ୍ ଖାନ୍ — ନରେନ୍ଦ୍ର ମୋଦି

## ଦିଲ୍ଲୀରେ ବିଶାଳ ଚାଷୀ ସମାବେଶ
# ଅଧିକାର ଲାଗି ଆନ୍ଦୋଳନ

ନୂଆଦିଲ୍ଲୀ,୨୯।୧୧(ପି.ଟି.)

କୃଷିଋଣ ଛାଡ଼ ଓ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ଦାବିରେ ଦିଲ୍ଲୀରେ ବିଶାଳ ଚାଷୀ ସମାବେଶ ଆୟୋଜିତ ହୋଇଛି। ଏଥିରେ ଆନ୍ଧ୍ରପ୍ରଦେଶ, ଗୁଜରାଟ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଚାଷୀ ଯୋଗଦେଇଛନ୍ତି। ନୂଆଦିଲ୍ଲୀର ରାମଲିଲା ମଇଦାନରୁ ଗୁରୁବାର ଦୁଇଦିନିଆ ବିକ୍ଷୋଭ ସମାବେଶ ଆରମ୍ଭ ହୋଇଛି। ଅଖିଳ ଭାରତୀୟ କିଷାନ ସଂଘର୍ଷ ସମନ୍ୱୟ ସମିତି (ଏଆଇକେଏସ୍‌ସିସି) ବ୍ୟାନରରେ ଏକାଠି ହୋଇଥିବା ୨୦୭ ସଙ୍ଗଠନର ଚାଷୀମାନେ ଶୁକ୍ରବାର ପାର୍ଲାମେଣ୍ଟ ଷ୍ଟ୍ରିଟ୍‌କୁ ଶୋଭାଯାତ୍ରାରେ ଯାଇ ସେମାନଙ୍କ ଦାବି ନେଇ ସ୍ୱର ଉଠାଇବେ। ତାମିଲନାଡୁର ଚାଷୀମାନେ ଆତ୍ମହତ୍ୟା କରିଥିବା ୨ ସାଥୀ କୃଷକଙ୍କ ଖପୁରି ଧରି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଶୁକ୍ରବାର ପାର୍ଲାମେଣ୍ଟକୁ ଯିବାକୁ ଦିଆ ନ ଗଲେ ସେମାନେ ଉଲଗ୍ନ ଶୋଭାଯାତ୍ରା କରିବାକୁ ଚେତାବନୀ ଦେଇଛନ୍ତି।



### ଲୋକ ସଭା ସହ କଶ୍ମୀର ବିଧାନସଭା ନିର୍ବାଚନ

ନୂଆଦିଲ୍ଲୀ,୨୯।୧୧(ପି.ଟି.)

ନିର୍ବାଚନ କମିଶନ(ଇସି) ଆସନ୍ତାବର୍ଷ ଲୋକ ସଭା ନିର୍ବାଚନ ସହ ଜମ୍ମୁ-କଶ୍ମୀର ବିଧାନସଭା ଭୋଟ୍ କରାଇପାରନ୍ତି। ଭିନ୍ନ ନୀତି ଆଦର୍ଶର ବିରୋଧୀ ରାଜନୈତିକ ଦଳ ଏକାଠି ସ୍ଥାୟୀ ସରକାର ଗଢ଼ିବା ସମ୍ଭବ ନ ଥିବା ଏବଂ ରାଜ୍ୟରେ ନିରାପତ୍ତା ସ୍ଥିତି ସଙ୍ଗିନ ଥିବା ଦର୍ଶାଇ ଗତ ୨୧ରେ ରାଜ୍ୟପାଳ ସତ୍ୟପାଲ୍ ମଲିକ ବିଧାନସଭା ଭଙ୍ଗ କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଧାନସଭା ଭଙ୍ଗ ହେବାର ୬ ମାସ ମଧ୍ୟରେ ଅର୍ଥାତ ଆସନ୍ତାବର୍ଷ ମେ' ୨୧ ସୁଦ୍ଧା ସେଠାରେ ନିର୍ବାଚନ କରିବାକୁ ହେବ। ତେଣୁ ଇସି ଲୋକ ସଭା ସହ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ କରାଇପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। ପିଡିପି ଅଧ୍ୟକ୍ଷା ମେହବୁବା ମୁଫତି କଂଗ୍ରେସ ଏବଂ ଏନ୍‌ସି ସମର୍ଥନରେ ସରକାର ଗଢ଼ିବାକୁ ଦାବି କରିବା ପରେ ରାଜ୍ୟପାଳ ବିଧାନସଭା ଭଙ୍ଗ କରିଦେଇଥିଲେ।

# ପୁଣି ବିବାଦରେ ସିଦ୍ଧୁ

ନୂଆଦିଲ୍ଲୀ,୨୯।୧୧

**ଖଲିସ୍ତାନୀ ନେତା ଗୋପାଲ ଚାୱ୍ଲାଙ୍କ ସହ ଫଟୋ ଭାଇରାଲ୍**



ପାକିସ୍ତାନରୁ ସଦ୍ୟ ଫେରିଥିବା ପଞ୍ଜାବର କ୍ୟାବିନେଟ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁ ପୁଣିଥରେ ବିବାଦରେ ଛନ୍ଦି ହୋଇଛନ୍ତି। ଖଲିସ୍ତାନୀ ନେତା ଗୋପାଲ ସିଂ ଚାୱ୍ଲାଙ୍କ ସହ ତାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ପାକିସ୍ତାନ ଶିଖ୍ ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ପିଏସ୍‌ଜିପିସି) ସାଧାରଣ ସମ୍ପାଦକ ଗୋପାଲ ଜଣେ ଖଲିସ୍ତାନୀ ନେତା। ସିଦ୍ଧୁଙ୍କ ନିର୍ବାଚନମଣ୍ଡଳୀ ଅମୃତସର ନିକଟସ୍ଥ ନିରଙ୍କାରୀ ଭବନରେ ଗତ ୧୮ରେ ଆକ୍ରମଣ ସହ ସମ୍ପୃକ୍ତ ଆତଙ୍କବାଦୀଙ୍କ ସହିତ ଗୋପାଳଙ୍କ ସମ୍ପର୍କ ରହିଥିବା କୁହାଯାଉଛି। ଗୋପାଳ ବୁଧବାର କର୍ତ୍ତାରପୁର କରିଡର ଶିଳାନ୍ୟାସ ଉତ୍ସବରେ ଯୋଗଦେଇଥିବାବେଳେ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ କମାର ଜାଭେଦ୍ ବାଜ୍‌ୱାଙ୍କୁ ଆଲିଙ୍ଗନ କରିଥିଲେ। ସେ ସିଦ୍ଧୁଙ୍କ ସହ ଉଠାଇଥିବା ଏକ ଫଟୋକୁ ଗୁରୁବାର ନିଜ ଫେସବୁକ୍ ପେଜ୍‌ରେ ଶେୟାର କରିଛନ୍ତି। ଏହାକୁ ନେଇ ବିବାଦ ଉଠିଛି। ଅନ୍ୟପକ୍ଷରେ ଗୋପାଳ କିଏ ତାକୁ ଜାଣନ୍ତି ନାହିଁ ବୋଲି ଗୁରୁବାର କଂଗ୍ରେସ ନେତା ସିଦ୍ଧୁ କହିଛନ୍ତି। ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଗୋଷ୍ଠୀଗୁଡ଼ିକ ଭାରତରେ ଆତଙ୍କବାଦ ବିସ୍ତାର ପାଇଁ ସକ୍ରିୟ ହୋଇଉଠିଥିବାବେଳେ ପାକିସ୍ତାନରେ ଗୋପାଳଙ୍କ ଉପସ୍ଥିତି ଦେଖିବାକୁ ମିଳିଛି। ପ୍ରକାଶ ଯେ, ଆମେରିକାର ଗୁରୁ ନାନକ ଦେବଙ୍କ ୫୫୦ତମ ଜନ୍ମବାର୍ଷିକୀ ପାଳନ କରାଯିବ। ଏହି ଅବସରରେ ଆମେରିକାର ଶିଖ୍ସ ଫର ଜଷ୍ଟିସ୍ (ଏସ୍‌ଏଫ୍‌ଜେ) ଘୋଷଣା କରିଛି ଯେ, ପାକିସ୍ତାନରେ ଆସନ୍ତା ନଭେମ୍ବରରେ ଏହି ବିଚ୍ଛିନ୍ନତାବାଦୀ ସଙ୍ଗଠନ କର୍ତ୍ତାରପୁର ସାହିବ ସମ୍ମିଳନୀ ଆୟୋଜନ କରି ଭାରତ ବିରୋଧୀ ଅଭିଯାନ ଚଳାଇବ। ଏହାକୁ 'ଖଲିସ୍ତାନ ସେତୁ' ଭାବେ ଏସ୍‌ଏଫ୍‌ଜେ ଅଭିହିତ କରିଛି। ଏହି ପରିପ୍ରେକ୍ଷୀରେ ଗୋପାଳଙ୍କ ସହ ସିଦ୍ଧୁଙ୍କ ଫଟୋ ନୂଆ ବିବାଦକୁ ଜନ୍ମ ଦେଇଛି। ଗତ ଅଗଷ୍ଟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେବା ଅବସରରେ ସିଦ୍ଧୁ ସେଠାକାର ସେନାମୁଖ୍ୟ ବାଜ୍‌ୱାଙ୍କୁ ଆଲିଙ୍ଗନ କରି ବିବାଦୀୟ ହୋଇଥିଲେ।

# ମରାଠା ସଂରକ୍ଷଣ ବିଲ୍ ପାସ୍

ମୁମ୍ବାଇ,୨୯।୧୧(ପି.ଟି.)

ସାମାଜିକ ଏବଂ ଅର୍ଥନୈତିକ ପଛୁଆ ବର୍ଗର ମରାଠାମାନଙ୍କ ଲାଗି ପ୍ରସ୍ତାବିତ ୧୬ ପ୍ରତିଶତ ସ୍ଥାନ ସଂରକ୍ଷଣ ବିଲ୍ ଗୁରୁବାର ମହାରାଷ୍ଟ୍ର ବିଧାନସଭାରେ ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଏହି ବିଲ୍ ଆଗତ କରିଥିଲେ। ଏହାକୁ ଗୃହୀତ କରାଇବାରେ ବିରୋଧୀ ଦଳର ସମର୍ଥନ ଲାଗି ସେ ଧନ୍ୟବାଦ ଜଣାଇଛନ୍ତି। ଶିକ୍ଷାନୁଷ୍ଠାନରେ ନାମଲେଖା ଏବଂ ସରକାରୀ ଚାକିରି କ୍ଷେତ୍ରରେ ପଛୁଆ ବର୍ଗର ମରାଠାମାନଙ୍କୁ ଏହି ସ୍ଥାନ ସଂରକ୍ଷଣ ସୁବିଧା ମିଳିବ। ମହାରାଷ୍ଟ୍ରରେ ମରାଠାମାନେ ସାମାଜିକ ଏବଂ ଶିକ୍ଷାଗତ କ୍ଷେତ୍ରରେ ପଛୁଆ ଘୋଷିତ ହୋଇଛନ୍ତି। ରାଜ୍ୟରେ ଚାକିରି କ୍ଷେତ୍ରରେ ସେମାନଙ୍କର ଯଥେଷ୍ଟ ପ୍ରତିନିଧିତ୍ୱ ନ ଥିବା ରାଜ୍ୟ ପଛୁଆ ବର୍ଗ ଆୟୋଗ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ। ସମ୍ବିଧାନର ଧାରା ୧୫(୪) ଏବଂ ୧୬(୪) ଅନୁଯାୟୀ ସେମାନେ ସଂରକ୍ଷଣ ସୁବିଧା ପାଇବା ଲାଗି ହକ୍‌ଦାର ବୋଲି ଉକ୍ତ ଆୟୋଗ ମତ ଦେଇଥିଲେ। ମହାରାଷ୍ଟ୍ର ଜନସଂଖ୍ୟାର ୩୦ ପ୍ରତିଶତ ମରାଠା ହୋଇଥିବାବେଳେ ସେମାନେ ଦୀର୍ଘଦିନରୁ ସରକାରୀ ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦାବି କରିଆସୁଥିଲେ। ଏଥିପାଇଁ ଗତ ଜୁଲାଇ ଓ ଅଗଷ୍ଟରେ ହୋଇଥିବା ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା।

## ଫୁର୍‌ସତ

# ଦେଶର ପ୍ରଥମ ପେଚା ଉତ୍ସବ

ପୁଣେ:



ପ୍ରଥମ କରି ଦେଶରେ ଏକ ପେଚା ଉତ୍ସବ ଗୁରୁବାର ପୁଣେର ପୁରନ୍ଦର ତାଲୁକା ଅନ୍ତର୍ଗତ ପିଙ୍ଗୋରି ଗାଁରେ ପାଳିତ ହୋଇଛି। ଏହା ନଭେମ୍ବର ୨୯ ଓ ୩୦ ଦୁଇଦିନ ଧରି ଚାଲିବ। ପ୍ରକୃତି ସଂରକ୍ଷଣ ପାଇଁ କାର୍ଯ୍ୟକରୁଥିବା ଏକ ସ୍ୱେଚ୍ଛାସେବୀ ସଂଗଠନ ଇଲା ଫାଉଣ୍ଡେସନ୍ ଦ୍ୱାରା ଏହା ଆୟୋଜିତ ହୋଇଛି। ପେଚା ସଂରକ୍ଷଣ ଉପରେ ଏହା ସୂଚନା ପ୍ରଦାନ କରିବ। ଏଥିପାଇଁ ପେଚାର ଛବି, ଚିତ୍ରକଳା, ଲଣ୍ଠନ, ବିଜ୍ଞକିତି, ପୋଷ୍ଟର, ବିଭିନ୍ନ ଲେଖା, କବିତା ଓ ଗପ ଆଦି ସ୍ଥାନ ପାଇଛି। ପ୍ରଥମ କରି ପାଳନ କରାଯାଉଥିବା ଏଭଳି ଉତ୍ସବର ଉଦ୍ଦେଶ୍ୟ ପେଚା ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ପେଚା ଏକ ଅଶୁଭ ସଂକେତ ବୋଲି ଲୋକଙ୍କ ମନରେ ଅନ୍ଧବିଶ୍ୱାସ ରହିଛି। ଏହା ଏକ ପକ୍ଷୀ। ଏହାର ସଂରକ୍ଷଣ ଜରୁରୀ ବୋଲି ଏଲା ଫାଉଣ୍ଡେସନ୍ ନିର୍ଦ୍ଦେଶକ ତଥା ସାବିତ୍ରୀବାଈ ଫୁଲେ ପୁଣେ ୟୁନିଭର୍ସିଟିର ଅର୍ନିଥୋଲୋଜି ପ୍ରଫେସର ଡକ୍ଟର ସତୀଶ ପାଣ୍ଡେ ପ୍ରକାଶ କରିଛନ୍ତି।

**ପିଏସ୍‌ଏଲ୍‌ଭି-ସି-୪୩ ରକେଟ୍ ଉତ୍କ୍ଷେପଣ**

# କକ୍ଷପଥରେ 'ହାଇସିସ୍'

ଶ୍ରୀହରିକୋଟା(ଆନ୍ଧ୍ରପ୍ରଦେଶ):



ଭାରତ ପୁଣିଥରେ ରଚିଛି ଇତିହାସ। ଗୁରୁବାର ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ୍ ମହାକାଶ ଗବେଷଣା କେନ୍ଦ୍ରରୁ ସଫଳତାର ସହିତ ବିରଳ ଉପଗ୍ରହ ହାଇସିସ୍(ହାଇପର ଇମେଜିଂ ସାଟେଲାଇଟ୍)ର ଉତ୍କ୍ଷେପଣ କରିଛି। ପିଏସ୍‌ଏଲ୍‌ଭି-ସି-୪୩ ରକେଟ୍ ସହାୟତାରେ ଏହାକୁ ଉତ୍କ୍ଷେପଣ କରାଯାଇଛି। ଏହା ସହିତ ଅନ୍ୟ ୩୦ଟି ଉପଗ୍ରହ ମଧ୍ୟ ଉତ୍କ୍ଷେପଣ ହୋଇଛି। ସେଥିମଧ୍ୟରେ ଆମେରିକାର ୨୩ଟି ଉପଗ୍ରହ ରହିଛି। ଏହାର ସୁଫଳ ଶାର୍ପ ଆଇ ରହିଛି। ଆଗାମୀ ୫ ବର୍ଷପାଇଁ ଏହା କାର୍ଯ୍ୟକରିବ ବୋଲି ଇସ୍ରୋ ଅଧ୍ୟକ୍ଷ ଡ. କେ. ଶିବନ୍ ସୂଚନା ଦେଇଛନ୍ତି। ପିଏସ୍‌ଏଲ୍‌ଭି ପ୍ରଥମେ ହାଇସିସ୍‌କୁ ୧ଟା ୫୮ ମିନିଟ୍‌ରେ ୪୪.୪ମିଟର ଲମ୍ବ ଏବଂ ୨୩୦ଟନ୍ ଓଜନ ବିଶିଷ୍ଟ ପିଏସ୍‌ଏଲ୍‌ଭି ରକେଟ୍ ଶ୍ରୀହରିକୋଟାର ପ୍ରଥମ ଲଞ୍ଚପ୍ୟାଡ୍‌ରେ ଅଗ୍ନିସଂଯୋଗ କରାଯିବା ପରେ ଏହା କମଳାରଙ୍ଗର ଅଗ୍ନିଶିଖା ଛାଡ଼ି ଉପରକୁ ଉଠିଥିଲା। ହାଇସିସ୍‌କୁ ୬୩୬କିଲୋମିଟର ପୋଲାର ସନ୍ ସାଇକ୍ରୋନସ୍ ଅର୍ବିଟ୍‌ରେ ସ୍ଥାପନ କରାଯାଇଛି। ଅନ୍ୟ ୩୦ଟି ବିଦେଶୀ ଉପଗ୍ରହକୁ ୫୦୪କି.ମି. କକ୍ଷପଥରେ ଅବସ୍ଥାପନ କରାଯାଇଥିଲା। ତନ୍ମଧ୍ୟରୁ ଆମେରିକାର ୨୩ଟି ଉପଗ୍ରହ ହୋଇଥିବାବେଳେ ଅନ୍ୟଗୁଡ଼ିକ ଅଷ୍ଟ୍ରେଲିଆ, କାନାଡା, କଲମ୍ବିଆ, ଫିନ୍‌ଲ୍ୟାଣ୍ଡ, ମାଲେସିଆ, ନେଦରଲାଣ୍ଡ ଏବଂ ସ୍ପେନ୍‌ର। ପୃଥିବୀର ପୃଷ୍ଠଭୂମି ବିଷୟରେ ତଥ୍ୟ ସଂଗ୍ରହ କରିବା ଏହାର ପ୍ରଥମ ଲକ୍ଷ୍ୟ। ଏହା ବୈଜ୍ଞାନିକଙ୍କ ବିଶେଷ ଉଦ୍ଦେଶ୍ୟସାଧନ କରିପାରିବ। ଏବଂ ପରେ ୩୦ଟି ବିଦେଶୀ ଉପଗ୍ରହକୁ କକ୍ଷପଥରେ ସ୍ଥାପନ କରିଥିଲା। ପୂର୍ବାହ୍ନ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
| --- | --- | --- |
| ବାଲେଶ୍ୱର | ୨୯.୯ | ୧୬.୧ |
| ଚାନ୍ଦବାଲି | ୨୯.୫ | ୧୮.୦ |
| କଟକ | ୩୦.୦ | ୧୬.୨ |
| ପାରାଦ୍ୱୀପ | ୨୯.୬ | ୧୮.୬ |
| ଭୁବନେଶ୍ୱର | ୩୧.୧ | ୧୭.୦ |
| ଗୋପାଳପୁର | ୩୧.୬ | ୧୭.୭ |
| ପୁରୀ | ୩୦.୪ | ୧୮.୬ |
| ଅନୁଗୋଳ | ୨୮.୩ | ୧୩.୦ |
| ବାରିପଦା | ୨୭.୪ | ୧୬.୪ |
| ଝାରସୁଗୁଡ଼ା | ୨୯.୦ | ୧୪.୬ |
| କେନ୍ଦୁଝର | ୨୬.୫ | ୧୩.୫ |
| ସମ୍ବଲପୁର | ୩୦.୨ | ୧୪.୬ |
| ସୁନ୍ଦରଗଡ଼ | ୨୮.୦ | ୧୩.୦ |
| ହୀରାକୁଦ | ୨୯.୨ | ୧୫.୧ |
| ତାଳଚେର | ୩୧.୮ | ୧୩.୩ |
| ଭବାନୀପାଟଣା | ୩୦.୦ | ୧୩.୨ |
| ବଲାଙ୍ଗୀର | ୨୯.୫ | ୧୪.୦ |
| କୋରାପୁଟ | ୨୭.୬ | ୧୩.୦ |
| ଫୁଲବାଣୀ | --- | ୦୮.୫ |
| ଟିଟିଲାଗଡ଼ | --- | ୧୩.୦ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୨୯.୮ | ୧୩.୪ |
| ଦାରିଙ୍ଗବାଡ଼ି | ୨୬.୦ | ୧୧.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍‌ରେ

# ଦୀପିକାଙ୍କ ୱେଡ଼ିଂ ରିସେପ୍‌ଶନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ମୁମ୍ବାଇରେ ବିବାହ ଭୋଜି ଦେଇଛନ୍ତି। ଫୁଲ ଓ ଆଲୋକମାଳାର ଝଲକ, ବଲିଉଡ୍‌ର ପୁରୁଣା ଗୀତ ଓ ନୃତ୍ୟର ଆମେଜରେ ଦୀପିକା-ପାଦୁକୋନ୍‌ଙ୍କ ହସହସ ମୁହଁ ରିସେପ୍ସନ୍ ପାର୍ଟିକୁ କରିଥିଲା ଆହୁରି ସୌନ୍ଦର୍ଯ୍ୟମୟ। ନବବିବାହିତ ଦମ୍ପତି ରିସେପ୍ସନ ପାର୍ଟିରେ ହଜାରରୁ ଊର୍ଦ୍ଧ୍ୱ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଉକ୍ତ ଦମ୍ପତି ଦୀର୍ଘ ୫ଘଣ୍ଟା ଦଣ୍ଡାୟମାନ ହୋଇ ପ୍ରାୟ ୧୨୦୦ ଆଗନ୍ତୁକଙ୍କୁ ସାକ୍ଷାତ କରୁଥିଲେ। ଏଥିରେ ଉଭୟଙ୍କ ପରିବାର ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ସାମିଲ ହୋଇଥିଲେ।



ନଭେମ୍ବର ୧୪ ଓ ୧୫ରେ ଇଟାଲିର ଲେକ୍ କୋମୋରେ କେନିଙ୍କ ଖେଳାଳି ପ୍ରକାଶ ପାଦୁକୋନ୍‌ଙ୍କ କନ୍ୟା ଦୀପିକା ଏବଂ ଅଭିନେତା ରଣବୀର ସିଂଙ୍କ ମଧ୍ୟରେ ଶୁଭ ପରିଣୟ ଅନୁଷ୍ଠିତ ହୋଇଥିଲା। ଏହାର ସପ୍ତାହେକ ପରେ ବେଙ୍ଗାଲୁରୁଠାରେ ବିବାହ ଭୋଜି ଆୟୋଜିତ ହୋଇଥିଲା। ଡିସେମ୍ବର ୧ରେ ବଲିଉଡ୍ କଳାକାରଙ୍କ ନିମନ୍ତେ ଏକ ପୃଥକ୍ ଭୋଜି ଆୟୋଜନ କରାଯାଉଛି। ପରବାରେ ଅଭିନୟ ଜଗତ୍‌ରୁ ଜଡ଼ିତ ଏବଂ କ୍ରୀଡ଼ାଜଗତରେ ରହିଥିବା କଳାକାରଙ୍କୁ ମଧ୍ୟ ଏଥିପାଇଁ ନିମନ୍ତ୍ରଣ କରାଯାଇଛି। ଡିସେମ୍ବରରେ ରଣବୀର କର୍ମକ୍ଷେତ୍ରକୁ ଫେରି ରୋହିତ ଶେଟ୍ଟୀଙ୍କ 'ସିମ୍ବା'ରେ କାର୍ଯ୍ୟ କରିବେ। ସେହିପରି ଦୀପିକା ଜାନୁଆରୀରେ ପୁଣି ଅଭିନୟ ଦୁନିଆକୁ ଫେରିବେ। ଏହି ଯୋଡ଼ି ଏକାଧିକ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିପାରିଛନ୍ତି।

## ସଂକ୍ଷେପରେ

### ଶାଶୁଘରୁ ନିର୍ଯାତିତା ବୋହୂଙ୍କୁ ଉଦ୍ଧାର କଲା ପୋଲିସ

**କେନ୍ଦ୍ରାପଡ଼ା ଅଫିସ, ୨୯।୧୧:** ସଦର ଥାନା ନାନକାର ଗ୍ରାମର ଦିଲ୍ଲୀପ କୁମାର ବିଶ୍ୱାଳଙ୍କ ଅଭିଯୋଗ ପରେ ଶାଶୁଘରେ ନିର୍ଯାତନା ଭୋଗୁଥିବା ଝିଅ ଜୟଶ୍ରୀଙ୍କୁ ପାଟକୁରା ପୋଲିସ ବୁଧବାର ଉଦ୍ଧାର କରିଛି। ପୋଲିସ ଜୟଶ୍ରୀଙ୍କୁ ବାପଘର ଲୋକଙ୍କୁ ହସ୍ତାନ୍ତର କରିବା ସହ ଶାଶୁଘର ଲୋକଙ୍କ ନାମରେ ଏକ ଯୌତୁକ ନିର୍ଯାତନା ମାମଲା ରୁଜୁ କରିଛି। ଏ ସମ୍ପର୍କରେ ଦିଲ୍ଲୀପ କୁହନ୍ତି, ୩ ବର୍ଷ ତଳେ ପାଟକୁରା ଥାନା କରିଲୋପାଟଣା ଗ୍ରାମର ଟିକାୟତ ଓଝାଙ୍କୁ ଜୟଶ୍ରୀ ପ୍ରେମ ବିବାହ କରିଥିଲେ। ଏହା ପରଠାରୁ ଶାଶୁଘର ଲୋକେ ତାଙ୍କୁ ଯୌତୁକ ନିର୍ଯାତନା ଦେଇଆସୁଥିଲେ। ଏ ନେଇ ବହୁବାର ଗ୍ରାମରେ ବୈଠକ ବସି ସମାଧାନ ହୋଇଥିଲେ ହେଁ ଶାଶୁଘର ଲୋକଙ୍କ ନିର୍ଯାତନା କମି ନଥିଲା। ଏପରିକି ଜୟନ୍ତୀଙ୍କୁ ବାପଘର ଲୋକଙ୍କ ସହ ମିଳାମିଶା ପାଇଁ ସୁଯୋଗ ଦିଆଯାଉନଥିଲା। ଏନେଇ ଆଇଏଚ୍ଆର୍ସି ଜିଲା ସଭାପତି ପ୍ରତାପ ପାଢ଼ୀଙ୍କ ସହଯୋଗରେ ଥାନାରେ ଜଣାଇବା ପରେ ଜୟନ୍ତୀ ଉଦ୍ଧାର ହୋଇଥିବା ଦିଲ୍ଲୀପ ପ୍ରକାଶ କରିଛନ୍ତି।

### କନିକା କୃଷି ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

**ରାଜକନିକା, ୨୯।୧୧ (ଡି.ଏନ୍.ଏ.):** ରାଜକନିକା ବ୍ଲକ ଅଧୀନ ହାବଳଗଣ୍ଡ ବାଇଁଛାପାଳ ମଠରେ କନିକା ପ୍ରଜା ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଗିରିଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୃଷି ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରାଯାଇ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ୧୯୬୯ରେ କନିକାର ଚାଷୀମୂଲିଆ ସଂଗଠିତ ହୋଇ ଏକ ବିରାଟ କୃଷି ଆନ୍ଦୋଳନ ଆରମ୍ଭ କରିଥିଲେ। ତତ୍କାଳୀନ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଲେଖ ନାୟକଙ୍କ ନେତୃତ୍ୱରେ ଏହି ଗଣ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏଥିଯୋଗୁ ଚାଷଜମିର ସୁରକ୍ଷା ପାଇଁ ପୂର୍ବକନିକାରେ ଲୁଣା ଘେରିବନ୍ଧ ନିର୍ମାଣ ଓ ରାଜକନିକା ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ଆରମ୍ଭ ହୋଇଥିଲା। ଏହାଛଡା ଜମିକୁ ଜଳସେଚନ ପାଇଁ ରେଙ୍ଗାଲି ଜଳସେଚନ ପ୍ରକଳ୍ପ ଆରମ୍ଭ ହୋଇଥିଲା। ସେହି ଆନ୍ଦୋଳନରେ ଭାଗ ନେଇଥିବା ଚାଷୀମୂଲିଆମାନେ ସେମାନଙ୍କର ଅଭୁଲା ସ୍ମୃତି ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈକୁଣ୍ଠ ନାଥ ଖଟୁଆ, ନିରଞ୍ଜନ ବେହେରା, ଶିବରାମ ଦାସ, ଶିକ୍ଷାବିତ୍ ଚିତ୍ତରଞ୍ଜନ ଦାସ, ମନୋରଞ୍ଜନ ସେନାପତି, ସୁବାସ ଚନ୍ଦ୍ର ସାମଲ, ପଦ୍ମଜ ନାୟକ, କଳାକାର ନାୟକ, ଅନନ୍ତ ଚନ୍ଦ୍ର ମଲିକ ଓ ଶ୍ରୀକାନ୍ତ ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ପୂଜ୍ୟପୂଜା ପରିଷଦର ସାରସ୍ୱତ ସମାରୋହ

**ଆଳି, ୨୯।୧୧ (ଡି.ଏନ୍.ଏ.):** ଆଳିର ମାନପୁର ଗୋପବନ୍ଧୁ ମନ୍ଦିର ପରିସରରେ ମାନପୁର ପୂଜ୍ୟପୂଜା ପରିଷଦର ୮ମ ବାର୍ଷିକ ସାରସ୍ୱତ ସମାରୋହ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ବିଜୟ କୁମାର ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଗାଳ୍ପିକ ଡା. ଶତୃଘ୍ନ ପାଣ୍ଡବ ମୁଖ୍ୟଅତିଥି, ବରିଷ୍ଠ ସାହିତ୍ୟିକ ମନୋଜ କୁମାର ମହାପାତ୍ର ମୁଖ୍ୟବକ୍ତା, କବୟିତ୍ରୀ ହିରଣ୍ମୟୀ ମିଶ୍ର ଓ ଅବସରପ୍ରାପ୍ତ ଜିଲାପାଳ ନାରାୟଣ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭାଷା ସାହିତ୍ୟକୁ ବଞ୍ଚାଇ ରଖିବାକୁ କରାଯାଉଥିବା ସାରସ୍ୱତ ସମାରୋହକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଆଳି ଅଞ୍ଚଳର ପ୍ରତିଭା ଭାବେ ଶିକ୍ଷାବିତ୍ ଡା. ଶତୃଘ୍ନ ପାଣ୍ଡବ, ଆଦର୍ଶ ଶିକ୍ଷକ ବାସୁଦେବ ମଲିକ, ପ୍ରଦୀପ ମଲିକ, ଆଇନଜୀବୀ ବିଜୟ କୁମାର ପରିଡା, କ୍ରୀଡ଼ାବିତ୍ ସତ୍ୟବାଦୀ ସାମଲ, ସାମାଜିକ କର୍ମୀ କୃତିବାସ ପ୍ରଧାନ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସାହିତ୍ୟ ମୁଖପତ୍ର 'କୃଷ୍ଣାୟନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଦିନେଶ ମଲିକ ଓ ସାଥୀ ସଂଗୀତ ପରିବେଷଣ କରିଥିଲେ। ଇଂ. ଜ୍ଞାନରଞ୍ଜନ ନାୟକ ଅତିଥି ପରିଚୟ ଦେଇଥିବା ବେଳେ ନିକୁଞ୍ଜ ବିହାରୀ ଦାସ ବେଦପାଠ କରିଥିଲେ। ପର୍ଶୁରାମ ରାଉତରାୟ, କାଳନ୍ଦୀ ଚରଣ ନାୟକ, ପଣ୍ଡିତ ମହେଶ୍ୱର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟସ୍ତରକୁ ୬ ପ୍ରକଳ୍ପ ମନୋନୀତ

## ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

**ଆଳି, (ଡି.ଏନ.ଏ)/ ପଟ୍ଟାମୁଣ୍ଡାଇ (ସ୍ୱ.ପ୍ର.) ୨୯।୧୧**


ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ରମାନେ।

କେନ୍ଦ୍ରାପଡା ଜିଲାର ସମସ୍ତ ବ୍ଲକରେ ହୋଇଥିବା ବିଦ୍ୟାଳୟ ସ୍ତରୀୟ ଓ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଚୟନ ହୋଇଥିବା ପ୍ରକଳ୍ପଗୁଡ଼ିକୁ ନେଇ ଗୁରୁବାର ଜିଲାସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଆଳି ବ୍ଲକ ଅଧୀନ ପତ୍ରପୁରସ୍ଥିତ ଏସ୍‌କେସି ହାଇସ୍କୁଲ ପରିସରରେ ଅନୁଷ୍ଠିତ ଏହି ଜିଲାସ୍ତରୀୟ ବିଜ୍ଞାନମେଳାକୁ ମୁଖ୍ୟଅତିଥି କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ ଉଦଘାଟନ କରିଥିଲେ। ଜିଲା ଶିକ୍ଷାଧିକାରୀ କଳ୍ପନା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ପାରମାଣବିକ ଶକ୍ତି ବିଭାଗ ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ରାଜଗୋପାଳ ମହାନ୍ତି ମୁଖ୍ୟବକ୍ତା, ଆଳି ବ୍ଲକ ଶିକ୍ଷା ଅଧିକାରୀ ଧ୍ରୁବଚରଣ ମହାନ୍ତି, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅଭୟ କୁମାର ପ୍ରତିହାରୀ, ଏସ୍‌କେସି ହାଇସ୍କୁଲ ପ୍ରଧାନଶିକ୍ଷକ ଦେବରାଜ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦୈନନ୍ଦିନ ଜୀବନର ପ୍ରତ୍ୟେକଟି କାର୍ଯ୍ୟାବଳୀ ସହିତ ବିଜ୍ଞାନ ଅଙ୍ଗାଙ୍ଗି ଭାବେ ଜଡିତ। ବିଜ୍ଞାନ ଶିକ୍ଷକ ଯତ୍ନବାନ ହେଲେ ଛାତ୍ରୀଛାତ୍ରମାନେ ଏ ଦିଗରେ ସୁନିଶ୍ଚିତ ଉନ୍ନତି କରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଜ୍ଞାନମେଳାରେ ମୋଟ ୫୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିମଧ୍ୟରୁ ରାଜ୍ୟସ୍ତରକୁ ଯିବା ପାଇଁ ୬ଟି ପ୍ରକଳ୍ପକୁ ମନୋନୀତ କରାଯାଇଥିଲା। ପତ୍ରପୁର ଏସକେସି ହାଇସ୍କୁଲର ବିଭୁପ୍ରସାଦ ଭୂୟାଁ, ଜରିଆ ବଳଦେବ ହାଇସ୍କୁଲର ଅନିଲ କୁମାର ଜେନା, ଇଛାପୁର ହାଇସ୍କୁଲର ଭାଗ୍ୟଲକ୍ଷ୍ମୀ ମିଶ୍ର, ଇନ୍ଦୁପୁର ହାଇସ୍କୁଲର କୌଶିକ ପ୍ରିୟଦର୍ଶିନୀ, ଚଉଦକୁଲାଟ ଜଗନ୍ନାଥ ବିପି ସ୍କୁଲର ବିଶ୍ୱଜିତ କର ଓ ଆଳି ମାନପୁର ନୋଡାଲ ହାଇସ୍କୁଲର ରୁଦ୍ରକାନ୍ତ ସାମଲଙ୍କ ପ୍ରକଳ୍ପ ରାଜ୍ୟସ୍ତରକୁ ଯିବା ପାଇଁ ଅତିଥିମାନେ ମନୋତିତ କରିଥିଲେ। ଅପରାହ୍ନରେ ଆୟୋଜିତ ଉଦଯାପନୀ ଉତ୍ସବରେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅଭୟ କୁମାର ପ୍ରତିହାରୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ଶିକ୍ଷା ଅଧିକାରୀ କଳ୍ପନା ବେହେରା ମୁଖ୍ୟଅତିଥି, ପୂର୍ବତନ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ନିରଞ୍ଜନ ଜେନା, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ସଂଯୋଜକ ପୀତବାସ ପଣ୍ଡା, ପଟ୍ଟାମୁଣ୍ଡାଇ ବିଇଓ ହିମାଂଶୁ ଶେଖର ଓଝା, ରାଜକନିକା ବିଇଓ ସରୋଜକାନ୍ତ ବିହାରୀ, ଆଳି ଏବିଇଓ ପ୍ରଦୀପ କୁମାର ରଥ, ଶିକ୍ଷାବିତ୍ ହେମନ୍ତ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କସ୍ତୁରୀ ଚରଣ ସ୍ୱାଇଁ, ସୁରେଶ ଜେନା, ନାରାୟଣ ରାଉଳ, ପ୍ରଣବ ଜେନା, ଶୁଭ୍ରାଂଶୁ ଶେଖର ଦାସ, ଆଦିକନ୍ଦ ସାହୁ, ଶୈଳେନ୍ଦ୍ର ଶଙ୍କର ସାମଲ, ଭାସ୍କର ଚନ୍ଦ୍ର ମିଶ୍ର, ସମୀର କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା ପରିଷଦ, ସ୍କାଉଟ ଓ ଗାଇଡର ପିଲାମାନେ ସହଯୋଗ କରିଥିଲେ।

## ଜୀବଜନ୍ତୁଙ୍କ ପ୍ରତି ମନରେ ନିଃସ୍ୱାର୍ଥପର ଭଲପାଇବା ରହିଛି

**୫ଟି ପ୍ରଶ୍ନ**



ପ୍ରାଣୀ ଚିକିତ୍ସକ ମୃତ୍ୟୁଞ୍ଜୟ ମହାନ୍ତି

ମାର୍ଶାଘାଇ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଚିକିତ୍ସକ ମୃତ୍ୟୁଞ୍ଜୟ ମହାନ୍ତି। ଜନ୍ମସ୍ଥାନ ମୟୂରଭଞ୍ଜ ଜିଲା ବାରିପଦାରେ। ଓୟୁଏଟି, ଭୁବନେଶ୍ୱରରେ ୫ ବର୍ଷ ପାଠ ପଢ଼ିବା ପରେ ୧୯୯୫ରେ ପ୍ରଥମେ ବୌଦ୍ଧ ଜିଲାର ହରଭଙ୍ଗା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଜୁନିଅର ଭିଏଏସ୍ ଭାବେ ଚାକିରିରେ ଯୋଗ ଦେଇଥିଲେ। ଏହାପରେ ହରିୟାଣାର ଦୁଗ୍ଧ ଗବେଷଣା କେନ୍ଦ୍ରରୁ ସ୍ନାତକ ଡିଗ୍ରୀ ହାସଲ କରିବା ସହ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଥିଲେ। ଗତ ୪ବର୍ଷ ହେବ ମାର୍ଶାଘାଇ ବ୍ଲକ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଭିଏଏସ୍ ଭାବେ କାର୍ଯ୍ୟରତ ଅଛନ୍ତି। ଘରେ ମା' ବିଜୟଲକ୍ଷ୍ମୀ ମହାନ୍ତି, ବାପା ସୁରେନ୍ଦ୍ର କୁମାର ମହାନ୍ତି, ସ୍ତ୍ରୀ ମୋନାଲିସା ପାଢ଼ୀ ଓ ୨ପୁଅ ଅଛନ୍ତି। ସ୍ତ୍ରୀ ବ୍ରହ୍ମପୁରସ୍ଥିତ ଏକ +୨ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟରେ ଅଧ୍ୟାପିକା ଭାବେ କାର୍ଯ୍ୟ କରନ୍ତି। ବଡ଼ପୁଅ ପ୍ରୀୟାଂଶୁ +୨ ବିଜ୍ଞାନ ଓ ସାନ ପୁଅ ଶ୍ରେୟାଂଶୁ ଷ୍ଟାଣ୍ଡାର୍ଡ ୨ରେ ପାଠ ପଢୁଛନ୍ତି। ପଶୁପକ୍ଷୀଙ୍କ ପ୍ରତି ଭଲ ପାଇବା ଯୋଗୁ ସେ ପ୍ରାଣୀ ଚିକିତ୍ସକ ଚାକିରି କରିବା ପାଇଁ ମନ ବଳାଇଥିଲେ ବୋଲି ଡା. ମହାନ୍ତି କହିଛନ୍ତି। ଡା. ମହାନ୍ତିଙ୍କୁ ତାଙ୍କ ଦୈନନ୍ଦିନ ଜୀବନୀ ସମ୍ପର୍କରେ ୫ଟି ପ୍ରଶ୍ନ।

**୧-ବିଭିନ୍ନ ସ୍ଥାନରେ ଚାକିରି କରିବା ପରେ ୪ବର୍ଷ ହେବ ମାର୍ଶାଘାଇରେ ଅଛନ୍ତି। ଏହି ପରିବେଶ କେମିତି ଲାଗୁଛି?**

▶ଯେଉଁ ଯେଉଁ ଜାଗାରେ ଚାକିରି କରିଛି ସବୁ ଜାଗାର ବହୁତ କିଛି ଅନୁଭୂତି ରହିଛି। ତେବେ ଏହି ୪ବର୍ଷ ଭିତରେ ଏଠାକାର ପରିବେଶ ଓ ଲୋକମାନଙ୍କୁ ଆପଣେଇ ନିଜ ପରିବାର ଭଳି ଚଳୁଛି।

**୨-ଘର ପାଇଁ ସମୟ କିପରି ବାହାର କରନ୍ତି?**

▶ଅଧିକାଂଶ ସମୟ ବାହାରେ ରହୁଥିବାରୁ ଘର ଲୋକଙ୍କ ପାଇଁ ସମୟ ଆଦୌ ବାହାର କରି ହୁଏନି। ଛୁଟି ସମୟରେ ଘର ଲୋକଙ୍କ ସହ ସମୟ ବିତାଏ।

**୩-କ'ଣ ଖାଇବାକୁ ଭଲ ଲାଗେ?**

▶ନିରାମିଶ ଓ ଆମିଷ ଉଭୟ ମୋର ପସନ୍ଦ। ଦୋକାନ ବଜାର ଅପେକ୍ଷା ଘର ଖାଇବାର ସ୍ୱାଦ ନିଆରା।

**୪-ଆପଣଙ୍କର ଲଭ୍ ନା ଆରେଞ୍ଜ ମ୍ୟାରେଜ? ସ୍ତ୍ରୀଙ୍କ କେଉଁ ଗୁଣ ଆପଣଙ୍କୁ ଭଲଲାଗେ?**

▶ଆରେଞ୍ଜ ମ୍ୟାରେଜ। ସେ ଜଣେ ଭଲ ଅଧ୍ୟାପିକା। ଚାକିରି ସହ ଘର କାର୍ଯ୍ୟ ଖୁବ୍ ସୁରୁଖୁରୁରେ ତୁଲାନ୍ତି। ତାଙ୍କ ପ୍ରତି ମୋର ସ୍ୱତନ୍ତ୍ର ସମ୍ମାନ ରହିଛି।

**୫-ଆପଣଙ୍କ ଜୀବନର କିଛି ଅଭୁଲା ସ୍ମୃତି?**

▶ହରିୟାଣାରେ ପିଜି କରୁଥିବା ବେଳେ ସେଠାକାର ପରିବେଶ ଓ ସାଙ୍ଗମାନଙ୍କ ସହ ବିତାଇ ଥିବା ମୁହୂର୍ତ୍ତ ଖୁବ୍ ମନେପଡ଼େ। ଏବେ ସେ ସବୁ ଅଭୁଲା ସ୍ମୃତି ପାଲଟି ଯାଇଛି।

**-ରିପୋର୍ଟ: ଅକ୍ଷୟ ଜେନା, ମାର୍ଶାଘାଇ**

# ଜିଲାରେ ମାତୃ ଶିଶୁ ମୃତ୍ୟୁହାର କମିଛି

**କେନ୍ଦ୍ରାପଡ଼ା ଅଫିସ, ୨୯।୧୧**

ଜିଲାସ୍ତରୀୟ ମାତୃ ଶିଶୁ ମୃତ୍ୟୁ ହାର ହ୍ରାସ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଜିଲାପାଳ କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଦାଶରଥି ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାରେ ପୂର୍ବାପେକ୍ଷା ମାତୃ ଶିଶୁ ମୃତ୍ୟୁ କମିଥିବା ସୂଚନା ମିଳିଥିଲା। ଚଳିତ ବର୍ଷ ଅକ୍ଟୋବରରେ ଆଳିରେ ୩, ଡେରାବିଶରେ ୪, କେନ୍ଦ୍ରାପଡ଼ାରେ ୩, ମହାକାଳପଡାରେ ୮, ମାର୍ଶାଘାଇରେ ୧, ପଟ୍ଟାମୁଣ୍ଡାଇରେ ୭, କନିକାରେ ୨ ଓ ରାଜନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଶିଶୁର ମୃତ୍ୟୁ ହୋଇଥିବା ସମୀକ୍ଷାରୁ ଜଣାପଡିଥିଲା ବେଳେ ଗତବର୍ଷ ଅକ୍ଟୋବରରେ ଏହି ସଂଖ୍ୟା ଯଥେଷ୍ଟ ଅଧିକ ଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅଙ୍ଗନୱାଡି କର୍ମୀମାନେ ପ୍ରତ୍ୟେକ ଗ୍ରାମରେ ଏ ନେଇ ସଚେତନତା ଶିବିରର ଆୟୋଜନ କରି ଲୋକଙ୍କୁ ଏ ଦିଗରେ ସଚେତନ କରିବା ପାଇଁ ଜିଲାପାଳ ଶତପଥୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅଙ୍ଗନୱାଡି କେନ୍ଦ୍ର ସୁପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ସିଡିଏମଓ ଡା. ବୈଷ୍ଣବ ଚରଣ ସାହୁ, ଏଡିଏମ୍‌ଓ ଡା. ମିର୍ଜା ବାବର ବେଗ୍, ଏନ୍‌ଏଚ୍‌ଏମ୍ ଡିପିଏମ ପ୍ରକାଶ ବାନାର୍ଜୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ, ମମତା ଯୋଜନା ସଂଯୋଜକ ମନୋରଞ୍ଜନ ଦାସ, ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର, ସମସ୍ତ ସିଡିପିଓ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

### ଶ୍ରୀମା ଶ୍ରୀଅରବିନ୍ଦଙ୍କ ପାଠଚକ୍ର

**ତିର୍ତ୍ତୋଲ, ୨୯।୧୧(ଡି.ଏନ.ଏ.)**

ତିର୍ତ୍ତୋଲ ନିକଟ ପାଳନ୍ଦାସ୍ଥିତ ଶ୍ରୀଅରୋମୀରା ଦିବ୍ୟଜ୍ୟୋତି ଆଶ୍ରମ ପରିସରରେ ଗୁରୁବାର ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦିବ୍ୟ ପାଠଚକ୍ର ଅନୁଷ୍ଠିତ ହୋଇଛି। ମାତୃ ସେବକ ବାସୁଦେବ ନାୟକ, ମୀରାରାଣୀ ଦାସ, ଶିଳ୍ପା ମହାପାତ୍ର, ପଙ୍କପାଳ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ମନୋଜ କୁମାର ମନୋହରୀ, ଆଶ୍ରମର ଟ୍ରଷ୍ଟି ଚିତ୍ତରଞ୍ଜନ ସାମଲ, ତୁଳଙ୍ଗ ମାତୃ ଭବନ ଉପାସକ ପଞ୍ଚାନନ ବିଶ୍ୱାଳ, ହିମାଂଶୁ ମହାପାତ୍ର, ଶିକ୍ଷକ ଚୈତନ୍ୟ ଜେନା ପାଠଚକ୍ରରେ ଅଂଶଗ୍ରହଣ କରିଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା


ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ମଞ୍ଚାସୀନ ଅତିଥି।

**ରାଜକନିକା, ୨୯।୧୧ (ଡି.ଏନ୍.ଏ.)**

ଚଳିତ ହକି ବିଶ୍ୱକପ୍‌ରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଶୁକ୍ରବାର ତା'ର ଅଭିଯାନ ଆରମ୍ଭ କରିବ। ପୁଲ୍ ବି'ରେ ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ୍‌ରେ ଅପେକ୍ଷାକୃତ ଦୁର୍ବଳ ଆୟର୍ଲାଣ୍ଡକୁ ଭେଟିବ। ପୂର୍ବରୁ କ୍ରମାଗତ ଦୁଇଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିବା ଅଷ୍ଟ୍ରେଲିଆ ଏଥର ହଟ୍ ଫେଭରାଇଟ୍ ବିବେଚିତ ହେଉଛି। ଏଥର ସଫଳ ହେଲେ ଅଷ୍ଟ୍ରେଲିଆ କ୍ରମାଗତ ୩ଥର ଟାଇଟଲ ହାସଲ ସହ ହାଟ୍ରିକ ଅର୍ଜନ କରିବ। ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍ଆଇଏଚ୍) ର୍‍ୟାଙ୍କିଙ୍ଗ୍‌ରେ ଅଷ୍ଟ୍ରେଲିଆ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଆୟର୍ଲାଣ୍ଡ ଦଶମ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ପୂର୍ବରୁ ୩ଥର ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ପ୍ରଥମେ ଅଷ୍ଟ୍ରେଲିଆ ୧୯୮୬ରେ ବିଶ୍ୱକପ୍ ଟାଇଟଲ ଜିତିଥିଲା। ଏହା ପରେ ୨୦୧୦ ଓ ୨୦୧୪ରେ ମଧ୍ୟ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଆଧୁନିକ ହକିରେ ଅଷ୍ଟ୍ରେଲିଆ ଏକ ମହାଶକ୍ତି ଭାବେ ଉଭା ହୋଇଛି ଓ ସାରା ବିଶ୍ୱରେ ଏହି ଦଳ ତା'ର ଆଧିପତ୍ୟ ବିସ୍ତାର କରିବାରେ ସକ୍ଷମ ହୋଇଛି। ଯଦିଓ ଅଲିମ୍ପିକ୍ସରେ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ବିଶ୍ୱକପ୍ ଭଳି ସଫଳତା ହାସଲ କରିପାରନାହିଁ।

ଏହି ବିଶ୍ୱ ଚାମ୍ପିୟନ ଦଳର କେତେକ ଅଭିଜ୍ଞ ଖେଳାଳି ଅବସର ଘୋଷଣା କରିଛନ୍ତି। ଜେମି ଡୱେର ଓ ମାର୍କ ନୋଲ୍ସ ଭଳି ତାରକା ତଥା ଅଭିଜ୍ଞ ଖେଳାଳି ଏଥର ବିଶ୍ୱକପ୍ ଦଳରେ ସାମିଲ ହୋଇନାହାନ୍ତି। ଏଥର ଯୁବ ଖେଳାଳିଙ୍କ ଉପରେ ଅଷ୍ଟ୍ରେଲିଆ ଅଧିକ ଭରସା କରିଛି। ଶୁକ୍ରବାର ଆୟର୍ଲାଣ୍ଡକୁ ବୃହତ୍ ବ୍ୟବଧାନରେ ହରାଇ ଅଷ୍ଟ୍ରେଲିଆ ତା'ର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିବା ଲକ୍ଷ୍ୟରେ ରହିଛି। ସବୁଠାରୁ ବଡ଼ କଥା ହେଉଛି ଅଷ୍ଟ୍ରେଲିଆର ୧୦ ଜଣ ଖେଳାଳି ଏଥର ବିଶ୍ୱକପ୍ ପଦାର୍ପଣ କରିବେ। ତେଣୁ ଅଷ୍ଟ୍ରେଲିଆ ପାଇଁ ନିଶ୍ଚୟ ସମସ୍ୟା ରହିଛି। କିନ୍ତୁ ଏହାକୁ ଅଷ୍ଟ୍ରେଲିଆ ଏକ ଚ୍ୟାଲେଞ୍ଜ୍ ରୂପେ ଗ୍ରହଣ କରିଛି ବୋଲି ଦଳର ଅଧିନାୟକ ଆରନ ଜାଲେଓ୍ୱସ୍କି କହିଛନ୍ତି। ଏଥରର ଅଷ୍ଟ୍ରେଲିଆ ଦଳ ସମ୍ପୂର୍ଣ୍ଣ ଭିନ୍ନ ବୋଲି ସେ କହିଛନ୍ତି। ଆମର ୧୦ଜଣ ଖେଳାଳି ପ୍ରଥମଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ତେଣୁ ଦଳଗତ ଭାବେ ଆମେ ବିଶ୍ୱକପ୍ ଜିତିବାର ପ୍ରଥମ ସୁଯୋଗ ହାସଲ କରିଛୁ। ଏକ ଯୁବ ଦଳ ହୋଇଥିବାରୁ ଆମେ ଏହାକୁ ଚାପ ହିସାବରେ ଗ୍ରହଣ ନ କରି ଏହାକୁ ଏକ ଚ୍ୟାଲେଞ୍ଜ୍ ହିସାବରେ ଗ୍ରହଣ କରିଛୁ ବୋଲି ସେ କହିଛନ୍ତି।

ର୍‍ୟାଙ୍କିଙ୍ଗ୍‌ରେ ଆୟର୍ଲାଣ୍ଡ ନିମ୍ନରେ ଥିଲେ ମଧ୍ୟ ଏହି ଦଳକୁ ଆଦୌ ହେୟ ମନେ କରିହେବ ନାହିଁ ବୋଲି ଅଷ୍ଟ୍ରେଲିଆ କୋଚ୍ କୋଲିନ୍ ବ୍ୟାଚ୍ କହିଛନ୍ତି। ଆୟର୍ଲାଣ୍ଡ ବିପର୍ଯ୍ୟୟ ଘଟାଇବାର କ୍ଷମତା ରଖୁଛି। ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିବା ୧୬ଟି ଯାକ ଦଳ ଚାମ୍ପିୟନ ହେବା ପାଇଁ ଏଠାକୁ ଆସିଛନ୍ତି ଓ ଏହି ଦଳଗୁଡିକ ଯେକୌଣସି ଦଳକୁ ହରାଇବା କ୍ଷମତା ରଖୁଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରୁ ଆୟର୍ଲାଣ୍ଡ ବିପକ୍ଷରେ ଆମେ ଖେଳିନାହୁଁ ବୋଲି ବ୍ୟାଚ୍ କହିଛନ୍ତି। ତେଣୁ ଆମେ ଆୟର୍ଲାଣ୍ଡକୁ ଆଦୌ ହେୟ ମନେ କରୁନାହୁଁ। ନିଜ ପ୍ରଦର୍ଶନ ନେଇ ଆମେ ଯତ୍ନବାନ ହେବୁ। ଆୟର୍ଲାଣ୍ଡ ନିଶ୍ଚିତ ଭାବେ କଡ଼ା ଟକ୍କର ଦେବ ଓ ଏହି ଦଳ ଏକ ବିପଜ୍ଜନକ ଦଳ ବୋଲି ବ୍ୟାଚ୍ କହିଛନ୍ତି।

ଅପରପକ୍ଷରେ ଆୟର୍ଲାଣ୍ଡ ପାଇଁ ଏହି ମ୍ୟାଚ୍‌ରେ ସେଭଳି କିଛି ହରାଇବାର ନାହିଁ। ତେଣୁ ଏହି ଦଳ ଉପରେ ଆଦୌ ଚାପ ନାହିଁ। ଏହା ପୂର୍ବରୁ ଅଷ୍ଟ୍ରେଲିଆ ଦୁଇଥର ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିଥିଲା। ୧୯୭୮ ଓ ୧୯୯୦ ବିଶ୍ୱକପ୍‌ରେ ଆୟର୍ଲାଣ୍ଡ ଦ୍ୱାଦଶ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ସେହିପରି ଶୁକ୍ରବାର ପୁଲ ବି'ର ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଓ ଚାଇନା ପରସ୍ପରକୁ ଭେଟିବେ।



ଅଭ୍ୟାସରତ ଚାଇନା ଖେଳାଳି।

# ଇଂଲଣ୍ଡ ଫେଭରାଇଟ୍

**ଭୁବନେଶ୍ୱର, ୨୯।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ପୁଲ୍ ବି'ରେ ଶୁକ୍ରବାର ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଓ ଚାଇନା ପରସ୍ପରକୁ ଭେଟିବେ। ପ୍ରଥମଥର ପାଇଁ ଚାଇନା ବିଶ୍ୱକପ୍ ଖେଳିବାକୁ ଯାଉଛି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୭ତମ ସ୍ଥାନରେ ଥିବା ଚାଇନା କିନ୍ତୁ ୧୬ଟି ଦଳକୁ ନେଇ ଖେଳାଯିବାକୁ ଥିବା ବିଶ୍ୱକପ୍ ଖେଳିବାକୁ ଯାଉଛି। ଲଣ୍ଡନ୍‌ରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍ ସେମିଫାଇନାଲରେ ଅଷ୍ଟମ ସ୍ଥାନ ଅଧିକାର କରି ଅଭିଯାନ ଶେଷ କରିଥିବା ଚାଇନାକୁ ବିଶ୍ୱକପ୍ ଖେଳିବାର ସୁଯୋଗ ମିଳିଥିଲା। ତେବେ ଏହି ମେଗା ଇଭେଣ୍ଟରେ ଚାଇନା ଏକ ଉନ୍ନତ ଦଳ ଭାବେ ଉଭା ହେବାକୁ ଯାଉଛି। ପ୍ରଥମଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଥିବାରୁ ଆମ ଖେଳାଳିମାନେ ବେଶ୍ ଉତ୍ସାହିତ ଅଛନ୍ତି ବୋଲି କୋଚ୍ ସାଙ୍ଗ ରାଇଉଲ କିମ୍ କହିଛନ୍ତି। ଚାଇନାରେ ହକି ସେତେଟା ଲୋକପ୍ରିୟ ନୁହଁ। ୨୦୦୮ରେ ଚାଇନା ମହିଳା ବେଜିଂ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିବା ପରେ ହକିର ଲୋକପ୍ରିୟତା ବୃଦ୍ଧି ପାଇଥିଲା। ଚାଇନା ଏହି ମ୍ୟାଚ୍‌ରେ ଇଂଲଣ୍ଡକୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି।

ଅପରପକ୍ଷରେ ଇଂଲଣ୍ଡ ଅପେକ୍ଷାକୃତ ଶକ୍ତିଶାଳୀ ମନେ ହେଉଛି। ବିଶ୍ୱକପ୍‌ର ଗତ ଦୁଇଟି ସଂସ୍କରଣରେ ଇଂଲଣ୍ଡ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଗତ ଦୁଇଟି ବିଶ୍ୱକପ୍‌ରେ ଇଂଲଣ୍ଡ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ପୂର୍ବରୁ ୧୯୮୬ ବିଶ୍ୱକପ୍‌ରେ ଇଂଲଣ୍ଡ ରନର୍ସଅପ୍ ହୋଇଥିଲା। ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଇଂଲଣ୍ଡ ଭାରତକୁ ୨-୧ ଗୋଲରେ ହରାଇ ବ୍ରୋଞ୍ଜ୍ ପଦକ ଜିତିଥିଲା। ଚାଇନା ବିପକ୍ଷରେ ଇଂଲଣ୍ଡ ଫେଭରାଇଟ୍ ବିବେଚିତ ହେଉଛି। ତେଣୁ ଏହି ମ୍ୟାଚ୍ ଏକପାଖିଆ ହେବ ବୋଲି ଆଶା କରାଯାଉଛି।

**ଆଜିର ମ୍ୟାଚ୍**

ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ
ପୁଲ୍-ବି
ସମୟ ଅପରାହ୍ନ- ୫ଟା

ଇଂଲଣ୍ଡ ବନାମ ଚାଇନା
ପୁଲ୍- ବି
ସମୟ- ରାତି ୭ଟା

ସ୍ଥାନ- କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ






Dollar 69.85 (77) | Sensex 36,170.41 (453.46) | Nifty 10,858.70 (129.85) | Gold 31,540.00 (₹20) | Silver 37 00 (₹60)

"ଆସନ୍ତା ମାସ ଶେଷ ସୁଦ୍ଧା ସୌଭାଗ୍ୟ ଯୋଜନା ଦ୍ୱାରା ଦେଶର ପ୍ରତି ପରିବାରକୁ ବିଜୁଳି ଯୋଗାଣ ନେଇ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।
– ଆର୍.କେ. ସିଂ, କେନ୍ଦ୍ର ଶକ୍ତି ମନ୍ତ୍ରୀ



"ଅତିରିକ୍ତ ନିବେଶ ଦ୍ୱାରା ଚାଇନା ବଜାରରେ ଉନ୍ନତ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହେବୁ।
– ରିତେଶ ଅଗ୍ରୱାଲ, ପ୍ରତିଷ୍ଠାତା, ଓୟୋ ହୋଟେଲ୍ସ



## ସଂକ୍ଷେପରେ

### କାଛରେ ବାଜିଲା ଏୟାର ଇଣ୍ଡିଆ ବିମାନ ଡେଣା

**ଷ୍ଟକ୍‌ହୋମ୍,୨୯-୧୧:** ଏୟାର ଇଣ୍ଡିଆର ଏକ ଯାତ୍ରୀବାହୀ ବିମାନ ସ୍ୱିଡେନ ରାଜଧାନୀ ଷ୍ଟକ୍‌ହୋମ୍‌ର ଅରଲାଣ୍ଡା ବିମାନ ବନ୍ଦରରେ ଏକ କୋଠାକୁ ଧକ୍କା ଦେଇଥିଲା। ବିମାନର ଏକ ଡେଣା ଘରର କାଛରେ ବାଜିଥିଲା। ତେବେ ଏଥିରେ ବିମାନରେ ବସିଥିବା ଯାତ୍ରୀଙ୍କ ମଧ୍ୟରୁ କେହି ହତାହତ ହୋଇନାହାନ୍ତି ବୋଲି ସ୍ଥାନୀୟ ପୋଲିସ ସୂତ୍ରରୁ ପ୍ରକାଶ। ୧୭୯ ଯାତ୍ରୀଙ୍କୁ ନେଇ ଯାଇଥିବା ବିମାନଟି ଟର୍ମିନାଲ-୫ରୁ ୫୦ ମିଟର ଦୂରରେ ଘରକୁ ଧକ୍କା ଦେଇଥିଲା। ବିମାନଟି ନୂଆଦିଲ୍ଲୀରୁ ଷ୍ଟକ୍‌ହୋମ୍ ଯାଇଥିଲା। କମ୍ପାନୀ ପକ୍ଷରୁ ବିମାନର ଦୁଇ ପାଇଲଟଙ୍କୁ ଉଡାଣରୁ ରୋକିବା ସହ ଏହାର ତଦନ୍ତ ଆରମ୍ଭ କରିଛି।

### ଆୟକର ଅଧିକାରୀଙ୍କୁ ମିଳିଲା ଅଧିକ କ୍ଷମତା

**ନୂଆଦିଲ୍ଲୀ,୨୯-୧୧:** କେତେକ ସୀମିତ ଯାଞ୍ଚ ମାମଲାରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଆୟକର ଅଧିକାରୀଙ୍କ କ୍ଷମତା ବୃଦ୍ଧି କରିଛନ୍ତି। ସୂଚନା ଆଧାରରେ ଯାଞ୍ଚର ସୀମା ବୃଦ୍ଧି କରିବା ଲାଗି ଆୟକର ଅଧିକାରୀମାନଙ୍କୁ କ୍ଷମତା ମିଳିଛି। ସିବିଡିଟି ପକ୍ଷରୁ ଜାରି ନିର୍ଦ୍ଦେଶରେ କୁହାଯାଇଛି ଯେ, ଅନ୍ୟ ଯାଞ୍ଚ ଏଜେନ୍ସିଙ୍କଠାରୁ ସୂଚନା ମିଳିବା ମାତ୍ରେ ଆୟକର ଅଧିକାରୀ ନିଜର ଯାଞ୍ଚ ସୀମାକୁ ବଢ଼ାଇପାରିବେ। ଟିକସଦାତାଙ୍କୁ ଅଯଥା ହଇରାଣ ନ କରିବା ଲାଗି ଆୟକର ଅଧିକାରୀଙ୍କ କ୍ଷମତାକୁ ପୂର୍ବରୁ କିଛି ପରିମାଣରେ ସଙ୍କୁଚିତ କରାଯାଇଥିଲା। ସୀମିତ ମାମଲାର ଅର୍ଥ ଏହି ଯେ, ଟିକସଦାତା ନିଜର ପ୍ରକୃତ ଆୟ ମୁତାବକ ଟିକସ ଦେଉ ନାହାଁନ୍ତି ବୋଲି ଆୟକର ଅଧିକାରୀମାନଙ୍କୁ ସନ୍ଦେହ ସୃଷ୍ଟି ହୋଇପାରେ।

### ଟିସିଏସ୍ ସପକ୍ଷରେ ରାୟ

**ନ୍ୟୁୟର୍କ,୨୯-୧୧:** ଆମେରିକାବାସୀଙ୍କ ସହ ଭେଦଭାବ କରୁଥିବା ନେଇ ଆଗତ ମାମଲାରେ ଟାଟା କନସଲଟାନ୍ସି ସର୍ଭିସେସ୍ ଆମେରିକାର ଏକ ଅଦାଲତରେ ବିଜୟ ହାସଲ କରିଛି। କାଲିଫର୍ନିୟା ଜୁରୀ କୋର୍ଟ ଟିସିଏସ୍ ବିରୋଧରେ ଆଗତ ମାମଲାକୁ ଖାରଜ କରିଦେଇଛନ୍ତି। କମ୍ପାନୀର ୪ ଜଣ ପୂର୍ବତନ ଆମେରିକୀୟ କର୍ମଚାରୀଙ୍କ ପକ୍ଷରୁ କାଲିଫର୍ନିୟାର ଅକଲାଣ୍ଡ ସ୍ଥିତ ଫେଡେରାଲ ଜୁରୀ ଅଦାଲତରେ ମାମଲା ଦାଏର କରିଥିଲେ। ସେମାନଙ୍କୁ ଅଣଦେଖା କରି ଟିସିଏସ୍ ଭାରତୀୟ ପେସାଦାରଙ୍କୁ ଅଧିକ ଗୁରୁତ୍ୱ ଦେଉଛି ବୋଲି ଅଭିଯୋଗ କରିଥିଲେ। ତେବେ ଏହି ଅଭିଯୋଗକୁ ଜୁରୀ ଖାରଜ କରିଦେଇଛନ୍ତି।

## ପ୍ରଥମଥର ମୁହଁ ଖୋଲିଲେ ସୁବ୍ରମଣ୍ୟନ

# ଅର୍ଥନୀତିକୁ କଠୋର ଝଟ୍‌କା ଦେଇଥିଲା ବିମୁଦ୍ରୀକରଣ

**ନୂଆଦିଲ୍ଲୀ,୨୯-୧୧**

ବିମୁଦ୍ରୀକରଣର ଦୁଇ ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତତ୍କାଳୀନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ ପ୍ରଥମଥର ମୁହଁ ଖୋଲିଛନ୍ତି। ବିମୁଦ୍ରୀକରଣ ଭଳି ଏକ କଠୋର ମୁଦ୍ରାନୀତି ଯୋଗୁ ଅର୍ଥନୀତିକୁ ବଡ଼ ଝଟ୍‌କା ଲାଗିଥିଲା ବୋଲି ସେ କହିଛନ୍ତି। ଏହାଦ୍ୱାରା ଦେଶର ଅର୍ଥନୀତି ୮ପ୍ରତିଶତରୁ ହ୍ରାସ ପାଇ ୬.୮%ରେ ପହଞ୍ଚିଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି।

ସୁବ୍ରମଣ୍ୟନ କହିଛନ୍ତି ଯେ, ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା କରିବା ଦ୍ୱାରା ଅନୌପଚାରିକ କ୍ଷେତ୍ରକୁ ଯେଉଁ ମୂଲ୍ୟ ଦେବାକୁ ପଡିଛି, ତାହାର ଅଭିଜ୍ଞତା ଛଡା ତାଙ୍କ ନିକଟରେ କହିବାକୁ ଆଉ କିଛି ନାହିଁ। ସୂଚନାଥାଉ କି, ୪ ବର୍ଷ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବେ କାର୍ଯ୍ୟ କରିବା ପରେ ସୁବ୍ରମଣ୍ୟନ ନିଜ ପଦରୁ ଇସ୍ତଫା ଦେଇଥିଲେ। ବିମୁଦ୍ରୀକରଣ ବେଳେ ତାଙ୍କର ପରାମର୍ଶ ନିଆଯାଇଥିବା ସମ୍ପର୍କରେ ସେ ତାଙ୍କ ପୁସ୍ତକରେ କିଛି ଉଲ୍ଲେଖ କରିନାହାନ୍ତି। ତେବେ ସେ ଏହା କହିଛନ୍ତି ଯେ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ବେଳେ ପ୍ରଧାନମନ୍ତ୍ରୀ ତାଙ୍କୁ ପଚାରି ନ ଥିବା ସେ ସ୍ପଷ୍ଟ କରିଛନ୍ତି। ପ୍ରକାଶିତ ହେବାକୁ ଥିବା ତାଙ୍କର ପୁସ୍ତକ 'ଅଫ୍ କାଉନସେଲ୍: ଦ ଚ୍ୟାଲେଞ୍ଜେସ ଅଫ୍ ଦ ମୋଦି-ଜେଟ୍‌ଲୀ ଇକୋନୋମୀ'ରେ ସେ ଲେଖିଛନ୍ତି ଯେ, ଗୋଟିଏ ଝଟ୍‌କାରେ ୮୬ ପ୍ରତିଶତ ମୁଦ୍ରାକୁ ଅଚଳ କରିଦିଆଗଲା। ବିମୁଦ୍ରୀକରଣ ଯୋଗୁ ବାସ୍ତବିକ ଜିଡିପି ଅଭିବୃଦ୍ଧି ପ୍ରଭାବିତ ହୋଇଛି। ତେବେ ଏହା ପୂର୍ବରୁ ମଧ୍ୟ ହ୍ରାସ ପାଉଥିଲା, କିନ୍ତୁ ବିମୁଦ୍ରୀକରଣ ଯୋଗୁ ଏହା ଅଧିକ ଦ୍ରୁତ ହୋଇଥିଲା। ସେ ଲେଖିଛନ୍ତି ଯେ, ବିମୁଦ୍ରୀକରଣ ପୂର୍ବରୁ ୬ ତ୍ରୈମାସରେ ହାରାହାରି ଅଭିବୃଦ୍ଧି ୮ ପ୍ରତିଶତ ଥିଲା ଓ ପରେ ଏହା ୬.୮ ପ୍ରତିଶତକୁ ଖସି ଆସିଥିଲା। ଏଥିଯୋଗୁ ଦେଶର ଆର୍ଥିକ ବିକାଶ ଧିମା ପଡିଥିଲା, ଏଥିରେ ସମସ୍ତେ ସହମତ ହେବେ ବୋଲି ସୁବ୍ରମଣ୍ୟନ କହିଛନ୍ତି।

### 'ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ରେ ସଙ୍କଟ ଲାଗି ଆର୍‌ବିଆଇ ଦାୟୀ'



ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ରେ ଦେଖାଦେଇଥିବା ଆର୍ଥିକ ସଙ୍କଟ ପାଇଁ ଏହାର ନିୟନ୍ତ୍ରକ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସମ୍ପୂର୍ଣ୍ଣ ରୂପେ ଦାୟୀ ବୋଲି ପ୍ରଧାନମନ୍ତ୍ରୀଙ୍କ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ କହିଛନ୍ତି। ନିଜ ପୁସ୍ତକରେ ସେ ଲେଖିଛନ୍ତି ଯେ, ରିଜର୍ଭ ବ୍ୟାଙ୍କର ଯଥେଷ୍ଟ ସମ୍ମାନ ରହିଛି। ଏହାର ଅର୍ଥ ନୁହେଁ ଆର୍‌ବିଆଇ ସବୁକିଛି ଠିକ୍ କରୁଛି। ବହୁ ବର୍ଷ ଧରି ଏହା ଋଣ ପ୍ରଦାନ ସମସ୍ୟାକୁ ଅଣଦେଖା କରିଥିଲା। ସେହିପରି ନୀରବ ମୋଦି ଓ ଅନ୍ୟ ବ୍ୟାଙ୍କ ଜାଲିଆତି ମାମଲାକୁ ଏହା ଠିକ୍ ସମୟରେ ଧରିପାରି ନ ଥିଲା।

## 'ସ୍ୱାସ୍ଥ୍ୟ, କୃଷି କ୍ଷେତ୍ରରେ ଜିଏସ୍‌ଟି କାଉନ୍‌ସିଲ ଭଳି ଢାଞ୍ଚା ଜରୁରୀ'



**ନୂଆଦିଲ୍ଲୀ,୨୯-୧୧**

ଜିଏସ୍‌ଟି କାଉନ୍‌ସିଲ ଭଳି ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରରେ ସଂଘୀୟ ଢାଞ୍ଚା ଗଠନ ହେବା ଜରୁରୀ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ମତପ୍ରକାଶ କରିଛନ୍ତି। ଏଠାରେ ଭାରତୀୟ ଉଦ୍ୟୋଗ ମହାସଂଘ (ସିଆଇଆଇ) ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟ ଶିଖର ସମ୍ମିଳନୀରେ ନିଜର ଉଦ୍‌ବୋଧନରେ ଜେଟ୍‌ଲୀ କହିଛନ୍ତି ଯେ, ଉକ୍ତ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଂଘୀୟ ଢାଞ୍ଚା ଗଠନ ହେଲେ କଲ୍ୟାଣକାରୀ ଯୋଜନାକୁ ଲାଗୁ କରିବାକୁ ରାଜ୍ୟଗୁଡିକ ବାଧ୍ୟ ହେବେ। ଏହାକୁ ସେମାନେ ଅଟକାଇ ପାରିବେ ନାହିଁ। କେନ୍ଦ୍ର ସରକାର କେବଳ ଯୋଜନା ଲାଗୁ କରିବାରେ ସହଯୋଗ ଦେବେ। ସେ କହିଛନ୍ତି ଯେ, ସାମଗ୍ରୀ ଓ ସେବା କର(ଜିଏସ୍‌ଟି) ମାମଲାରେ ଜିଏସ୍‌ଟି କାଉନସିଲ ଭଳି ସଂଘୀୟ ଢାଞ୍ଚା ଫଳପ୍ରଦ ହୋଇଛି। କୃଷି ଓ ସ୍ୱାସ୍ଥ୍ୟରେ ଏଭଳି ଗଠନ ହେବାର ଆବଶ୍ୟକତା ରହିଛି। ଏବେ ରାଜ୍ୟ ଓ କେନ୍ଦ୍ର ସରକାର ନିଜ ନିଜର ସ୍ୱାସ୍ଥ୍ୟ ସେବା ଯୋଜନାକୁ ପ୍ରଚଳନ କରୁଛନ୍ତି। ସେ କହିଛନ୍ତି ଯେ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନାକୁ ଏକାଠି ମିଶାଯିବା ଆବଶ୍ୟକ। ଏହାଦ୍ୱାରା ଦେଶବାସୀଙ୍କୁ ଲାଭ ଅଧିକ ମିଳିବ। ତେବେ ଯେଉଁ କ୍ଷେତ୍ରରେ ସମ୍ବିଧାନ ଏଭଳି ସୁବିଧା ଦେଇନି ସେଠାରେ ରାଜନୈତିକ ପରିପକ୍ୱତା ପ୍ରଦର୍ଶନ କରିବାକୁ ହେବ ଓ ଏହାକୁ କ୍ରିୟାନ୍ୱୟନ କରିବାକୁ ହେବ।

# ୩ ମାସ ପରେ ୬୯ ଛୁଇଁଲା ଟଙ୍କା

**ମୁମ୍ବାଇ,୨୯-୧୧**

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର କ୍ରମାଗତ ହ୍ରାସ ପାଉଥିବାରୁ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଉପରେ ଏହାର ସକାରାତ୍ମକ ପ୍ରଭାବ ଦେଖିବାକୁ ମିଳୁଛି। ଟଙ୍କା ମଧ୍ୟ କ୍ରମାଗତ ବୃଦ୍ଧି ପାଇ ଏହାର ୩ ମାସର ସ୍ତର ନିକଟତର ହୋଇଛି। ଗୁରୁବାର ଟଙ୍କା ୭୭ ପଇସା ବୃଦ୍ଧି ପାଇ ଦୀର୍ଘଦିନ ପରେ ୭୦ ତଳକୁ ଖସିଆସିଛି। ବଜାର ବନ୍ଦ ହେବା ବେଳକୁ ଏହାର ମୂଲ୍ୟ ୬୯.୮୫ ଥିଲା। ଅନ୍ୟପକ୍ଷରେ ଟଙ୍କାର ମୂଲ୍ୟ ବୃଦ୍ଧି ଦେଶର ଷ୍ଟକ୍ ବଜାରରେ ଖୁସି ଆଣି ଦେଇଥିଲା।

ଗୁରୁବାର ସକାଳେ ମୁଦ୍ରା ବଜାରରେ ଟଙ୍କା ୭୦.୧୫ରେ କାରବାର ଆରମ୍ଭ କରିଥିଲା। ଏହା ଏକ ସମୟରେ ୬୯.୭୮ରେ ପହଞ୍ଚିଥିବା ପରେ ଶେଷରେ ୬୯.୮୫ରେ ବନ୍ଦ ହୋଇଥିଲା। ଟଙ୍କାର ମୂଲ୍ୟ ବୃଦ୍ଧି ଯୋଗୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଓ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜରେ ଭଲ କାରବାର ହୋଇଥିଲା। ଦିନର କାରବାର ଶେଷ ହେବା ବେଳକୁ ସେନସେକ୍ସ ୪୫୩.୪୬ ପଏଣ୍ଟ ବୃଦ୍ଧି ପାଇ ୩୬,୧୭୦.୪୧ରେ ବନ୍ଦ ହୋଇଥିଲା। ସେହିପରି ନିଫ୍ଟି ୧୨୯.୮୫ ପଏଣ୍ଟ ବୃଦ୍ଧି ସହ ୧୦,୮୫୮.୭୦ରେ ବନ୍ଦ ହୋଇଛି।

### ଷ୍ଟକ୍ ବଜାରରେ ଆଣିଲା ଖୁସି




# ଡ୍ୟୁକ୍‌ର ସ୍ୱେଟର, ଜ୍ୟାକେଟ କଲେକ୍ସନ

**ଭୁବନେଶ୍ୱର,୨୯-୧୧**

ଡ୍ୟୁକ୍ ପକ୍ଷରୁ ନୂଆ ସ୍ୱେଟର ଏବଂ ଜ୍ୟାକେଟ କଲେକ୍ସନ ୨୦୧୮-୧୯ ବଜାରକୁ ଆସିଛି। ୟୁରୋପର କସମୋପଲିଟାନ ଡ୍ରେସିଂ ଷ୍ଟାଇଲ ଆଧାରରେ ନୂଆ କଲେକ୍ସନର ବଜାର ପ୍ରବେଶ ହୋଇଛି। ଏଥିରେ ଗ୍ରାହକମାନେ ୟୁନାଇଟେଡ ଷ୍ଟ୍ରକଚର, କଲର ଏବଂ ବ୍ରାଣ୍ଡିଂ ଭଳି ବୈଶିଷ୍ଟ୍ୟ ପାଇ ପାରିବେ। ସେହିଭଳି ଉନ୍ନତ ଫ୍ୟାବ୍ରିକ, ଟ୍ରେଣ୍ଡିଂ କଲର, ଷ୍ଟାଇଲ ବିକଳ୍ପ, ଡିଜାଇନର ପ୍ୟାଟର୍ନ ସହ ବିଶ୍ୱ ବଜାରର ଟ୍ରେଣ୍ଡ ଆଧାରରେ ଏହାକୁ ପ୍ରସ୍ତୁତ କରାଯାଇଛି। କଲେକ୍ସନଗୁଡିକ ମଧ୍ୟରେ ଓଲେନ ଟପ୍ସ, ବମ୍ବର୍ସ,ଲଙ୍ଗ କୋର୍ଟ, ସ୍କି ଜ୍ୟାକେଟ, ବ୍ରିଡ କୋଟ୍, ରେଗ୍ୟୁଲାର ଜ୍ୟାକେଟ, ସ୍ପୋର୍ଟ ଜ୍ୟାକେଟ, ଚେଷ୍ଟର, ହୁଡ ଜ୍ୟାକେଟ, ଓ୍ୱାସଡ ଜ୍ୟାକେଟ ରହିଛି। ସେହିଭଳି ମକ୍ସ ଏନ୍ ମ୍ୟାଚ୍ ସ୍ୱେଟର ମଧ୍ୟରେ ଷ୍ଟ୍ରପ, ଜ୍ୟାକୁଆର୍ଡସ, ସ୍ପୋର୍ଟି, ଫୁଲ ଜିପର୍ସ, ହୁଡେଡ ରହିଛି। ପୁରୁଷ, ମହିଳା ଏବଂ ଶିଶୁଙ୍କ ବର୍ଗରେ କଲେକ୍ସନ ସାମିଲ ରହିଛି। ବଜାର ଧାରା ଅନୁସାରେ ଗ୍ରାହକଙ୍କୁ ଟ୍ରେଣ୍ଡି ଏବଂ ଷ୍ଟାଇଲିସ ପ୍ରଡକ୍ଟ ଯୋଗାଣ ଉପରେ କାର୍ଯ୍ୟ କରୁଛୁ ବୋଲି ଡ୍ୟୁକ ଫ୍ୟାସନ୍ସ ଲିମିଟେଡର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ ସୂଚନା ଦେଇଛନ୍ତି।




सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING AND DESIGN INSTITUTE LIMITED
(A Subsidiary of Coal India Limited)
Regional Institute–VII, Plot No : E-4, Near Gandhi Park, Samantapuri, PO : RRL, Bhubaneswar-751013(Odisha)
cmpdi – A Mini Ratna Company

**e-TENDER NOTICE**

Offers are invited for CMPDI, Regional Institute - VII, Plot No. : E-04, Near Gandhi Park, Samantapuri, Bhubaneswar through e-Tendering (ON-LINE BIDDING) only : **Tender Noltice No. & Date :** NIT. NO. CMPDI/RI-VII/BBSR/REC_LAB/Veh/Re-Tender2/2018/3152 dated 17-11-2018. **Description :** Hiring of 04 (four) nos. of Multi-Utility Vehicle for Routine Environmental Monitoring Works for the projects of MCL in the state of Odisha for a period of one year. **Estimated value of work (in Rs.) :** 14,50,260.00. **Period of Completion :** 365 Days. Detailed tender notice & Tender documents including terms and conditions of works shall be available on e-tendering portal https://coalindiatenders.nic.in and Tender Notice only shall be available at websites www.cmpdi.co.in and www.eprocure.gov.in from **03-12-2018 to 17-12-2018.** Important Note to all prospective bidders : For ON-LINE bidding, the bidders should possess Class–II/III Digital Signature Certificate (DSC) and enroll themselves at https://coalindiatenders.nic.in. For any quey, contact HOD (Lab), CMPDI, RI-VII, Bhubaneswar Tel. No.0674–2302712. Mobile No.9438881023 & Fax No.0674–2301762.

**HOD(Lab)**



**ଫର୍ମ ଏ**
**ସର୍ବସାଧାରଣ ଉଦ୍‌ଘୋଷଣା**
(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଇନ୍‌ସଲ୍‌ଭେନ୍ସି ରିଜୋଲ୍ୟୁଶନ୍ ପ୍ରୋସେସ୍ ଫର୍ କର୍ପୋରେଟ୍ ପର୍ସନ୍ସ) ରେଗୁଲେସନ୍ସର ନିୟମାବଳୀ ୬, ୨୦୧୬ ଅଧୀନରେ)
**ଓରଟେଲ୍ କମ୍ୟୁନିକେଶନ୍ସ ଲିମିଟେଡ୍‌ର ଋଣଦାତାଙ୍କ ଧ୍ୟାନ ଆକର୍ଷଣ ନିମନ୍ତେ**

ସମ୍ପର୍କିତ ବିବରଣୀ

| | | |
|---|---|---|
| ୧. | [illegible] | [illegible] |
| ୨. | [illegible] | [illegible] |
| ୩. | [illegible] | [illegible] |
| ୪. | [illegible] | [illegible] |
| ୫. | [illegible] | [illegible] |
| ୬. | [illegible] | [illegible] |
| ୭. | [illegible] | [illegible] |
| ୮. | [illegible] | [illegible] |
| ୯. | [illegible] | [illegible] |
| ୧୦. | [illegible] | [illegible] |
| ୧୧. | [illegible] | [illegible] |
| ୧୨. | [illegible] | [illegible] |
| ୧୩. | [illegible] | [illegible] |
| ୧୪. | [illegible] | [illegible] |
| ୧୫. | [illegible] | [illegible] |
| ୧୬. | [illegible] | [illegible] |



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
E.H.T. (O&M) Division, Jayanagar-764005. CIN: U40102OR2004SGC007553

**NOTICE INVITING TENDER**

Sealed Tenders are invited by the undersigned from registered order Suppliers / Manufacturers / their Authorized Dealers / Vehicle Owners having valid I.T PAN No. and GST Registration Certificate for **Tender Call No.: 19** Hiring of diesel run commercial registered light vehicles AC Bolero or equivalent on monthly basis with daily hiring rate for office of DGM, EHT(O&M) Division, Jayanagar for the periods of two years and Supply of different materials under **EHT (O&M) Division, Jayanagar. Cost of tender papers** are **Rs.2,240.00** and **Rs.672.00 (non-refundable)** in shape of Cash. **EMD** are of **Rs.5000.00** and **Rs.2,000.00** in the shape of DD. **Sale of tender documents** from **Dt.28.11.2018** to up to **12:00 Noon** of **Dt.06.12.2018. Last date of submission of tender** on or before **Dt.06.12.2018** up to **02:00PM. Tenders will be opened** on **Dt.06.12.2018** at **04:30PM. Corrigendum, if any, will be published in the website only.**

Sd/- **DGM (Ele.)**

Please connect us: optcl.odisha optcl_odisha energyodisha



**Mahanadi Coalfields Limited**
(A Subsidiary of Coal India Limited)
Jagruti Vihar, Burla - 768020, Dist. - Sambalpur, Odisha
Ph. (EPABX) : 0663-2542461 to 469 Website : www.mahanadicoal.in

**GENERAL TENDER NOTICE FOR e-PROCUREMENT**

Mahanadi Coalfields Limited (MCL) is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, coal loading, extraction of coal by Surface Miner, Overburden removal etc.) and GOODS (Procurement of equipments, spares, consumables, medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of CIL (https://coalindiatenders.nic.in) as well as on the Central Public Procurement portal of Govt. of India (http://eprocure.gov.in). Bids are to be submitted ONLINE on the above e- Procurement portal of CIL by enrolled Bidders. EMD can also be submitted online. Enrollment of Bidders on the eProcurement portal of CIL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of CIL for enrollment and participation in Tenders. **[Contact details: Tel.- 0663- 2542264/2542695** (available during office hours only); email- **hlp-eproc.mcl@nic.in** ]

R-4864

*Give a missed call on toll free number 1800 200 3004 to get our Apps.*



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 235/2018**

**Syndicate Bank, Main Branch, Kalpana Square, Bhubaneswar** ...Applicant
-Versus-
**M/s. Tarun Enterprises & Others** ...Defendants
To
1. **M/s. Tarun Enterprises,** At: L-109, Dumduma, H.B. Colony, Bhubaneswar, Dist.: Khurda-751019, **Represented through its Proprietor Md. Sarfaraj Ali.**
2. **Md. Sarfaraj Ali,** S/o: Md. Saukat Ali, At: L-109, Dumduma, H.B. Colony, Bhubaneswar, Dist.: Khurda-751019
3. **Md. Anwar,** S/o: Late Md. Ajahar, At: EB-668, Badagada Brit Colony, Bhubaneswar-18, Dist.: Khurda

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 235/2018** in the Court of Debts Recovery Tribunal at Cuttack for a recovery of **Rs. 10,22,534.11** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **8th day of Jan, 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **26th day of Nov 2018.**

**Sd/- Registrar**
**Debts Recovery Tribunal**



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o the DGM, E.H.T. (O&M) Division, Balasore, Dist: Balasore-19. CIN: U40102OR2004SGC007553

**NOTICE INVITING TENDER - 11/2018-19**

Sealed tenders in duplicate are invited from intending Bidders having (i) valid Civil license (C or D) & HT license with PAN, GST for **Fixing of Heavy duty vitrified tiles in front of control room building at 220/132/33KV Grid S/S, Balasore (ii)** valid Civil license(C or D) with PAN, GST for **Construction of CC Road, control room front boundary wall , supply & fixing of stainless steel gate with pillar at 132/33KV Grid S/S, Somanathpur. Cost of Tender Paper :** Rs 2240/-, **EMD :** @1% of the quoted price including GST for each tender is to be submitted in shape of DD drawn in favour of **DGM, EHT (O&M) Division, OPTCL, Balasore** payable at **Balasore** without which the tender shall be rejected. **Sale of tender documents :** from Dt.03.12.18 to Dt. 13.12.18. **The tenders shall be received :** up to 1 P.M. on Dt.14.12.18 and will be opened at 3.00P.M on same date. For details, please visit our website **www.optcl.co.in. Corrigendum, if any, will be published in the website only.**

Sd/- **Dy. General Manager**

Please connect us: optcl.odisha optcl_odisha energyodisha



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janapath, Bhubaneswar - 751022
OFFICE OF THE G.M. (ELECT.) E.H.T. (O&M) CIRCLE, JAJPUR ROAD
AT: TTS COLONY, P.O.- SOBRA, JAJPUR ROAD, DIST.: JAJPUR, PIN - 755019 (ODISHA), PHONE/FAX NO.: 06726-220965 (Off.), E-mail: ehtm.cle.jjp@optcl.co.in
CIN: U40102OR2004SGC007553

No.: Tech/WO-28/OT-08(18-19)/1868 Dated: 29.11.18

**TENDER CALL NOTICE NO.- 08/18-19**

Sealed tenders are invited from the registered travel Agency/Private Organization/Individual/ Owner of the vehicle having GST Registration Certificate, PAN Card for supply of 03 Nos. Diesel run hired vehicles 09 seated Non-AC Bolero or equivalent for different offices [EHT (O&M) Sub-Division, Jajpur Road/EHT (O&M) Sub-Division, New Duburi.E&MR Sub-Division, Jajpur Road] under this circle. Cost of tender paper is Rs.2,000.00 + GST @ 12% = Rs.2,240/- (Including GST), EMD = Rs.2,700/-. Sale of tender documents is from **Dated 30.11.2018 to Dated 10.12.2018** (during office hours). Last date of submission of tender is **Date 11.12.2018** upto 01.00 P.M. Date of opening of tender is Date **11.12.2018** at 3.00 P.M. For details visit our website: **www.optcl.co.in**.
Corrigendum if any will be published in the OPTCL website only.

**Sd./- General Manager (Elect.), EHT (O&M) Circle, Jajpur Road**



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 129/2018**

**Syndicate Bank, Keonjhar Branch, Keonjhar** ...Applicant
-Versus-
**M/s. Rahul Enterprises & Others** ...Defendants
To
1. **M/s. Rahul Enterprises,** At: Mandua, P.O./P.S.: Keonjhar, Dist.: Keonjhar-758001, **Represented through its Proprietor Duryodhan Dash.**
2. **Mr. Duryodhan Dash,** S/o: Gangadhar Dash, At: Betira, P.O.: Mareigan, Dist.: Keonjhar
3. **Smt. Manorama Dash,** W/o: Duryodhan Dash, At: Betira, P.O.: Mareigan, Dist.: Keonjhar

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 129/2018** in the Court of Debts Recovery Tribunal at Cuttack for a recovery of **Rs. 20,54,274.85** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **3rd day of Jan, 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **24th day of Nov 2018.**

**Sd/- Registrar**
**Debts Recovery Tribunal**



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 236/2018**

**Syndicate Bank, Kalpana Square Main Branch, Bhubaneswar** ...Applicant
-Versus-
**Mr. Krushna Chandra Biswal** ...Defendant
To
1. **Mr. Krushna Chandra Biswal,** S/o: Sankar Biswal, At: Plot No.: 2517, Pandara, P.O.: GGP Colony, P.S.: Mancheswar, Bhubaneswar, Dist.: Khurda-751010

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 236/2018** in the Court of Debts Recovery Tribunal at Cuttack for a recovery of **Rs. 57,19,509.00** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **3rd day of Jan, 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **24th day of Nov 2018.**

**Sd/- Registrar**
**Debts Recovery Tribunal**



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ ନଂ.: ୭୭୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର - ୭୫୧୦୦୭

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟେରେଷ୍ଟ ଆକ୍ଟ ୨୦୦୨ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ନିମ୍ନଲିଖିତ ଋଣଗ୍ରହୀତା **ଶୁଭଶ୍ରୀ ବାବୁ, ସ୍ୱା- ଉଦିତ ପ୍ରସାଦ ବାବୁ** ଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଧାରା ୧୩(୨) ଅନୁଯାୟୀ ଋଣଗ୍ରହୀତା / ଜାମିନ୍‌ଦାର ମାନଙ୍କୁ ଶେଷ ଜ୍ଞାତ ଠିକଣାରେ ରେଜଷ୍ଟ୍ରି ଡାକ ସହିତ ଏ.ଡି. ଡାକ ଯୋଗେ ନୋଟିସ୍ ଜାରି କରାଯାଇଥିଲା। ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର ମାନଙ୍କୁ ଅବଗତ କରାଗଲା।

| ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା/ ଆକାଉଣ୍ଟ ନଂ | ସମ୍ପତ୍ତିର ବିବରଣୀ /ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ପରିମାଣ |
|---|---|---|---|---|
| **ଋଣଗ୍ରହୀତା: ଶୁଭଶ୍ରୀ ବାବୁ,** ସ୍ୱାମୀ.: ଶ୍ରୀ ଉଦିତ ପ୍ରସାଦ ବାବୁ / **ଜାମିନ୍‌ଦାର.: ଶ୍ରୀ ଉଦିତ ପ୍ରସାଦ ବାବୁ, ପିତା.: ଶତୃଘ୍ନ ବାବୁ,** ଉଭୟଙ୍କ ଠିକଣା.: ନିୟୁ କଲୋନୀ, ବୁଡାରାଜା, ସମ୍ବଲପୁର-୭୬୮୦୦୧/ **ଆକାଉଣ୍ଟ ନଂ.: ୩୪୫୨୫୦୧୯୯୪(ଏଚ୍‌ଏଲ), ୩୪୫୨୫୦୨୦୩୭୧(ଏଚ୍‌ଏଲଏସ)** | ଶୁଭଶ୍ରୀ ବାବୁ ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା.: ଖୋର୍ଦ୍ଧା, ଏସ୍‌ଆରଓ.: ଖଣ୍ଡଗିରି, ମୌଜା.: ଜାଗମରା, ୟୁନିଟ୍ ନଂ- ୨୦, ଥାନା.: ନିୟୁ କ୍ୟାପିଟାଲ, ୟୁନିଟ- ୩୮, ଖାତା ନଂ.: ୧୩୬, ୨୮୧, ୧୩୫, ୧୧୩୩/୨୬୫, ପ୍ଲଟ୍ ନଂ.: ୭୦୧, ୭୦୭, ୬୯୧/୬୧୨୨, ୬୮୯(ଅଂଶ), ୬୯୨/୬୧୨୧, ୭୦୩,୭୦୧/୨୧୨୨, କ୍ଷେତ୍ର.: ଏକର ୦.୩୭୦ ଡିସିମିଲି, **ସମ୍ପତ୍ତିର ପରିଚୟ:** ଫ୍ଲାଟ୍ ନଂ.- ୧୦୪, ବ୍ଲକ-୫, ଟାଇପ୍: ୨ବିଏଚ୍‌କେ ତଳ ମହଲା ରେ ସୁପର ବିଲ୍ଟ ଅପ୍ ଏରିଆ: ୧୧୭୩ ବର୍ଗଫୁଟ, ପ୍ରୋଜେକ୍ଟ: ସୁପ୍ରତିକ ଏଲିଗାନସ୍ | ୧୫.୧୦.୨୦୧୮ | ୨୮.୦୯.୨୦୧୮ | ୦୮.୧୦.୨୦୧୮ ପର୍ଯ୍ୟନ୍ତ ଅର୍ଜିତ ସୁଧ ସହିତ ଟ.୨୧,୬୭,୩୯୨/- + ସେବାବଦ ସୁଧ ଏବଂ ଖର୍ଚ୍ଚ |

ନୋଟିସ୍ ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗହୀତା/ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ ର ଉପଧାରା (୪) ଅନୁସାରେ ୬୦ ଦିନ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ।

ତାରିଖ : ୨୯.୧୧.୨୦୧୮
ସ୍ଥାନ : ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## କଳିଙ୍ଗ କର୍ନର

### ପ୍ରଥମ କ୍ୱାର୍ଟରରୁ ଗୋଲ ବର୍ଷାର ଆଭାସ

ଭୁବନେଶ୍ୱର, ୨୯।୧୧(କ୍ରୀଡ଼ା ପ୍ରତିନିଧି): ହକି ବିଶ୍ୱକପର ଗୁରୁବାର ଅନୁଷ୍ଠିତ ଆର୍ଜେଣ୍ଟିନା-ସ୍ପେନ ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ୪ ମିନିଟ ମଧ୍ୟରେ ୨ଟି ଏବଂ ପ୍ରଥମ କ୍ୱାର୍ଟରରେ ୫ଟି ଗୋଲ ସ୍କୋର ହୋଇଥିଲା। ଯାହାକି ଉପସ୍ଥିତ ଦର୍ଶକଙ୍କୁ ମନୋରଞ୍ଜନର ବେଶ୍ ଖୋରାକ ଯୋଗାଇଥିଲା। ଏଥିସହ ମ୍ୟାଚରେ ଗୋଲବର୍ଷାର ଆଭାସ ମିଳିଥିଲା। ସମକକ୍ଷ ଦଳ ମଧ୍ୟରେ ଲଢ଼େଇ ଜୋରଦାର ହୋଇଥିବାରୁ ମ୍ୟାଚଟି ହାଇସ୍କୋରିଂ ହେବା ସ୍ପଷ୍ଟ ହୋଇଯାଇଥିଲା। ଯାହାକି ମ୍ୟାଚରେ ମଧ୍ୟ ପ୍ରତିଫଳିତ ହୋଇଥିଲା। ମୋଟ ୭ଟି ଗୋଲ ହୋଇଥିଲା ଏହି ମ୍ୟାଚରେ।

### ଉତ୍ସାହ ବଢ଼ାଇଲେ ସ୍କୁଲ ଛାତ୍ରୀଛାତ୍ର

ବିଶ୍ୱକପ ପାଇଁ ଭାରତ ଖେଳିବାକୁଥିବା ସମସ୍ତ ମ୍ୟାଚର ଟିକେଟ ବିକ୍ରି ହୋଇ ଯାଇଥିବାବେଳେ ଅନ୍ୟ ଲିଗ୍ ମ୍ୟାଚଗୁଡ଼ିକର ଟିକେଟ ବଳି ପଡ଼ିଥିଲା। ଫଳରେ ମ୍ୟାଚ ଦେଖିବାକୁ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦିଆ ଯାଇଥିଲା। ନର୍ଥ, ସାଉଥ୍ ଏବଂ ଇଷ୍ଟ ଷ୍ଟାଣ୍ଡରେ ଅର୍ଦ୍ଧାଧିକ ସିଟ୍‌ରେ ଛାତ୍ରୀଛାତ୍ରଙ୍କୁ ଦେଖିବାକୁ ମିଳିଥିଲା। ପିଲାମାନେ ମଧ୍ୟ ଏହାର ଭରପୂର ଫାଇଦା ଉଠାଇଥିଲେ। ପ୍ରତିଟି ଗୋଲ ଏବଂ ମଧ୍ୟାନ୍ତରରେ ବାଦ୍ୟର ତାଳେତାଳେ ସେମାନେ ତାଳିମାରି ଏବଂ ନାଚିନାଚି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ମାସ୍କଟ ଓଲିର ଷ୍ଟାଡିୟମ ପରିକ୍ରମା

ହକି ବିଶ୍ୱକପର ମାସ୍କଟ ଓଲି ମ୍ୟାଚର ମଧ୍ୟାନ୍ତରରେ ଷ୍ଟାଡିୟମ ପରିକ୍ରମା କରିଥିଲା। ଦର୍ଶକଙ୍କ ଉଦ୍ଦେଶ୍ୟରେ ହାତ ହଲାଇବା ସହ ଅଭିବାଦନ ଗ୍ରହଣ କରିଥିଲା। ଷ୍ଟାଡିୟମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ କୋଳାହଳ ମାଧ୍ୟମରେ ଓଲିକୁ ଉତ୍ସାହିତ କରିଥିଲେ।

### ଦର୍ଶକ ନିରପେକ୍ଷ

ଗୁରୁବାର ଅନୁଷ୍ଠିତ ୨ଟି ଯାକ ମ୍ୟାଚରେ ଭାରତ ଖେଳୁ ନ ଥିଲା। ତେଣୁ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକମାନେ ଉଭୟ ମ୍ୟାଚରେ ନିରପେକ୍ଷତା ଅବଲମ୍ବନ କରିଥିଲେ। ଆର୍ଜେଣ୍ଟିନା ହେଉ କି ସ୍ପେନ, ନ୍ୟୁଜିଲାଣ୍ଡ କିମ୍ବା ଫ୍ରାନ୍ସ ମ୍ୟାଚର ପ୍ରତିଟି ମୁଭ୍‌ରେ ଏବଂ ଗୋଲ ସ୍କୋର ସମୟରେ ଦର୍ଶକମାନେ କୋଳାହଳ ମାଧ୍ୟମରେ ବିଦେଶୀ ଦଳଗୁଡ଼ିକୁ ଉତ୍ସାହିତ କରିଥିଲେ।

# ଗୋଲ ବର୍ଷିଲା: ଆର୍ଜେଣ୍ଟିନା ୪, ସ୍ପେନ୍ ୩

ଭୁବନେଶ୍ୱର, ୨୯।୧୧(କ୍ରୀଡ଼ା ପ୍ରତିନିଧି)



ସ୍ପେନର ଜଣେ ଖେଳାଳି (ଲାଲଜର୍ସି) ଆର୍ଜେଣ୍ଟିନା ଗୋଲପୋଷ୍ଟ ମଧ୍ୟକୁ ବଲ୍ ମାରିବାକୁ ଉଦ୍ୟମ କରୁଛନ୍ତି।

**ହେଭିୱେଟ ଲଢ଼େଇରେ ଆର୍ଜେଣ୍ଟିନାର ବାଜିମାତ**

ହକି ବିଶ୍ୱକପର ଗୁରୁବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକ ମ୍ୟାଚରେ ସ୍ପେନକୁ ୪-୩ ଗୋଲରେ ପରାସ୍ତ କରିଛି ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା। ହେଭିୱେଟ ମୁକାବିଲାରେ ୮ ନମ୍ବର ର୍‍୍ୟାଙ୍କିଙ୍ଗପ୍ରାପ୍ତ ୟୁରୋପୀୟ ଦଳ ବିପକ୍ଷରେ ଭାରି ପଡ଼ିଛି ବିଶ୍ୱର ୨ ନମ୍ବର ର୍‍୍ୟାଙ୍କ ଦକ୍ଷିଣ ଆମେରିକା ଦଳ। ସ୍ପିଡ୍ ଗେମ୍‌ର ଜ୍ୱଳନ୍ତ ନିଦର୍ଶନ ପ୍ରତିଫଳିତ ହୋଇଥିଲା ଏହି ମ୍ୟାଚରେ। ପ୍ରଥମ କ୍ୱାର୍ଟରରେ ୫ ଗୋଲ ବର୍ଷା ହେବାସହ ମ୍ୟାଚରେ ମୋଟ ୭ଟି ଗୋଲ ସ୍କୋର ହୋଇଥିଲା। କେବଳ ଦ୍ୱିତୀୟ କ୍ୱାର୍ଟରକୁ ଛାଡ଼ିଦେଲେ ଅନ୍ୟ ୩ଟି ଯାକ କ୍ୱାର୍ଟରରେ ଉଭୟ ଦଳ ପ୍ରତିପକ୍ଷ ଦଳର ନେଟ୍ ସ୍ପର୍ଶ କରିବାରେ ସକ୍ଷମ ହୋଇଥିଲେ। ଆର୍ଜେଣ୍ଟିନା ପକ୍ଷରୁ ଗୋଞ୍ଜାଲୋ ପିଲାଟ ଏବଂ ଅଗଷ୍ଟିନ ମାଜିଲ ୨ଟି ଲେଖାଏ ଗୋଲ ଦେଇଥିବାବେଳେ ସ୍ପେନ ପକ୍ଷରୁ ଏନରିକ୍ ଗୋଞ୍ଜାଲେଜ, ରୋମେଉ ଜୋସେଫ ଓ ରୁଇଜ୍ ଭିସେନ ଗୋଟିଏଲେଖାଏ ଗୋଲ ସ୍କୋର କରିଥିଲେ। ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଆର୍ଜେଣ୍ଟିନାର ଅଗଷ୍ଟିନ ମାଜିଲଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ତାଙ୍କୁ ୫୦,୦୦୦ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ମ୍ୟାଚ ଆରମ୍ଭରେ ହକି ଇଣ୍ଡିଆ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଆର.କେ. ଶ୍ରୀବାସ୍ତବ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

ଉଭୟ ଦଳ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରିଥିବାରୁ ମ୍ୟାଚଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଅଗ୍ରଣୀ ନେବା ଲକ୍ଷ୍ୟରେ ଉଭୟ ଦଳ ଉଦ୍ୟମ କରିଥିବାବେଳେ ପ୍ରଥମ ଗୋଲ ସ୍କୋର କରିଥିଲେ ସ୍ପେନର ଏନରିକ୍। ସେ ଏକ ଫିଲ୍ଡ ଗୋଲ ମାଧ୍ୟମରେ ସ୍ପେନକୁ ୧-୦ରେ ଆଗୁଆ କରାଇଥିଲେ। ମାତ୍ର ସ୍ପେନର ଏହି ଖୁସି ବେଶୀ ସମୟ ତିଷ୍ଠି ନ ଥିଲା। ଏହାର ଗୋଟିଏ ମିନିଟପରେ ଅର୍ଥାତ୍ ୪ର୍ଥ ମିନିଟରେ ଅଗଷ୍ଟିନ ମାଜିଲ ଫିଲ୍ଡ ଗୋଲ ମାଧ୍ୟମରେ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ୧୦ମିନିଟର ସଂଘର୍ଷପରେ ୧୪ତମ ମିନିଟରେ ଆର୍ଜେଣ୍ଟିନା ଡିଫେଣ୍ଡର ଓ ଗୋଲକିପରଙ୍କୁ ଚକ୍‌ମା ଦେବାରେ ସକ୍ଷମ ହୋଇଥିଲେ ସ୍ପେନର ରୋମେଉ ଜୋସେପ। ସ୍ପେନକୁ ମିଳିଥିବା ପେନାଲ୍ଟି କର୍ନରକୁ ସେ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ମାତ୍ର ଏଥର ମଧ୍ୟ ଅଗ୍ରଣୀର ଫାଇଦା ନେଇପାରି ନ ଥିଲା ସ୍ପେନ। ୧ ମିନିଟ ପରେ ଅର୍ଥାତ୍ ୧୫ତମ ମିନିଟରେ ଆର୍ଜେଣ୍ଟିନାର ମାଜିଲ ବ୍ୟକ୍ତିଗତ ଦ୍ୱିତୀୟ ଫିଲ୍ଡ ଗୋଲ ଦେବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ପ୍ରଥମ କ୍ୱାର୍ଟରର ଇଞ୍ଜୁରି ଟାଇମ୍‌ରେ ଆର୍ଜେଣ୍ଟିନା ଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଡିଫେଣ୍ଡର ଗୋଞ୍ଜାଲୋ ପିଲାଟ (୧୫ ଯୁକ୍ତ୧) ମିନିଟରେ ଏହାକୁ ଗୋଲରେ ପରିଣତ କରିବାରୁ ଆର୍ଜେଣ୍ଟିନାର ଅଗ୍ରଣୀ ବ୍ୟବଧାନ ୩-୨ରେ ପହଞ୍ଚି ଯାଇଥିଲା।

ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଦଳ ଅନେକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଗୋଲ ସ୍କୋର କରିପାରି ନ ଥିଲେ। ତୃତୀୟ କ୍ୱାର୍ଟର ଅର୍ଥାତ୍ ମ୍ୟାଚର ୩୫ତମ ମିନିଟରେ ସ୍ପେନର ରୁଇଜ୍ ଭିସେନଙ୍କ ଫିଲ୍ଡ ଗୋଲ ମ୍ୟାଚକୁ ୩-୩ ସ୍ଥିତିକୁ ନେଇ ଆସିଥିଲା। ମ୍ୟାଚ ଜିତିବା ପାଇଁ ଉଭୟ ଦଳ ୪ର୍ଥ କ୍ୱାର୍ଟର ଆରମ୍ଭରୁ ଆକ୍ରମଣକୁ ଜୋରଦାର କରିଥିଲେ। ସ୍ପେନ ଖେଳାଳିଙ୍କ ତ୍ରୁଟି ଯୋଗୁ ୪୯ତମ ମିନିଟରେ ଆର୍ଜେଣ୍ଟିନାକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହି ସୁବର୍ଣ୍ଣ ସୁଯୋଗର ସଦ୍‌ବ୍ୟବହାର କରିଥିଲେ ପିଲାଟ। ସେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେବାସହ ଆର୍ଜେଣ୍ଟିନାକୁ ୪-୩ରେ ଅଗ୍ରଣୀ କରାଇଥିଲେ। ଅବଶିଷ୍ଟ ସମୟରେ ମ୍ୟାଚକୁ ସମାନ ସ୍ତରକୁ ଆଣିବାପାଇଁ ସ୍ପେନ ଖେଳାଳିମାନେ ଆପ୍ରାଣ ଉଦ୍ୟମ କରିଥିଲେ ହେଁ ଆର୍ଜେଣ୍ଟିନା ଡିଫେଣ୍ଡରମାନେ ତାହା ହେବାକୁ ଦେଇ ନ ଥିଲେ। ମ୍ୟାଚ ଶେଷ ହେବାକୁ ମାତ୍ର ୧ସେକେଣ୍ଡ ବାକିଥିବାବେଳେ ସ୍ପେନ ପାଇଁ ବଡ଼ ସୁଯୋଗ ଆସିଥିଲା। ଆର୍ଜେଣ୍ଟିନା ଗୋଲପୋଷ୍ଟରେ ଗ୍ୟାପ୍ ଥିଲେ ହେଁ କ୍ରସ୍ ପାସ୍‌ରେ ଷ୍ଟିକ୍‌ସଂଯୋଗ କରିପାରି ନ ଥିଲେ ଏନରିକ ଗୋଞ୍ଜାଲେଜ। ଶେଷ ହ୍ୱିସିଲ ବାଜିବା ସହ ଆର୍ଜେଣ୍ଟିନା ଖେଳାଳିମାନେ ଖୁସି ମନାଇଥିଲେ। ମ୍ୟାଚରେ ସ୍ପେନ ୨ଟି ପେନାଲ୍ଟି କର୍ନର ପାଇଥିବାବେଳେ ଏଥିରୁ ଗୋଟିଏକୁ ଗୋଲରେ ପରିଣତ କରି ପାରିଥିଲେ। ସେହିପରି ଆର୍ଜେଣ୍ଟିନାକୁ ମିଳିଥିବା ୩ଟି ପେନାଲ୍ଟି କର୍ନରରୁ ୨ଟି ଗୋଲ ହୋଇଥିଲା। ପୋଲାଣ୍ଡର ଗ୍ରୋଚଲ ମାର୍ସିନ ଓ ଭାରତର ଜାଭେଦ ଶେଖ୍ ଅମ୍ପାୟର ଦାୟିତ୍ୱ ନିର୍ବାହ କରିଥିଲେ।



ତାମିଲନାଡୁର ଉଟିସ୍ଥିତ କ୍ରିସେଣ୍ଟ କ୍ୟାସେଲ ପବ୍ଲିକ ସ୍କୁଲ ପରିସରରେ ଓଡ଼ିଶା ହକି ବିଶ୍ୱକପ୍-୨୦୧୮ ଲାଗି ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇ ଆୟୋଜିତ ଏକ କାର୍ଯ୍ୟକ୍ରମ।



ଚିୟର ଗର୍ଲଙ୍କ ନୃତ୍ୟ।



ଦୁଇ କୁନି ପ୍ରଶଂସକ




ଷ୍ଟାଡିୟମ ମଧ୍ୟକୁ ପ୍ରବେଶ ପୂର୍ବରୁ ଖୁସି ଜାହିର କରୁଛନ୍ତି କିଛି ପ୍ରଶଂସକ।



କେ.ଏଲ. ରାହୁଲ ଆଉ ଅନଭିଜ୍ଞ କ୍ରିକେଟର ହୋଇ ରହିନାହାନ୍ତି । ବର୍ତ୍ତମାନ ଅଧିକ ଦାୟିତ୍ୱ ବହନ କରିବାର ସମୟ ଆସିଛି ।

–ସଞ୍ଜୟ ବାଙ୍ଗର, ଭାରତୀୟ କ୍ରିକେଟ ଦଳର ଆସିଷ୍ଟାଣ୍ଟ କୋଚ୍



କୋଚ୍ ରମେଶ ପାୱାର ମୋ ବିରୋଧରେ ଯେଉଁ ଅଭିଯୋଗ ଆଣିଛନ୍ତି, ତାହା ମୋତେ ବ୍ୟଥିତ କରିବା ସହ ମର୍ମାହତ କରିଛି ।

–ମିଥାଲି ରାଜ, ଭାରତୀୟ ସିନିୟର ମହିଳା କ୍ରିକେଟର

# ନ୍ୟୁଜିଲାଣ୍ଡ ୨–୧ରେ ଫ୍ରାନ୍ସକୁ ହରାଇଲା




ନ୍ୟୁଜିଲାଣ୍ଡ ଓ ଫ୍ରାନ୍ସ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ।

**ଭୁବନେଶ୍ୱର, ୨୯।୧୧(କ୍ରୀଡ଼ା ପ୍ରତିନିଧି)**

ରସେଲ କେନ୍ ଓ ଷ୍ଟିଫେନ ଜେନେସଙ୍କ ଗୋଲ ବଳରେ ନ୍ୟୁଜିଲାଣ୍ଡ ହକି ବିଶ୍ୱକପର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଫ୍ରାନ୍ସକୁ ୨–୧ ଗୋଲରେ ପରାସ୍ତ କରିଛି । କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଫ୍ରାନ୍ସ ପକ୍ଷରୁ ଅଧିନାୟକ ଭିକ୍ଟର ଚାର୍ଲେଟ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ । ବିଶ୍ୱ ର୍ୟାଙ୍କିଙ୍ଗର ୨୦ତମ ସ୍ଥାନରେ ଥିବା ଫ୍ରାନ୍ସ ୯ ନମ୍ବର ଦଳ ନ୍ୟୁଜିଲାଣ୍ଡ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା । ଶେଷ ୫ ମିନିଟରେ ଦଳ ଉତ୍ସାହି ପ୍ରଦର୍ଶନ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା । ମ୍ୟାଚ ଆରମ୍ଭରେ ଭାରତୀୟ ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ । ନ୍ୟୁଜିଲାଣ୍ଡର ଜେନେସଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଗୁରୁବାରର ଆର୍ଜେଣ୍ଟିନା–ସ୍ପେନ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ନ୍ୟୁଜିଲାଣ୍ଡ–ଫ୍ରାନ୍ସ ଦ୍ୱିତୀୟ ମ୍ୟାଚ ଅପେକ୍ଷାକୃତ ମାନ୍ଦା ରହିଥିଲା । ଆକ୍ରମଣାତ୍ମକ ଖେଳି କୌଣସି ଦଳ ପ୍ରତିପକ୍ଷ ଦଳ ଉପରେ ଚାପ ପକାଇବାରେ ସକ୍ଷମ ହୋଇ ନ ଥିଲେ । ଫଳରେ ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା । ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୬ତମ ମିନିଟରେ ନ୍ୟୁଜିଲାଣ୍ଡ ପକ୍ଷରୁ ରସେଲ କେନ୍ ପ୍ରଥମ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ । ଏହାପରେ ଆଉ କେତେକ ସୁଯୋଗ ସୃଷ୍ଟି ହୋଇଥିଲେ ହେଁ କୌଣସି ଦଳ ଏହାକୁ ଗୋଲରେ ପରିଣତ କରିପାରି ନ ଥିଲେ । ତୃତୀୟ କ୍ୱାର୍ଟରରେ ମଧ୍ୟ ଧିମା ଖେଳ ଦେଖିବାକୁ ମିଳିଥିଲା । ଫଳରେ କୌଣସି ଦଳ ଗୋଲ ଦେଇପାରି ନ ଥିଲେ । ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଫ୍ରାନ୍ସ ଗୋଲ ପରିଶୋଧ କରିବାକୁ ଜୋରଦାର ଉଦ୍ୟମ କରିଥିଲା । ଆକ୍ରମଣ ପ୍ରତିଆକ୍ରମଣ ମଧ୍ୟରେ ମ୍ୟାଚର ୫୬ତମ ମିନିଟରେ ଷ୍ଟିଫେନ ଜେନେସ ଗୋଟିଏ ଗୋଲ ଦେଇ ନ୍ୟୁଜିଲାଣ୍ଡ ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇ ଦେଇଥିଲେ । ଅସହାୟ ମନେ ହୋଇଥିବା ଫ୍ରାନ୍ସ କିନ୍ତୁ ଶେଷ ୬ ମିନିଟରେ ଖୁବ୍ ଲଢ଼ିଥିଲା । ଦଳପାଇଁ ୫୪ତମ ମିନିଟରେ ଗୋଲ ପରିଶୋଧ କରିବାର ସୁବର୍ଣ୍ଣ ସୁଯୋଗ ଆସିଥିଲା । ମାତ୍ର ଖେଳାଳିମାନେ ତାହାର ସଦୁପଯୋଗ କରିପାରି ନ ଥିଲେ । ମ୍ୟାଚ ଶେଷ ହେବାକୁ ମାତ୍ର ୧ ମିନିଟ ଥିବାବେଳେ ଅର୍ଥାତ୍ ୫୯ତମ ମିନିଟରେ ଦଳକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା । ଏହାକୁ ଗୋଲରେ ପରିଣତ କରିଥିଲେ ଅଧିନାୟକ ଭିକ୍ଟର ଚାର୍ଲେଟ । ଫଳରେ ଶେଷ ୧ ମିନିଟର ଖେଳ ବେଶ୍ ଉତ୍ତେଜନାପୂର୍ଣ୍ଣ ରହିଥିଲା । ମାତ୍ର ନ୍ୟୁଜିଲାଣ୍ଡ ଡିଫେନ୍ସକୁ ଭେଦକରି ଫ୍ରାନ୍ସ ଆଉ ଗୋଲ ଦେଇ ପାରି ନ ଥିଲା । ଫଳସ୍ୱରୂପ ନ୍ୟୁଜିଲାଣ୍ଡ ୨–୧ ଗୋଲରେ ବିଜୟୀ ହୋଇଥିଲା । ନ୍ୟୁଜିଲାଣ୍ଡ ଏହାର ପରବର୍ତ୍ତୀ ମ୍ୟାଚ ଡିସେମ୍ବର ୩ରେ ଆର୍ଜେଣ୍ଟିନା ସହିତ ଖେଳିବ । ସେହିଦିନ ଅନ୍ୟ ଏକ ମ୍ୟାଚ ସ୍ପେନ ଓ ଫ୍ରାନ୍ସ ମଧ୍ୟରେ ଅନୁଷ୍ଠିତ ହେବ ।

## ଜେଥ୍ରୋ ସମ୍ବର୍ଦ୍ଧିତ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପରେ ବୁଧବାର ଅନୁଷ୍ଠିତ ଭାରତ ବିପକ୍ଷ ମ୍ୟାଚରେ ଦକ୍ଷିଣ ଆଫ୍ରିକାର ଯୁଷ୍ଟିସ ଜେଥ୍ରୋ କ୍ୟାରିୟରର ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ । ଗୁରୁବାର ନ୍ୟୁଜିଲାଣ୍ଡ–ଫ୍ରାନ୍ସ ମ୍ୟାଚ ପରେ ଶତକ ମ୍ୟାଚ ପାଇଁ ଜେଥ୍ରୋଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା । ଏପରି ପରିବେଶରେ ଖେଳିଥିବାରୁ ଏବଂ ୧୦୦ତମ ମ୍ୟାଚରେ ପଦାର୍ପଣ କରିଥିବାରୁ ଜେଥ୍ରୋ ଖୁସି ଜାହିର କରିଥିଲେ ।

■ ଅସଜଡ଼ା ସୁରକ୍ଷା ବ୍ୟବସ୍ଥା

# ରାସ୍ତାରେ ଅଟକିଲେ ଦକ୍ଷିଣ ଆଫ୍ରିକା ଖେଳାଳି

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

ଦକ୍ଷିଣ ଆଫ୍ରିକା ଏବଂ ପାକିସ୍ତାନ ହକି ଟିମ୍‌ର ଖେଳାଳିମାନେ ଗୁରୁବାର ଏସ୍‌ପ୍ଲାନେଡ୍ ମଲ୍‌କୁ ବୁଲିବାକୁ ଯିବା ସହ ଶପିଂ କରିଥିଲେ । ତେବେ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ମଲ୍‌କୁ ଆସିବା ସମୟରେ ସୁରକ୍ଷାରେ କେତେକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା । ଫଳରେ ଖେଳାଳିମାନେ ଆସିଥିବା ବସ୍‌ଟି ରାସ୍ତାରେ ଅଟକି ରହିଥିଲା । ଖେଳାଳିମାନେ ବସ୍ ଭିତରେ ବସି ରହିଥିଲେ ।

ଗୁରୁବାର ଅପରାହ୍ନ ପ୍ରାୟ ୧ଟା ୩୦ରେ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ଏକ ବସ୍‌ରେ ଏସ୍‌ପ୍ଲାନେଡ୍ ମଲ୍ ଆସିଥିଲେ । ରସୁଲଗଡ଼ରୁ ଯିବା ବେଳେ ଏସ୍‌ପ୍ଲାନେଡ୍ ସମ୍ମୁଖ ଡିଭାଇଡର ନିକଟରେ ବସ୍‌ଟି ବୁଲିପାରି ନ ଥିଲା । ଖେଳାଳିଙ୍କ ସୁରକ୍ଷା ଲାଗି ଏକ ଏସ୍କର୍ଟ ଭ୍ୟାନ ଆସିଥିଲେ ମଧ୍ୟ ଠିକ୍ ପଦକ୍ଷେପ ନ ନେବାରୁ ଏପରି ସମସ୍ୟା ଉପୁଜିଥିଲା । ପାଖାପାଖି ୬ରୁ ୭ ମିନିଟ୍ ଧରି ବସ୍‌ଟି ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିଲା । ଖେଳାଳିମାନେ ବସ୍ ଭିତରେ ବସି ରହିଥିଲେ । କିଛି ସମୟ ପରେ ବସ୍‌ଟି ଆଗକୁ ଯାଇ ବମିଖାଲ ଓଭରବ୍ରିଜ ନିକଟରେ ୟୁ ଟର୍ନ କରି ଏସ୍‌ପ୍ଲାନେଡ୍ ସମ୍ମୁଖକୁ ଆସିଥିଲା । ସ୍ଥାନୀୟ ଲୋକେ ପୋଲିସର ସୁରକ୍ଷା ବ୍ୟବସ୍ଥାକୁ ସମାଲୋଚନା କରିଥିଲେ । ଖେଳାଳିମାନେ ପ୍ରାୟ ୨ ଘଣ୍ଟା ମଲରେ ବିତାଇବା ପରେ ହୋଟେଲକୁ ଫେରିଥିଲେ । ଶପିଂ କରିବା ସହ ମଲରେ ଥିବା ରେଷ୍ଟୁରାଣ୍ଟରେ

### ଏସ୍‌ପ୍ଲାନେଡରେ ଶପିଙ୍ଗର ମଜା ନେଲା ପାକିସ୍ତାନ

ବିଦେଶୀ କେଏଫ୍‌ସି ଡୋମିନସ ଏବଂ କଣ୍ଟିନେଣ୍ଟାଲ ଫୁଡ୍‌ର ମଜା ନେଇଥିଲେ ।

ଅପରାହ୍ନ ପ୍ରାୟ ୪ଟା ବେଳକୁ କଡା ସୁରକ୍ଷା ବଳୟ ଭିତରେ ପାକିସ୍ତାନର ଖେଳାଳିମାନେ ଏସ୍‌ପ୍ଲାନେଡ୍ ଆସିଥିଲେ । ପାକିସ୍ତାନ ଖେଳାଳିଙ୍କ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଖେଳାଳିମାନେ ମଲ୍‌ରୁ ପୋଷାକ କିଣିଥିବା ବେଳେ ରେଷ୍ଟୁରାଣ୍ଟରେ ପିଜା ବର୍ଗରର ମଜା ନେଇଥିଲେ । ସନ୍ଧ୍ୟା ପ୍ରାୟ ୬ଟା ବେଳକୁ ସେମାନେ କଡା ସୁରକ୍ଷା ବ୍ୟବସ୍ଥା ଭିତରେ ହୋଟେଲକୁ ଫେରିଥିଲେ ।



ଗୁରୁବାର ଏସ୍‌ପ୍ଲାନେଡ୍‌ରେ ଶପିଙ୍ଗ ଅବସରରେ ପାକିସ୍ତାନ ହକି ଖେଳାଳି ।

# ଭାରତ–ମାଲେସିଆ ଭେଟ ଚାହାନ୍ତି ଓଲ୍ଟମାନ୍ସ

**ଭୁବନେଶ୍ୱର, ୨୯।୧୧**

କୋଚ୍ ପଦବୀରୁ ହକି ଇଣ୍ଡିଆ ମୋତେ ଆକସ୍ମିକ ବିଦା କରିଦେବା ଘଟଣା ଖୁବ୍ ବ୍ୟଥିତ କରିବା ସହ ଆଶ୍ଚର୍ଯ୍ୟ ଚକିତ କରିଥିଲା ବୋଲି କହିଛନ୍ତି କିମ୍ବଦନ୍ତୀ ଡଚ୍ କୋଚ୍ ରୋଲାଣ୍ଟ ଓଲ୍ଟମାନ୍ସ । ୨୦୧୩ରେ ଓଲ୍ଟମାନ୍ସ ହାଇପରଫର୍ମାନ୍ସ ଡାଇରେକ୍ଟର ଭାବେ ଭାରତ ଆସିଥିଲେ । ଭାରତୀୟ ହକିର ପୁନରୁତ୍ଥାନ କ୍ଷେତ୍ରରେ ତାଙ୍କର ବିଶେଷ ଭୂମିକା ରହିଥିଲା । ପରେ ସେ ପୁରୁଷ ଦଳର ମୁଖ୍ୟ କୋଚ୍ ପଦ ଅଳଙ୍କୃତ କରିଥିଲେ । ଓଲ୍ଟମାନ୍ସ ଭାରତୀୟ ହକି ସହ ୫ ବର୍ଷ ପାଖାପାଖି ଜଡ଼ିତ ରହିଥିଲେ । ମାତ୍ର ଫଳାଫଳ ନ ମିଳିବାରୁ ସେ ଜାତୀୟ ମହାସଂଘ ଦ୍ୱାରା ବହିଷ୍କୃତ ହୋଇଥିଲେ । ୬୪ବର୍ଷୀୟ ଓଲ୍ଟମାନ୍ସ ଏବେ ବିଶ୍ୱକପ୍ ଖେଳିବାକୁ ଆସିଥିବା ମାଲେସିଆ ଦଳର ମୁଖ୍ୟ କୋଚ୍ ଭାବେ ଭୁବନେଶ୍ୱର ଆସିଛନ୍ତି । ଭାରତରେ ମୋ ୫ ବର୍ଷିଆ କାର୍ଯ୍ୟକାଳକୁ ମୁଁ ବେଶ୍ ଉପଭୋଗ କରିଛି । ଭାରତର ହକି ଇତିହାସ ବେଶ୍ ସମୃଦ୍ଧ । ଭାରତୀୟ ହକିର ପୁନର୍ଜନ୍ମ କ୍ଷେତ୍ରରେ ମୁଁ ଯାହା କରିଛି, ସେଥିରେ ମୁଁ ସନ୍ତୁଷ୍ଟ । ଚଳିତ ବିଶ୍ୱକପ୍ ଟୁର୍ନାମେଣ୍ଟର ନକ୍‌ଆଉଟ୍ ପର୍ଯ୍ୟାୟରେ ଭାରତ ସହିତ ବର୍ତ୍ତମାନର ମୋ ମାଲେସିଆ ଦଳର ଭେଟ ହେବ ବୋଲି ମୁଁ ଆଶା କରୁଛି । ବିଶ୍ୱକପ୍‌ରେ ଭାରତର ସମ୍ଭାବନା ସମ୍ପର୍କରେ ସୂଚନା ଦେବାକୁ ଯାଇ ସେ କହିଛନ୍ତି, ୬ଟି ଶ୍ରେଷ୍ଠ ଦଳ ମଧ୍ୟରୁ ଜଣେ ଟାଇଟଲ ବିଜୟୀ ହେବ ବୋଲି ମୁଁ ମନେ କରୁଛି । ଭାରତ ହେଉଛି ବର୍ତ୍ତମାନ ବିଶ୍ୱର ୫ମ ର୍ୟାଙ୍କିଙ୍ଗପ୍ରାପ୍ତ ଦଳ । ଭାରତ ଛାଡ଼ିବା ପରେ ଓଲ୍ଟମାନ୍ସ ପାକିସ୍ତାନ ଟିମ୍ ସହିତ ୨ ବର୍ଷିଆ ଚୁକ୍ତି କରିଥିଲେ । ମାତ୍ର ସେ ୪ମାସ ପରେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ । ଏସିଆନ ଗେମ୍ସ ପରେ ଓଲ୍ଟମାନ୍ସ ମାଲେସିଆ କୋଚ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କ ଦୁଇ ବର୍ଷ କାର୍ଯ୍ୟକାଳ ସମୟରେ ମାଲେସିଆକୁ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରାଇବା ସେ ଲକ୍ଷ୍ୟ ରଖିଛନ୍ତି ।

# ପାଞ୍ଚ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଅର୍ଦ୍ଧଶତକ

ସିଡ୍‌ନୀ, ୨୯।୧୧(ପି.ଟି.)– ଟେଷ୍ଟ ସିରିଜ ପୂର୍ବରୁ କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ ବିପକ୍ଷରେ ଏଠାରେ ଚାଲିଥିବା ୪ ଦିବସୀୟ ଅଭ୍ୟାସ ମ୍ୟାଚ୍‌ରେ ଭାରତୀୟ ଦଳର ବ୍ୟାଟ୍ସମ୍ୟାନ ଭଲ ଫର୍ମର ସୂଚନା ଦେଇଛନ୍ତି । ଦ୍ୱିତୀୟ ଦିବସରେ ପାଞ୍ଚଜଣ ଭାରତୀୟ ବ୍ୟାଟ୍ସମ୍ୟାନ ଅର୍ଦ୍ଧଶତକ ହାସଲ କରିଛନ୍ତି । ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପକ୍ଷରୁ ଅଧିନାୟକ ବିରାଟ କୋହଲିଙ୍କ ସହ ପୃଥ୍ୱୀ ଶ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ ଓ ହନୁମା ବିହାରୀ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ଫଳରେ ଭାରତ ପ୍ରଥମ ଇନିଂସରେ ୯୨ ଓଭରରେ ୩୫୮ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଭ୍ରମଣକାରୀ ଭାରତ ପକ୍ଷରୁ ପୃଥ୍ୱୀ ସର୍ବାଧିକ ୬୬ ରନ୍ (୬୯ ବଲ୍, ୧୧ ଚୌକା) କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋହଲି ୬୪, ପୂଜାରା ୫୪, ହନୁମା ୫୩ ରନ କରିଥିଲେ । ସେହିଭଳି ରାହାନେ ୧୨୩ ବଲ୍‌ରୁ ଗୋଟିଏ ଚୌକା ସହ ୫୬ ରନ୍ କରି ରିଟାର୍ଡ ଆଉଟ୍ ହୋଇଥିଲେ । ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ ପାଇଁ ସଂଘର୍ଷ କରୁଥିବା ରୋହିତ୍ ଶର୍ମା ମଧ୍ୟକ୍ରମରେ ବ୍ୟାଟିଂ କରିବାକୁ ଆସି ୪୦ ରନ କରି ଆଉଟ୍ ହୋଇଥିବାବେଳେ ରିଷଭ ପନ୍ତ ୧୧ ରନ୍ କରି ଅପରାଜିତ ରହିଥିଲେ । ଅଷ୍ଟ୍ରେଲିଆ ଏକାଦଶ ପକ୍ଷରୁ ଆରୋନ ହାର୍ଡିଙ୍କୁ ସର୍ବାଧିକ ୪ଟି ଉଇକେଟ ମିଳିଥିଲା ।

ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ ଗୁରୁବାର ୨ୟ ଦିବସ ଖେଳ ଶେଷ ସୁଦ୍ଧା କୌଣସି ଉଇକେଟ ନ ହରାଇ ୨୪ ରନ୍ ସଂଗ୍ରହ କରିଛି ।

# ନିର୍ଣ୍ଣାୟକ ମୋଡ଼ରେ ଓଡ଼ିଶା–ତ୍ରିପୁରା ମ୍ୟାଚ୍

## ବିପ୍ଲବଙ୍କ ସଂଘର୍ଷପୂର୍ଣ୍ଣ ଅର୍ଦ୍ଧଶତକ, ରାଜେଶଙ୍କୁ ୩ ଉଇକେଟ

**କଟକ ଅଫିସ,୨୯।୧୧**

ନିର୍ଣ୍ଣାୟକ ମୋଡ଼ରେ ରହିଛି ଡ୍ରିମ୍ସ ଗ୍ରାଉଣ୍ଡରେ ହେଉଥିବା ଓଡ଼ିଶା–ତ୍ରିପୁରା ବିପକ୍ଷ ମ୍ୟାଚ୍ । ମ୍ୟାଚ୍‌ର ଦୁଇ ଦିନ ଖେଳ ଶେଷ ହୋଇଥିବା ବେଳେ ଉଭୟ ଦଳର ପ୍ରଥମ ଇନିଂସ୍ ସମାପ୍ତ ହୋଇସାରିଲାଣି । ୯୦ ରନ୍‌ରେ ପଛୁଆ ରହିଥିବା ତ୍ରିପୁରା ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ୫ ଉଇକେଟ ବିନିମୟରେ ୧୩୦ ରନ୍ କରିଛି । ହାତରେ ୫ ଉଇକେଟ ବାକିଥିବା ବେଳେ ତ୍ରିପୁରା ମାତ୍ର ୪୦ ରନ୍‌ର ଅଗ୍ରଣୀ ହାସଲ କରିଛି । ତୃତୀୟ ଦିବସରେ ଓଡ଼ିଶା ବଳକା ଉଇକେଟ ଅକ୍ତିଆର କରି ଘରୋଇ ମାଟିରେ ମ୍ୟାଚ୍‌କୁ କବ୍‌ଜା କରିବ ବୋଲି ଆଶା କରାଯାଉଛି । ତ୍ରିପୁରାର ପ୍ରଥମ ଇନିଂସ୍ ୧୨୨ ରନ୍ ଜବାବରେ ଓଡ଼ିଶାର ପ୍ରଥମ ଇନିଂସ୍ ୨୧୨ ରନ୍‌ରେ ସୀମିତ ରହିଥିଲା । ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ସଂଘର୍ଷପୂର୍ଣ୍ଣ ୮୯ ରନ୍ ଇନିଂସ ଖେଳି ଓଡ଼ିଶାକୁ ୯୦ ରନ୍‌ର ଗୁରୁତ୍ୱପୂର୍ଣ୍ଣ ପ୍ରଥମ ଇନିଂସ୍ ଅଗ୍ରଣୀ ଦେଇଥିଲେ ।

ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୩ ଉଇକେଟ ବିନିମୟରେ ୧୦୧ ରନ୍ କରିଥିଲା । ଶୁଭ୍ରାଂଶୁ ସେନାପତି ୩୬ ରନ୍ ଓ ଅଧିନାୟକ ବିପ୍ଳବ ୧୯ ରନ୍‌ରେ ଅପରାଜିତ ଥିଲେ । ପେସ୍ ବୋଲରଙ୍କୁ ସୁହାଉଥିବା ଡ୍ରିମ୍ସ ପିଚ୍‌ରେ ଓଡ଼ିଶା ୩ୟ ଦିବସ ଖେଳ ଆରମ୍ଭ ହେବା ମାତ୍ରେ ଅନ୍ୟ ଏକ ଉଇକେଟ ହରାଇଥିଲା । ଶୁଭ୍ରାଂଶୁ ୪୧ ରନ୍‌ରେ ପାଭିଲିୟନ ଫେରିଥିଲେ । ପରେ ଅଲ୍‌ରାଉଣ୍ଡର ଅଭିଷେକ ରାଉତ ୧ ରନ୍‌ରେ, ରାଜେଶ ମହାନ୍ତି ଖାତା ଖୋଲି ନ ପାରି ଓ ଉଇକେଟ କିପର ସୁଜିତ ଲେଙ୍କା ୪ ରନ୍‌ରେ ଆଉଟ ହୋଇଥିଲେ । ଅଭିଷେକ ଓ ରାଜେଶଙ୍କୁ ଗୋଟିଏ ଓଭରରେ ତ୍ରିପୁରାର ଏ.କେ. ସରକାର ଆଉଟ କରିଥିଲେ । ୧୩୭ ରନ୍‌ରେ ୭ ଉଇକେଟ ହରାଇ ଘରୋଇ ଦଳ ଓଡ଼ିଶା ସଙ୍କଟରେ ପଡ଼ିଥିଲା । ମାତ୍ର ଅଧିନାୟକ ବିପ୍ଳବ ଗୋଟିଏ ପାର୍ଶ୍ୱରୁ ତ୍ରିପୁରାର ପେସ୍ ଆଟାକ୍‌କୁ ସହଜରେ ସମ୍ମୁଖୀନ କରିଥିଲେ । ୯୯ ବଲ୍‌ରୁ ବିପ୍ଳବ ଅର୍ଦ୍ଧଶତକ ହାସଲ କରିଥିଲେ । ପ୍ରଥମ ଶ୍ରେଣୀ କ୍ରିକେଟରେ ବିପ୍ଳବଙ୍କର ଏହା ୧୮ତମ ଅର୍ଦ୍ଧଶତ । ଦେବବ୍ରତ ପ୍ରଧାନ ୭ ରନ୍‌ରେ ଆଉଟ ହେବା ପରେ ୮ମ ଉଇକେଟରେ ସୂର୍ଯ୍ୟକାନ୍ତ ପ୍ରଧାନ ଓ ବିପ୍ଳବଙ୍କ ମଧ୍ୟରେ ୪୭ ରନ୍‌ର ଭାଗୀଦାରି ସୃଷ୍ଟି ହୋଇଥିଲା । ଏହି ଭାଗୀଦାରି ଓଡ଼ିଶା ସ୍କୋରକୁ ୨୦୦ ରନ୍ ଅତିକ୍ରମ କରାଇବାରେ ସହାୟକ ହୋଇଥିଲା । ସୂର୍ଯ୍ୟକାନ୍ତ ୧୪ ରନ୍‌ରେ ଆଉଟ ହେବା ବେଳକୁ ଓଡ଼ିଶାର ଦଳୀୟ ସ୍କୋର ୨୧୨ ଥିଲା । ପରବର୍ତ୍ତୀ ଓଭରରେ ବିପ୍ଳବ ୮୯ ରନ୍‌ରେ ଆଉଟ ହେବା ସହ ଓଡ଼ିଶାର ପ୍ରଥମ ଇନିଂସ ସମାପ୍ତ ହୋଇଥିଲା । ୧୩ଟି ଚୌକା ବଳରେ ବିପ୍ଳବ ଏହି ରନ୍ କରିଛନ୍ତି । ତ୍ରିପୁରା ପକ୍ଷରୁ ଏମ.ବି. ମୁରାସିଂ ଓ ଏ.କେ. ସରକାର ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ । ଏ.ଏସ୍. ସରକାର ୨ଟି, ରାଣା ଦତ୍ତ ଓ ହରମିତ ସିଂ ଗୋଟିଏ ଲେଖାଏ ଉଇକେଟ ହାସଲ କରିଛନ୍ତି । ଓଡ଼ିଶା ପ୍ରଥମ ଇନିଂସ୍‌ରେ ୯୦ ରନ୍ ଅଗ୍ରଣୀ କରିଥିଲା । ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରିଥିବା ତ୍ରିପୁରା ଦ୍ୱିତୀୟ ଓଭରରେ ଓପ୍‌ନର ୟୁ.ୟୁ. ବୋଷଙ୍କ ଉଇକେଟ ହରାଇଥିଲା । ଦଳୀୟ ସ୍କୋର ଶୂନ ଥିବା ବେଳେ ବସନ୍ତ ମହାନ୍ତି ବୋଷଙ୍କୁ ଏଲ୍‌ବିଡବ୍ଲ୍ୟୁ କରିଥିଲେ । ଦ୍ୱିତୀୟ ଉଇକେଟରେ ଅଧିନାୟକ ବିଶାଲ ଘୋଷ ଓ ନିନାଦ କଦମ ୪୪ ରନ୍ ସଂଗ୍ରହ କରିଥିଲେ । ନବାଗତ ପେସ୍ ବୋଲର ରାଜେଶ ମହାନ୍ତି ନିନାଦ(୧୧ରନ୍)ଙ୍କୁ ଉଇକେଟ କିପର ସୁଜିତ ଲେଙ୍କାଙ୍କ ହାତରେ କ୍ୟାଚ୍ ଆଉଟ କରି ବ୍ରେକ୍ ଥ୍ରୁ ଦେଇଥିଲେ । ପରେ ରାଜେଶଙ୍କ ଏକ ବାଉନ୍ସର ବଲ୍‌କୁ ପୁଲ ଶଟ ମାରିବାକୁ ଯାଇ ଅଧିନାୟକ ବିଶାଲ ଉଇକେଟ କିପର ସୁଜିତଙ୍କ ହାତରେ ଧରାପଡ଼ିଥିଲେ । କ୍ରିଜ୍‌କୁ ଆସିବା ମାତ୍ରେ ଆକ୍ରମଣାତ୍ମକ ବ୍ୟାଟିଂ ଆରମ୍ଭ କରିଥିଲେ ଉଇକେଟ କିପର ସ୍ମିତ ପଟେଲ । ଦେବବ୍ରତ ପ୍ରଧାନଙ୍କ ଗୋଟିଏ ଓଭରରେ ସ୍ମିତ ୩ଟି ବାଉଣ୍ଡାରି ମାରିଥିଲେ । ମାତ୍ର ଏହାର ପରବର୍ତ୍ତୀ ଓଭରରେ ରାଜେଶଙ୍କ ଏକ ଇନ୍ ସୁଇଂ ବଲ୍‌କୁ ବୁଝି ନ ପାରି ଏଲ୍‌ବିଡବ୍ଲ୍ୟୁର ଶିକାର ହୋଇଥିଲେ ସ୍ମିତ୍ । ୯୯ ରନ୍‌ରେ ତ୍ରିପୁରା ୪ଟି ଉଇକେଟ ହରାଇଥିଲା । ପ୍ରଥମ ଇନିଂସ୍‌ରେ ୭ ଉଇକେଟ ହାସଲ କରିଥିବା ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ପ୍ରଥମ ଶିକାର ପାଲଟିଥିଲେ ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ଆର.ଡି. ବନିକ । ଦ୍ୱିତୀୟ ଦିବସର ଅନ୍ତିମ କିଛି ଓଭର ଓଡ଼ିଶା ସ୍ପିନ ବୋଲିଂ ଉପରେ ଭରସା କରିଥିଲା । ଗୋବିନ୍ଦ ପୋଦ୍ଦାର ୩ ଓଭର ଓ ଅଭିଷେକ ରାଉତ ଗୋଟିଏ ଓଭର ବୋଲିଂ କରିଥିଲେ ମଧ୍ୟ ଉଇକେଟ ଶୂନ୍ୟ ରହିଛନ୍ତି । ପ୍ରତ୍ୟୁଷ ସିଂ ୧୮ ରନ୍, ରଣା ଦତ୍ତ ୧୦ ରନ୍‌ରେ ଅପରାଜିତ ଅଛନ୍ତି । ଓଡ଼ିଶା ପକ୍ଷରୁ ରାଜେଶ ୩, ସୂର୍ଯ୍ୟକାନ୍ତ ଓ ବସନ୍ତ ଗୋଟିଏ ଲେଖାଏ ଉଇକେଟ ପାଇଛନ୍ତି ।

### ଧିମା ବୋଲିଂ ପାଇଁ ଦଣ୍ଡିତ ହୋଇପାରନ୍ତି ଦୁଇ ଦଳ

ଦ୍ୱିତୀୟ ଦିବସରେ ଉଭୟ ଦଳ ଧିମା ବୋଲିଂ କରିଛି । ଏ ନେଇ ମ୍ୟାଚ୍ କମିଶନରଙ୍କ ପକ୍ଷରୁ କୌଣସି ବିଧିବଦ୍ଧ ଘୋଷଣା ହୋଇ ନ ଥିଲେ ମଧ୍ୟ ତାହା ବିଶେଷ ସୂତ୍ରରୁ ଜଣାପଡ଼ିଛି । ଏପରି କି ଏ ସଂକ୍ରାନ୍ତରେ ରିପୋର୍ଟ ଲେଖାସରିଛି । ଦ୍ୱିତୀୟ ଦିବସ ପ୍ରାରମ୍ଭରୁ ତ୍ରିପୁରା ଓ ପରବର୍ତ୍ତୀ ସମୟରେ ଓଡ଼ିଶା ବୋଲରମାନେ ବୋଲିଂ କରିବାରେ ଅଧିକ ସମୟ ନେଇଥିଲେ ବୋଲି ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ– ୨୧୨ରେ ଅଲ୍‌ଆଉଟ, ବିପ୍ଳବ ୮୯ରନ୍, ଶୁଭ୍ରାଂଶୁ ୪୧ରନ୍, ଏ.କେ ସରକାର ୩୩/୩, ମୁରା ସିଂ ୩୭/୩ ।

ତ୍ରିପୁରା ଦ୍ୱିତୀୟ ଇନିଂସ୍– ୧୩୦/୫, ବିଶାଲ ୪୮ରନ୍, ସ୍ମିତ୍ ୨୯ରନ୍, ରାଜେଶ ୪୨/୩, ବସନ୍ତ ୧୫/୧ ।



ବିପ୍ଳବ ସାମନ୍ତରାୟ






## ସମଗ୍ର ଭାରତବର୍ଷରେ ମିଳିଲା ପରିଣାମ

Uttarakhand — ଲକ୍ଷ୍ମୀ ବାନାର୍ଜୀ, ବୟସ ୫୬ ବର୍ଷ, ବିଗତ ୨-୩ ବର୍ଷ ଧରି ଅଣ୍ଟା ଯନ୍ତ୍ରଣା ଏବଂ ସାଇଟିକାର ପୀଡ଼ା ରହିବାକୁ ଲାଗିଥିଲା, କେଉଁଆଡ଼େ ଯିବା କଥାରୁ ହିଁ ଡର ଲାଗୁଥିଲା। ମୁଁ ସମ୍ପୂର୍ଣ୍ଣ ଆଶା ସହିତ ଦିନରେ ଦୁଇଥର ଆୟୁର୍ବେଦିକ ଡା. ଅର୍ଥୋ କ୍ୟାପ୍‌ସୁଲ ସେବନ ଆରମ୍ଭ କଲି। ମାତ୍ର ଦୁଇ-ତିନି ସପ୍ତାହରେ ହିଁ ୭୦ ପ୍ରତିଶତ ଆରାମ ପାଇଲି।

Haryana — କିରଣ ଶର୍ମା, ବୟସ ୫୦ ବର୍ଷ, ବିଗତ ନଅ ବର୍ଷ ଧରି ମୋତେ ଅଣ୍ଟା ଯନ୍ତ୍ରଣାର ସମସ୍ୟା ଥିଲା। ଅନେକ ଔଷଧ ଖାଇଲି କିନ୍ତୁ କିଛି ଲାଭ ହେଲାନାହିଁ। ଦିନେ ଟି.ଭି.ରେ ଡା. ଅର୍ଥୋ ସମ୍ପର୍କରେ ଜାଣିବାକୁ ପାଇଲି। ମୁଁ ଡା. ଅର୍ଥୋ ତେଲ ଏବଂ କ୍ୟାପ୍‌ସୁଲ ସେବନ କରିବା ଆରମ୍ଭ କଲି। ମାତ୍ର ୨୦-୨୫ ଦିନରେ ମୋର ଅଣ୍ଟା ଯନ୍ତ୍ରଣା ସମସ୍ୟା ରହିନାହିଁ।

Himachal — କେବଲ କୁମାର, ସାରା ଦିନର ଧାଁଦଉଡ଼ କାରଣରୁ ଆଣ୍ଠୁ ଯନ୍ତ୍ରଣା ସମସ୍ୟା ବଢ଼ିବାକୁ ଲାଗିଥିଲା। ଅନେକ ଔଷଧ ସେବନ କଲି କିନ୍ତୁ କିଛି ଲାଭ ମିଳିଲା ନାହିଁ। ଦିନେ ଖବରକାଗଜରେ ଡା. ଅର୍ଥୋର ବିଜ୍ଞାପନ ପଢ଼ିଲି। ମୁଁ ଆୟୁର୍ବେଦିକ ଡା. ଅର୍ଥୋ ଟ୍ରିଟ୍‌ମେଣ୍ଟ ଆରମ୍ଭ କରିଦେଲି। ମାତ୍ର ଦେଢ଼-ଦୁଇ ମାସରେ ସବୁ ସମସ୍ୟାରୁ ଉପଶମ ମିଳିବାକୁ ଲାଗିଲା।

Haryana — ଜୟ ସିଂହ, ବୟସ ୬୬ ବର୍ଷ, ସେନାରୁ ଅବସରପ୍ରାପ୍ତ। ଆଣ୍ଠୁ ଓ ଅଣ୍ଟା ବ୍ୟଥା ଏତେ ବଢ଼ିଯାଇଥିଲା ଯେ ବ୍ୟାୟାମ ଦୂରର କଥା ଚଲାବୁଲା କଷ୍ଟକର ହୋଇଯାଇଥିଲା। ଦିନେ ଖବରକାଗଜରେ ଡା. ଅର୍ଥୋ କ୍ୟାପ୍‌ସୁଲର ବିଜ୍ଞାପନ ଦେଖି ନିଜ ପାଇଁ ଟ୍ରିଟ୍‌ମେଣ୍ଟ ଆରମ୍ଭ କଲି। ଏହାଦ୍ୱାରା ମୋତେ ଅଦ୍ଭୁତ ପରିଣାମ ମିଳିଲା। ଆଜି ମୁଁ ସମ୍ପୂର୍ଣ୍ଣ ସୁସ୍ଥ।

Bihar — ନନ୍ଦକିଶୋର ବିଶ୍ୱକର୍ମା, ବୟସ ୪୦ ବର୍ଷ, ଅନେକ ସମୟ ଧରି ମୋତେ ଗଣ୍ଠି ଯନ୍ତ୍ରଣାର ସମସ୍ୟା ଥିଲା। ଚଲାବୁଲା କରିବା ସମୟରେ ଆଣ୍ଠୁରୁ ଶବ୍ଦ ଶୁଣାଯାଉଥିଲା। ବନ୍ଧୁଙ୍କ ପରାମର୍ଶ ଶୁଣି ମୁଁ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଏବଂ କ୍ୟାପ୍‌ସୁଲ ଦୈନିକ ସେବନ ଆରମ୍ଭ କଲି। ମୋତେ ଏହାଦ୍ୱାରା ବହୁତ ଲାଭ ମିଳିଲା। ଆଜି ମୁଁ ଠିକ୍ ଭାବେ ଉଠି-ବସି ପାରୁଛି।

Uttarakhand — ରାଜେନ୍ଦ୍ର, ବୟସ ୬୫ ବର୍ଷ, ପେସାରେ ମୋର ରେଡିମେଡ୍ ପୋଷାକର ଶୋରୁମ୍ ଅଛି। ସାରାଦିନ ବସିରହିବା କାରଣରୁ ଆଣ୍ଠୁଦ୍ୱୟ ଫୁଲିଯାଇଥିଲା। ମୁଁ ଟି.ଭି.ରେ ଆୟୁର୍ବେଦିକ ଡା. ଅର୍ଥୋର ବିଜ୍ଞାପନ ଦେଖିଲି। ମୁଁ ସମ୍ପୂର୍ଣ୍ଣ ବିଶ୍ୱାସ ସହିତ ଡା. ଅର୍ଥୋ ତେଲ ଏବଂ କ୍ୟାପ୍‌ସୁଲ ସେବନ କରିବା ଆରମ୍ଭ କଲି। ୨୦ ଦିନ ମଧ୍ୟରେ ହିଁ ଲାଭ ମିଳିଲା। ଆଜି ମୁଁ ସମ୍ପୂର୍ଣ୍ଣ ସୁସ୍ଥ।

0171-3055100 | drorthooil.com | drorthooil | ସବୁ ପ୍ରମୁଖ ମେଡିକାଲ ଷ୍ଟୋର୍‌ରେ ଉପଲବ୍ଧ

## ମହିଳାଙ୍କ ହାତରେ ଚଢ଼ିଗଲା ବସ୍

# କ୍ଷତିପୂରଣ ଦାବିରେ ଲୋକଙ୍କ ରାସ୍ତାରୋକୋ

ନାଉଗାଁ,୨୯।୧୧(ସ୍ୱ.ପ୍ର.)

ନାଉଗାଁ ବଜାରରେ ଗୁରୁବାର ମଧ୍ୟାହ୍ନରେ ଜଣେ ମହିଳା ଯାତ୍ରୀଙ୍କ ହାତରେ ବସ୍ ଚକା ଚଢ଼ିଯାଇଛି। ଏଥିରେ ତାଙ୍କ ହାତ ଭାଙ୍ଗିଯାଇଛି ଓ ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରୁ ବସ୍ ଚାଳକ ଓ ହେଲ୍‌ପର ଫେରାର ହୋଇଯାଇଥିବାବେଳେ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଶିଖରଘାଟ-ବାଲିଭଉଁରି ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି। ସୂଚନା ଅନୁଯାୟୀ, କଟକରୁ ନାଉଗାଁ ଆସୁଥିବା ମା' ଜାଗେଶ୍ୱରୀ ବସ୍ (ନଂ. ଓଡି ୦୫ କେ ୮୮୬୦)ରେ ଜଗତ୍‌ସିଂହପୁରରୁ ରୋହିଆର ପଙ୍କଜିନୀ ମହାନ୍ତି ନାଉଗାଁ ଆସିଥିଲେ। ନାଉଗାଁ ବଜାରରେ ଥିବା ପେଟ୍ରୋଲ ପମ୍ପ ନିକଟରେ ପଙ୍କଜିନୀ ବସ୍‌ରୁ ଓହ୍ଲାଇବାବେଳେ ଅସାବଧାନତା ହେତୁ ତଳେ ପଡିଯାଇଥିଲେ। ଫଳରେ ତାଙ୍କ ବାମ ହାତରେ ବସର ପଛ ଚକା ଚଢ଼ିଯାଇଥିଲା। ଏଥିରେ ତାଙ୍କ ହାତ ଗୁଣ୍ଡ ହୋଇଯାଇଛି। ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ବସ୍ ଚାଳକ ଓ ହେଲ୍‌ପର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ବସ୍‌କୁ ଅଟକ ରଖି ରାସ୍ତାରୋକୋ କରିଥିଲେ। ନାଉଗାଁ ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର ସଦଳବଳ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ତେବେ ମାଲିକ ନ ଆସିବା ପର୍ଯ୍ୟନ୍ତ ବସ୍ ଥାନାକୁ ନ ଦେବା ପାଇଁ ଲୋକେ ଜିଦ୍ ଧରିଥିଲେ। ତେଣୁ ନୂତନ ବସ୍‌ଷ୍ଟାଣ୍ଡଠାରେ ବସ୍‌ଟି ରଖାଯାଇଛି।



କ୍ଷତିପୂରଣ ଦାବିରେ ଶିଖରଘାଟ-ବାଲିଭଉଁରି ମୁଖ୍ୟରାସ୍ତା ଅବରୋଧ କରିଥିବା ଗ୍ରାମବାସୀ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଏରସମା,୨୯।୧୧(ସ୍ୱ.ପ୍ର.)

ପାକନପୁର ଗ୍ରାମ ନିକଟସ୍ଥ ଇଟାପଡ଼ା ଛକ ନିକଟରେ ବୁଧବାର ରାତିରେ ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏରସମା ଥାନା ଯୋଗୀସାହିର ସମୀର ରଞ୍ଜନ ନାଥଶର୍ମା(୪୫)। ସମୀର ବିଳମ୍ବିତ ରାତିରେ ଜଗତ୍‌ସିଂହପୁରରୁ ଘରକୁ ଫେରୁଥିଲେ। ଇଟାପଡ଼ା ଛକ ନିକଟରେ ଏକ ହାଇୱା ଟ୍ରକ୍‌ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଗୁରୁବାର ଏରସମାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ସଂରକ୍ଷିତ ଜଙ୍ଗଲରୁ ଗଛ କାଟି ଜଣେ ଗିରଫ

କୁଜଙ୍ଗ,୨୯।୧୧(ସ୍ୱ.ପ୍ର.)

କୁଜଙ୍ଗ ବନ ବିଭାଗ ଅଧୀନ ଜଟାଧାର ତଣ୍ଡା ଜଙ୍ଗଲରୁ ଗଛ କାଟିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେ ହେଲେ ଏରସମା ଥାନା ରାମତରା ଅଞ୍ଚଳର ନିତାଇ ମଣ୍ଡଳ। ତାଙ୍କଠାରୁ କାଠ, କୁରାଢ଼ୀ ଓ ବହୁ କାଠ କଟା ଯନ୍ତ୍ରାଂଶ ଜବତ ହୋଇଛି। ଫରେଷ୍ଟର ଶାନ୍ତନୁ କୁମାର ଦଳାଇ, ସୁରେଶ କୁମାର ରାଉତ, ରଘୁନାଥ ବାରିକ୍, ବିଶ୍ୱଜିତ ନାୟକ ପ୍ରମୁଖ ଚଢ଼ାଉ କରି ତାଙ୍କୁ ଗିରଫ କରିଛନ୍ତି। ଗୁରୁବାର ତାଙ୍କୁ କୋର୍ଟ ଚାଲଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ କୁଜଙ୍ଗ ଉପକାରାଗାରକୁ ପଠାଇ ଦିଆଯାଇଛି।

## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

# ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଯାଜପୁର:** ଅଜୟ କୁମାର ଯାଦବ (୭୬୦୮୯୯୮୬୦୧) **ଜଗତ୍‌ସିଂହପୁର:** ଦେବରାଜ ସାମଲ (୯୯୩୮୧୩୭୭୪୬) **କେନ୍ଦ୍ରାପଡ଼ା/କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫) **ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

SRM INSTITUTE OF SCIENCE & TECHNOLOGY (Deemed to be University u/s 3 of UGC Act, 1956) — www.srmuniv.ac.in — KATTANKULATHUR | RAMAPURAM VADAPALANI | DELHI-NCR, GHAZIABAD
SRM UNIVERSITY DELHI-NCR, SONEPAT — www.srmuniversity.ac.in — DELHI-NCR SONEPAT, HARYANA
SRM UNIVERSITY SIKKIM — www.srmus.ac.in — SIKKIM
SRM UNIVERSITY AP Amaravati — www.srmap.edu.in — AMARAVATI, AP

BEGIN YOUR SUCCESS STORY WITH SRMJEEE



Your path to a successful future begins at SRM with SRMJEEE, the only gateway for our Engineering admissions.

IDEAL (INTER DISCIPLINARY EXPERIENTIAL ACTIVE LEARNING)
- IDEAL (Interdisciplinary Experiential Active Learning) equips you with Dual Specialisation
- World-class faculty and Infrastructure
- International Exposure

OUR WIDE RANGE OF PROGRAMS

LIST OF MAJORS
- Aerospace
- Agro Informatics
- Automobile
- Biotechnology
- Biomedical Engineering
- Bioinformatics
- Chemical
- Civil
- Computer Science
- Electrical and Electronics
- Electronics and Communication
- Information Technology
- Mechanical
- Mechatronics Engineering
- Nanotechnology
- Robotics and Automation

LIST OF SPECIALISATIONS
- Automotive Electronics
- Regenerative Medicine
- Genetic Engineering
- Artificial Intelligence and Machine Learning
- Big Data Analytics
- Cloud Computing/ Mobile Based Applications
- Cyber Security
- Internet of Things (IOT)
- Software Engineering
- Instrumentation Engineering
- Embedded Systems
- Signal Processing
- CAD / CAM
- Robotics
- Smart Manufacturing

LIST OF MINORS
- English
- Management
- Entrepreneurship and Innovation
- Economics
- Finance
- Journalism
- Psychology
- Patent Rights

- Students can pursue any Engineering Majors as a Minor
- Choice of Minors and Specialisations will vary according to the campuses

All Programs in Engineering of Kattankulathur, Ramapuram, Vadapalani and between Delhi-NCR Ghaziabad campuses approved by AICTE
- Multicultural Learning Environment
- Students from all states of India
- 4% International Students from 64 Countries
- 125 MOUs with 20 countries
- SRM Innovation & Incubation center (SRMIIC) funded by National Science and Technology Entrepreneurship Development, DST, Govt. of India

NATIONAL RECOGNITION - SRMIST
- NAAC "A++" grade
- MHRD Category I
- Ranked 41st under University category by NIRF

GLOBAL RECOGNITION - SRMIST
- QS I-GAUGE Diamond rated Institute

DREAM PLACEMENTS:
- 5122 jobs offered till date in 2018 and continuing • Superdream Offer (39.5L+CTC) • Dream Offer (10L+CTC)
- ABB • Accenture • Amazon • Amdocs • Bank Of America • Capgemini • CEAT • Cisco • CTS • Cybage • Deloitte • Fresh Works • Hashedin • HUL • Indian Navy • Infosys • Intel • KPIT • LTI • Microsoft • Nationstar • Nestle • NSE • PayPal • Schneider Electric • Shell India • TCS • Vestas • Wells Fargo • Wipro • Zomato • Zs Associates

QS STARS RATED FOR EXCELLENCE 2018 — Quacquarelli Symonds (QS) also awarded SRM 5 stars for Teaching, Employability and Inclusiveness.

TAKE THE SRMJEEE (B.TECH) 2019.
ONLINE APPLICATIONS:
OCT. 28, 2018 ONWARD.

Online Exam Dates: April 15-25, 2019
To Apply, visit - https://applications.srmuniv.ac.in/
Make e-payment OR send the filled application form with DD for ₹ 1100/-
For eligibility and fee details, visit the respective websites.
*Top 3000 SRMJEEE rank holders will get Scholarship.

For Queries
Call: +91 44 2745 5510
+91 44 4743 7500
Email: admissions.india@srmuniv.ac.in

SRM University Sikkim offers only Science and Humanities.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୦ ନଭେମ୍ବର, ୨୦୧୮



ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।

– ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ଆହାର ଯୋଜନା ପାଇଁ ୨୫ ଲକ୍ଷ ଟଙ୍କା ସହାୟତା

**କାଳିଆପାଣି, ୨୯।୧୧(ଡି.ଏନ୍.ଏ.):** ଯାଜପୁର ଜିଲାରେ ଆହର ଯୋଜନା ପାଇଁ ଗୁରୁବାର ଖଣି ନିଗମ ପକ୍ଷରୁ ୨୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଖଣିନିଗମର ପରିଚାଳନା ନିର୍ଦ୍ଦେଶକ ଭିଲିନକ୍ରାର୍ଷ୍ଟଙ୍କ ନିର୍ଦ୍ଦେଶ କ୍ରମେ କ୍ରୋମଜୋନ୍‌ର ଆଞ୍ଚଳିକ ପରିଚାଳକ ବିଜୟ କୁମାର ବେହେରା, ଅର୍ଥବିଭାଗ ଅଧିକାରୀ ରଶ୍ମିରଞ୍ଜନ ମହାନ୍ତି ଜିଲାପାଳଙ୍କୁ ଭେଟି ଏହି ଅର୍ଥ ରାଶି ପ୍ରଦାନ କରିଥିଲେ। ଏ ନେଇ ଜିଲାପାଳ ରଞ୍ଜନ କୁମାର ଦାସ ଖଣିନିଗମକୁ ସାଧୁବାଦ ଜଣାଇଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ ମିହିର ମହାନ୍ତି ମଧ୍ୟ ଉପସ୍ଥିତ ରହିଥିଲେ।

### ଭାଜପାର ଜନ ପରାମର୍ଶ ପଦଯାତ୍ରା

**ଧର୍ମଶାଳା, ୨୯।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ପାଟପୁର ଓ ମିର୍ଜାପୁର ପଞ୍ଚାୟତରେ ବୁଧବାର ଭାଜପାର ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ପରିଡ଼ା ଓ ଜିଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ନାୟକଙ୍କ ସମେତ ବହୁକର୍ମୀ ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇଥିଲେ। ପଦ ଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ସୀତାକାନ୍ତ ଶତପଥୀ, କୁଳମଣି ପଣ୍ଡା, ଦେବଦତ୍ତ ପଣ୍ଡା, ପ୍ରଭାରୀ ମହେନ୍ଦ୍ର ପଣ୍ଡା, ଚନ୍ଦ୍ରମଣି ପଣ୍ଡିତ, ଗଗନ ଦାସ, ମୋନାଲିସା ଦାସ, ନାରାୟଣ ସ୍ୱାଇଁ, ସଂଗ୍ରାମ ସାହୁ, କୈଳାସ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପାଟପୁର ପଞ୍ଚାୟତ ବିଭିନ୍ନ ଦଳର ବରିଷ୍ଠ ନିରଞ୍ଜନ ସେଠୀ, ବୈକୁଣ୍ଠ ପଣହା, ସୁରେଶ ଦାସ, ତାପସ ରଞ୍ଜନ ଦାସ, ଦୀପକ ବେହେରା ଓ କୁମାରୀ ପଞ୍ଚାୟତ ସୁଶାନ୍ତ ମହାନ୍ତି ପ୍ରମୁଖ ନୂତନ ଭାବେ ଦଳରେ ଯୋଗଦାନ କରିଥିଲେ।

### ନଦୀକୁ ଗାଧୋଇବାକୁ ଯାଇ ଯୁବକ ନିଖୋଜ

**ବିରଜାକ୍ଷେତ୍ର, ୨୯।୧୧(ଡି.ଏନ୍.ଏ):** ଯାଜପୁର ସଦରଥାନା ଶ୍ୟାମଦାସପୁର ପଞ୍ଚାୟତ କଳସପୁର ଗ୍ରାମର ଅର୍ଜୁନ ଚରଣ ଖଣ୍ଡାଇଙ୍କ ପୁଅ କରୁଣାକର(୨୨) ଗୁରୁବାର ମଧ୍ୟାହ୍ନରେ ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ପରିବାର ଲୋକ ଖବର ପାଇ ନଦୀର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ କରୁଣାକରଙ୍କର କୌଣସି ପତ୍ତା ମିଳି ନ ଥିଲା। ସଦର ପୋଲିସ ଖବର ପାଇ ଦମକଳ ବାହିନୀ ସାହାଯ୍ୟରେ ଖୋଜାଖୋଜି କରୁଥିବା ଜଣାପଡୁଛି। ରିପୋର୍ଟ ଲେଖାହେଲା ବେଳକୁ କରୁଣାକରଙ୍କର କୌଣସି ପତ୍ତା ମିଳି ନ ଥିବା ଜଣାପଡ଼ିଛି।

# ଶିଳ୍ପ ବର୍ଜ୍ୟବସ୍ତୁରେ ବ୍ରାହ୍ମଣୀ, ଖରସ୍ରୋତା ପାଣି ବିଷାକ୍ତ

**ଯାଜପୁର ଅଫିସ, ୨୯।୧୧**

ଯାଜପୁର ଜିଲାର ଜୀବନରେଖା ଭାବେ ପରିଚିତ ବ୍ରାହ୍ମଣୀ, ଖରସ୍ରୋତା ନଦୀ ସମେତ ଗଣ୍ଡନାଳା ପାଣିରେ ତୀବ୍ର ବିଷାକ୍ତ ଦ୍ରବ୍ୟ ସାୟାନାଇଡ ଓ ଫେନୋଲିକ କମ୍ପାଉଣ୍ଡ(କୋଇଲାକ୍ତ ପଦାର୍ଥ) ବୃଦ୍ଧି ପାଇବାରେ ଲାଗିଛି। ଏହି ବିଷାକ୍ତ ଦ୍ରବ୍ୟ ଗତ ୩ ବର୍ଷ ମଧ୍ୟରେ ଏଠାରେ ଦୁଇ ଗୁଣରୁ ଉର୍ଦ୍ଧ୍ୱ ବୃଦ୍ଧି ପାଇଛି । ଗତ ୬ତାରିଖରେ କେନ୍ଦ୍ରୀୟ ପରୀକ୍ଷାଗାରରେ ହୋଇଥିବା ପରୀକ୍ଷା ରିପୋର୍ଟରେ ଏହି ସାଂଘାତିକ ତଥ୍ୟ ମିଳିଛି। ବ୍ରାହ୍ମଣୀ, ଖରସ୍ରୋତା ଓ ଗଣ୍ଡନାଳାର ୭ଟି ବିଭିନ୍ନ ସ୍ଥାନରେ ହୋଇଥିବା ପାଣିରେ ଅନୁଜ୍ଞେୟ ସୀମିତ(ପରମିସ୍‌ବୁଲ ଲିମିଟ) ୦.୦୦୫ (ମିଲିଗ୍ରାମ/ଲିଟର)ଠାରୁ ହାରାହାରି ୦.୦୯ (ମିଲିଗ୍ରାମ/ଲିଟର)ଫେନୋଲିକ କମ୍ପାଉଣ୍ଡ ଓ ପରମିସିବୁଲ ଲିମିଟ ୦.୦୫ (ମିଲିଗ୍ରାମ/ଲିଟର) ଠାରୁ ୦.୪୨୭(ମିଲିଗ୍ରାମ/ଲିଟର) ସାୟାନାଇଡ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ଏସଂକ୍ରାନ୍ତରେ କେନ୍ଦ୍ରୀୟ ପରୀକ୍ଷାଗାରର ପରିବେଶ ମୁଖ୍ୟ ବୈଜ୍ଞାନିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ସଦସ୍ୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶିଳ୍ପାଞ୍ଚଳର



ବର୍ଜ୍ୟବସ୍ତୁ ମିଶୁଥିବା ନଦୀ ତଟବର୍ତ୍ତି ସ୍ଥାନଗୁଡ଼ିକରେ ଅନ୍‌ଲାଇନ ୱାଟର କ୍ୱାଲିଟି ମନିଟରିଂ ସିଷ୍ଟମ ପ୍ରତିଷ୍ଠା ହୋଇ ପାରି ନ ଥିବାରୁ ଏଭଳି ପରିସ୍ଥିତି ଦେଖା ଦେଇଥିବା ମତପ୍ରକାଶ ପାଇଛି।

ପ୍ରକାଶ ଯେ, ଗତ ୨୮।୮।୨୦୧୫ ତାରିଖରେ ହାଇକୋର୍ଟ ଏକ ଜନସ୍ୱାର୍ଥ ମାମଲାର ବିଚାର କରି ଗଣ୍ଡନାଳାର ଜଳ ପ୍ରଦୂଷଣକୁ ନେଇ ରାଜ୍ୟର ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗର ସଚିବ, ଖଣି ବିଭାଗ ସଚିବ, ଜଳ ସମ୍ପଦ ବିଭାଗ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ ଏବଂ ଝାରସୁଗୁଡ଼ା, ଯାଜପୁର, ତାଳଚେର ଓ କେନ୍ଦୁଝର ଜିଲାପାଳଙ୍କୁ ପକ୍ଷଭୁକ୍ତ କରିଥିଲା। ସାଧାରଣ ଲୋକଙ୍କ ହିତ ଦୃଷ୍ଟିରୁ ବ୍ରାହ୍ମଣୀ ଓ ଏହାର ଶାଖାନଦୀଗୁଡିକର ଜଳ ପ୍ରଦୂଷଣ ମୁକ୍ତ କରିବାକୁ ହାଇକୋର୍ଟ ତାଙ୍କ ରାୟରେ ପ୍ରକାଶ କରିଥିଲେ। ଏହି କ୍ରମରେ ଗତ ୨୪।୯।୨୦୧୫ ତାରିଖରେ ଗଣ୍ଡନାଳାର ଜଳ ପ୍ରଦୂଷଣକୁ ରୋକିବାକୁ ତାହାର ତଟବର୍ତ୍ତି କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଅନ୍‌ଲାଇନ ମନିଟରିଂ

- ୧୮ ଗୁଣ ଅଧିକ ଫେନୋଲିକ କମ୍ପାଉଣ୍ଡ
- ୮ ଗୁଣ ଅଧିକ ସାୟାନାଇଡ
- କେନ୍ଦ୍ରୀୟ ପରୀକ୍ଷାଗାର ରିପୋର୍ଟ ସାଂଘାତିକ

ଫ୍ୟାସିଲିଟି ଲଗାଇବାକୁ ଏସ୍‌ପିସିବି ପକ୍ଷରୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଏହି ନଦୀଗୁଡିକର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ଅନ୍‌ଲାଇନ ୱାଟର କ୍ୱାଲିଟି ମନିଟରିଂ ସିଷ୍ଟମ ଲଗାଯାଇ ପାରି ନାହିଁ। ବିଶେଷକରି କଳିଙ୍ଗନଗରସ୍ଥିତ ସମସ୍ତ ଶିଳ୍ପ କାରଖାନାର ବିଷାକ୍ତ ବର୍ଜ୍ୟବସ୍ତୁ ଗଣ୍ଡନାଳା ଦେଇ ଖରସ୍ରୋତା ଓ ବ୍ରାହ୍ମଣୀରେ ମିଶୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କେନ୍ଦ୍ରୀୟ ଦଳ ପ୍ରାଥମିକ ତଦନ୍ତରୁ ଜାଣି ପାରିଛି। ୨୦୧୫ ଡିସେମ୍ବର ମାସରେ ଅନୁରୂପ ଭାବେ ଜଳ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଥିଲା। ଯେଉଁଥିରେ କି ୮ ରୁ ୧୦ଗୁଣ ଫେନୋଲିକ ଓ ସାୟାନାଇଡ ରହିଥିବା ଜଣାପଡ଼ିଥିଲା। ଅନ୍ୟପକ୍ଷେ ଗତ ଅକ୍ଟୋବର ୨୫ତାରିଖରେ ସଂଗ୍ରହ କରାଯାଇଥିବା ନମୁନା ରିପୋର୍ଟରେ ପରମିସ୍‌ବୁଲ ଲିମିଟ ଠାରୁ ପ୍ରାୟ ୧୮ଗୁଣ ଫେନୋଲିକ ଓ ୮ ଗୁଣ ସାୟାନାଇଡ ରହିଥିବା ଜଣାପଡିଛି। ଗଣ୍ଡାନାଳା କୁସୁନପୁରଠାରୁ ସଂଗୃହିତ ଜଳ ନମୁନାରେ ସର୍ବାଧିକ ୦.୨୭ ଫେନୋଲିକ (ମିଲିଗ୍ରାମ/ଲିଟର) ରହିଛି। ଏହାବାଦ ବ୍ରାହ୍ମଣୀ ନଦୀ କବାଟବନ୍ଧ, ଖରସ୍ରୋତା ନଦୀର ଟିସ୍କୋ ଇନ୍‌ଟେକ ପଏଣ୍ଟ(ମାର୍ଥାପୁର), ଗଣ୍ଡନାଳାର ଓଳଲା, ଗଣ୍ଡନାଳାର କୁସୁମପୁର ବ୍ରିଜ, ଗଣ୍ଡନାଳାର ମାର୍ଥାପୁର, ଖରସ୍ରୋତା ନଦୀ ଯୋକଡିଆ ବ୍ରିଜ ଓ ଖରସ୍ରୋତା ନଦୀ ଖଣ୍ଡିତରା ପାଖରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ହୋଇଥିଲା। ପାଣି ବିଷାକ୍ତ ଯୋଗୁ ନଦୀ ତଟବର୍ତ୍ତୀ ଗ୍ରାମବାସୀଙ୍କ ସମେତ ଗାଈ, ଗୋରୁ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁ ବିଶେଷ ମାତ୍ରାରେ ପ୍ରଭାବିତ ହେଉଥିବା କୁହାଯାଉଛି। ଏସଂକ୍ରାନ୍ତରେ ଓଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଏସ୍‌ପିସିବି ପକ୍ଷରୁ ସର୍‌ଫେସ ରନଅପ୍ ଟ୍ରିଟମେଣ୍ଟ ସିଷ୍ଟମ ଲଗାଇବାକୁ ସମସ୍ତ ଶିଳ୍ପ କାରଖାନାକୁ ନିର୍ଦ୍ଦେଶ ହୋଇଛି। ଆସନ୍ତା ବର୍ଷା ମାସ ପରେ ସମ୍ଭବତଃ ଏଭଳି ସମସ୍ୟା ଆଉ ରହିବ ନାହିଁ ବୋଲି କହିଛନ୍ତି।

### ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ

**ଧର୍ମଶାଳା, ୨୯।୧୧(ଡି.ଏନ୍.ଏ.)**

ଧର୍ମଶାଳା ଅଧୀନସ୍ଥ ସ୍ୱପ୍ନେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଏକ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ମହାରଣାଙ୍କ ଅଧକ୍ଷତାରେ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ମୁଖ୍ୟବକ୍ତା ଭାବେ ସହକାରୀ ଶିକ୍ଷାଧିକାରୀ ରମାକାନ୍ତ ସେଠୀ, ଅତିଥି ଭାବେ ଅନ୍ୟତମ ଶିକ୍ଷାଧିକାରୀ ବିଜୟ କୁମାର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ବିଚାରକ ଭାବେ ଅଧ୍ୟାପକ ଜୟନ୍ତ କୁମାର ସାହୁ ଓ ବସନ୍ତ କୁମାର ତ୍ରିପାଠୀ ଯୋଗଦେଇ ୬ଟି ବିଭାଗର ୬ଜଣ ଛାତ୍ରୀଛାତ୍ରଙ୍କୁ ଜିଲା ସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ କରିଛନ୍ତି। ସମ୍ପଳ ପରିଚାଳନାରେ ପୃଥ୍ୱୀରାଜ ସାମଲ, ଗାଣିତିକ ପ୍ରତି ରୂପାୟନରେ ସୋନାଲି ବେହେରା, ଜୈବ କୃଷୀକର୍ମରେ ଓମ୍ ପ୍ରକାଶ ଜେନା, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତାରେ ସୁଚିତ୍ରା ନାୟକ, ପରିବହନ ଓ ଯୋଗାଯୋଗରେ ଅର୍ଣ୍ଣିତା ବରାଳ, ଆବର୍ଜନା ପରିଚାଳନାରେ ପ୍ରଜ୍ଞାରାଣୀ ପ୍ରଧାନ କୃତକାର୍ଯ୍ୟ ହୋଇଥିଲେ। ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ହିଙ୍ଗୁଳା ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ମେଳାରେ ୧୦୨ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିବାବେଳେ ୧୮ଜଣ ବ୍ଲକ ସଂଯୋଜକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସହଯୋଗ କରିଥିଲେ। ଶେଷରେ ଆଶୁତୋଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

■ ଚାକିରି ଦେବା ନାଁରେ ଠକେଇ ଅଭିଯୋଗ

## ଜଣେ ଗିରଫ, ୨ ଅଟକ

**ଦୁବୁରୀ/କଳିଙ୍ଗନଗର, ୨୯।୧୧(ଡି.ଏନ୍.ଏ)**

କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲ୍‌ରେ ଚାକିରି କରାଇ ଦେବା ନାମରେ ଠକାମି ଅଭିଯୋଗରେ କଳିଙ୍ଗନଗର ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜେନାପୁର ଥାନା ଅନ୍ତର୍ଗତ ତୌଳସାହି ଗ୍ରାମର ସହିଲ ବସନ୍ତିଆ(୨୮)। ଏ ନେଇ ପୋଲିସ ଏକ ମାମଲା (୧୬୪/୨୦୧୮) ରୁଜୁ କରିଥିବାବେଳେ ସହିଲଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବ ବୋଲି କହିଛି। ଏଥିସହ ଏହି ମାମଲାରେ ପୋଲିସ ଦୁବୁରୀ ଛକରେ ଥିବା ଏକ ଜେରକ୍ସ ଆଣ୍ଡ ପ୍ରିଣ୍ଟର ଦୋକାନ ମାଲିକ ଓ ଜଣେ କର୍ମଚାରୀଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

ପ୍ରକାଶ ଯେ, କଳିଙ୍ଗନଗର ଟାଟା କାରଖାନାରେ ଚାକିରି କରାଇଦେବାକୁ କହି ସହିଲ କଟକର ବିଟେକ୍ ଛାତ୍ର କାର୍ତ୍ତିରାଜ ସାହୁଙ୍କ ଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ଏ ନେଇ ସହିଲ କିର୍ତ୍ତିରାଜଙ୍କୁ ନିଯୁକ୍ତି ଓ ମେଡିକାଲ ସାର୍ଟିଫିକେଟ ଦେଇ କମ୍ପାନୀର ଫେଜ୍-୨ କ୍ୟାମ୍ପକୁ ଟ୍ରେନିଂ ପାଇଁ ପଠାଇଥିଲେ। ସେଠାରେ ଟ୍ରେନିଂ ଦାୟିତ୍ୱରେ ଥିବା ଅଧିକାରୀମାନେ ଯାଞ୍ଚବେଳେ ଉକ୍ତ ସାର୍ଟିଫିକେଟଗୁଡିକ ଜାଲ ବୋଲି ଜାଣିପାରି ଥିଲେ। କମ୍ପାନୀ ପକ୍ଷରୁ କଳିଙ୍ଗନଗର ପୋଲିସ ନିକଟରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ସହିଲଙ୍କୁ ଗିରଫ କରିଥିଲା। ସହିଲ ପୂର୍ବରୁ ଟାଟା କାରଖାନାର ଗେଟ୍‌ପାସ ସେକ୍ସନ୍‌ରେ ଠିକା ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିଲେ। କିଛିଦିନତଳେ ଠକେଇ ଅଭିଯୋଗରେ କମ୍ପାନୀ ପକ୍ଷରୁ ସହିଲଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ଜଣାପଡିଛି। ଏହିପରି ଅନ୍ୟ ଜଣେ ଯୁବକଙ୍କଠାରୁ ଚାକିରି କରାଇଦବା ନାଁରେ ୧୬ ହଜାର ଟଙ୍କା ଠକି ନେଇ ଥିବା ଜେରା ବେଳେ ସହିଲ ସ୍ୱୀକାର କରିଥିବା ପୋଲିସ କହିଛି।

## ନବମ ଉଦୟଗିରି ବୁଦ୍ଧ ମହୋତ୍ସବ ଉଦ୍‌ଯାପିତ

**ବାଲିଚନ୍ଦ୍ରପୁର, ୨୯।୧୧(ସ୍ୱ.ପ୍ର.)**

ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ଅନୁଷ୍ଠିତ ନବମ ଉଦୟଗିରି ବୁଦ୍ଧ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ମହୋତ୍ସବ ସମିତିର ଅଧ୍ୟକ୍ଷା ତଥା ଶୋଭନୀୟ ଶିକ୍ଷାଶ୍ରମ ଉଦୟଗିରିର ମୁଖ୍ୟ ଗୁରୁମା ଅରୁନ୍ଧତୀ ଦେବୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ସହକାରୀ ଅଧିକ୍ଷକ ଭାଗୀରଥୀ ଗଡ଼ତିଆ ଯୋଗଦେଇ ସଂସ୍କୃତିକୁ ବଞ୍ଚାଇବା ଓ ଏହାକୁ ଭବିଷ୍ୟତ ବଂଶଧରଙ୍କୁ ହସ୍ତାନ୍ତର କରିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇପଡ଼ିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ବଡ଼ଚଣା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଭାଗ୍ୟଧର ମଲିକ ଯୋଗଦେଇ ମାନବ ସମାଜ ଏବେ ପଥ ଭ୍ରଷ୍ଟ ହେଉଛି। ସମାଜରେ ଏବେ ସବୁ ଅଛି, କିନ୍ତୁ ଶାନ୍ତି ନାହିଁ। ସେଥିପାଇଁ ସମାଜରେ ସୁସମ୍ପର୍କ, ଶାନ୍ତି ସ୍ଥାପନା କରିବା ପାଇଁ ବୁଦ୍ଧଙ୍କ ପଥ



ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

ଅନୁସରଣ କରିବା ଉଚିତ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ମାଣିଆବନ୍ଧ ବୁଦ୍ଧ ସମିତି ସମ୍ପାଦକ ଅଜିତ କୁମାର ଚୌଧୁରୀ ବୁଦ୍ଧ ଦେବଙ୍କୁ ନିରଶ୍ୱରବାଦୀ ଭାବେ ବର୍ଣ୍ଣନା କରିବା ସହ ବୁଦ୍ଧଙ୍କ ପ୍ରବାହମାନ ଧାରା ଆମ ରକ୍ତ ଭିତରେ ଏବେ ଗୁଞ୍ଜରିତ ହେଉଛି ବୋଲି କହିଥିଲେ। ଏହି ଅବସରରେ ମଧ୍ୟାହ୍ନରେ ସାମ୍ପ୍ରତିକ ସମାଜରେ ବୌଦ୍ଧ ଧର୍ମର ପ୍ରାସଙ୍ଗିକତା ଓ ଉଦୟଗିରିର ଅବଦାନ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଶରତ ଚନ୍ଦ୍ର କର, ଶିକ୍ଷାବିତ୍ ଭଜହରି ମହାପାତ୍ର, ଲୋକନାଥ ଦାଶ, ଉମାକାନ୍ତ ବଳ, କିଶୋର ଚନ୍ଦ୍ର ଦାସ, ଭାଗ୍ୟଧର ସାହୁ ପ୍ରମୁଖଙ୍କ ସମେତ ୨ଜଣ ଛାତ୍ରୀଛାତ୍ର ଶୋଭନୀୟ ଶିକ୍ଷାଶ୍ରମର କୁମୁଦିନୀ ନାୟକ ଓ କଳାଶ୍ରୀ ଗୋପାଳପୁର ଲକ୍ଷ୍ମୀନାରାୟଣ ବିଦ୍ୟାପୀଠର ସତ୍ୟପ୍ରକାଶ ସାହୁ ଭାଗ ନେଇଥିଲେ। ଶୋଭନୀୟ ଶିକ୍ଷାଶ୍ରମର ଗୁରୁମା କେଦାରଲକ୍ଷ୍ମୀ ଦାସ, ଶିକ୍ଷକ ଅଜିତ କୁମାର ମହାନ୍ତି ଓ ସ୍ମୃତିରଞ୍ଜନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବାହ୍ନରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ଲିଖନ ପ୍ରତିଯୋଗିତାରେ ଭାଗ ନେଇ ଅଧିକ ନମ୍ବର ପାଇଥିବା କୁମୁଦିନୀ ନାୟକ, ବୁଦ୍ଧିନନ୍ଦନ ପଣ୍ଡା, ସତ୍ତ୍ୱପ୍ରକାଶ ସାହୁ, ଅଭିଜିତ ମହାନ୍ତିଙ୍କୁ ପୁରସ୍କାର ଓ ଅଂଶ ଗ୍ରହଣ କରିଥିବା ୭୦ଜଣ ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ର ଛାତ୍ରୀ, ଗଜେନ୍ଦ୍ରପୁର ନୋଡାଲ ସ୍କୁଲର ଛାତ୍ର ଛାତ୍ରୀ ଓ ରାଜ୍ୟସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ଦଶ ଅବତାର ନାଟ୍ୟଶାଳାର ମମତା ଶତପଥୀଙ୍କ ନେତୃତ୍ୱରେ ଓଡ଼ିଶୀ ନୃତ୍ୟ, ଲୋକ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଏହି ଅବସରରେ ଉଦୟଗିରି ଚିତ୍ରକଳା ଉତ୍‌ଖନନ ଉପରେ ଏକ ଫଟୋ ଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା।

■ ହରେକୃଷ୍ଣ ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟ

## ପ୍ରଥମ ୨ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଚୋରମୁହାଁ, ଜାରକା ବିଜୟୀ

**ଧର୍ମଶାଳା, ୨୯।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚୋରମୁହାଁ ବଜାର ପଡ଼ିଆରେ ଆୟୋଜିତ ପ୍ରଥମ ବାର୍ଷିକ ହରେକୃଷ୍ଣ ରାଉତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ଦୁଇଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶେଷ ହୋଇଛି। ପ୍ରଥମ ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଯଥାକ୍ରମେ ଚୋରମୁହାଁ ଓ ଜାରକା ଦଳ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚ୍‌ରେ ସେବତୀପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭର୍‌ରେ ୭ ଉଇକେଟ ହରାଇ ୧୪୮ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଜଗଦିସ ବେହେରା ସର୍ବାଧିକ ୬୩ରନ୍ କରିଥିଲେ। ଜବାବ୍‌ରେ ୟୁଥ୍ କ୍ଲବ ଚୋରମୁହାଁ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୧ ଓଭର୍ ୫ଟି ବଲ୍‌ରେ ୬ ଉଇକେଟ ହରାଇ ୧୪୯ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଆନନ୍ଦ ବେହେରା ସର୍ବାଧିକ ୮୬ ରନ୍ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଜାରକା କ୍ରିକେଟ ଦଳ ନିର୍ଦ୍ଧାରିତ ୧୦ ଓଭର୍‌ରେ ୧୭୫ ରନ୍ କରିଥିଲା। ଜବାବ୍‌ରେ ଭୁବନ କ୍ରିକେଟ ଦଳ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୧୨୫ ରନ୍ କରି ପରାସ୍ତ ହୋଇଥିଲା। ଦଳପକ୍ଷରୁ ପପୁ ଗେଡି ୩୭ ରନ୍ ସଂଗ୍ରହ କରିଥିଲେ। ଖେଳରେ ଉତ୍ତମ ପ୍ରଦର୍ଶନ ପାଇଁ ବିଜୟୀ ଦଳର ଆନନ୍ଦ ବେହେରା ଓ କୁନା ସହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି। ଶୁକ୍ରବାର ଦ୍ୱିତୀୟ କ୍ୱାର୍ଟର ଫାନାଲ ମ୍ୟାଚ୍ ଚହଟା ସହିତ ସଡମ୍ବା ଓ ଦ୍ୱିତୀୟ ମ୍ୟାଚ୍ ଗଡ଼ମଧୁପୁର ସହିତ କାଏମା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ପ୍ରଦ୍ୟୁମ୍ନ ମହାନ୍ତି ସୂଚନା ଦେଇଛନ୍ତି।

■ ବାଣିଜ୍ୟ ଓ ପରିବହନ କମିଶନରଙ୍କ ନଗଡ଼ା ଗସ୍ତ

## ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

**କାଳିଆପାଣି, ୨୯।୧୧( ଡି.ଏନ୍.ଏ.)**

ବାଣିଜ୍ୟ ଓ ପରିବହନ କମିଶନର ଶାଶ୍ୱତ ମିଶ୍ର ଗୁରୁବାର ଉପର ନଗଡ଼ା ଓ ଗୁହିଆଶାଳ ଗସ୍ତ କରି ଜୁଆଙ୍ଗ ଜନଜାତିଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଛନ୍ତି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବାଲକୃଷ୍ଣ ଆଚାର୍ଯ୍ୟ ଏବଂ ବିଡ଼ିଓ ମଣି ପଅଶାଦ ମିଶ୍ରଙ୍କ ସହ କମିଶନ ପ୍ରଥମେ ଉପର ନଗଡ଼ାରେ ପହଞ୍ଚିଥିଲେ। ସେଠାରେ ସରକାରୀ ଯୋଜନାରେ ନିର୍ମାଣ ହୋଇଥିବା ପକ୍କାଗୃହ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବୁଲି ଦେଖିବା ପରେ ଗୁହିଆଶାଳ ଗ୍ରମକୁ ଯାଇଥିଲେ । ସେଠାରେ କମିଶନର ଗୁହିଆଶାଳ ରାସ୍ତାକୁ ରାସ୍ତା ଅବସ୍ଥା ଦେଖି ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ରାସ୍ତା ନିର୍ମାଣ ନେଇ ପ୍ରକଳ୍ପ ନିର୍ଦ୍ଦେଶକ ଓ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବନ ବିଭାଗର ଅନୁମତି ନ ମିଳିବାରୁ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇ ପାରି ନ ଥିବା ଆଚାର୍ଯ୍ୟ କହିଥିଲେ। ଏ ନେଇ କମିଶନର ଡବ୍ଲୁଇଓ ସନ୍ତୋଷ କୁମାର ପତିଙ୍କୁ ବନ ବିଭାଗର ଅନୁମତି ଦିଗରେ କାର୍ଯ୍ୟକରିବାକୁ କହିଥିଲେ। ପରେ ଗୁହିଆଶାଳର ଜୁଆଙ୍ଗ ପରିବାରର ଜଣେ ଗର୍ଭବତି ମହିଳାଙ୍କୁ ଭେଟି ପୁଷ୍ଟିକର ଖାଦ୍ୟ ବଣ୍ଟନ ସମ୍ବନ୍ଧରେ ପଚାରି ବୁଝିଥିଲେ। ଆରଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ, ଆଇସିଡ଼ିଏସ୍ ସୁପରଭାଇଜରଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଗସ୍ତରେ ସାମିଲ ହୋଇଥିଲେ ।

## କପିଳାସ ସିମେଣ୍ଟ ଜନଶୁଣାଣି ପ୍ରାୟୋଜିତ ଥିଲା

**ଯାଜପୁର ଅଫିସ, ୨୯।୧୧**

ଯାଜପୁର ଓ କଟକ ଜିଲା ସୀମାନ୍ତରେ ଥିବା ଡାଲମିଆଁ ସିମେଣ୍ଟ ଗ୍ରୁପର ଓଡ଼ିଶା ସିମେଣ୍ଟ ଲିମିଟେଡ ପକ୍ଷରୁ ଚାଲିଥିବା କପିଳାସ ସିମେଣ୍ଟ ମ୍ୟାନୁଫାକ୍ଚରିଂ ୱାର୍କସ ସିମେଣ୍ଟ କାରଖାନାର ଜନଶୁଣାଣି ପ୍ରାୟୋଜିତ ଥିଲା। ସିମେଣ୍ଟ କାରଖାନା ପ୍ରଭାବିତ ଜନମଞ୍ଚ ଏହି ଅଭିଯୋଗ ଆଣିଛି। ଜିଲା ପ୍ରଶାସନ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବା ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ, ଗତ ୨୮ ତାରିଖରେ ହୋଇଥିବା ଜନଶୁଣାଣିରେ କମ୍ପାନୀ ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଲାଭାନ୍ୱିତ ହୋଇ ଆସିଥିବା ନିର୍ଦ୍ଦିଷ୍ଟ କିଛି ମୁଷ୍ଟିମେୟ ଓ ରାଜନୈତିକ ବ୍ୟକ୍ତିଙ୍କୁ ମତ ଦେବାର ସୁଯୋଗ ଦିଆଯାଇଥିଲା। ବାସ୍ତବରେ ଦର୍ପଣ ତହସିଲ ଅନ୍ତର୍ଗତ ପାରିଆ ଓ ବୈରୀ ପଞ୍ଚାୟତର ହ୍ରଦସାହି, ବଗଉ, ଝଟିଆ, ବରଗଡା, ନିମଡିଅ ଗ୍ରାମ ଭଳି ଅନେକ ଗ୍ରାମର ଲୋକମାନେ ଏହି କାରଖାନା ଦ୍ୱାରା ବିଭିନ୍ନ ବାଟରେ ପ୍ରଭାବିତ ହୋଇ ଆସିଛନ୍ତି। ସେମାନଙ୍କୁ ଏଠାରେ ମତ ଦେବାର ସୁଯୋଗ ଦିଆଯାଇ ନ ଥିଲା। ତେଣୁ ସ୍ୱାଭାବିକ ଭାବେ କମ୍ପାନୀ ନିୟୋଜିତ କରିଥିବା ନିର୍ଦ୍ଦିଷ୍ଟ କିଛି ଲୋକଙ୍କ ମତ ଆଧାରରେ ଆଗାମୀ ସମ୍ପ୍ରସାରଣ ସପକ୍ଷରେ ଜନମତ ରହିଥିବା ବିବେଚନା କରିବା ବାହୁଲ୍ୟ ମାତ୍ର ବୋଲି ଜନମଞ୍ଚ ପକ୍ଷରୁ ଆବାହକ ଉଦୟନାଥ ସାହୁ ଅଭିଯୋଗ କରିଛନ୍ତି। ତେବେ କପିଳାସ ସିମେଣ୍ଟ ଉପ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ଯେ, କାରଖାନା ଓ କଲୋନୀ ପରିସରରେ ୧୧୫ ଏକରରେ ୧ଲକ୍ଷ ୩୦ହଜାର ବୃକ୍ଷରୋପଣ ଦ୍ୱାରା ସବୁଜ ବଳୟ ସୃଷ୍ଟି କରାଯାଇଛି। ବର୍ଷାଜଳ ସଂରକ୍ଷଣ କରାଯାଇ କାରଖାନାକୁ ୧୧୧ପ୍ରତିଶତ ଜଳ ବୃଦ୍ଧି କରାଯାଇଛି। ଆଖପାଖ ଅଞ୍ଚଳର ୫୦୦ଗରିବ ଲୋକଙ୍କୁ ଚିକିତ୍ସା ସହାୟତା ଦିଆଯାଇଛି। ୧୫୦ଗରିବ ଓ ମେଧାବି ଛାତ୍ରୀଛାତ୍ରଙ୍କୁ ନିୟମିତ ଓ ବିଧିବଦ୍ଧ ଶିକ୍ଷା ସହାୟତା ଦିଆଯାଉଛି। ସିଏସ୍‌ଆର୍ କାର୍ଯ୍ୟକ୍ରମରେ ପୁଷ୍କରିଣୀ ଖନନ ଓ କୂପ ନବୀକରଣ, ଦକ୍ଷତା ବିକାଶ, ଅକ୍ଷୟ ଉର୍ଜାର ଶକ୍ତି ପ୍ରୋତ୍ସାହନ କାର୍ଯ୍ୟକ୍ରମ, କୌଶଳ ଏବଂ ଆଜୀବିକା ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ ତଥା ଗ୍ରାମୀଣ ଭିତ୍ତିଭୂମିର ବିକାଶ ଆଦି କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରି ଆସୁଛି ବୋଲି ଉପ ନିର୍ବାହୀ ନିର୍ଦ୍ଦେଶକ କହିଛନ୍ତି।

- ଅଭିଯୋଗ ଉଠାଇଲା ପ୍ରଭାବିତ ଜନମଞ୍ଚ
- ପାରିପାର୍ଶ୍ୱିକ ବିକାଶରେ ପ୍ରଶଂସନୀୟ କାର୍ଯ୍ୟ ହୋଇଛି- କମ୍ପାନୀ କର୍ତ୍ତୃପକ୍ଷ

# ଅଞ୍ଜିରା ପାହାଡ଼ ଖନନ ପାଇଁ ହେବ ଶୁଣାଣି

**ଯାଜପୁର ଅଫିସ, ୨୯।୧୧**

ଲଘୁ ଖଣିଜ ଆଇନର ନୂଆ ସଂଶୋଧନ ସୂଚନା ସଂଖ୍ୟା ଜେ୧୩୦୧୨/୧୨/୨୦୧୩-୧ଏ-୧୧/୨୪।୧୨।୨୦୧୩ ଅନୁଯାୟୀ ୨୫ ରୁ ୫୦ହେକ୍ଟର ଅଞ୍ଚଳ ମଧ୍ୟରେ ରହିଥିଲେ ପରିବେଶ ସ୍ୱୀକୃତିର ନିହାତି ଆବଶ୍ୟକ ଅଟେ। ସେହିପରି ପ୍ରସ୍ତାବିତ ଖଣିର ଉପାନ୍ତ ଅଞ୍ଚଳ ୫୦୦ମିଟର ଠାରୁ ଅନ୍ୟ ଏକ ଖଣିର ଉପାନ୍ତ ଅଞ୍ଚଳ ପର୍ଯ୍ୟନ୍ତ ଓ ସମଗ୍ର ଲିଜ୍ ଅଞ୍ଚଳ ୨୫ହେକ୍ଟରରୁ କମ୍ ହୁଏ ତେବେ ମଧ୍ୟ ପରିବେଶ ସ୍ୱୀକୃତି ପାଇଁ ଆବେଦନ କରିବେ। ଏହିକ୍ରମରେ ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଅଞ୍ଜିରା ଗ୍ରାମରେ ୧୮.୪୧ ହେକ୍ଟର(୩୬.୮୨ ହେକ୍ଟର କ୍ଲଷ୍ଟର ଅଞ୍ଚଳ)ପରିମିତ ଅଞ୍ଚଳରେ ଅବସ୍ଥିତ ଅଞ୍ଜିରା ପଥର ଖାଦାନ( ବିଏସ୍‌କ୍ୟୁ ନଂ-୧) ନିମନ୍ତେ ରାଜ୍ୟ ପରିବେଶ ମୂଲ୍ୟାଙ୍କନ କର୍ତ୍ତୃପକ୍ଷଙ୍କୁ ତପନ କୁମାର ନାୟକ ପରିବେଶ ମଞ୍ଜୁରୀ ପାଇଁ ଆବେଦନ କରିଛନ୍ତି। ଏଥିପାଇଁ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ଆସନ୍ତା ୨୯।୧୨।୨୦୧୮ ତାରିଖ ପୂର୍ବାହ୍ନ ୧୧ଟାରେ ଧର୍ମଶାଳା ଭବନଠାରେ



ହେବାକୁ ଧାର୍ଯ୍ୟ ହୋଇଛି। ପଥର ଖାଦାନ ଇତିହାସରେ ସର୍ବସାଧାରଣ ଶୁଣାଣି ଏହା ପ୍ରଥମ ବୋଲି କୁହାଯାଉଛି। ତେବେ ଏଥିପାଇଁ ଆବେଦନକାରୀଙ୍କ ପକ୍ଷରୁ ପ୍ରସ୍ତୁତ କାର୍ଯ୍ୟ ନିର୍ବାହ ସାରାଂଶରେ କର୍ତ୍ତୃପକ୍ଷଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ ହୋଇଥିବା ଜଣାପଡିଛି।

ପରିବେଶଗତ ଅନୁମତି ନ ଥିବାରୁ ଡଙ୍କାରୀ ପାହାଡ଼ର ୬ଟି ପଥର ଖାଦାନକୁ ଗତ ୧୫।୧୦।୨୦୧୮ରେ ଜିଲା ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଏଥିସହ ଡଙ୍କାରୀ ପାହାଡ଼ରେ ୧୪୪ଧାରା ଜାରି ହୋଇଛି। ଦୀର୍ଘ ୨୦ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ବିନା ପରିବେଶଗତ ଅନୁମତିରେ ଏଠାରୁ ବାର୍ଷିକ କୋଟି କୋଟି ଟଙ୍କାର ପଥର ଉତ୍ତୋଳନ ହୋଇଛି। ଏଥିରେ ରାଜ୍ୟ ସରକାରଙ୍କ ରାଜସ୍ୱ କ୍ଷତି ହୋଇଥିବାବେଳେ ପ୍ରଭାବଶାଳୀ ରାଜନେତାଙ୍କ ସହଯୋଗରେ ମାଫିଆମାନେ ମାଲାମାଲ ହୋଇଛନ୍ତି। ଶେଷରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଓ ରାଜ୍ୟପାଳଙ୍କ ହସ୍ତକ୍ଷେପ ଫଳରେ ଜିଲା ପ୍ରଶାସନର ଚେତା ପଶିଛି। ଏହାପରେ ପରିବେଶ ମଞ୍ଜୁରୀ ପାଇଁ ଜଣେ ପଥରବ୍ୟବସାୟୀ ସଚେତନ ହୋଇ ସର୍ବସାଧାରଣ ଶୁଣାଣି କରିବାକୁ ପଦକ୍ଷେପ ନେଇଛନ୍ତି । ଏଥିପାଇଁ ବିଶେଷ ପରାମର୍ଶଦାତାଙ୍କ ଦ୍ୱାରା ପ୍ରସ୍ତୁତ ସାରାଂଶ ପରିବେଶ ବିଭାଗରେ ଦାଖଲ ହୋଇଛି। ଉକ୍ତ ସାରାଂଶରେ ଲିଜ୍ ଅଞ୍ଚଳ ମଧ୍ୟରେ କୌଣସି ଜନବସତି ନାହିଁ ବୋଲି ଦର୍ଶାଯାଇଛି। ହେଲେ ଅଞ୍ଜିରା ଖାଦାନକୁ ଲାଗି ବାଉଁଶଡୋଳ, ମୁକୁନ୍ଦପୁର ଓ ଶ୍ୟାମସୁନ୍ଦରପୁର ଗ୍ରାମ ରହିଛି। ଯେଉଁଠାରେ ପ୍ରାୟ ୪ହଜାର ଲୋକ ବସବାସ କରୁଛନ୍ତି। ବର୍ତ୍ତମାନ ପରିବେଶ ମଞ୍ଜୁରି ବିନା ଜୋରସୋର ପଥର ଉତ୍ତୋଳନ ଚାଲିଛି। ବିଭିନ୍ନ ବ୍ଲାଷ୍ଟିଂ ଯୋଗୁ ନିକଟସ୍ଥ ଗ୍ରାମବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉଚ୍ଚ ଶବ୍ଦ ପ୍ରଦୂଷଣ ଯୋଗୁ ଗର୍ଭବତୀ ମହିଳା, ଶିଶୁମାନେ ବହୁ ପ୍ରଭାବିତ ହେଉଛନ୍ତି। ଧୂଳିଧୂଆଁ ପ୍ରଦୂଷଣରେ ଆଖପାଖ ଲୋକ ବିଭିନ୍ନ ରୋଗରେ ପୀଡିତ ହେଉଛନ୍ତି। ଏହାବାଦ ଗହମ, ଚଣା, ଆଳୁ, ସୋରିଷ, ଚିନାବାଦାମ, ଯଅ ଆଦି ଚାଷକୁ ପଥର ଖାଦାନ ପ୍ରଭାବିତ କରୁଛି। ଉଦ୍ଭିଦ ବିଷୟରେ ହୋଇଥିବା ଅନୁଧ୍ୟାନ ମଧ୍ୟ ବିଭ୍ରାନ୍ତିକର ହୋଇଛି। ଲିଜ୍ ଖଣିର ୧୦କିମି ବ୍ୟାସାର୍ଦ୍ଧ ମଧ୍ୟରେ ବନ୍ୟାପ୍ରାଣୀ ସ୍ଥଳ ନାହିଁ ବୋଲି ଦର୍ଶାଯାଇଛି। ଯାହାକି ସମ୍ପୂର୍ଣ୍ଣ ମିଥ୍ୟା। ଏହି ଅଞ୍ଚଳରେ ଅନେକ ବନ୍ୟାପ୍ରାଣୀ ନିର୍ଭର କରୁଛନ୍ତି। ପରିବେଶ ବିଭାଗକୁ ଭୁଆଁବୁଲାଇ ପରିବେଶଗତ ଅନୁମତି ହାସଲ କରିବାକୁ ଏହା ଏକ ଷଡ଼ଯନ୍ତ୍ର ବୋଲି କୁହାଯାଇଛି। ଏସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ଶୀତଳ ଅଗ୍ରୱାଲଙ୍କୁ ପଚାରିବାରୁ ସେ କହିଛନ୍ତି ପଥର ଖାଦାନ ପାଇଁ ସର୍ବସାଧାରଣ ଜନ ଶୁଣାଣି ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଏହାଦ୍ୱାରା ବେଆଇନ ପଥର ଖାଦାନଗୁଡ଼ିକ ଉପରେ ଅଙ୍କୁଶ ଲଗାଯାଇପାରିବ। ପରବର୍ତ୍ତୀ ସମୟରେ ଡଙ୍କାରୀ ତଥା ବିଭିନ୍ନ ଖାଦାନରେ ପରିବେଶ ମଞ୍ଜୁରୀ ପାଇଁ ଜନଶୁଣାଣିର ଆୟୋଜନ କରାଯିବ ବୋଲି ଅଗ୍ରୱାଲ କହିଛନ୍ତି।

- ପଥର ଖାଦାନ ଇତିହାସରେ ପ୍ରଥମ
- ଭୁଲ ତଥ୍ୟ ଦେଇ ସମର୍ଥନ ହାସଲ ଉଦ୍ୟମ
- ଧର୍ମଶାଳା ଭବନରେ ଡିସେମ୍ବର ୨୯ରେ ଶୁଣାଣି ନିଷ୍ପତ୍ତି

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୦ ନଭେମ୍ବର, ୨୦୧୮








## ସଂକ୍ଷେପରେ

### ଶ୍ରୀବିରଜା ସେବା ସମିତିର ମାସିକ ବୈଠକ

ବିରଜାକ୍ଷେତ୍ର,୨୯।୧୧(ଡି.ଏନ୍.ଏ)- ଶ୍ରୀବିରଜା ସେବା ସମିତିର ମାସିକ ବୈଠକ ମା' ବିରଜାଙ୍କ ମନ୍ଦିର ପରିସରରେ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ସଭାପତି ମା'ଙ୍କ ସ୍ତବପାଠ କରିବା ପରେ ସମ୍ପାଦକ ପାଣ୍ଡବ ଚରଣ ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ମହାନ୍ତି ମା'ଙ୍କ ଗତ ରଥଯାତ୍ରାରେ ସେବା ସମିତି ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହୋଇଥିବା ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ ଓ ତାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ସଂସ୍କୃତି ବିଭାଗ, ଯାଜପୁର ସେବା ସମିତି ତରଫରୁ ରଥଯାତ୍ରା କାର୍ଯ୍ୟକ୍ରମ ପାଇଁ ୭ହଜାର ଟଙ୍କା ଅନୁଦାନ ଦେଇଥିବାରୁ ଉକ୍ତ ବିଭାଗକୁ ସମିତିର ସଭ୍ୟମାନେ ବୈଠକରେ ଧନ୍ୟବାଦ ଅର୍ପଣ କରିଥିଲେ। ସମିତିର ନୂତନ ଆଜୀବନ ସଭ୍ୟଭାବେ ଚିନ୍ମୟ ସାମଲ, ପ୍ରତିମା କର ଓ ଅବସରପ୍ରାପ୍ତ ବିଚାରପତି ସୁଦିତ କୁମାର ମିଶ୍ରଙ୍କୁ ସଭାରେ ଗ୍ରହଣ କରାଯିବା ସହିତ ସେମାନଙ୍କୁ ନୂତନ ସଭ୍ୟ ସଂଗ୍ରହ କରିବାକୁ ଅନୁରୋଧ କରାଗଲା। ନୂତନବର୍ଷ ୨୦୧୯ରେ ତା ୯।୧।୨୦୧୯ ବୁଧବାର ସମିତିର ସମସ୍ତ ସଭ୍ୟ କିଛି ନୂତନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ତ୍ରିଲୋଚନ ମନ୍ଦିର ପ୍ରାଙ୍ଗଣରେ ମିଳିତ ହୋଇ ଏକ ବଣଭୋଜିର ଆୟୋଜନ କରିବାକୁ ସ୍ଥିର କରାଯାଇଛି। ଉକ୍ତ ଆଲୋଚନାରେ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ, ଯୁଗ୍ମ ସମ୍ପାଦକ ସୁବାଷ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଯୁଗ୍ମ ସମ୍ପାଦକ ଅକ୍ଷୟ ବେହେରା, ଶିବପ୍ରସାଦ ବଳ, ଶରତ ଚନ୍ଦ୍ର ମହାରଣା, ପ୍ରତିମା କର, ବୃନ୍ଦାବନ ମିଶ୍ର, ମଧୁସୂଦନ ମହାନ୍ତି, ରବି ଶତପଥି, ବ୍ରଜକିଶୋର ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଲକ୍ଷ୍ମୀନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜନଶୁଣାଣି ଶିବିର

ଦଶରଥପୁର,୨୯।୧୧(ଡି.ଏନ.ଏ.)- ଦଶରଥପୁର ବ୍ଲକ ସଭାଗୃହରେ ବୁଧବାର ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ବ୍ଲକବାସୀ କାମ କରୁ ନ ଥିବା କହିଥିଲେ। ୨୦୧୭-୧୮ ଆର୍ଥିକ ବର୍ଷର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମୀକ୍ଷା ଓ ଜନଶୁଣାଣି କରାଯାଇଥିଲା। ଏହି ଯୋଜନାରେ ଅକ୍ଟୋବର ୧ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ୬ ମାସ ମଧ୍ୟରେ ଖାନନଗର ପଞ୍ଚାୟତକୁ ବାଦ୍ ଦେଇ ବ୍ଲକର ଅନ୍ୟ ୩୪ ପଞ୍ଚାୟତରେ ୪ କୋଟି ୫୭ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ ହୋଇଥିବା ବ୍ଲକ ରିପୋର୍ଟରୁ ଜଣାଯାଇଛି। ଅପରପକ୍ଷରେ ୨୦୧୭-୧୮ ଆର୍ଥିକ ବର୍ଷର ଏପ୍ରିଲ ୧ରୁ ଜୁନ୍ ୧୪ ତାରିଖ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ କାମ ସରି ପୁଣି ଥରେ ୪.୫୦ କୋଟି ଟଙ୍କା ବିଲ୍ ଉଠାଣ ହୋଇ ସାରିଥିବାବେଳେ ଏବେ ପ୍ରଥମ ପର୍ଯ୍ୟାୟ ବୈଠକ ବସିବା ପ୍ରଶାସନର କାର୍ଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଦଶରଥପୁର ବ୍ଲକରେ ଏହି ଯୋଜନାରେ ଶ୍ରମିକମାନେ କାମ କରୁନାହାନ୍ତି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ଶିବିରରେ କହିଥିଲେ। ତେବେ ୯ ମାସ ମଧ୍ୟରେ ଉକ୍ତ ଯୋଜନାରେ ୯ କୋଟି ବିଲ୍ କିପରି ହୋଇଛି ବୋଲି ଜନସାଧାରଣ ପ୍ରଶ୍ନ କରିଥିଲେ। ପ୍ରାୟ ସବୁ ପଞ୍ଚାୟତରେ ମେଶିନ୍‌ରେ କାମ ହୋଇଥିବା ନେଇ ଗଣମାଧମରେ ପ୍ରକାଶ ପାଇବା ସହ ଲିଖିତ ଅଭିଯୋଗ ହୋଇଥିବା ନିର୍ଦ୍ଦେଶକ ଆଚାର୍ଯ୍ୟ ସ୍ୱୀକାର କରିଥିଲେ। ଏ ସମ୍ପର୍କରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପଚାରିବାରେ, ତଦନ୍ତ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା କହି ଦୋଷ ଛଡ଼ାଇ ଦେଇଥିଲେ। ବୈଠକରେ ବିଡିଓ ନାରାୟଣ ଚନ୍ଦ୍ର ନାୟକ, ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ଏପିଡି ଇନ୍ଦ୍ରମଣି ନାୟକ, ସହକାରୀ ଯନ୍ତ୍ରୀ ସୁଧାକର ନାୟକ, ଏପିଓ ଅମ୍ରିତା ଦାସ ପ୍ରମୁଖଙ୍କ ସହ କିଛି ପଞ୍ଚାୟତର ଜନପ୍ରତିନିଧି, ଜନସାଧାରଣ ଓ ବିଭାଗୀୟ ବ୍ଲକ୍ କର୍ମଚାରୀମାନେ ଯୋଗଦେଇଥିଲେ। ସେହିପରି ଭାଜପା ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଜିଲା ଉପସଭାପତି ସଞ୍ଜୟ ନାୟକ ଘଟଣାର ତଦନ୍ତ ଦାବି କରିବା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ।

# ଅବ୍ୟବସ୍ଥା ଘେରରେ ଆହାର କେନ୍ଦ୍ର

- ୨ବର୍ଷ ତଳେ ଡୁବୁରୀ ଛକରେ ପ୍ରତିଷ୍ଠା ହୋଇଥିଲା
- ଲୋକଙ୍କୁ ମିଳୁନି ଉପଲବ୍ଧ ସୁବିଧା
- ରକ୍ଷଣାବେକ୍ଷଣ, ପରିଚାଳନାରେ ଦିଆଯାଉନି ଦୃଷ୍ଟି

ଡୁବୁରୀ,୨୯।୧୧(ଡିଏନଏ)

ପରିଚାଳନାଗତ ତ୍ରୁଟି ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ସୁକିନ୍ଦା ନିର୍ବାଚନ ମଣ୍ଡଳୀ କେନ୍ଦ୍ରସ୍ଥଳରେ ଥିବା ଏକମାତ୍ର ଆହାର କେନ୍ଦ୍ର ସମ୍ପ୍ରତି ବ୍ୟାପକ ଅବ୍ୟବସ୍ଥା ଦେଇ ଗତି କରୁଛି। ମାତ୍ର ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ। ଏହି କେନ୍ଦ୍ର ଉପରେ ପ୍ରତ୍ୟେହ ଶହ ଶହ ଲୋକ ନିର୍ଭର କରୁଥିବା ବେଳେ ଏହାର ରକ୍ଷଣାବେକ୍ଷଣ ପ୍ରତି କେହି ଦୃଷ୍ଟି ନ ଦେବା ପରିତାପର ବିଷୟ। କେନ୍ଦ୍ରରେ ସମସ୍ତ ଲାଇଟ କାମ କରୁ ନ ଥିବା ବେଳେ ଡିସ୍ ୱାସ ମେଶିନ କାମ କରୁ ନ ଥିବାରୁ ବାସନକୁସନ ଠିକ ଭାବେ ସଫା ହୋଇପାରୁ ନାହିଁ। ଲୋକଙ୍କ ପାଇଁ ଲଗାଯାଇଥିବା ଆକ୍ୱାଗାର୍ଡ ଦୀର୍ଘ ଦିନ ହେଲା ଅଚଳ ହୋଇପଡିଥିଲେ ମଧ୍ୟ ଏହାର ମରାମତି ଦିଗରେ କେହି ଦୃଷ୍ଟ ଦେଉନାହାନ୍ତି। ଏହାର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ସ୍ଥାନୀୟ ଅଞ୍ଚଳର ୪ଜଣ କର୍ମଚାରୀଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥିଲେ ହେଁ ସେମାନେ ଠିକ ଭାବେ ସେମାନଙ୍କ କାର୍ଯ୍ୟ ନିର୍ବାହ କରୁ ନ ଥିବା ଅଭିଯୋଗ ହେଉଛି। ସମ୍ପୃକ୍ତ କେନ୍ଦ୍ରରେ ନାନା ଅବ୍ୟବସ୍ଥା ଲାଗି ରହିଥିଲେ ବି ଏହାର ନିରାକରଣ ଦିଗରେ ଆନ୍ତରିକତା ପ୍ରଦର୍ଶନ କରାଯାଉ ନାହିଁ। ଫଳରେ ଲୋକେ ଏହି କେନ୍ଦ୍ରରୁ ସୁଫଳ ପାଇପାରୁ ନାହାନ୍ତି। ଗତ ୨ବର୍ଷ ତଳେ କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖ୍ୟ ସ୍ଥାନ କୁହାଯାଉଥିବା ଡୁବୁରୀ ଛକରେ ସରକାରଙ୍କ ପକ୍ଷରୁ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। କଳିଙ୍ଗନଗର ଶିଳ୍ପାଞ୍ଚଳରେ କାମ କରୁଥିବା ଶ୍ରମିକ, ବ୍ୟବସାୟୀ, କର୍ମଚାରୀ ଓ ବାଟୋଇମାନେ ସୁଲଭ ମୂଲ୍ୟରେ ଏହି କେନ୍ଦ୍ରରେ ୫ଟଙ୍କା ବିନିମୟରେ ଭାତ ଡାଲମା ଖାଉଥିଲେ। ଲୋକଙ୍କ ପାଇଁ ସମ୍ପୃକ୍ତ କେନ୍ଦ୍ରରେ ବିଶୁଦ୍ଧ ପାନୀୟଜଳ, ଫ୍ୟାନ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଇଥିଲେ ମଧ୍ୟ ଏହି କେନ୍ଦ୍ରରେ ସେସବୁର ସୁବିଧା ଲୋକଙ୍କୁ ମିଳୁ ନ ଥିବା ଡୁବୁରୀ ଛକ ବ୍ୟବସାୟୀ ସଂଘ ପକ୍ଷରୁ ସଂଘ ସଭାପତି ସୁଧାଂଶୁ ରାଉତ, ବିଶ୍ୱନାଥ ସାହୁ, ସଂଗ୍ରାମ ରାଉତ, କପିଳେନ୍ଦ୍ର ମହାନ୍ତ, ସଂଜୀବ ମହାନ୍ତ ପ୍ରମୁଖ ଅଭିଯୋଗ କରିଛନ୍ତି। ଅଭିଯୋଗ ସମ୍ପର୍କରେ ସୁକିନ୍ଦା ଜିପିଓ ମଣି ପ୍ରସାଦ ମିଶ୍ରଙ୍କୁ ପଚାରିବାରେ, ଆହାର କେନ୍ଦ୍ରର ରକ୍ଷଣାବେକ୍ଷଣ ଓ ଆବଶ୍ୟକ ସାମଗ୍ରୀ ବ୍ଲକ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଛି। ଉକ୍ତ କେନ୍ଦ୍ରରେ ରାତି ଜଗୁଆଳି ଭାବେ କାମ କରୁଥିବା କର୍ମଚାରୀ ନିୟମିତ କାମ କରୁ ନ ଥିବା ଅଭିଯୋଗ ତାଙ୍କ ନିକଟରେ ରହିଛି। ଏ ନେଇ ସେ କେନ୍ଦ୍ର ପରିଦର୍ଶନ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ମିଶ୍ର ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ରଗଡ଼ି ବ୍ୟାଙ୍କରେ ପୋଲିସର ମକ୍‌ଡ୍ରିଲ
# ଡକାୟତି ଭାବି ଲୋକେ ଛାନିଆ



କୋରେଇ ପୋଲିସ ପକ୍ଷରୁ ମକ୍‌ଡ୍ରିଲ୍ କରାଯାଉଛି ।

କୋରେଇ,୨୯।୧୧(ସ୍ୱ.ପ୍ର)

ବ୍ୟାଙ୍କରେ ଚାଲିଥିବା ଡକାୟତିକୁ ରୋକିବା ପାଇଁ କୋରେଇ ପୋଲିସ ପକ୍ଷରୁ ରଗଡିସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆରେ ଗୁରୁବାର ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏହି ମକ୍‌ଡ୍ରିଲରେ ଲୋକେ ଭୟଭୀତ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ସୂଚନା ଯେ, ବ୍ୟାଙ୍କରେ ଜନଗହଳି ଥିଲା। ହଠାତ ଦୁଇଜଣ ବାଇକ୍‌ରେ ଆସି ବ୍ୟାଙ୍କରେ ପହଞ୍ଚି ଥିଲେ। ଜଣେ ବାଇକରେ ବସି ରହିଥିବା ବେଳେ ଆଉ ଜଣେ ଯୁବକ ମୁହଁରେ ହେଲମେଟ ଲଗାଇ ବ୍ୟାଙ୍କ ଭିତରକୁ ପଶି ଆସିଥିଲେ। କେହି କିଛି ବୁଝିବା ପୂର୍ବରୁ ଯୁବକ ଜଣକ ଅଣ୍ଟାରୁ ବନ୍ଧୁକ ବାହାର କରି ଲୋକଙ୍କୁ ଧମକାଇ ବ୍ୟାଙ୍କ ପରିଚାଳକଙ୍କ ରୁମ ଭିତରେ ପୁରାଇ ଦେଇଥିଲେ। ଏହାପରେ ଲୁଟ କରି ସାରି ବାଇକରେ ଦ୍ରୁତ ଗତିରେ ପଳାଇଥିଲେ। ଏହାପରେ ବ୍ୟାଙ୍କ କର୍ତ୍ତୃପକ୍ଷ ସାଇରନ ବଜାଇବା ସହିତ ପୋଲିସକୁ ଖବର ଦେଇଥିଲେ। ଇନିସପେକ୍ଟର ଚିନ୍ମୟୀ ସାହୁ ସଦଳବଳେ ସେଠାରେ ପହଞ୍ଚିଥିଲେ। ଏସବୁ ଦେଖି ଲୋକେ ବ୍ୟାଙ୍କରେ ଡକାୟତି ହୋଇଥିବା ଭାବି ଛାନିଆ ହୋଇଯାଇଥିଲେ। କିନ୍ତୁ ତାହା କୋରେଇ ପୋଲିସର ମକଡ୍ରିଲ ଥିଲା ବୋଲି ଜଣାପଡ଼ିଥିଲା। ଏହି ଅଭିନୟରେ ଏଏସଆଇ ସଲିଳ କୁମାର ମଲିକ, ମଦନ ମୋହନ ମଲିକ, ଶିଶିର ସାହୁ, ଦୀପ୍ତିରଞ୍ଜନ ଗିରିଙ୍କ ସମେତ କର୍ମଚାରୀମାନେ ସାମିଲ ହୋଇଥିଲେ।

## ପାଣିକୋଇଲିରେ ମେଡ଼ିକାଲ କଲେଜ ଦାବିକୁ କର୍ଣ୍ଣପାତ କରୁନି ପ୍ରଶାସନ
# ସମର୍ଥନ ଜଣାଇ ବରିଷ୍ଠ ନାଗରିକଙ୍କ ଧାରଣା

କୋରେଇ,୨୯।୧୧(ସ୍ୱ.ପ୍ର)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁଦାନରେ ଯାଜପୁର ଜିଲାରେ ହେବାକୁ ଥିବା ମେଡ଼ିକାଲ କଲେଜକୁ ଯାଜପୁର ଟାଉନର ଆଙ୍କୁଲା ପରିବର୍ତ୍ତେ ପାଣିକୋଇଲିଠାରେ ନିର୍ମାଣ କରିବାକୁ ଦାବି କରାଯାଉଛି। ଏ ନେଇ ମେଡ଼ିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ଗଣଧାରଣା ୧୮ତମ ଦିନରେ ପହଞ୍ଚିଛି। ପ୍ରତ୍ୟେହ ନୂଆ ନୂଆ ଅନୁଷ୍ଠାନ ଗଣଧାରଣାକୁ ସମର୍ଥନ ଜଣାଇ ସାମିଲ ହେବା ସହ ଜିଲା ପ୍ରଶାସନର ଏଭଳି ଚଞ୍ଚକତାପୂର୍ଣ୍ଣ ରାତିଅଧିଆ ନିଷ୍ପତ୍ତି ବିରୋଧରେ ଅସନ୍ତୋଷ ତେଜିବାରେ ଲାଗିଛି । ଗୁରୁବାର ଗୋଲେଇପୁର ପଞ୍ଚାୟତର ସୋଡି ବରିଷ୍ଠ ନାଗରିକ ମଞ୍ଚ ଧାରଣାରେ ସାମିଲ ହୋଇ କ୍ରିୟାନୁଷ୍ଠାନ କମିଟିର ଦାବିକୁ ଯଥାର୍ଥ ବୋଲି କହିଥିଲେ । ପାଣିକୋଇଲିରେ ମେଡିକାଲ କଲେଜ ଖୋଲିବାକୁ ଦାବି କରି ୧୮ ଦିନ ଧରି ଧାରଣା ଚାଲିଥିଲେ ବି ପ୍ରଶାସନ କର୍ଣ୍ଣପାତ କରୁ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନାରାୟଣ କରଣ, ଅନାମ ମହାପାତ୍ର, ମିର୍ଜ୍ଜା ଅବଦୁଲ କାହାର ବେଗ, ଚନ୍ଦ୍ରମଣୀ ସ୍ୱାଇଁ, ନୀଳମଣି ଦାଶ, ଗୋପାଳ ଦଳାଇ, ସତ୍ୟପ୍ରକାଶ ମହାନ୍ତି, ଲକ୍ଷ୍ମୀଧର କରଣ, କରଣ, ରମଶେ ନାୟକ ଓ ମଞ୍ଚ ପକ୍ଷରୁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡାଇ, ଯୁଗ୍ମ ଆବାହକ ସୁବାସ ଧଳ, ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ, କୃଷକ ନେତା ବଳରାମ ସାହୁ, ନିର୍ମଳ ରଥ, ସନ୍ତୋଷ ବେହେରା, ସିପିଏମ ନେତା ପ୍ରଫୁଲ୍ଲ ନାୟକ, ଭ୍ରମରବର ରାଉତ ପ୍ରମୁଖ ଧାରଣାରେ ଯୋଗଦେବା ସହ ପରିଚାଳନାରେ ସହଯୋଗ କରିଥିଲେ।



ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି ।

## ୧୯୯୩ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ସିଂହପୁର,୨୯।୧୧(ଡି.ଏନ୍.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ହାଇସ୍କୁଲର ୧୯୯୩ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ସିଂହପୁର କାକୁଡି ପଡ଼ିଆ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ରୀଛାତ୍ରମାନେ ଯୋଗଦେଇ ନିଜର ସ୍କୁଲ ବେଳର ସ୍ମୃତିକୁ ମନେ ପକାଇଥିଲେ। ଜିତେନ୍ଦ୍ର ବେଉରିଆ, ପ୍ରଭାସ ମହାଳିକ, ସତ୍ୟବ୍ରତ ଦାସ, ହିମାଂଶୁ ପାତ୍ର, ଚିନ୍ମୟ ଥାଟୋଇ, ସୂର୍ଯ୍ୟକୁମାର ସାମଲ, ଉମେଶ ଜେନା, ମୁକ୍ତେଶ୍ୱର ଜେନା, ସୁନନ୍ଦ ମହାଳିକ, ଦିବ୍ୟକାନ୍ତ ସାମଲ, ବିନୋଦ ବାରିକ, ପରେଶ ସାହୁ, କୃଷ୍ଣଚନ୍ଦ୍ର ସାହୁ, ଅମରେଶ ପାତ୍ର, ନରେନ୍ଦ୍ର ପାତ୍ର, ଅର୍ଚ୍ଚନା ଜେନା, ସସ୍ମିତା ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## 'ଭବିଷ୍ୟତ ଗଠନ ପାଇଁ ଅଧ୍ୟବସାୟ, ଅନୁଶାସନ ଆବଶ୍ୟକ'

ଧର୍ମଶାଳା,୨୯।୧୧(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଶାନ୍ତିବଜାରସ୍ଥିତ ବିକ୍ରମାଦିତ୍ୟ ଫାଉଣ୍ଡେଶନ ପକ୍ଷରୁ ଶ୍ୟାମସୁନ୍ଦର ନୋଡାଲ ଉଚ୍ଚ ବିଦ୍ୟାଳୟ ମିର୍ଜାପୁର ପରିସରରେ ମଙ୍ଗଳବାର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାଉଣ୍ଡେଶନ ଅଧ୍ୟକ୍ଷ ପୁରୁଷୋତ୍ତମ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଜଗନ୍ନାଥ ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରମାକାନ୍ତ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଭବିଷ୍ୟତ ଗଠନ ନିମନ୍ତେ ଅଧ୍ୟବସାୟ ଓ ଅନୁଶାସନର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଜୟଶ୍ରୀ ମଲ୍ଲିକ, ସୋନାଲି ବାରିକ୍ ଓ ପ୍ରିୟରଞ୍ଜନ ସ୍ୱାଇଁ ପ୍ରମୁଖ ଆଲୋଚକଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର କୁଣ୍ଡୁ ସମ୍ମାନିତ ଅତିଥି, ପଣ୍ଡିତ କିଶୋର ଦାଶ ମୁଖ୍ୟ ବକ୍ତାଭାବେ ଓ ମାନସ ରଞ୍ଜନ ଜେନା, ଶିକ୍ଷାବିତ୍ ଭଗବାନ ପାଢୀ ପ୍ରମୁଖ ଯୋଗଦେଇଥିଲେ। ସଂଗ୍ରାମ କେଶରୀ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସୟଦା ଆମ୍ବାରିନ କାଦ୍ରି ବାର୍ଷିକ ବିବରଣୀ ପାଠ କରିଥିଲେ। ଫାଉଣ୍ଡେଶନ ପକ୍ଷରୁ ୫ଜଣ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ଓ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁଭଦ୍ରା ନାୟକଙ୍କୁ ବିଦ୍ୟାଳୟର ସର୍ବଶ୍ରେଷ୍ଠ ବିଦ୍ୟାର୍ଥୀ ଭାବେ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ସୁବୋଧ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବୋଲେରୋ ଚୋରି ଅଭିଯୋଗ

କୋରେଇ,୨୯।୧୧(ସ୍ୱ.ପ୍ର)

କୋରେଇ ଥାନା ଅନ୍ତର୍ଗତ କାଚରାସାହି ଗ୍ରାମରୁ ଏକ ବୋଲେରୋ (ଓଡି୦୪୪୨୪୩) ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଏକ ମାମଲା (ନଂ ୨୩୮/୧୮) ରୁଜୁ ହୋଇ ତଦନ୍ତ ଜାରି ରହିଛି। ବୋଲେରୋ ମାଲିକ କାଚରାସାହି ଗ୍ରାମର ଗୟାଧର ସ୍ୱାଇଁଙ୍କ ଅଭିଯୋଗ ମୁତାବକ ଗାଡ଼ିଟି ତାଙ୍କ ଘର ପାଖରେ ଥିବା ବେଳେ ବୁଧବାର ସକାଳୁ ତାହା ସେଠାରେ ନ ଥିବା ଦେଖିବାକୁ ପାଇଥିଲେ। ଏହାପରେ ସେ ବୋଲୋରୋ ଚୋରି ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି।

## ତ୍ରିଶୂଳ ଦୀକ୍ଷା କାର୍ଯ୍ୟକ୍ରମ

ବିରଜାକ୍ଷେତ୍ର,୨୯।୧୧(ଡି.ଏନ୍.ଏ)

ଯାଜପୁର ଜିଲା ବିଶ୍ୱହିନ୍ଦୁ ପରିଷଦର ଉପସ୍ଥିତିରେ ବଜରଙ୍ଗ ଦଳର ସକ୍ରିୟ କର୍ମୀଙ୍କୁ ତ୍ରିଶୂଳ ଦୀକ୍ଷା ଦିଆଯାଇଛି। ବିରଜା ମନ୍ଦିର ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ଓଡ଼ିଶା ପ୍ରଭାରୀ ଆନନ୍ଦ ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବଜରଙ୍ଗ ଦଳର ମାର୍ଗଦର୍ଶକ ଅରବିନ୍ଦ ଦାସ, ବିଶ୍ୱହିନ୍ଦୁ ପରିଷଦର ସମ୍ପାଦକ ଚିନ୍ମୟ ସ୍ୱରୂପ ପଣ୍ଡା, ସମ୍ପାଦକ ପ୍ରଭାତ ମଲ୍ଲିକ, କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ବଳ, ସେବା ପ୍ରମୁଖ ଦୋଳଗୋବିନ୍ଦ ଜେନା, ପ୍ରଚାରପ୍ରସାର ପ୍ରମୁଖ ଦେବୀ ପ୍ରସାଦ ପାଣି, ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘର ଭରତ ସାହୁ, କୈଳାସ ଚନ୍ଦ୍ର ସାହୁ, ବୁଦ୍ଧିରାମ ସାହୁ, ହରିଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରାମ ମନ୍ଦିର ନିର୍ମାଣ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ସହିତ ହିନ୍ଦୁଙ୍କୁ ହସ୍ତାନ୍ତର କରିବାକୁ ଦାବି କରିଥିଲେ। ମାର୍ଗ ଦର୍ଶକ ଅରବିନ୍ଦ ଦାସ ତ୍ରିଶୂଳ ଦିକ୍ଷା ଉପରେ ମତାମତ ଦେଇ ଜଣାଇଥିଲେ କି ସେବା, ସୁରକ୍ଷା, ସଂସ୍କାରକୁ ନେଇ କାର୍ଯ୍ୟ କରୁଥିବା ବଜରଙ୍ଗ ଦଳ କର୍ମୀମାନେ ଏହି ତ୍ରିଶୂଳ ଦିକ୍ଷାରେ ସାମିଲ ହୋଇ ରାଷ୍ଟ୍ରରକ୍ଷା, ଗୋରକ୍ଷା, ଓ ରାମ ମନ୍ଦିର ନିର୍ମାଣ ପାଇଁ ଶପଥ କରାଇଥିଲେ। ସେବା ପ୍ରମୁଖ ଦୋଳ ଗୋବିନ୍ଦ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ସଂପାଦକ ଚିନ୍ମୟ ସ୍ୱରୂପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବଜରଙ୍ଗ ଦଳର ୨୦୦ ସକ୍ରୀୟ କାର୍ଯ୍ୟକର୍ତ୍ତାଙ୍କୁ ସାମିଲ କରାଯିବା ସହିତ ୮ ଇଞ୍ଚରୁ ଅଧିକ ଲୁହାରେ ତିଆରି ଗୋଟିଏ ଗୋଟିଏ ତ୍ରିଶୂଳ ପ୍ରଦାନ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଯୋଜକ ସମୀର ନାୟକ, ସହସଂଯୋଜକ ଚନ୍ଦ୍ରକାନ୍ତ କର, ଜ୍ୟୋତିପ୍ରକାଶ ନାୟକ, ରାଜେନ୍ଦ୍ର ପ୍ରଧାନ, ଅମୀୟ ମହାନ୍ତି, ରାଜକିଶୋର ସାହୁ, ଭୂପତି ଭୂଷଣ ଦାସ, ଶରତ ଚନ୍ଦ୍ର ସାହୁ, ଗୋପୀନାଥ ନାୟକ, ଚିତ୍ତରଞ୍ଜନ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

## ଜିଲାସ୍ତରୀୟ ଶିଶୁବିଜ୍ଞାନ କଂଗ୍ରେସ ଅନୁଷ୍ଠିତ
# ରାଜ୍ୟସ୍ତରକୁ ୫ ପ୍ରକଳ୍ପ ମନୋନୀତ

ବିରଜାକ୍ଷେତ୍ର,୨୯।୧୧(ଡି.ଏନ୍.ଏ)




ଜାତୀୟ ଶିଶୁବିଜ୍ଞାନ କଂଗ୍ରେସ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଆନୁକୂଲ୍ୟରେ ପରିଚାଳିତ ୨୬ତମ ଜାତୀୟ ଶିଶୁବିଜ୍ଞାନ କଂଗ୍ରେସ ନିମନ୍ତେ ଯାଜପୁରରେ ଜିଲାସ୍ତରୀୟ ଶିଶୁବିଜ୍ଞାନ କଂଗ୍ରେସ ସ୍ଥାନୀୟ ଗରିଆପୁର ୟୁଜିୟୁପି ସ୍କୁଲ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ, ସବୁଜ ଓ ସୁସ୍ଥ ଦେଶ ପାଇଁ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ନବଅନ୍ୱେଷ ମୁଖ୍ୟ ବିଷୟ ଆଧାରରେ ପ୍ରସ୍ତୁତ ପ୍ରକଳ୍ପ ସହ ଜିଲାର ବିଭିନ୍ନ ସ୍ଥାନରୁ ଶିଶୁ ବୈଜ୍ଞାନିକ ଓ ସେମାନଙ୍କ ମାର୍ଗଦର୍ଶକ ଶିକ୍ଷୟିତ୍ରୀଶିକ୍ଷକମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଶିକ୍ଷାବିତ୍ ରବିପ୍ରସାଦ ସାମଲ ଏବଂ ଶିକ୍ଷାବିତ୍ ଉଲ୍ଲାସିନୀ ପଣ୍ଡା ସଭାପତି ତଥା ଜିଲା ଏକାଡେମୀ ସଂଯୋଜକ ମିଳିତଭାବେ ଉଦ୍‌ଘାଟନ କରିଥିଲେ। ସେମାନେ ଶିଶୁବିଜ୍ଞାନ କଂଗ୍ରେସର ଉଦ୍ଦେଶ୍ୟ ବିଷୟରେ ଛାତ୍ରଙ୍କୁ ବୁଝାଇଥିଲେ। ଗରିଆପୁର ୟୁଜିୟୁପି ସ୍କୁଲ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ସିଂ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସଂଯୋଜକ ଅକ୍ଷୟ କୁମାର ପଣ୍ଡା ଚଳିତବର୍ଷ ଶିଶୁବିଜ୍ଞାନ କଂଗ୍ରେସ ଆୟୋଜନରେ ହୋଇଥିବା ବିଳମ୍ବ ଓ ଗୁଣାତ୍ମକ ପ୍ରକଳ୍ପର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। ସ୍ଥାନୀୟ ସିଆରସିସି ଗୌରାଙ୍ଗ ଚରଣ ମହାନ୍ତି ବିଜ୍ଞାନ ପ୍ରକଳ୍ପମାନ ନିୟମିତ ପ୍ରସ୍ତୁତ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟ, ଶଙ୍ଖଚିଲାର ବିଜ୍ଞାନ ଶିକ୍ଷକ ଅଟଳ ବିହାରୀ ବେହେରାଙ୍କୁ ଜିଲା ଶିଶୁବିଜ୍ଞାନ କଂଗ୍ରେସ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ପୀୟୂଷ ରଞ୍ଜନ ମହାନ୍ତି, ଜ୍ୟୋତିରଞ୍ଜନ ସାହୁ, ଜ୍ଞାନରଞ୍ଜନ ରାଉତ, ଶିକ୍ଷୟିତ୍ରୀ ନିତୁ କମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ୬୦ଜଣ ଶିଶୁ ବୈଜ୍ଞାନିକ ଉପସ୍ଥାପନ କରିଥିବା ପ୍ରକଳ୍ପକୁ ୬ଜଣ ବିଚାରକ ସମୀକ୍ଷା କରିଥିଲେ। ତନ୍ମଧ୍ୟରୁ ମଙ୍ଗଳପୁର ବାଳିକା ବିଦ୍ୟାଳୟର ସମୀକ୍ଷା ଦାସ, ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟର ପ୍ରସନଜିତ୍ ପାଢ଼ୀ, ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଆଶୁତୋଷ ନାୟକ, ସୂଚୀସ୍ମିତା ସାହୁ ଓ କୃପାସିନ୍ଧୁ ବିଦ୍ୟାଭବନ, ବରୀର ଅଭିଷେକ ଜେନାଙ୍କ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଥିଲା । ଶିକ୍ଷକ ବିଜୟ କୁମାର ସାହୁ ଅତିଥି ପରିଚୟ ଦେଇଥିବାବେଳେ ଶିକ୍ଷକ ଆର୍ତ୍ତତ୍ରାଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବିଜୁ ଯୁବ ବାହିନୀକୁ କ୍ରୀଡ଼ା ଉପକରଣ ବଣ୍ଟନ

କନିଷି,୨୯।୧୧(ଡି.ଏନ.ଏ.)- ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ସଦଭାବନା ଗୃହରେ ବୁଧବାର ବ୍ଲକର ୩୨ଟି ବିଜୁ ଯୁବ ବାହିନୀର ସଦସ୍ୟମାନଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁ ଯୁବ ବାହିନୀର ସଦସ୍ୟମାନଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ କରିଥିଲେ। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜୁ ଯୁବ ବାହିନୀର ସଂଯୋଜକ ଭେଙ୍କଟ କୁମାର ରାଉଳଙ୍କ ସମେତ ସଦସ୍ୟ, ବ୍ଲକ କର୍ମଚାରୀ, ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ।

### ନିଯୁକ୍ତି ଭିତ୍ତିକ କର୍ମଶାଳା

**ଆର.ଉଦୟଗିରି,୨୯।୧୧(ଡି.ଏନ.ଏ.):** କେନ୍ଦ୍ର, ରାଜ୍ୟ ସରକାର, ଓର୍‌ମାସ ଓ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାର ମିଳିତ ସହଯୋଗରେ ଓଡ଼ିଶା ନିୟମ ଏଜୁକେଶନାଲ ଫାଉଣ୍ଡେଶନ ପକ୍ଷରୁ ଆର.ଉଦୟଗିରି ବ୍ଲକ ସଦ୍‌ଭାବନା ଗୃହରେ ନିଯୁକ୍ତି ଭିତ୍ତିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରଦୀପ କୁମାର ନାୟକ ଏଥିରେ ଅଧକ୍ଷତା କରିଥିଲେ। ଏପରି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳର ଗରିବ ଯୁବତୀ ଯୁବକମାନଙ୍କ ଆର୍ଥିକ ଅନଟନ ଦୂର ହୋଇପାରିବ ବୋଲି ଓରମାସ୍‌ର ଆସିଷ୍ଟାଣ୍ଟ ଡାଇରେକ୍ଟର ଶାନ୍ତନୁ ବାନାର୍ଜୀ କହିଥିଲେ। ଯୁବତୀ, ଯୁବକଙ୍କୁ ତାଲିମ ପ୍ରଦାନ କରି ସରକାରୀ ତଥା ବେସରକାରୀ ସହଯୋଗରେ ନିଯୁକ୍ତି ସୁବିଧା ଯୋଗାଇବା କାର୍ଯ୍ୟକ୍ରମର ଆଭିମୁଖ୍ୟ ବୋଲି ନିୟମ ଏଜୁକେସନାଲ ଫାଉଣ୍ଡେଶନର ରାଜ୍ୟ ପରିଚାଳକ ଆଶିଷ କୁମାର ପ୍ରକାଶ କରିଥିଲେ। ସହ ପରିଚାଳକ ମନୋରଞ୍ଜନ ବାରିକ ମଧ ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ ବ୍ଲକର ୧୭ ପଞ୍ଚାୟତରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଏମବିକେ ଓ ସିଆରପି ସମେତ ଜିଲା କୋ-ଅର୍ଡିନେଟର, ବ୍ଲକ ଅଧକ୍ଷା ଅମିତା ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ।

### ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ଆସିକା,୨୯।୧୧(ଡି.ଏନ୍.ଏ):** ଆସିକା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅଶୋକ କୁମାର ପଣ୍ଡା ଗୁରୁବାର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ହିଞ୍ଜିଳିକାଟୁ ମ୍ୟୁନିସିପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ରହିଥିବା ବେଳେ ଚିକିଟି ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱ ମଧ ତୁଲାଉଛନ୍ତି। ପୂର୍ବରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଥିବା ଅମିୟ ରଞ୍ଜନ ଦାସ ଅସୁସ୍ଥ ଥିବାରୁ ଜିଲାପାଳଙ୍କ ନିର୍ଦ୍ଦେଶମତେ ପଣ୍ଡା ଆସିକା ଏନଏସିର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି।

■ପ୍ରତିଶ୍ରୁତି ପରେ ବି ମିଳିଲାନି କ୍ଷତିପୂରଣ

# ତହସିଲ ଆଗରେ ବ୍ୟବସାୟୀ ସଂଘର ବିକ୍ଷୋଭ

ଚିକିଟି,୨୯।୧୧(ଡି.ଏନ.ଏ.)

ତିତ୍‌ଲି ବାତ୍ୟାରେ ଚିକିଟି ବ୍ଲକ୍ ଚାନ୍ଦପୁର ବଜାରରେ ବ୍ୟାପକ କ୍ଷତି ହୋଇଥିଲା। ଏଥିରେ ଛୋଟ ଓ ବଡ ବ୍ୟବସାୟୀମାନଙ୍କ ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଥିଲା। ବାତ୍ୟା ଓ ପରବର୍ତ୍ତୀ ବନ୍ୟାର ସପ୍ତାହକ ପରେ ବି ଫ୍ରି କିଚେନ୍ କିମ୍ବା ରିଲିଫ୍ ବ୍ୟବସ୍ଥା କରାଯାଇ ନ ଥିଲା। ଏହା ପ୍ରତିବାଦରେ ସେ ସମୟରେ ବ୍ୟବସାୟୀମାନେ ରାସ୍ତାରୋକୋ କରିଥିଲେ। ପୋଲିସ ଓ ପ୍ରଶାସନ ପହଞ୍ଚି ବୁଝାଶୁଝା କରିଥିଲା। ସପ୍ତାହକ ମଧ୍ୟରେ କ୍ଷୟକ୍ଷତିର ଆକଳନ କରାଯାଇ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଦେଢ଼ମାସ ପରେ ବି ସହାୟତା ମିଳି ନ ଥିବାରୁ ପୁଣି ଆନ୍ଦୋଳନକୁ ଓହ୍ଲାଇଛି ବ୍ୟବସାୟୀ ସଂଘ। ବ୍ୟବସାୟୀ ସଂଘ ପକ୍ଷରୁ ଗୁରୁବାର ଚିକିଟି ତହସିଲ୍ କାର୍ଯ୍ୟାଳୟ



ବ୍ୟବସାୟୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଚାଲିଛି।

ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ତହସିଲଦାର, ଚିକିଟି ବିଡିଓ ଏବଂ ନୂଆଗାଁ ଥାନା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ତିତ୍‌ଲି ପ୍ରଭାବରେ ହୋଇଥିବା ବର୍ଷା ଓ ପବନରେ ଚାନ୍ଦପୁର ବଜାରର ୮୦ରୁ ଉର୍ଦ୍ଧ୍ୱ ଦୋକାନ ଭାଙ୍ଗିରୁଜି ଯାଇଛି। ବାହୁଦା ନଦୀ ପାଣି ପଶି ଦୋକାନରେ ଥିବା ସମସ୍ତ ସାମଗ୍ରୀ ନଷ୍ଟ ହୋଇଛି। ପ୍ରଶାସନ ପକ୍ଷରୁ ଏଥିପ୍ରତି ସାମାନ୍ୟ ତତ୍ପରତା ପ୍ରକାଶ ନ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବ୍ୟବସାୟ ସଂଘର ସଭାପତି ରମେଶ ଚନ୍ଦ୍ର ସାହୁ କହିଛନ୍ତି। ୧୫ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ କରି ଯଦି ସହାୟତା ଦିଆ ନ ଯାଏ ବ୍ୟବସାୟୀଙ୍କ ପକ୍ଷରୁ ପୁଣି ଆନ୍ଦୋଳନ କରାଯିବ।

ଏ ସମ୍ପର୍କରେ ତହସିଲ୍‌ଦାର ହରପ୍ରସାଦ ଭୋଇ କହିଛନ୍ତି, ତହସିଲ୍ ଅଧୀନରେ ଥିବା ଗ୍ରାମଗୁଡିରେ ହୋଇଥିବା କ୍ଷତି ଆକଳନ କରି ୧୫ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଆରଆଇ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ଖିଲାପ କରିଥିବା କର୍ମଚାରୀମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆରଆଇଙ୍କ ଦ୍ୱାରା ପୂର୍ଣ୍ଣଆକଳନ କରି ୧୦ ତାରିଖ ସୁଦ୍ଧା ରିପୋର୍ଟ ପଠାଯିବ ବୋଲି କହିଛନ୍ତି। ସେହିପରି ବିଡିଓ ଫାଲ୍ଗୁନୀ ମାଝି କହିଛନ୍ତି, ତିତ୍‌ଲି ସମୟରେ କ୍ଷତିଗ୍ରସ୍ତ ଅଞ୍ଚଳଗୁଡ଼ିକରେ ଫ୍ରି କିଚେନ୍‌ର ବ୍ୟବସ୍ଥା କରାଯାଇଥିଲା। ଯଦି ସେଥିରେ କୌଣସି କର୍ମଚାରୀ ତ୍ରୁଟି କରିଛନ୍ତି, ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ।

■ମିଳିନି ସ୍ୱାସ୍ଥ୍ୟବୀମା କାର୍ଡ

# ଅର୍ଥ ଅଭାବରୁ ହୋଇପାରୁନି ଚିକିତ୍ସା

ରାଇକିଆ,୨୯।୧୧(ଡି.ଏନ.ଏ.)

କନ୍ଧମାଳ ଜିଲା ରାଇକିଆ ପୁରୁଣା ହାଟପଦା ସାହିର ଅଜୟ ଦିଗାଳ। ବର୍ଷେ ହେଲା ଶଯ୍ୟାଶାୟୀ। ବିପିଏଲ ପରିବାର ହୋଇଥିବା ବେଳେ ଅର୍ଥାଭାବରୁ ଚିକିତ୍ସା ହୋଇ ପାରୁନାହିଁ। ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବେ ବୋଲି ଡାକ୍ତରଙ୍କ ଠାରୁ ଆଶ୍ୱାସନା ମିଳିଥିଲେ ମଧ ଆବଶ୍ୟକୀୟ ଅର୍ଥ ଯୋଗାଡ ହୋଇପାରୁନାହିଁ।

ପ୍ରକାଶ ଯେ, ବର୍ଷେ ତଳେ ଅଜୟ ବାଇକ ଦୁର୍ଘଟଣାର ଶିକାର ହୋଇଥିଲେ। ହଠାତ୍ କିଛି ଜଣା ପଡି ନ ଥିଲେ ମଧ ପରେ ତାଙ୍କର ପେଟ ଠାରୁ ତଳକୁ ଅଙ୍ଗ ଅଚଳ ହୋଇପଡିଥିଲା। ଫଳରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ମେରୁଦଣ୍ଡ ଜନିତ ସମସ୍ୟା ଥିବା ଜଣାପଡିବା ପରେ ଭୁବନେଶ୍ୱର ଏମ୍‌ସ ସ୍ଥାନାନ୍ତର କରାଗଲା। ଏମ୍‌ସରେ ଡାକ୍ତର ପ୍ରଥମେ ଅପରେଶନ ପାଇଁ କହୁଥିଲେ ମଧ ପରେ ଔଷଧ ଦ୍ୱାରା ଚିକିତ୍ସା ଆରମ୍ଭ କରିଥିଲେ। ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଥିଲେ ମଧ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିନାହାନ୍ତି। ବର୍ଷେ ଭିତରେ ୨ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି। ଆହୁରି ୬୦ରୁ ୮୦ ହଜାର ଟଙ୍କା ଆବଶ୍ୟକ ଥିବାରୁ ଚିନ୍ତାରେ ଅଛନ୍ତି ପରିବାର। ଏତେ ଟଙ୍କା ଯୋଗାଡ କରିବା ସମ୍ଭବ ନଥିବା ବେଳେ ନିକଟରେ ରାଇକିଆ ବିଡିଓଙ୍କୁ ଭେଟିଛନ୍ତି ଅଜୟଙ୍କ ମା' ଇନ୍ଦ୍ରା ଦିଗାଳ। ତୁରନ୍ତ ସ୍ୱାସ୍ଥ୍ୟବୀମା କାର୍ଡ କିମ୍ବା ଆର୍ଥିକ ସହାୟତା ମିଳିଲେ ତାଙ୍କ ପୁଅ ସୁସ୍ଥ ହୋଇପାରନ୍ତା ବୋଲି କହିଛନ୍ତି ଇନ୍ଦ୍ରା।

### ଦୋକାନ ଜାଳିଦେଲେ ଦୁର୍ବୃତ୍ତ

ଦିଗପହଣ୍ଡି,୨୯।୧୧(ଡି.ଏନ.ଏ.)

ଦିଗପହଣ୍ଡି ଥାନା ମହୁଡ଼ା ଚାଞ୍ଚଡ଼ାପଲ୍ଲୀ ଗ୍ରାମରେ ଥିବା ଏକ ରାଶନ ଦୋକାନକୁ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଥିବା ଅଭିଯୋଗ ହୋଇଛି। ବୁଧବାର ବିଳମ୍ବିତ ରାତିରେ ଘଟିଥିବା ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କା ମୂଲ୍ୟର ଖାଦ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଛି। ଦୋକାନ ମାଲିକ ଶିବରାମ ଗୌଡ଼ଙ୍କ ଏତଲାକ୍ରମେ ଥାନାରେ ଏକ ମାମଲା (ନଂ.୨୧୩/୧୮) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶନି ସାତ, ମଙ୍ଗଳ ତିନି**
**ଆଉ ସବୁ ଦିନେ ଦିନ୍ ଦିନ୍ ।**

ବର୍ଷାଦିନେ ବାର ଅନୁସାରେ ବର୍ଷାର ଗତି। ଶନିବାର ଦିନ ଆରମ୍ଭ ହୋଇଥିଲେ ବର୍ଷା ସାତଦିନ, ମଙ୍ଗଳବାର ଦିନ ଆରମ୍ଭ ହୋଇଥିଲେ ତିନିଦିନ ଲାଗି ରହେ। ସେହିପରି ଅଲଗା ଦିନମାନଙ୍କରେ ଆରମ୍ଭ ହୋଇଥିଲେ କେବଳ ଗୋଟିଏ ଦିନ ଲେଖାଏ ବର୍ଷା ହୁଏ ବୋଲି ଅନୁମାନ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଶାଗ ଭାଜିଦେବି ତରକାରି କରିବି**
**ଖାଇବୁ ନାହିଁ ଖା ।**
**ରାଗିବୁ ଯଦି ନ ଖାଇବୁ ଏଠି**
**ବେଗି ପଳେଇ ଯା ।**

କ୍ରୋଧ ବା ରାଗ ସମ୍ପର୍କର ମଧୁରତାକୁ ନଷ୍ଟ କରିଦିଏ। କିଛି ବ୍ୟକ୍ତି ରାଗିଗଲେ ଘରେ ଖିଆପିଆ କରି ନ ଥାନ୍ତି। ଏଭଳି ବ୍ୟକ୍ତିଙ୍କୁ ବୁଝାଶୁଝା କରାଇବା କାଠିକର ପାଠ ହୋଇଯାଇଥାଏ। ଏପରିସ୍ଥଳେ ମନ ଜାଣି ରୋଷେଇ କରିଥିବା ସତ୍ତ୍ୱେ ଖାଦ୍ୟ ଖାଉ ନ ଥିବା ବ୍ୟକ୍ତି ପ୍ରତି ବିରକ୍ତି ଭାବ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## ଶିଶୁ ବିକାଶ ପରିଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର (ଗ୍ରାମାଞ୍ଚଳ)

ଭୁବନେଶ୍ୱର

ବିଜ୍ଞାପନ ପତ୍ର ସଂଖ୍ୟା................../ ତାରିଖ................

No.50-ତ

ବିଜ୍ଞାପନ

**ପ୍ରାପ୍ତେଷୁ,**
**ମଧୁମିତା ବେହେରା, ଅଙ୍ଗନୱାଡ଼ି କର୍ମୀ**
**ଭୁଆସୁଣୀ ମିନି ଅଙ୍ଗନୱାଡ଼ି କେନ୍ଦ୍ର**
**ପିତା: ନାରଣ ବେହେରା**
**ସା: ଭୁଆସୁଣୀ**
**ପୋ: ଦାରୁଠେଙ୍ଗ**
**ଥାନା: ଚନ୍ଦକା**
**ଜିଲ୍ଲା: ଖୋର୍ଦ୍ଧା**

**ବିଷୟ:** କାର୍ଯ୍ୟରେ ଯୋଗଦାନ ନିମନ୍ତେ।

ଏତଦ୍ୱାରା ତୁମ୍ଭଙ୍କୁ ଜଣାଇ ଦିଆଯାଉଅଛି ଯେ, ତୁମ୍ଭେ ବିନା ଦରଖାସ୍ତରେ କାର୍ଯ୍ୟରେ ଅନୁପସ୍ଥିତ ରହିଅଛ। ତୁମ୍ଭଙ୍କୁ ବାରମ୍ବାର ଶିଶୁ ବିକାଶ ପରିଯୋଜନା ଅଧିକାରୀ ଭୁବନେଶ୍ୱର (ଗ୍ରାମାଞ୍ଚଳ) ଲିଖିତ ଆକାରରେ ଜଣାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ତୁମେ ତୁମ୍ଭ କାର୍ଯ୍ୟରେ ଯୋଗଦାନ କରୁନାହଁ ଏବଂ ତୁମ୍ଭେ ବର୍ତ୍ତମାନ କେଉଁଠାରେ ଅବସ୍ଥାନ କରୁଅଛ ତାହାର ନିର୍ଦ୍ଦିଷ୍ଟ ଠିକଣା ମଧ କାର୍ଯ୍ୟାଳୟରେ ନାହିଁ। ଏଣୁ ଏତଦ୍ୱାରା ତୁମ୍ଭଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି ଯେ, ଏହି ବିଜ୍ଞାପନ ପ୍ରକାଶ ହେବାର ୭(ସାତ) ଦିନ ମଧ୍ୟରେ ତୁମ୍ଭେ କାର୍ଯ୍ୟରେ ଯୋଗଦାନ କରିବ ନଚେତ ନିମ୍ନ ସ୍ୱାକ୍ଷରକାରୀ ତୁମ୍ଭଙ୍କୁ କାର୍ଯ୍ୟରୁ ବହିଷ୍କାର କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବାଧ୍ୟ ହେବେ।

**ଶିଶୁ ବିକାଶ ପରିଯୋଜନା ଅଧିକାରୀ**
**ଭୁବନେଶ୍ୱର ଗ୍ରାମାଞ୍ଚଳ**

33027/11/0001/1819

ଅର୍ଶ (ମଳକଣ୍ଟକ) - Piles ଓ ଭଗନ୍ଦର - Fistula ର
ବିନା ଅପରେସନ୍‌ରେ (କ୍ଷାରସୂତ୍ର ପଦ୍ଧତିରେ) ସଫଳ ଚିକିତ୍ସା
ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା
Call Us
94371 38000
94371 36000
0674-2354577
0674-2354320
ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

FINANCE
New India Corporation
ପର୍ସନାଲ, ଏକ୍ସ୍ୟାକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁଁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।

A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ
0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

M. GROUP FINANCE CO.
DIWALI OFFER
(Govt. Approved)

- Personal Loan
- Business Loan
- Salary Slip Loan
- Marksheet Loan

2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।
– ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୨୯।୧୧:** ଖୋର୍ଦ୍ଧାରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ହାତୀ ଉପଦ୍ରବ ବନ୍ଦ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ ହୋଇଛି। ଏସ୍‌ୟୁସିଆଇ(ସି)ର ଖୋର୍ଦ୍ଧାର ଆଞ୍ଚଳିକ କମିଟି ପକ୍ଷରୁ ଅନୁଷ୍ଠିତ ଏହି ବିକ୍ଷୋଭରେ ଚାଷୀ ଓ ସାଧାରଣ ଲୋକେ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା, ପୁରୀ, ନୟାଗଡ ଜିଲାରେ ମେଡିକାଲ କଲେଜ ନ ଥିବା ବେଳେ କଟକ ଓ ବ୍ରହ୍ମପୁରରେ ମେଡିକାଲ କଲେଜ ରହିଛି। ଖୋର୍ଦ୍ଧା ସହରଠାରୁ କଟକ ୬୦ କିମି ଓ ବ୍ରହ୍ମପୁର ୧୩୦ କିମି ଦୂରତା। ଖୋର୍ଦ୍ଧା ମଧ ସ୍ଥଳରେ ରହିଛି। ଏହି ଅଞ୍ଚଳରେ ନାଇଜର, ଆଇଆଇଟି ଓ ଆଇଟିବିପି ଭଳି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ରହିଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ ରହିଛି। ଏଭଳିସ୍ଥଳେ ଖୋର୍ଦ୍ଧାରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଦାବି ହୋଇଛି। ଅନ୍ୟପକ୍ଷରେ ହାତୀ ଉପଦ୍ରବ ଯୋଗୁ ହଜ, ସିକୋ, ନରଗଦା, ହୀରାପୁର, ନରଣଗଡ, କଁପୁର ପଞ୍ଚାୟତର ଧାନ ଫସଲ ପ୍ରତିବର୍ଷ ଉଜୁଡୁଛି। ହେଲେ କ୍ଷତିପୂରଣ ମିଳୁନି। ଏହାର ପ୍ରତିବାଦରେ ଆନ୍ଦୋଳନ ହୋଇଛି। ଏଥିରେ ଆଞ୍ଚଳିକ କମିଟିର ସମ୍ପାଦକ ଅଶୋକ ସାହୁ, ସଙ୍ଗଠକ ଓ ଛାତ୍ରନେତା ଜୟନ୍ତ ମହାନ୍ତି, କାର୍ତ୍ତିକ ଘଡେଇ ପ୍ରମୁଖ ଯୋଗ ଦେଇଥିଲେ।

### ପାଣିରେ ବୁଡ଼ି ଯୁବକ ମୃତ

**ପୋଲସରା/ହାଟୀଓଟ,୨୯।୧୧(ଡି.ଏନ.ଏ.)** ପୋଲସରା ବ୍ଲକ ବାଲିଛାଇ ଫାଣ୍ଡି ଅନ୍ତର୍ଗତ ଭାଟଖାଲି ଗ୍ରାମରେ ଗୁରୁବାର ଜଣେ ଯୁବକ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ରୁମାଗଡ଼ ପଞ୍ଚାୟତ ଭାଟଖାଲି ଗ୍ରାମର ଜୟରାମ ସ୍ୱାଇଁ। ଏନେଇ ମୃତକଙ୍କ ବଡ଼ଭାଇ ବାବୁ ବାଲିଛାଇ ଫାଣ୍ଡିରେ ଲିଖିତ ଏତଲା ଦେଇଛନ୍ତି। ଜୟରାମ ଅପରାହ୍ନରେ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ବୁଡି ଯାଇଥିବା ସେ ଏତଲାରେ ଦର୍ଶାଇଛନ୍ତି।

### ୨ୟ ଦିନରେ ଡିଇଏଲଇଡି ପ୍ରଶିକ୍ଷଣ ଛାତ୍ରୀଛାତ୍ରଙ୍କ ଧାରଣା

**ଖୋର୍ଦ୍ଧା ଅଫିସ,୨୯।୧୧:** ଅଣ ତାଲିମପ୍ରାପ୍ତ ଶିକ୍ଷକଙ୍କୁ ଓଟିଇଟି ପରୀକ୍ଷା ଦେବାର ସୁଯୋଗ ଦେବା ପରେ ପ୍ରତିବାଦ ଆରମ୍ଭ ହୋଇଛି। ଡିଇଏଲଇଡି ପ୍ରଶିକ୍ଷଣ ନେଉଥିବା ଖୋର୍ଦ୍ଧାସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡାଏଟ୍)ର ଛାତ୍ରୀଛାତ୍ରମାନେ ସ୍ଥାନୀୟ ପ୍ରଶିକ୍ଷଣ କାର୍ଯ୍ୟାଳୟ ସମ୍ମୁଖରେ ଦେଇଥିବା ଧାରଣା ୨ୟ ଦିନରେ ପହଞ୍ଚିଛି। ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ସିଟି ଓ ବିଏଡ୍ ତାଲିମ ନ ନେଇ ରାଜ୍ୟର ଅଧିକାଂଶ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ଏହି ଅଣତାଲିମପ୍ରାପ୍ତ ଶିକ୍ଷକମାନେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓପନ୍ ସ୍କୁଲିଂ(ଏନ୍‌ଆଇଓଏସ୍)ରେ ଡିଇଏଲଇଡି ପ୍ରଶିକ୍ଷଣ ନେଉଥିଲେ ସେମାନେ ଓଟିଇଟି ପରୀକ୍ଷା ଦେବାକୁ ପଡିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେବା ପରେ ରାଜ୍ୟର ବିଭିନ୍ନ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଧାରଣା ଦିଆଯାଇଛି ।

### ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ଉତ୍ସାହକୁ ବୃଦ୍ଧି କରିଥାଏ

**ବେଗୁନିଆ,୨୯।୧୧(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ ଗଁପୁର ଗ୍ରାମସ୍ଥିତ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ-୨୦୧୮ ଅନୁଷ୍ଠିତ ହୋଇଥିଲା। ବ୍ଲକ ଓଷ୍ଟାର ସଭାପତି ଗଣେଶ୍ୱର ମିଶ୍ରଙ୍କ ଅଧକ୍ଷତାରେ ବ୍ଲକ ଶିକ୍ଷା ଅଧିକାରୀ ଲଛମନ ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ କାର୍ଯ୍ୟକାରୀ ସଭାପତି କୁଳମଣି ମିଶ୍ର ମୁଖ୍ୟବକ୍ତା, ଶିକ୍ଷାବିତ୍ ଯୋଗୀନାଥ ସାହୁ, ଶରତ ରାୟ, ଜନ୍ମେଶ୍ୱର ମଙ୍ଗରାଜ, ସୁରେଖା ରଣା, ପରେଶ ଜଗଦେବ, ନଳିନୀକାନ୍ତ ପଣ୍ଡା, ହରିବନ୍ଧୁ ତ୍ରିପାଠୀ, ବଂଶୀଧର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକର ପ୍ରାୟ ୧୭୧ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରେ ପାଠପଢା ସହ ବିଭିନ୍ନ ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ଉତ୍ସାହକୁ ବୃଦ୍ଧି କରିଥାଏ ବୋଲି ମୁଖ୍ୟ ଅତିଥି ପରିଡା କହିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ ପ୍ରଶାନ୍ତ ଜଗଦେବ, ସରପଞ୍ଚ ସରୋଜିନୀ ଖୁଣ୍ଟିଆ, ଉପେନ୍ଦ୍ର ଦାଶ, ନୀଳମଣି ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବ୍ଲକ ଓଷ୍ଟାର ସମ୍ପାଦକ ରତିକାନ୍ତ କହଲସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବିଦ୍ୟାଳୟ ମରାମତିରେ ଅବହେଳା

- ଅନୁଦାନ ଆସୁଛି, ତତ୍ପରତା ନାହିଁ
- ଶୀଘ୍ର କାମ ସାରିବାକୁ ଦାବି

**ନୂଆଗାଁ,୨୯।୧୧ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ସ୍କୁଲଗୃହ ମରାମତି ପାଇଁ ସରକାରଙ୍କ ତରଫରୁ ଅନୁଦାନ ଯୋଗାଇ ଦିଆଯାଇଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ମରାମତି କାମ ଠିକ୍ ସମୟରେ ହୋଇପାରୁ ନାହିଁ। ଫଳରେ ସରକାରଙ୍କ ମହତ୍ ଉଦ୍ଦେଶ୍ୟ ପୂରଣ ହୋଇପାରୁ ନାହିଁ।

ମିଳିଥିବା ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତର ଡମତୁଲ ପ୍ରାଥମିକ ସ୍କୁଲ ପାଇଁ ୧ଲକ୍ଷ ୨୦ ହଜାର, ଉଦୟପୁର ପଞ୍ଚାୟତର ନଈତଇଲା ସ୍କୁଲ ମରାମତି ଲାଗି ୧ ଲକ୍ଷ ୨୦ ହଜାର, ବାହାଡାଖୋଲା ବାପୁଜୀ ନୋଡାଲ ସ୍କୁଲ ମରାମତି ପାଇଁ ୧ଲକ୍ଷ ୪୦ ହଜାର ଓ ବେରୁହାଁବାରି ପଞ୍ଚାୟତର ତୋଡିଗାଡିଆ ସ୍କୁଲ ମରାମତି ପାଇଁ ୧ଲକ୍ଷ ୧୭ ହଜାର ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ଏପ୍ରିଲ ମାସରୁ ଏହି ଅନୁଦାନ ଆସିଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ଓ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ଅବହେଳାରୁ ସେହି କାର୍ଯ୍ୟ ଅଦ୍ୟାବଧି ସମାପ୍ତ ହୋଇ ନାହିଁ। ଡମତୁଲ ପ୍ରାଥମିକ ବିଦ୍ୟାଳୟର ଛାତ ମରାମତି ଓ ଶ୍ରେଣୀଗୃହ କାନ୍ଥ ପ୍ଲାଷ୍ଟର କରିବା ପାଇଁ ଟଙ୍କା ଦିଆଯାଇଥିଲା ବେଳେ ପ୍ରଧାନଶିକ୍ଷକ ତରବରିଆ ଭାବେ ଛାତ ଗ୍ରେଡିଙ୍ଗ୍ ସହିତ ଶ୍ରେଣୀଗୃହର କାନ୍ଥ ଠାଏ ଠାଏ ପ୍ଲାଷ୍ଟର କରି କାମ ସାରିଦେଇଛନ୍ତି। ଏସବୁ ପାଇଁ ୭୬ ହଜାର ଖର୍ଚ୍ଚ କରିଥିବା ଓ ଝରକା କବାଟ ପରିବର୍ତ୍ତନ ପାଇଁ ବଳକା ଅର୍ଥ ରଖିଥିବା କହିଛନ୍ତି ପ୍ରଧାନ ଶିକ୍ଷକ ତ୍ରିନାଥ ଜାନି। ସେହିପରି ନଈତଇଲା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪୪ ଛାତ୍ରୀଛାତ୍ର ପଢୁଥିବାବେଳେ ଏମାନଙ୍କ ପାଇଁ ରହିଛି ମାତ୍ର ତିନିଗୋଟି ଶ୍ରେଣୀଗୃହ। ୧୩ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଛାତଘର ବର୍ତ୍ତମାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ପୁରାତନ ଆଜ୍‌ବେଷ୍ଟସ୍ ଘରକୁ ମରାମତି ନିର୍ମାଣ କରିବା ପାଇଁ ଅନୁଦାନ ଆସିଥିଲେ ମଧ୍ୟ ସେହି କାମ ଅଧାପନ୍ତରିଆ ହୋଇ ପଡିରହିଛି । ସ୍କୁଲଗୁଡିକର ଏପରି ଅବସ୍ଥା ବିଷୟରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ସୁକାନ୍ତ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି, କେଉଁ ସ୍କୁଲରେ କେଉଁ କାମ ପାଇଁ କେତେ ଅର୍ଥ ଦିଆଯାଉଛି ସେ ବିଷୟରେ ଆମକୁ କୌଣସି ତଥ୍ୟ ଦିଆଯାଉନାହିଁ। ଏପରି କି ନୂଆଗାଁ ବ୍ଲକର କନିଷ୍ଠ ଯନ୍ତ୍ରୀ ଭାବେ ନିଯୁକ୍ତି ପାଇଥିବା କର୍ମଚାରୀ ଆମ କାର୍ଯ୍ୟାଳୟକୁ ଆସନ୍ତି ନାହିଁ। ସର୍ବଶିକ୍ଷା ଅଭିଯାନ ତରଫରୁ ନିଯୁକ୍ତି ପାଇଥିବା କନିଷ୍ଠ ଯନ୍ତ୍ରୀ ଜୟଶ୍ରୀ ଜେନା କହନ୍ତି, ମୁଁ ଡମତୁଲ ସ୍କୁଲକୁ ଯାଇଥିଲ। ମୁଁ ଏଯାଏ ବିଲ୍ ଅନୁମୋଦନ କରି ନାହିଁ । ସବୁକାମ ଦେଖିବା ପରେ ଅନୁମୋଦନ କରିବି । କାର୍ଯ୍ୟାଳୟକୁ ନ ଯିବା ବିଷୟ ସମ୍ପୂର୍ଣ୍ଣ ମିଥ୍ୟା। ଯେଉଁଦିନ କାମ ଦେଖିବାକୁ ଯାଇଥାଏ କେବଳ ସେହିଦିନ କାର୍ଯ୍ୟାଳୟକୁ ଯାଇପାରେ ନାହିଁ। ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତକୁ ଆଖିରେ ରଖି ଠିକ୍ ଭାବେ ଶୀଘ୍ର କାମ ସାରିବା ପାଇଁ ବୁଦ୍ଧିଜୀବୀମାନେ ମତ ରଖିଛନ୍ତି।




ଡମତୁଲ ପ୍ରାଥମିକ ବିଦ୍ୟାଳୟ।

# ଦଶପଲ୍ଲାରେ ବିଜ୍ଞାନ ମେଳା

**ଦଶପଲ୍ଲା,୨୯।୧୧(ଡି.ଏନ.ଏ.)**

ଗୁରୁବାର ଦଶପଲ୍ଲା ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଦଶପଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିରୂପେ ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ବବିତା ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୂଦତ୍ତ ମହାପାତ୍ର, ଏବିଇଓ ଶ୍ୟାମ ସୁନ୍ଦର ଯାନୀ, ଗୋପବନ୍ଧୁ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ମେଳାରେ ଦଶପଲ୍ଲା ବ୍ଲକର ୧୬୨ ବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସର୍ବମୋଟ ୮୦ଟି ବିଜ୍ଞାନ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ସିନିୟର ବିଭାଗରେ ୨୧, ଜୁନିୟର ବିଭାଗରେ ୪୩, ସବ୍ ଜୁନିୟର ବିଭାଗରେ ୧୬ ଷ୍ଟଲ ହୋଇଥିଲା। ବିଚାରକ ଭାବେ ନନ୍ଦିଘର ହାଇସ୍କୁଲର ଶିକ୍ଷକ ଗିରିଜା ଶଙ୍କର ମିଶ୍ର ଏବଂ ଶରଣକୁଳ ହାଇସ୍କୁଲର ଶିକ୍ଷୟିତ୍ରୀ ସସ୍ମିତା ଦାଶ ଯୋଗ ଦେଇଥିଲେ। ତିନୋଟି ବିଭାଗରୁ ୯ଟି ଦଳ ମନୋନୀତ ହୋଇଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ବିଡିଓ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଶିକ୍ଷାଧିକାରୀ ବଟକୃଷ୍ଣ ପଣ୍ଡା, ସଂଗଠନ ସମ୍ପାଦକ ତଥା ହାଇସ୍କୁଲର ପ୍ରଧାନଶିକ୍ଷକ ଭିକାରୀ ଚରଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ପ୍ରଦୀପ୍ତ କୁମାର ବେହେରା ଉଭୟ ଉତ୍ସବରେ ସଭାପତିତ୍ୱ କରିଥିଲେ। ମନୋନୀତ ହୋଇଥିବା ଷ୍ଟଲର ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



ବିଜ୍ଞାନ ମେଳାରେ ପ୍ରକଳ୍ପ ପ୍ରଦର୍ଶନ କରାଯାଉଛି।

# ଅଣତାଲିମପ୍ରାପ୍ତ ଶିକ୍ଷକଙ୍କୁ ଓଟିଇଟି ସୁବିଧା ନେଇ ପ୍ରଶିକ୍ଷାର୍ଥୀଙ୍କ ଧାରଣା




ପ୍ରଶିକ୍ଷାର୍ଥୀମାନେ ଧାରଣାରେ ବସିଛନ୍ତି।

**ନୟାଗଡ଼ ଅଫିସ/ରଣପୁର (ସ୍ୱ.ପ୍ର.),୨୯।୧୧**

ଅଣତାଲିମ୍‌ପ୍ରାପ୍ତ ଶିକ୍ଷକଙ୍କୁ ଓଟିଇଟି (ଓଡ଼ିଶା ଟିଚର୍ସ ଏଲିଜିବୁଲ୍ ଟେଷ୍ଟ)ର ସୁଯୋଗ ଦିଆଯିବା ପରେ ପ୍ରତିବାଦ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଶିକ୍ଷକ ପ୍ରଶିକ୍ଷଣ ବିଭେଦ ନୀତିକୁ ଶିକ୍ଷକ, ପ୍ରଶିକ୍ଷାର୍ଥୀଙ୍କ ତରଫରୁ ତ୍ରୀବ ବିରୋଧ କରାଯାଇଛି। ଏହାର ପ୍ରତିବାଦରେ ଗୁରୁବାର ନୟାଗଡ଼ ଜିଲା ରାଜସୁନାଖଳାସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ସମ୍ମୁଖରେ ପ୍ରଶିକ୍ଷାର୍ଥୀମାନେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ସେମାନେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶକ ଓ ରାଜ୍ୟଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦକୁ ଅଧ୍ୟକ୍ଷାଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଶିକ୍ଷାର୍ଥୀଙ୍କ ଅଭିଯୋଗ ଅନୁସାରେ ମେଧାବୀ ଛାତ୍ରୀଛାତ୍ରମାନେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ନାମ ଲେଖାଇଛନ୍ତି। ମାତ୍ର ବିନା ତାଲିମ ଓ ବିନା ପ୍ରବେଶିକା ପରୀକ୍ଷାରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଓପନ୍ ସ୍କୁଲିଂ (ଏନ୍‌ଆଇଓସି)ରେ ପ୍ରଶିକ୍ଷଣ ନେଇଥିବା ଘରୋଇ ଶିକ୍ଷୟିତ୍ରୀଶିକ୍ଷକମାନେ ଓଟିଇଟି ପରୀକ୍ଷା ଦେଇପାରିବେ ବୋଲି ବିଭାଗ ସ୍ପଷ୍ଟ କରିଛି। ଏହା ଯୋଗୁ ଶିକ୍ଷାର ମାନ ଗୁରୁତର ଭାବେ ପ୍ରଭାବିତ ହେବ, ତେଣୁ ତୁରନ୍ତ ସରକାର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେବା ପାଇଁ ପ୍ରଶିକ୍ଷାର୍ଥୀମାନେ ଦାବି କରିଛନ୍ତି। ରଞ୍ଜନ କୁମାର ପରିଡା, ସତ୍ୟବାନ ସାହୁ, ଶୁଚିସ୍ମିତା ପୃଷ୍ଟି ଓ ଜ୍ୟୋତିର୍ମୟୀ ସାହୁଙ୍କ ସମେତ ବହୁସଂଖ୍ୟକ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ।

### ଶ୍ରୀଉତ୍ସବ ପାଇଁ ଗଲା ମହାପ୍ରଭୁଙ୍କ ଆଜ୍ଞାମାଳ

**ପୁରୀ ଅଫିସ,୨୯।୧୧**

ଲକ୍ଷ୍ମୀ ପୁରାଣ ଓ ଏହା ମାଧ୍ୟମରେ ଆଧ୍ୟାତ୍ମିକ ଭାବଧାରା ସହିତ ଥିବା ସାମାଜିକ ବାର୍ତ୍ତାର ବିଶ୍ୱବ୍ୟାପୀ ପ୍ରଚାର ପ୍ରସାର ଉପଲକ୍ଷେ ଭୁବନେଶ୍ୱରରେ ଆୟୋଜିତ ହେଉଛି ଶ୍ରୀଉତ୍ସବ। ଏଥିପାଇଁ ଗୁରୁବାର ଶ୍ରୀମନ୍ଦିରରୁ ମହାଲକ୍ଷ୍ମୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ସଂକୀର୍ତ୍ତନ ଶୋଭାଯାତ୍ରାରେ ନିଆଯାଇଛି। ଆସନ୍ତା ଡିସେମ୍ବର ୧୩ ତାରିଖରେ ଶହୀଦ ନଗର ପୂଜା ମଣ୍ଡପରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ୧୦୮ ମହିଳା ଏକାଠି ବସି ମାଣବସା ଲକ୍ଷ୍ମୀପୂଜା ଓ ସାମୁହିକ ଲକ୍ଷ୍ମୀପୁରାଣ ପାଠ କରିବେ। ଏହି ଉପଲକ୍ଷେ ଶ୍ରୀମନ୍ଦିରରୁ ଆଜ୍ଞାମାଳ ନିଆଯାଇ ଏହାର ଶୁଭାରମ୍ଭ କରାଯାଇଛି ବୋଲି ଶ୍ରୀଉତ୍ସବର ଅଧ୍ୟକ୍ଷା ଡ. ରୀନା ରାଉତରାୟ କହିଛନ୍ତି। ଓଡ଼ିଶା ସହିତ ବିଭିନ୍ନ ରାଜ୍ୟ ଓ ଦେଶ ବିଦେଶରେ ଏହି ଶ୍ରୀଉତ୍ସବ ପାଳନ କରାଯାଉଛି ବୋଲି ଏହାର ଆବାହକ ପିନାକୀ ମହାନ୍ତି ସୂଚନା ଦେଇଛନ୍ତି। ଶ୍ରୀଉତ୍ସବର କର୍ମକର୍ତ୍ତା ତିଦାମ୍ବିକା ଖଟୁଆ, ଗୌରୀଶଙ୍କର ସିଂହାରୀ, ଜୟଶ୍ରୀ ମହାପାତ୍ର, ସଂଯୁକ୍ତା ମହଲ, ବିଥିକା ମହାନ୍ତି, କୁମୁଦିନୀ ଦାସ, ଅରବିନ୍ଦ ଅଗ୍ରୱାଲ, ରୁଦ୍ରନାରାୟଣ ମହାନ୍ତି, ଅନ୍ନଦାପ୍ରସନ୍ନ ଦାସ ପ୍ରମୁଖ ବଡ଼ଦାଣ୍ଡରେ ପଦଯାତ୍ରା କରି ସଚେତନତା ସୃଷ୍ଟି କରିଥିଲେ।

### ଶିଶୁର ପରିଚୟକୁ ନେଇ ଦ୍ୱନ୍ଦ୍ୱ
# ବିନା ତଦନ୍ତରେ ଅନ୍ୟ ହାତକୁ ଟେକିଦେଲେ

**ସନ୍ଦେହ ଘେରରେ ସିଡବ୍ଲ୍ୟୁସିର ଭୂମିକା**

**ପୁରୀ ଅଫିସ,୨୯।୧୧**

ନିମାପଡ଼ା ଥାନା ଅଞ୍ଚଳରୁ ଉଦ୍ଧାର ଜଣେ ଶିଶୁକୁ ଜିଲା ଶିଶୁ ମଙ୍ଗଳ କମିଟି(ସିଡବ୍ଲ୍ୟୁସି) ବିନା ତଦନ୍ତରେ ନୟାଗଡ଼ ଜିଲାର ଜଣେ ବ୍ୟକ୍ତିଙ୍କୁ ପ୍ରଦାନ କରିଛି। ଏନେଇ ସିଡବ୍ଲ୍ୟୁସିର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କୌଣସି ଖବର ନ ଥିବା ନୟାଗଡ଼ ଡିସିପିଓ ପ୍ରୀତିକାନ୍ତ ପଣ୍ଡା ଏବଂ ଓ ସିଡବ୍ଲ୍ୟୁସି ଅଧ୍ୟକ୍ଷ ସ୍ୱଦେଶ ମିଶ୍ର କହିଛନ୍ତି।

ମିଳିଥିବା ସୂଚନା ପ୍ରକାରେ, ଗତ ୧୧ ମାସ ତଳେ ନିମାପଡା ଅଞ୍ଚଳର ଏକ ଅଙ୍ଗନୱାଡି କେନ୍ଦ୍ରକୁ ଜଣେ ମହିଳା ଏକ ନବଜାତ ଶିଶୁପୁତ୍ରକୁ ଟିକା ଦେବାକୁ ଆସିଥିଲେ। ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କ ସନ୍ଦେହ ହେବାରୁ ସେ ପୋଲିସ ଏବଂ ସିଡିପିଓଙ୍କୁ ଜଣାଇଥିଲେ। ପୋଲିସ ଏବଂ ସିଡିପିଓ ପହଞ୍ଚି ସମ୍ପୃକ୍ତା ମହିଳାଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ପାଇ ଶିଶୁକୁ ଉଦ୍ଧାର କରିଥିଲେ। ଶିଶୁକୁ ପୁରୀ ସିଡବ୍ଲ୍ୟୁସିରେ ହାଜର କରିବା ପରେ କଣାସ ଶିଶୁ ଯତ୍ନ ୟୁନିଟ୍‌ରେ ରଖାଯାଇଥିଲା।

ଏହାର କିଛି ଦିନ ପରେ ଜଣେ ନାବାଳିକା ଶିଶୁର ମା' ବୋଲି ଦାବି କରିଥିଲେ। ସେ ଦାଖଲ କରିଥିବା କାଗଜପତ୍ରରେ ଭୁଲ ତଥ୍ୟ ରହିଥିଲା। ସମ୍ପୃକ୍ତା ନାବାଳିକା ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ପୁଅ ସମ୍ପର୍କରେ ଆସିବା ପରେ ଶିଶୁକୁ ଜନ୍ମ ଦେଇଥିଲେ। ସମ୍ପୃକ୍ତ ପୁଅର ପରିବାର ଶିଶୁକୁ ଗ୍ରହଣ କରିବାକୁ ମନା କରିଥିବା ଡିସିପିଓ ମନୋଜ ତ୍ରିପାଠୀ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ। ବୁଧବାର ସମ୍ପୃକ୍ତ ନାବାଳିକାଙ୍କ ଜେଜେବାପା ପରିଚୟ ଦେଇଥିବା ନୟାଗଡ଼ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ପୁରୀ ଜିଲା ସିଡବ୍ଲ୍ୟୁସି ଶିଶୁକୁ ହସ୍ତାନ୍ତର କରିଛନ୍ତି। ପୁରୀ ସିଡବ୍ଲ୍ୟୁସିର ସଦସ୍ୟ ରମାକାନ୍ତ ପାତ୍ର କୁହନ୍ତି, ଶିଶୁକୁ ନାବାଳିକାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶିଶୁର ସୁରକ୍ଷା ଏବଂ ଯତ୍ନ ସମ୍ପର୍କରେ ପ୍ରତ୍ୟେକ ମାସରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସରକାରୀ ନିର୍ଦ୍ଦେଶକୁ ବେଖାତିର, ଚାଲିଛି ପଲିଥିନର ଅବାଧ ବ୍ୟବହାର

**ବାଲୁଗାଁ,୨୯।୧୧(ଡି.ଏନ.ଏ.)**

ରାଜ୍ୟରେ ପ୍ଲାଷ୍ଟିକ୍ ଓ ପଲିଥିନର ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ ନିମନ୍ତେ ସରକାର ନିର୍ଦ୍ଦେଶନାମା ଜାରିକରିଛନ୍ତି। ପଲିଥିନ ବ୍ୟବହାର କଲେ ୩ରୁ ୭ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି । ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ୫୦୦ମିଲିଲିଟରେ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ, ପ୍ଲେଟ, ଗ୍ଲାସ୍, ଥାଳିଆ, ପାଣି ପାଉଚ୍ ଆଦି ସାମଗ୍ରୀ ବ୍ୟବହାର ଉପରେ ରାଜ୍ୟ ସରକାରଙ୍କର ତରଫରୁ କଟକଣା ଜାରି କରାଯାଇଛି। ହେଲେ ବାଲୁଗାଁ ଏନ୍‌ଏସି ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ସରକାରୀ ନିର୍ଦ୍ଦେଶକୁ ଖାତିର ନ କରି ପ୍ଲାଷ୍ଟିକ ଓ ପଲିଥିନର ଅବାଧ ବ୍ୟବହାର କରାଯାଉଛି। ସ୍ଥାନୀୟ ପ୍ରଶାସନ ଓ ଏନ୍‌ଏସି ପକ୍ଷରୁ ସଚେତନତା ରାଲି ସହ ବିଜୁ ଯୁବବାହିନୀ ଦ୍ୱାରା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯାଇ ଜନସାଧାରଣଙ୍କୁ ପ୍ଲାଷ୍ଟିକର ଭୟାବହତା ବିଷୟରେ ଅବଗତ କରାଯାଇଥିଲା। ପ୍ଲାଷ୍ଟିକଠାରୁ ଦୂରେଇ ରହିବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ମଧ୍ୟ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହା ସତ୍ତ୍ୱେ ବାଲୁଗାଁ ଅଞ୍ଚଳର ଲୋକମାନେ ପଲିଥିନକୁ ଦୂରେଇପାରୁ ନ ଥିବା ଦେଖିବାକୁ ମିଳୁଛି । ପ୍ରଶାସନ ପକ୍ଷରୁ ମଧ୍ୟ ଅଦ୍ୟାବଧି କୌଣସି ସ୍ଥାନରେ ଚଢ଼ାଉ କରାଯାଇ ନାହିଁ। ତୁରନ୍ତ ପ୍ରଶାସନ ଏ ଦିଗରେ ପଦକ୍ଷେପ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

### ଲୁଗାଚୋରି ଅଭିଯୋଗରେ ୩ ଅଟକ

**ଖୋର୍ଦ୍ଧା ଅଫିସ,୨୯।୧୧**

ଦୋକାନରେ ପଶି ଲୁଗାଚୋରି ଅଭିଯୋଗରେ ଗୁରୁବାର ଜଙ୍କିଆ ଥାନା ପୋଲିସ ୩ଜଣ ମହିଳାଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଏହି ୩ଜଣ ମହିଳା ଜଙ୍କିଆ ବଜାରର କେତେକ ଲୁଗା ଦୋକାନକୁ ଯାଇ ଲୁଗା କିଣିବା ବାହାନାରେ ଲୁଗା ସମେତ କିଛି ସାମଗ୍ରୀ ଚୋରାଇ ନେଇଥିଲେ। ତେବେ ଏହି ମହିଳାମାନେ ଚୋରି କରୁଥିବା ଦେଖି ବ୍ୟବସାୟୀ ଏମାନଙ୍କୁ ଧରି ପୋଲିସର ଜିମା ଦେଇଛନ୍ତି। ଏମାନଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଥିବା ବେଳେ ଘର ଖୋର୍ଦ୍ଧାର ଗୁରୁଜଙ୍ଗରେ ବୋଲି ଜଣାପଡିଛି।

# ଆମ ପୋଲିସ କାର୍ଯ୍ୟକ୍ରମ

**ବାଲୁଗାଁ,୨୯।୧୧(ଡି.ଏନ.ଏ.)**

ବାଲୁଗାଁ ଥାନା ଅତିଥି ଭବନ ପ୍ରକୋଷ୍ଠରେ ଗୁରୁବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲୁଗାଁ ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା, ବାଲୁଗାଁ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ଅଧ୍ୟାପକ ଅନଙ୍ଗଭୀମ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ୍ ସମସ୍ୟା ଆଦି ସମାଧାନ କରିବା ପାଇଁ ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିସହିତ ସହରର ମୁଖ୍ୟ ସ୍ଥାନ ଗାନ୍ଧୀ ଛକ ଓ ଚିଲିକା କୂଳଠାରେ ସିସିଟିଭି କ୍ୟାମେରା ଲଗାଯିବା ପାଇଁ ସ୍ଥିରୀକୃତ ହୋଇଛି । ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରହିପାରିଲେ ଆଇନଶୃଙ୍ଖଳା ପରିସ୍ଥିତ ସୁଧୁରିପାରିବ ଏବଂ ଏଥିପାଇଁ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା । କାର୍ଯ୍ୟକ୍ରମରେ ବାଲୁଗାଁ ଅଞ୍ଚଳର ଶତାଧିକ ଜନସାଧାରଣ ଯୋଗଦେଇଥିଲେ। ଶେଷରେ ବାଲୁଗାଁ ଥାନା ଅଧିକାରୀ ପାତ୍ର ଧନ୍ୟବାଦ ଦେଇଥିଲେ ।




ଆମ ପୋଲିସ ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ।

### ଶ୍ରୀଦେବୀଙ୍କ ମୂର୍ତ୍ତି ବିଘ୍ନ ପ୍ରସଙ୍ଗ
# ସରିଲା ଯାଞ୍ଚ, ରିପୋର୍ଟକୁ ଅପେକ୍ଷା

**ନାରାୟଣ ମୂର୍ତ୍ତି ସଂକ୍ରାନ୍ତରେ ତଥ୍ୟ ମାଗିଲା ମନ୍ଦିର ପ୍ରଶାସନ**

**ପୁରୀ ଅଫିସ,୨୯।୧୧**

ଶ୍ରୀମନ୍ଦିରରେ ପୂଜିତ ଶ୍ରୀଦେବୀ (ଲକ୍ଷ୍ମୀ)ଙ୍କ ସୁବର୍ଣ୍ଣ ପ୍ରତିମା ଗୁରୁବାର ମାଜଣା ମଣ୍ଡପରେ ମାଜଣା ସମୟରେ ଯାଞ୍ଚ ହୋଇଛି। ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ଉପସ୍ଥିତିରେ ଗଠିତ ୫ ଜଣିଆ କମିଟି ଏହି ଯାଞ୍ଚ କରିଛି। କମିଟି ରିପୋର୍ଟ ଦେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଗୁରୁବାର ରତ୍ନସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀ (ସରସ୍ୱତୀ) ମାଜଣା ମଣ୍ଡପକୁ ବିଜେ କରିଥିଲେ। ସେଠାରେ ବେଶ ମଇଲମ ହେବା ପରେ ମହାଜନ ସେବକମାନେ ମାଜଣା କରିଥିଲେ। ମାଜଣା ସମୟରେ ନୀତି ପ୍ରଶାସକଙ୍କ ଉପସ୍ଥିତିରେ ଛତିଶା ନିଯୋଗ ନାୟକ, ଭିତରଚ୍ଛ ମହାପାତ୍ର, ତଲୁଛ ମହାପାତ୍ର, ମହାଜନ ନିଯୋଗ ଓ ପୁଷ୍ପାଳକ ନିଯୋଗ ସଦସ୍ୟ ରହି ଶ୍ରୀଦେବୀଙ୍କ ପ୍ରତିମାର ସ୍ଥିତି ଯାଞ୍ଚ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀଦେବୀଙ୍କ ପ୍ରତିମା ବିଘ୍ନ ହୋଇଥିବା ଜଣାପଡିଛି। ଯାଞ୍ଚ ଟିମ୍‌ର ସଦସ୍ୟ ତଥା ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଆମେ ଯାଞ୍ଚ କରିଛୁ। ଖୁବ୍‌ଶୀଘ୍ର ରିପୋର୍ଟ ଦେବୁ। ଶ୍ରୀଦେବୀଙ୍କ ପ୍ରତିମା ବିଘ୍ନ ରହିଛି କି ପ୍ରଶ୍ନରେ ସେ ଏହାକୁ ଏଡ଼ାଇ ଯାଇ କହିଥିଲେ, ଆମେ ରିପୋର୍ଟରେ ଯାହା ଦେବୁ ତାହା ବାହାରେ ପ୍ରକାଶ କରିହେବ ନାହିଁ। ଅନ୍ୟପକ୍ଷରେ ନୀତି ପ୍ରଶାସକ ପ୍ରଦୀପ ଦାଶ କହିଛନ୍ତି, ପ୍ରକୃତପକ୍ଷେ ମୂର୍ତ୍ତି ବିଘ୍ନ ହୋଇଛି କି ନାହିଁ ତାହା ଜାଣିବା ପାଇଁ ଯାଞ୍ଚ ହୋଇଛି। କମିଟି ରିପୋର୍ଟ ଦେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ନବକଳେବର ସମୟରେ ଗଜପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୂଜାପଣ୍ଡା, ମୁକ୍ତିମଣ୍ଡପ ସଦସ୍ୟମାନେ ଉପସ୍ଥିତ ଥିଲେ। ନୂତନ ଲକ୍ଷ୍ମୀ ମୂର୍ତ୍ତି ପ୍ରତିଷ୍ଠା ନେଇ ଆଲୋଚନା ମଧ ହୋଇଥିଲା। କାଳ ଅଶୁଦ୍ଧ ଏବଂ ବିଭିନ୍ନ କାରଣରୁ ଏହା ବନ୍ଦ ରହିଥିଲା। ବର୍ତ୍ତମାନ ପୁଣି ଏହାର ପ୍ରକ୍ରିୟା ଆରମ୍ଭ ହୋଇଛି। ଅମାବାସ୍ୟା ନାରାୟଣଙ୍କ ମୂର୍ତ୍ତି ରୁପାରେ ନିର୍ମିତ। କିଛିବର୍ଷ ପୂର୍ବେ ଏହି ମୂର୍ତ୍ତି ଚୋରି ହୋଇଯାଇଛି। ତେଣୁ ବର୍ତ୍ତମାନ ପିତ୍ତଳ ମୂର୍ତ୍ତି ପୂଜା କରାଯାଉଛି। ପ୍ରତିଷ୍ଠା ପାଇଁ ରୁପାର ନୂତନ ବିଗ୍ରହ ନିର୍ମାଣ କରିବାକୁ ପଡିବ। ଏଥିଲାଗି ପୂଜାପଣ୍ଡା ସାମନ୍ତଙ୍କୁ ଚିଠି ଲେଖାଯାଇଛି। ମୂର୍ତ୍ତି ଆକାର ସମ୍ପର୍କରେ ତଥ୍ୟ ଦେବାକୁ କୁହାଯାଇଛି। ସେମାନେ ତଥ୍ୟ ଦେବା ପରେ କେତେ ରୁପା ଲାଗିବ ଏବଂ ମୂର୍ତ୍ତି ତିଆରି ସମ୍ପର୍କରେ ନିଷ୍ପତ୍ତି ନିଆଯିବ।

ଶ୍ରୀଦେବୀଙ୍କ ସୁବର୍ଣ୍ଣ ପ୍ରତିମା ବିଘ୍ନ ହୋଇଥିବାରୁ ନୂତନ ମୂର୍ତ୍ତି ପ୍ରତିଷ୍ଠା ନିମନ୍ତେ ଶ୍ରୀମନ୍ଦିର ମହାଜନ ନିଯୋଗ ଦୀର୍ଘବର୍ଷ ହେଲା ଦାବି କରିଆସୁଛି। ଏହି ମୂର୍ତ୍ତି ପ୍ରତିଷ୍ଠାକୁ ନେଇ ଦିନ ଗଡ଼ିଚାଲିଛି। ଶାସ୍ତ୍ରବିତ୍ ବିଘ୍ନ ପ୍ରତିମା ପୂଜା ହେବା ଅଶୁଭ ବୋଲି କହୁଛନ୍ତି। ୧୯୭୦ ଦଶକରୁ ଲକ୍ଷ୍ମୀଙ୍କ ସୁବର୍ଣ୍ଣ ମୂର୍ତ୍ତି ତିଆରି ହୋଇ ଭଣ୍ଡାରଘରେ ରହିଛନ୍ତି। ତେବେ ଦୀର୍ଘବର୍ଷ ଧରି ପ୍ରତିଷ୍ଠା ନ ହେବା ଫଳରେ ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍‌ଙ୍କ ପୁରୀ ଗସ୍ତ ବେଳେ କେତେଜଣ ସେବାୟତ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆମିକସ୍ କ୍ୟୁରି ଶ୍ରୀମନ୍ଦିର ପ୍ରଶାସନକୁ ଏ ସଂକ୍ରାନ୍ତରେ ଚିଠି କରିବା ପରେ ଏବେ ପୁଣି ଲକ୍ଷ୍ମୀଙ୍କ ମୂର୍ତ୍ତି ପ୍ରତିଷ୍ଠା ପ୍ରସଙ୍ଗ ଜୋର୍ ଧରିଛି।



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ






## ସଂକ୍ଷେପରେ

### ଅଗ୍ନିକାଣ୍ଡ: ଧାନ କଳେଇ ପୋଡ଼ିଗଲା

**ଭାପୁର,୨୯।୧୧(ଡି.ଏନ୍.ଏ.):** ସ୍ଥାନୀୟ ଅଞ୍ଚଳର ଜଣେ ଚାଷୀଙ୍କ ଧାନଗଦାରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଗ୍ନିକାଣ୍ଡରେ ଧାନ ପୋଡ଼ି ପାଉଁଶ ହୋଇଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୫ହଜାର ଟଙ୍କା ହେବ ବୋଲି କୁହାଯାଇଛି। କ୍ଷତିଗ୍ରସ୍ତ ଚାଷୀ ହେଉଛନ୍ତି ଫତେଗଡ଼ ଥାନା ଗୋଳାପୋଖରୀ ପଞ୍ଚାୟତସ୍ଥ ବେଗୁନିଆ ଗ୍ରାମର ଛବି ବିଶ୍ୱାଳ। ଗୁରୁବାର ଥାନାରେ ଏ ନେଇ ଛବି ଲିଖିତ ଅଭିଯୋଗ କରିଛନ୍ତି ଯେ, ୨୮ ତାରିଖ ରାତିରେ ତାଙ୍କର ୧ଶହ କଳେଇ ଥିବା ଧାନଗଦାରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ତାଙ୍କର ବର୍ଷକର ପରିଶ୍ରମର ମୂଲ୍ୟ ଅଗ୍ନିକାଣ୍ଡରେ ପୋଡ଼ି ପାଉଁଶ ହୋଇଯାଇଛି। ଛବି ଜଣେ ଗରିବ ଚାଷୀ ହୋଇଥିବାରୁ ତାଙ୍କୁ କ୍ଷତିପୂରଣ ପ୍ରଦାନ ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

### ନାବାଳିକାଙ୍କୁ ଅସଦାଚରଣ: ଅଭିଯୁକ୍ତ ଫେରାର

**ଓଡ଼ଗାଁ,୨୯।୧୧(ସ୍ୱ.ପ୍ର.):** ଓଡଗାଁ ଅଞ୍ଚଳର ଜଣେ ୧୪ ବର୍ଷିୟା ନାବାଳିକା ଅସଦାଚରଣର ଶିକାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ମାମଲାରେ ଅଭିଯୁକ୍ତ ସୁନାମୁହିଁ ପଞ୍ଚାୟତ ଲଣ୍ଡାବାଦୁ ଗ୍ରାମର ବିରଞ୍ଚି ଦୁଆରୀ(୩୫) ଫେରାର ହୋଇଯାଇଥିବା ପୋଲିସ ପ୍ରକାଶ କରିଛି। ବିରଞ୍ଚି ବିବାହିତ ଏବଂ ଦୁଇ ସନ୍ତାନର ଜନକ ବୋଲି ଜଣାଯାଇଛି। ସୂଚନା ଅନୁସାରେ, ବିଲକୁ ଧାନ କାଟିବାକୁ ଯାଇଥିବା ବାପାଙ୍କୁ ବୁଧବାର ଘୋଟଣା (ମଧ୍ୟାହ୍ନ ଭୋଜନ) ଦେଇ ନାବାଳିକା ଘରକୁ ଫେରୁଥିଲେ। ଏହି ସମୟରେ ବିରଞ୍ଚି ତାଙ୍କୁ ଏକ ନାଳ ଭିତରେ ଏକୁଟିଆ ପାଇ ଅସଦାଚରଣ କରିଥିବା ଅଭଯୋଗ ହୋଇଛି। ନାବାଳିକା ଜଣକ ଘରେ ପହଞ୍ଚି ଏ ବିଷୟରେ ଜଣାଇବା ପରେ ପରିବାର ସଦସ୍ୟଙ୍କ ସହିତ ଥାନାକୁ ଯାଇ ବୁଧବାର ସନ୍ଧ୍ୟାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଗାଁରେ ପହଞ୍ଚିଲା ବେଳକୁ ସେ ଫେରାର ହୋଇଯାଇଥିବା ଜଣାଯାଇଛି। ନାବାଳିକାଙ୍କ ଡାକ୍ତରୀ ପରୀକ୍ଷା ସହିତ ବୟାନ ରେକର୍ଡ କରିବାକୁ ନୟାଗଡ ପଠାଯାଇଥିବା ଥାନା ଆଇଆଇସି ଜ୍ୟୋତି ପ୍ରକାଶ ପଣ୍ଡା ସୂଚନା ଦେଇଛନ୍ତି। ଏ ନେଇ ଅଭିଯୁକ୍ତଙ୍କ ବିରୋଧରେ ୨୨୩/୧୮ରେ ଏକ ମାମଲା ରୁଜୁ ହୋଇଛି।

### ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ



**ନୂଆଗାଁ,୨୯।୧୧ (ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ ଗୁରବାର ଉଠାଣିସାହି ରାମେଶ୍ୱର ପୀଠାରେ ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୨୦୦୭ରେ ପ୍ରତିଷ୍ଠା ହୋଇଥିବା ସଂଘର ଏକାଦଶତମ ବୈଠକରେ ଅନେକ ସଭ୍ୟ ଅନୁପସ୍ଥିତ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ଯେପରି ସଂଘରେ ସାମିଲ ହେବା ସହ ବୈଠକରେ ଯୋଗଦେଇ ପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ବସନ୍ତ କୁମାର ମିଶ୍ର ନୂତନ ସଭ୍ୟ ଭାବେ ଯୋଗ ଦେଇଥିଲେ। ସଂଘର ନିଜସ୍ୱ ଗୃହ ନ ଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିପାଇଁ କିଭଳି ସରକାରଙ୍କ ତରଫରୁ ଜାଗା ମିଳିପାରିବ ସେ ନେଇ ନୂଆଗାଁ ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କ ସହ ଆଲୋଚନା କରିବା ପାଇଁ ସଂଘ ସଭାପତି ପତିତପାବନ ସାହୁ, ରାଜେନ୍ଦ୍ର କୁମାର ସାହୁ, ଦେବରାଜ ଖଣ୍ଡୁଆଳ, ବସନ୍ତ କୁମାର ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

# ଜିଲାରେ ଅସମ୍ପୂର୍ଣ୍ଣ ମିନି ଷ୍ଟାଡ଼ିୟମ

- ୧୩ଟିରୁ ମାତ୍ର ୩ଟି ହୋଇଛି ସମ୍ପୂର୍ଣ୍ଣ
- ସମ୍ପୂର୍ଣ୍ଣ ପାଇଁ ବିଡିଓମାନେ ଦେଖାଉନାହାନ୍ତି ଆଗ୍ରହ

**ନୟାଗଡ଼ ଅଫିସ,୨୯।୧୧**

ରାଜ୍ୟ ସରକାରଙ୍କଠାରୁ ଆରମ୍ଭକରି କେନ୍ଦ୍ର ସରକାର ସମସ୍ତେ ଖେଳକୁଦ ପ୍ରତି ଗୁରୁତ୍ୱ ଦେଉଛନ୍ତି। ଯୁବବର୍ଗ କିପରି ଭାବେ ଉପଯୁକ୍ତ ସ୍ଥାନରେ ଖେଳିବା ସହିତ ଅଭ୍ୟାସ କରିପାରିବେ ସେଥିପ୍ରତି ଧ୍ୟାନ ଦେଇ ପ୍ରତି ପଞ୍ଚାୟତରେ ଖେଳପଡ଼ିଆ ଓ ବ୍ଲକରେ ମିନି ଷ୍ଟାଡ଼ିୟମ କରୁଛନ୍ତି। ଅନ୍ୟାନ୍ୟ ଜିଲାରେ ମିନି ଷ୍ଟାଡ଼ିୟମ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ନୟାଗଡ଼ ଜିଲାରେ ଏହା କିନ୍ତୁ ପଛରେ ପଡ଼ିଛି।

ଜିଲାରେ ୧୩ଟି ମିନି ଷ୍ଟାଡ଼ିୟମ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇସାରିଥିବାବେଳେ ସେଥିରୁ ମାତ୍ର ୩ଟି ସମ୍ପୂର୍ଣ୍ଣ ହୋଇଛି। ଅନ୍ୟପକ୍ଷେ ଜିଲାରେ ୧୯୪ଟି ପଞ୍ଚାୟତରୁ ମାତ୍ର ୨୦ ପ୍ରତିଶତ ପଞ୍ଚାୟତରେ ଖେଳପଡ଼ିଆ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଜଣାଯାଏ। ବିଡିଓମାନେ ଆଗ୍ରହ ଦେଖାଉ ନ ଥିବାରୁ ବର୍ଷ ବର୍ଷ ବିତି ଯାଉଥିଲେ ମଧ୍ୟ ମିନି ଷ୍ଟାଡ଼ିୟମଗୁଡ଼ିକ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ମିନି ଷ୍ଟାଡ଼ିୟମ ପାଇଁ ନୟାଗଡ଼ ବ୍ଲକ ଜେମାଦେଇପୁରପାଟଣା ପଞ୍ଚାୟତ ପଡ଼ିଆ, ଓଡ଼ଗାଁ ବ୍ଲକର ଶରଣକୁଳ ନାରାୟଣ ହାଇସ୍କୁଲ,



ସମ୍ପୂର୍ଣ୍ଣ ହୋଇଥିବା ନୟାଗଡ଼ ଦକ୍ଷିଣକାଳୀ ମନ୍ଦିରସ୍ଥିତ ଖେଳପଡ଼ିଆ।

ଭାପୁର ବ୍ଲକର ଆର୍‌ସିଏସ୍ ହାଇସ୍କୁଲ, ଦଶପଲ୍ଲା ବ୍ଲକର ବାଣିଗୋଛା ହାଇସ୍କୁଲ, ନୂଆଗାଁ ବ୍ଲକର ମାଳିସାହିସ୍ଥିତ ଗତିକେଶ ହାଇସ୍କୁଲ, ରଣପୁର ବ୍ଲକର ବିସି ହାଇସ୍କୁଲ, ଗଣିଆ ବ୍ଲକର କେସି ବିଦ୍ୟାପୀଠ ଖେଳପଡ଼ିଆ, ଖଣ୍ଡପଡ଼ା ବ୍ଲକର ପଲ୍‌ଟନ ପଡ଼ିଆ, ନୟାଗଡ଼ ଏନ୍‌ଏସି ପୁରୁଣାସହରସ୍ଥିତ ଦକ୍ଷିଣକାଳୀ ମନ୍ଦିର ପଡ଼ିଆ, ଦଶପଲ୍ଲା ଏନ୍‌ଏସିର ନେତାଜୀ ମୈଦାନ ପଡ଼ିଆ, ଖଣ୍ଡପଡ଼ା ଏନ୍‌ଏସିର ମଧୁବନ ଖେଳପଡ଼ିଆ, ଓଡ଼ଗାଁ ଏନ୍‌ଏସିର ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ରଣପୁର ଏନ୍‌ଏସିର ରଣପୁର କଲେଜ ପଡ଼ିଆକୁ ଚୟନ କରାଯାଇ ୫ ଲକ୍ଷ ଟଙ୍କା ବ୍ୟୟମଞ୍ଜୁର କରାଯାଇଛି। କିଛି ସ୍ଥାନରେ ଅଧିକା ଅର୍ଥରାଶି ମଧ୍ୟ ମଞ୍ଜୁର କରାଯାଇଛି। ୩ଟି ସମ୍ପୂର୍ଣ୍ଣ ହୋଇଥିବା ମିନି ଷ୍ଟାଡ଼ିୟମଗୁଡ଼ିକ ହେଲା ନୟାଗଡ଼ ଏନ୍‌ଏସି, ଭାପୁର ଓ ଓଡ଼ଗାଁ ବ୍ଲକର ମିନି ଷ୍ଟାଡ଼ିୟମ। ୮ଟି ବ୍ଲକ ଓ ୫ଟି ଏନ୍‌ଏସି ପାଇଁ ଜିଲାରେ ୧୩ଟି ମିନି ଷ୍ଟାଡ଼ିୟମ ମଞ୍ଜୁର ହୋଇଥିବା ବେଳେ ମାତ୍ର ୩ଟି ସମ୍ପୂର୍ଣ୍ଣ ହେବା ପ୍ରଶାସନର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ଉଠାଉଛି। ନୟାଗଡ଼ ସହରର ମିନି ଷ୍ଟାଡ଼ିୟମ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଏହାକୁ କାର୍ଯ୍ୟକ୍ଷମ କରାଯାଉ ନ ଥିବାରୁ ଖେଳାଳିମାନେ କେତେବେଳେ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ ତ ଆଉ କେତେବେଳେ ଖେଳପଡ଼ିଆଠାରେ ଅଭ୍ୟାସ କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ଜିଲା କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁ କୁହନ୍ତି ଯେ, ପ୍ରତି ବ୍ଲକକୁ ଆମେ ବର୍ଷେ ତଳେ ମିନି ଷ୍ଟାଡ଼ିୟମ ପାଇଁ ମଞ୍ଜୁର ହୋଇଥିବା ଟଙ୍କା ପଠାଇ ଦେଇଥିଲୁ। ୩ରୁ ୪ ମାସ ଭିତରେ ସମ୍ପୂର୍ଣ୍ଣ କରାଯିବା ପାଇଁ କୁହାଯାଇଥିଲା, ହେଲେ ବିଡିଓମାନେ ବିଭିନ୍ନ କାର୍ଯ୍ୟର ଆଳ ଦେଖାଇ ଏହା ବିଳମ୍ବ ହେଉଥିବା ପ୍ରକାଶ କରୁଛନ୍ତି। ତୁରନ୍ତ ଏହାର ସମାଧାନ କରିବା ପାଇଁ କ୍ରୀଡ଼ାବିତ୍‌ଙ୍କଠାରୁ ଆରମ୍ଭକରି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ବାଇକ୍ ଡିକି ଭାଙ୍ଗି ୭୦ ହଜାର ଲୁଟ୍

**ଓଡ଼ଗାଁ,୨୯।୧୧(ସ୍ୱ.ପ୍ର.)**

ଓଡଗାଁସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ ଆଗରୁ ବାଇକ୍ ଡିକି ଭାଙ୍ଗି ୭୦ ହଜାର ଟଙ୍କା ଲୁଟ୍ ହୋଇଛି। ଲୁଟ୍‌ର ଶିକାର ଗୌଡପୁଟ ପଞ୍ଚାୟତ ନୂଆଁପଲ୍ଲୀ ଗ୍ରାମର ଅକ୍ଷୟ ପ୍ରଧାନ(୨୬) ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଅକ୍ଷୟ ଗୁରୁବାର ମଧ୍ୟାହ୍ନରେ ଚେକ୍ ମାଧ୍ୟମରେ ୭୦ ହଜାର ଟଙ୍କା ବ୍ୟାଙ୍କରୁ ଉଠାଇ ବାଇକ ଡିକିରେ ରଖି ଘରକୁ ଫେରିବାକୁ ବାହାରିଥିଲେ। ଏହି ସମୟରେ ତାଙ୍କ ବାପା ଫୋନ୍ କରି ଆଉ ଅଧିକ ଟଙ୍କା ଉଠାଇବାକୁ କହିଥିଲେ। ଫଳରେ ଅକ୍ଷୟ ବ୍ୟାଙ୍କ ପାର୍ଶ୍ୱରେ ଥିବା ଏଟିଏମ୍ ଭିତରକୁ ପଶିଥିଲେ। ଏହାର ସୁଯୋଗ ନେଇ ତାଙ୍କୁ ନଜର ରଖିଥିବା କୌଣସି ଦୁର୍ବୃତ୍ତ ତାଙ୍କ ଡିକି ଭାଙ୍ଗି ୭୦ ହଜାର ଟଙ୍କା ଲୁଟି ନେଇଥିଲା। ସେ ଏଟିଏମ୍ କାଉଣ୍ଟରରୁ ଫେରି ଏହା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ କରିଥିଲା। ହେଲେ ଏଯାବତ୍ ଦୁର୍ବୃତ୍ତଙ୍କ କୌଣସି ସନ୍ଧାନ ମିଳିନାହିଁ। ଅନ୍ୟପକ୍ଷେ ପୋଲିସ ବ୍ୟାଙ୍କରେ ଲାଗିଥିବା ସିସି କ୍ୟାମେରା ଓ ଆନୁଷଙ୍ଗିକ ତଥ୍ୟ ଅନୁସାରେ ତଦନ୍ତ କରୁଥିବା ବେଳେ ଏ ନେଇ ୨୨୪/୧୮ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବେହେରା ଓ ଥାନା ଆଇଆଇସି ଜ୍ୟୋତିପ୍ରକାଶ ପଣ୍ଡା ପ୍ରକାଶ କରିଛନ୍ତି।

## ବକ୍ତୃତା ପ୍ରତିଯୋଗିତାରେ ପ୍ରୀତିପଲ୍ଲବୀ ପ୍ରଥମ

**ନୟାଗଡ଼ ଅଫିସ,୨୯।୧୧**

ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସୋମବାର ଭୁବନେଶ୍ୱରର ଜୟଦେବ ଭବନଠାରେ ଆୟୋଜିତ ବୀରେନ୍ ମିତ୍ରଙ୍କ ଜୟନ୍ତୀ ଅବସରରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ନୟାଗଡ଼ର ଝିଅ ପ୍ରଥମ ହୋଇଛନ୍ତି। ସେ ହେଲେ ନୟାଗଡ଼ସ୍ଥିତ ହୋଲି ଫ୍ୟାମିଲ୍ ପବ୍ଲିକ୍ ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ପ୍ରୀତିପଲ୍ଲବୀ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇ ପ୍ରୀତିଙ୍କୁ ପୁରସ୍କୃତ କରିଥିଲେ। ଏହି କୃତିତ୍ୱ ପାଇଁ ଜିଲାର ବିଭିନ୍ନ ମହଲରୁ ପ୍ରୀତିଙ୍କ ପାଖକୁ ଶୁଭେଚ୍ଛା ମିଳିଛି ।

ପ୍ରକାଶ ଯେ, ପ୍ରୀତି ପଲ୍ଲବୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ, ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ, ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଭଳି ରାଜ୍ୟସ୍ତରୀୟ ଜୟନ୍ତୀ ପ୍ରତିଯୋଗିତାରେ ବକ୍ତୃତା ଦେଇ କୃତିତ୍ୱ ହାସଲ କରିଛନ୍ତି। ନୟାଗଡ଼ ସହର ବାରମାସୀ ଦଣ୍ଡାଠାରେ ରହୁଥିବା ପ୍ରୀତିପଲ୍ଲବୀଙ୍କ ବାପା ପଦ୍ମନାଭ ମହାପାତ୍ର ଓଡ଼ଗାଁ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ଅଧ୍ୟାପକ ଥିବାବେଳେ ମାଆ ପ୍ରଣତୀ ପୃଷ୍ଟି ଜଣେ ଗୃହିଣୀ। ଝିଅର ଏହିଭଳି କୃତିତ୍ୱ ପାଇଁ ଦମ୍ପତି ଗର୍ବିତ ବୋଲି କହିଛନ୍ତି।




ପ୍ରୀତିପଲ୍ଲବୀଙ୍କୁ ଅର୍ଥମନ୍ତ୍ରୀ ପୁରସ୍କୃତ କରୁଛନ୍ତି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଭାପୁର,୨୯।୧୧(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ୍ ବିଜିପୁର ପଞ୍ଚାୟତରେ ବିଜେଡି ପକ୍ଷରୁ ଗୁରୁବାର ଏକ ଜନସମ୍ପର୍କ ପଦଯାତ୍ରା ଆୟୋଜିତ ହୋଇଯାଇଛି। ଏଥିରେ ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ। ସାଇମନ୍ଦିରଠାରୁ ପଦଯାତ୍ରା ବାହାରି ଗାଁ 'ର ବିଭିନ୍ନ ସାହି ବୁଲିଥିଲା। ବ୍ଲକ୍ ବିଜେଡି ସଭାପତି ଗୟାଧରପରିଡ଼ାଙ୍କ ନେତୃତ୍ୱରେ ଜିଲା ପରିଷଦ ସଭାପତି ବୈଜୟନ୍ତୀ ମହାନ୍ତି, ଜିଲା ପରିଷଦ ସଭ୍ୟା ସୁମିତ୍ରା ରାଉତ, ଦମୟନ୍ତୀ ଖଟେଇ, ଗୀତାଞ୍ଜଳି ସେଠୀ, ଫତେଗଡ଼ ସରପଞ୍ଚ ତୋଫାନ କୁମାର ପ୍ରଧାନ, ଧାନଚାଙ୍ଗଡ଼ା ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ଭାପୁର ସରପଞ୍ଚ



ପଦଯାତ୍ରାରେ ସାମିଲ ହୋଇଥିବା ମହିଳାପୁରୁଷ।

ପ୍ରସନ୍ନ କୁମାର ନାୟକ, ପଥରଚକଡ଼ା ସରପଞ୍ଚ ତ୍ରିନାଥ ମୁଦୁଲି, କରବର ସରପଞ୍ଚ ମମତା ସ୍ୱାଇଁ, ସମିତିସଭ୍ୟ ବସନ୍ତ କୁମାର ମାଝି,ଏମ୍‌ପିଙ୍କ ପ୍ରତିନିଧି ସୌମ୍ୟରଞ୍ଜନ ମହାପାତ୍ର, ବ୍ଲକ୍‌ଯୁବ ବିଜେଡି ସଭାପତି ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବହୁ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ କହିଥିଲେ।

## ଏଟିଏମରୁ ବ୍ୟାଟେରି ଚୋରି

**ଦଶପଲ୍ଲା,୨୯।୧୧(ଡି.ଏନ.ଏ.)**

ଦଶପଲ୍ଲା ଦୁର୍ଗାବଜାର ଠାରେ ଥିବା ଏକ ଜାତୀୟ କରଣ ବ୍ୟାଙ୍କ ପିଏନବିରୁ ଏକ ବ୍ୟାଟେରୀ ବୁଧବାର ରାତିରେ ଚୋରିହୋଇଥିବା ଜଣାଯାଇଛି। ସେହିପରି ନିକଟରେ ଥିବା ୟୁନିୟନ ବ୍ୟାଙ୍କ ଏଟିଏମ ପରିସରରୁ ଦୁର୍ବୃର୍ତ୍ତ ଲାଇଟ୍ ଭାଙ୍ଗିଦେଇଥିବା ଜଣାପଡିଛି । ଗୁରୁବାର ପୂର୍ବାହ୍ନରେ ଏହି ବ୍ୟାଟେରୀ ଚୋରି ବିଷୟରେ ଜଣାପଡିଥିଲା। ଚୋରି ବିଷୟରେ ପିଏନବିର ଭାରପ୍ରାପ୍ତ ମ୍ୟାନେଜର ଉପେନ୍ଦ୍ର କୁମାର ମହାନ୍ତି ଦଶପଲ୍ଲା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ତଦନ୍ତ ଚାଲୁରହିଥିବା ଜଣାଯାଇଛି।

## ଜିଏସ୍‌ଟି ସମ୍ପର୍କରେ ଆଲୋଚନାଚକ୍ର

**ନୟାଗଡ଼ ଅଫିସ,୨୯।୧୧**

ନୟାଗଡ଼ ଜିଲା ଶରଣକୁଳ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ତରଫରୁ ଭାରତରେ ଦ୍ରବ୍ୟ ଓ ସେବା କର ( ଜିଏସ୍‌ଟି) ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଯୋଗେଶ୍ୱର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଆଲୋଚନାଚକ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପ୍ରଫେସର ଡ. ହିମାଂଶୁ ଶେଖର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଭାରତୀୟ ଦ୍ରବ୍ୟ କରର ବିଭାଗୀକରଣ, ଆବଶ୍ୟକତା ଓ ଏହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ କିପରି ପଡ଼ିଛି ସେ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପକ ରାଜକିଶୋର ସାହୁ, ଆଇକ୍ୟୁଏସ୍‌ର ସଂଯୋଜକ ବ୍ୟୋମକେଶ ରଥ, ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପିକା ଗୀତାଞ୍ଜଳି ବେହେରା, ଅଧ୍ୟାପକ ପୀତବାସ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବର୍ତ୍ତମାନର ଦ୍ରବ୍ୟ ଓ ସେବା କର ଏବଂ ପୂର୍ବ ପ୍ରଚଳିତ ସେବା କର ମଧ୍ୟରେ ଥିବା ଭିନ୍ନତା ବିଷୟରେ ଅତିଥିମାନେ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସେମାନଙ୍କ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ବାପି ନାୟକ ଧନ୍ୟବାଦ ଦେଇଥିଲେ।




ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ ।

# ଆରମ୍ଭରୁ ଅଚଳ ୩୩/୧୧କେଭି ବିଦ୍ୟୁତ୍ ସବ୍‌ଷ୍ଟେଶନ

## କମ୍ପାନୀ ଉପରେ ଦୋଷ ଲଦି ନୀରବ ରହୁଛନ୍ତି ବିଭାଗୀୟ ଅଧିକାରୀ

**ଗଣିଆ,୨୯।୧୧(ଡି.ଏନ.ଏ.)**

ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆଠାରେ ନିର୍ମାଣ କରାଯାଇଥିବା ୩୩/୧୧କେଭି ବିଦ୍ୟୁତ୍ ସବଷ୍ଟେଶନ ଆରମ୍ଭରୁ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ନିର୍ମାଣ ଶେଷ ହୋଇ ୪ଦିନ କାର୍ଯ୍ୟକ୍ଷମ ହେବା ପରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏଥିପ୍ରତି ଧ୍ୟାନ ଦିଆଯାଉ ନ ଥିବାରୁ ସ୍ଥାନୀୟ ବିଦ୍ୟୁତ୍ ଉପଭୋକ୍ତା ମହଲରେ କ୍ଷୋଭ ପ୍ରକାଶ ପାଉଛି । ବିଭାଗୀୟ ଅଧିକାରୀମାନେ ନିର୍ମାଣ କରିଥିବା କମ୍ପାନୀ ଉପରେ ଦୋଷଲଦି ନୀରବ ରହୁଛନ୍ତି।

ଗଣିଆ ବ୍ଲକର ଗଣିଆ ସବଷ୍ଟେଶନରୁ ରାସଙ୍ଗ, ଛାମୁଣ୍ଡିଆ ଓ ବଡଶିଲିଙ୍ଗା ପଞ୍ଚୟତର ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍‌ସେବା ଯୋଗାଇ ଦିଆଯାଉଥିଲା। ହେଲେ ଅନେକ ସମୟରେ ବାରମ୍ବାର ବିଦ୍ୟୁତ୍ ବିଚ୍ଛିନ୍ନ ହେବା ଯୋଗୁ ଉପଭୋକ୍ତାମାନେ ଛାମୁଣ୍ଡିଆଠାରେ ଏକ ନୂତନ ବିଦ୍ୟୁତ୍ ସବଷ୍ଟେଶନ ନିର୍ମାଣ ପାଇଁ ଦାବି କରିଆସୁଥିଲେ। ବିଭାଗ ଏହାକୁ ଗୁରୁତ୍ୱ ଦେବା ସହ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍‌ସେବା



ଛାମୁଣ୍ଡିଆଠାରେ ଅଚଳ ହୋଇପଡିଥିବା ବିଦ୍ୟୁତ୍ ସବ୍‌ଷ୍ଟେଶନ।

ଯୋଗାଇଦେବା ପାଇଁ ୨୦୧୪ରେ ଛାମୁଣ୍ଡିଆଠାରେ ୩୩/୧୧କେଭି ବିଦ୍ୟୁତ୍ ସବ୍‌ଷ୍ଟେଶନ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ୨୦୧୭ରେ ଏହାର ନିର୍ମାଣ ଶେଷ ହୋଇଥିଲା। ବିଦ୍ୟୁତ୍ ସବ୍‌ଷ୍ଟେଶନ ପରିସରରେ କରାଯାଇଥିବା ବିଭିନ୍ନ ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେତୁ କାନ୍ଥଗୁଡିକ ଫାଟି ଆଁ କଲାଣି । ସେହିପରି କୋଠା ନିର୍ମାଣରେ ଅନେକ କାର୍ଯ୍ୟ ବାକି ଥିବାବେଳେ ଲାଗିଥିବା ଶୀତତାପ ନିୟନ୍ତ୍ରିତ ଯନ୍ତ୍ରଗୁଡିକ ମଧ୍ୟ ଆରମ୍ଭରୁ ଅଚଳ ହୋଇପଡିଛି। ଏହି ବିଦ୍ୟୁତ୍ ସବ୍‌ଷ୍ଟେଶନ ନିର୍ମାଣ ପାଇଁ ସରକାରଙ୍କ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଏହା ନଷ୍ଟ ହେବାକୁ ବସିଲାଣି। ଏହି କାର୍ଯ୍ୟର ଦାୟିତ୍ୱ ନେଇଥିବା ଠିକା କମ୍ପାନୀ ନିର୍ମାଣ ପରେ ୧ବର୍ଷ ପର୍ଯ୍ୟନ୍ତ ମରାମତି କରିବାର ନିୟମ ରହିଛି । ତେବେ ପ୍ରଶାସନିକ ଅବହେଳା ଯୋଗୁ ସମ୍ପୃକ୍ତ କମ୍ପାନୀ ଏଥିପ୍ରତି ନଜର ଦେଉ ନ ଥିବା କୁହାଯାଉଛି। ୮ମାସ ତଳେ ଏହି ବିଦ୍ୟୁତ୍ ସବ୍‌ଷ୍ଟେଶନରୁ ପ୍ରଥମଥର ପାଇଁ ୩ଟି ପଞ୍ଚାୟତର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ପରୀକ୍ଷାମୂଳକ ଭାବେ ବିଦ୍ୟୁତ୍‌ସେବା ଯୋଗାଣ ଆରମ୍ଭ ହୋଇଥିଲା। ପରିତାପର ବିଷୟ ଏହା କାର୍ଯ୍ୟକ୍ଷମ କରିବାର ମାତ୍ର ୪ ଦିନ ପରେ ଅଚଳ ହୋଇପଡିରହିଛି । ପୂର୍ବପରି ଗଣିଆ ସବ୍‌ଷ୍ଟେଶନରୁ ବିଦ୍ୟୁତ୍ ଯୋଗାଣ କରାଯାଉଛି। ଫଳରେ ଅଧିକାଂଶ ସମୟରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହେଉଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଏହି ସମସ୍ୟା ଯୋଗୁ ଆଦିବାସୀ ପ୍ରବଣ ବଡଶିଲିଙ୍ଗା ପଞ୍ଚାୟତର ୫ ଗ୍ରାମ ଦୀର୍ଘଦିନ ଧରି ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଥିବା ସରପଞ୍ଚ ପୁଷ୍ପଲତା ନାୟକ କହିଛନ୍ତି। ଅନ୍ୟପକ୍ଷେ ଏହି ସବ୍‌ଷ୍ଟେଶନ ପାଇଁ ନିଯୁକ୍ତ ହୋଇଥିବା କର୍ମଚାରୀମାନେ ଛାମୁଣ୍ଡିଆରେ ନ ରହି ଗଣିଆ ସବ୍‌ଷ୍ଟେଶନରେ କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ସେସୁ ବିଭାଗର ଦଶପଲ୍ଲା ଏସ୍‌ଡିଓ ଚିତ୍ତରଞ୍ଜନ ବେହେରାଙ୍କୁ ପଚାରିବାରୁ ଏହି ସମସ୍ୟା ନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି । ତେବେ ଏହାର ମରାମତି କେବେ କରାଯିବ ସେ ନେଇ ମୋ ପାଖରେ କୌଣସି ସୂଚନା ନାହିଁ ବୋଲି ସେ କହିଥିଲେ ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ବିଜ୍ଞାନ ମେଳା



**ବେଗୁନିଆପଡା,୨୯।୧୧(ଡି.ଏନ.ଏ.):** ବେଗୁନିଆପଡାସ୍ଥିତ ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାକୁ ବିଡିଓ ଅରୁଣ କୁମାର ମଲ୍ଲିକ ଉଦ୍ଘାଟନ କରିଥିବା ବେଳେ ଗୋଷ୍ଠୀ ଶିକ୍ଷାଧିକାରୀ କମଳାକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ପ୍ରକଳ୍ପକୁ ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କ ସହ ପ୍ରକଳ୍ପ ବିଷୟରେ ପଚାରି ବୁଝିଥିଲେ। ଏହି ମେଳାରେ ଜୁନିୟର ବିଭାଗରେ ୨୧ଟି, ସବ୍‌ଜୁନିୟର ବିଭାଗରେ ୫୭ଟି ଓ ସିନିୟର ବିଭାଗରେ ୩୯ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଏଥିରେ ଚୟନ ହୋଇଥିବା ପ୍ରକଳ୍ପ ଗୁଡିକ ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଦର୍ଶିତ ହେବ ବୋଲି ପ୍ରଧାନ ଶିକ୍ଷକ କେ. ଭିମରାଜୁ ପାତ୍ର କହିଛନ୍ତି। ବିଚାରକ ଭାବେ ରାମଚନ୍ଦ୍ର ବିଜ୍ଞାନ ମହାବିଦ୍ୟାଳୟର ଅଧାପକ ଡ. ପ୍ରଦିପ କୁମାର ବେହେରା, ଗୋପାଳ କୃଷ୍ଣ ମହାବିଦ୍ୟାଳୟର ଅଧାପକ ଡ. ଜଗଦିଶ ପାଲ, ନ୍ୟାସନାଲ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଅମିୟ କୁମାର ଦାସ, ପୂର୍ବତନ ପ୍ରଧାନ ଶିକ୍ଷକ ରାମକୃଷ୍ଣ ଦୋରା ଯୋଗ ଦେଇଥିଲେ। ବ୍ଲକ ଅଧକ୍ଷା କେ. ରାଜଲକ୍ଷ୍ମୀ ଦୋରା ପୁରସ୍କାର ବିତରର କରିଥିଲେ। ପୂର୍ବତନ ସିଆରସିସି ପଙ୍କଜ କୁମାର ବେହେରା, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ୧୫୦ ପ୍ରକଳ୍ପ ପ୍ରଦର୍ଶିତ



**ଶେରଗଡ଼,୨୯।୧୧(ଡି.ଏନ.ଏ.):** ଶେରଗଡ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଗୁରୁବାର ସ୍ଥାନୀୟ ଶ୍ରୀପଦ ମଞ୍ଜରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ତଥା ଶିକ୍ଷକ ସଂଘର ଉପଦେଷ୍ଟା ସୀମାଞ୍ଚଳ ପ୍ରଧାନ, ଏବିଇଓ ଲକ୍ଷ୍ମୀନାରାୟଣ କର, ଶେରଗଡ ସରପଞ୍ଚ ଯାଜ୍ଞସେନୀ ପ୍ରଧାନ ଯୋଗ ଦେଇଥିଲେ। ମୋଟ ୧୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଶେରଗଡ କଲେଜର ଅଧାପକ ଶିଶିର କାନ୍ତ ତ୍ରିପାଠୀ, ଅଧାପିକା ରୀତା ରାଣୀ ସ୍ୱାଇଁ ଓ ଆଦର୍ଶ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବ୍ରଜମୋହନ ସାମଲ , ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରି ପୁଷ୍ପାଞ୍ଜଳୀ ସ୍ୱାଇଁ ଯୋଗ ଦେଇଥିଲେ। ୪ଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡିଓ ସୁରଞ୍ଜନ କୁମାର ସାହୁ , ଶିକ୍ଷକ ସଂଘର ସଭାପତି କାଳୀଚରଣ ଚୌଧୁରୀ, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ସାହୁ , ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର, ସନ୍ତୋଷ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ତହସିଲଦାର ଡ. ଦୟାସିନ୍ଧୁ ପରିଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସାହିତ୍ୟ ଭାଷା ସହିତ କୁନି ବୈଜ୍ଞାନିକ ହେବା ପାଇଁ ଲକ୍ଷ୍ୟ ରଖିବା ଉଚିତ ବୋଲି କହିଥିଲେ।

# ଜେଲରେ ମା’ଙ୍କ ସହ ଥିବା ଶିଶୁଙ୍କୁ ଥଇଥାନ ନିର୍ଦ୍ଦେଶ

**ଛତ୍ରପୁର,୨୯।୧୧(ଡି.ଏନ.ଏ)**

■ଅଣ ପଞ୍ଜୀକୃତ ଯତ୍ନ କେନ୍ଦ୍ରରୁ ସ୍ଥାନାନ୍ତର କର

■ସିଡବ୍ଲ୍ୟୁସିକୁ ଅଧିକ କ୍ରିୟାଶୀଳ ଉପରେ ଗୁରୁତ୍ୱ

ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଗଞ୍ଜାମ ଜିଲା ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି) ବୈଠକ ଅନୁଷ୍ଠିତ ହୋଇଯାଇଛି । ଆବାହକ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏଥିରେ ଅଧକ୍ଷତା କରିଥିଲେ । ଜିଲାରେ ଥିବା କେତେକ ଅଣ ପଞ୍ଜୀକୃତ ଶିଶୁ ଯତ୍ନ କେନ୍ଦ୍ରରେ ଶିଶୁମାନେ ରହୁଛନ୍ତି। ସେଠାରୁ ଶିଶୁମାନଙ୍କୁ ପଞ୍ଜୀକୃତ ଶିଶୁ ଯତ୍ନ କେନ୍ଦ୍ରକୁ ସ୍ଥାନାନ୍ତର କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜେଲରେ ଥିବା ମହିଳା ଅନ୍ତେବାସୀଙ୍କ ଶିଶୁମାନଙ୍କୁ ଶିଶୁ ଯତ୍ନ କେନ୍ଦ୍ରକୁ ଆଣିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ । ସିଡବ୍ଲ୍ୟୁସିକୁ ଆହୁରି କ୍ରିୟାଶୀଳକ କରିବାକୁ କୁହାଯାଇଛି। ଜୁଲାଇ ୨୦ ତାରିଖରୁ ବର୍ତ୍ତମାନ ସୁଦ୍ଧା ୭୮୧ ନିଖୋଜ ଓ ଶ୍ରମିକ କାମ କରୁଥିବା ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୭୭୬ ଶିଶୁଙ୍କୁ ତାଙ୍କ ବାପାମା’ଙ୍କୁ ସିଡବ୍ଲ୍ୟୁସି ପକ୍ଷରୁ ହସ୍ତାନ୍ତର କରାଯାଇଛି । ଓଡିଶାର ବିଭିନ୍ନ ସିଡବ୍ଲ୍ୟୁସିକୁ ଉଦ୍ଧାର ହୋଇଥିବା ୫୦ ଶିଶୁ ଏବଂ ଅନ୍ୟ ରାଜ୍ୟକୁ ୧୦ ଶିଶୁଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ଦିଆଯାଇଥିଲା।



ବୈଠକରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟମାନେ।

୪ ଶିଶୁଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଅନୁମତି ଦିଆଯାଇଛି । ଶିଶୁ ଯତ୍ନ କେନ୍ଦ୍ରରେ ଥିବା ୮ଜଣଙ୍କୁ ଉଚ୍ଚଶିକ୍ଷା ପାଇଁ ଅନୁଦାନ ଦିଆଯାଇଥିବା ବେଳେ ଜଣେ ଚାକିରି କରିଛନ୍ତି। ୧୦ ଶିଶୁଙ୍କୁ ଭୋକେଶନାଲ ତାଲିମ ଦିଆଯାଇଛି । ଜୁଲାଇ ୨୦ ତାରିଖରେ ଶିଶୁ କଲ୍ୟାଣ କମିଟିର ପୁନର୍ଗଠନ ହୋଇଥିଲା । ଶ୍ରଦ୍ଧା ସଞ୍ଜୀବନୀରେ ଏଡ୍‌ସ ପୀଡ଼ିତାମାନେ ରହୁଛନ୍ତି। ଏଠାରେ ଷ୍ଟାଫ୍ ଅଭାବ ଥିବା ବୈଠକରେ ସୂଚନା ଦିଆଯାଇଥିଲା । ପରେ ବ୍ରହ୍ମପୁରସ୍ଥିତ ଉତ୍କଳ ବାଳାଶ୍ରମ ପରିଚାଳନା କମିଟି ବୈଠକ ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସେଠାରେ ୫୩ ଶିଶୁ ରହୁଛନ୍ତି। ସେମାନେ ଅନାଥ, ନିଖୋଜ, ଶ୍ରମିକ, ଭିକ୍ଷା କରୁଥିବା, ନିର୍ଯାତିତ ହେଉଥିବା ବେଳେ ଉଦ୍ଧାର ହୋଇ ଏଠାକୁ ଆସିଥିବା କୁହାଯାଇଥିଲା। ବୈଠକରେ ଶିଶୁ କଲ୍ୟାଣ କମିଟିର ଅଧକ୍ଷ ରଞ୍ଜିତ କୁମାର ବାନାର୍ଜୀ, ସଭ୍ୟ ସିଏଚ୍ ଜ୍ୟୋତି କୁମାରୀ ଓ ଡା. ଶ୍ୟାମକାନ୍ତ ଜେନା, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ, ଉତ୍କଳ ବାଳାଶ୍ରମର ସୁପରିଣ୍ଟେଣ୍ଡେଣ୍ଟ ସସ୍ମିତା ରାଣୀ ପାଢୀ, ଶ୍ରଦ୍ଧା ସଞ୍ଜୀବନୀର ଲୋକନାଥ ମିଶ୍ର, ଚାଇଲ୍ଡ ଲାଇନ୍‌ର ସୁଧୀର ସାବତ, ବ୍ରହ୍ମପୁର ଏମପିଙ୍କ ପ୍ରତିନିଧି ସୁଧୀର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଲ୍‌ମେଳା କାର୍ଯ୍ୟକ୍ରମ

# ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ଆବଶ୍ୟକ

**ଦାରିଙ୍ଗବାଡ଼ି,୨୯।୧୧(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ନିକଟ ପଡ଼ିଆରେ ଗୁରୁବାର ୨୦୧୮ ପାଇଁ ବାଲ୍‌ମେଳାର ଆୟୋଜନ ହୋଇଯାଇଛି । ଏଥିରେ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ସୁବେନ୍ଦ୍ରୀ ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ତହସିଲଦାର ନିତିନ ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରାପ୍ତି କରିବାକୁ ପରାମର୍ଶ ଦେଇଥିଲେ । ଭଲ ପାଠ ପଢ଼ିବା ସହ ଅଭିଭାବକ, ଗୁରୁଙ୍କ ବାଣୀକୁ ଶୁଣି ମାନିବାକୁ କହିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଅନ୍ତରଙ୍ଗ ଯୁବ ସଂଘ ଜିଲା ସଭାପତି ଦିଲୀପ କୁମାର ସାହୁ, ସମ୍ପାଦକ ହୃଷୀକେଶ ପ୍ରଧାନ, ଜିଲା ସଂଯୋଜକ ପ୍ରଦୀପ ଦାସ, ଶିଶୁ କ୍ଲବ ସଭାପତି ଅଭିଷେକ ବଳିଆର ସିଂ ସମ୍ପାଦିକା ରିଙ୍କି ପ୍ରଧାନ, ଜିଲା ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ ସମ୍ପାଦିକ ବିଷ୍ଣୁପ୍ରିୟା ପ୍ରଧାନ, ଗ୍ରୀନ୍‌ବାଡ଼ି ସରପଞ୍ଚ ସଞ୍ଜୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ବାଲିଗୁଡ଼ା, ଦାରିଙ୍ଗବାଡ଼ିର ୩ଶହ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ମ୍ୟୁଜିକ ଚେୟାର ସହ ଗଣିତ ଦୌଡ଼, ଚିତ୍ରାଙ୍କନ, ବାଟି ଚାମଚ, ବେଲୁନ ଫଟା ଓ ବିସ୍କୁଟ ଖିଆ ଆଦି ପ୍ରତିଯୋଗିତା କରାଯାଇଥିଲା। ଯେଉଁମାନେ କୃତିତ୍ୱ ଅର୍ଜନ କରିଥିଲେ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥି ସହ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜାଗୃତି ଆୟୋଜନ କରିଥିଲା। ଜାଗୃତି ଯୁବରାଜ ଅଧିକାରୀଙ୍କ ସମେତ ରତିକାନ୍ତ ପଟ୍ଟନାୟକ, ଅନ୍ତରଙ୍ଗ ଯୁବ ସଂଘ ସଂଯୋଜକ ଧନେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ବାଲ୍‌ମେଳାରେ ଅତିଥି ଜଣେ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

# ଘୁମୁସର ଜିଲା ଦାବିରେ ଓକିଲଙ୍କ ଆନ୍ଦୋଳନ

**ଭଞ୍ଜନଗର,୨୯।୧୧(ଡି.ଏନ.ଏ.)**

ଘୁମୁସର ଜିଲା ଘୋଷଣା ଏବଂ ବ୍ରହ୍ମପୁରଠାରେ ହାଇକୋର୍ଟ ସ୍ଥାୟୀବେଞ୍ଚ ଦାବି ନେଇ ଭଞ୍ଜନଗର ବାର୍ ଆସୋସିଏଶନ ପକ୍ଷରୁ ଗୁରୁବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି । ଫଳରେ ସାଧାରଣ ଲୋକେ ହଇରାଣ ହୋଇଛନ୍ତି। ଆଇନଜୀବୀମାନେ କୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବି ପୂରଣ ପାଇଁ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ବାର ଆସୋସିଏଶନ ସଭାପତି ପ୍ରଦ୍ୟୁମ୍ନ ନାୟକ, ସମ୍ପାଦକ ବସନ୍ତ ଦାସ, ଗଣେଶ ଜେନା, ନୃସିଂହ କୁମାର ରଥ, ସନ୍ତୋଷ ତିଆଡ଼ି, ସନ୍ତୋଷ ପାଳ, ଅଶୋକ ଗୌଡ଼, ପୀତବାସ ବିଷୋୟୀ ପ୍ରମୁଖ ଆନ୍ଦୋଳନର




କୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନରତ ଆଇନଜୀବୀମାନେ।

ନେତୃତ୍ୱ ନେଇଛନ୍ତି । ସୂଚନାଯୋଗ୍ୟ, ଭଞ୍ଜନଗର ବାର ଆସୋସିଏଶନ ପକ୍ଷରୁ ଉପରୋକ୍ତ ୨ ଦାବି ନେଇ କିଛି ବର୍ଷ ହେବ ପ୍ରତ୍ୟେକ ମାସର ଶେଷ ଦୁଇ କାର୍ଯ୍ୟ ଦିବସ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଉଥିଲେ ମଧ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଆଗାମୀ ଦିନରେ ଆଇନଜୀବୀମାନେ ସାଧାରଣ ଲୋକଙ୍କୁ ନେଇ ଆନ୍ଦୋଳନ କରିବା ପାଇଁ ସଜବାଜ ହେଉଛନ୍ତି।

# ପଥ ମହୋତ୍ସବ ଲାଗି ପ୍ରଚାର ଆରମ୍ଭ

**ଆସିକା,୨୯।୧୧(ଡି.ଏନ୍.ଏ.)**

ଆସିକା ଏନଏସିରେ ପ୍ରଥମ ଥର ପାଇଁ ପଥ ମହୋତ୍ସବ ପାଳନ କରାଯିବ। ଡିସେମ୍ବର ୨ ତାରିଖରେ ଆସିକା ସହରର ମୁଖ୍ୟରାସ୍ତା ବିନାୟକ ବଜାର ଓ ଲକ୍ଷ୍ମୀ ବଜାର ଅଞ୍ଚଳରେ ଏହା କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜନ ସାଧାରଣରେ ଏ ନେଇ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଗୁରୁବାର ଠାରୁ ପ୍ରଚାର ଆରମ୍ଭ କରାଯାଇଛି। ଏକ ସୁସଜ୍ଜିତ ଗାଡି ସହରରେ ବୁଲି ଉତ୍ସବ ସମ୍ପର୍କରେ ଅବଗତ କରାଉଛି। ସହରାଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ସୁଯୋଗ ଦେବା ଲକ୍ଷ୍ୟରେ ନୃତ୍ୟ, ସଂଗୀତ, ଫ୍ୟାନ୍ସି ଡ୍ରେସ, ମ୍ୟୁଜିକାଲ ଚେୟାର, ଦୌଡି ଖେଳ, ରଙ୍ଗୋଲି, ଚିତ୍ରାଙ୍କନ ସହ ଶଙ୍ଖ, ହୁଳହୁଳି ଆଦିରେ ପ୍ରତିଭା ପ୍ରଦର୍ଶନ ଲାଗି କାର୍ଯ୍ୟକ୍ରମ ଆୟୋଜକଙ୍କ ପକ୍ଷରୁ




ପ୍ରଚାର ଲାଗି ବୁଲୁଥିବା ଗାଡି।

ବ୍ୟବସ୍ଥା କରାଯାଇଛି । ପ୍ରଚାର ଗାଡି ଆସିକା ସହରାଞ୍ଚଳ ସହ ସହର ସଂଲଗ୍ନ ବିଭିନ୍ନ ପଞ୍ଚାୟତରେ ପରିକ୍ରମା କରିବ ବୋଲି ନିଷ୍ପତ୍ତି ହୋଇଛି। ପଥ ମହୋତ୍ସବକୁ ଅଧିକ ଆକର୍ଷଣୀୟ ଓ ରଙ୍ଗାରଙ୍ଗ କରିବା ଲାଗି ପ୍ରସ୍ତୁତି ଜୋରଦାର ଚାଲିଛି।

## ଆନ୍ତଃ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ଖୋ-ଖୋ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ସୋରଡା,୨୯।୧୧(ଡି.ଏନ୍.ଏ.)**

ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ଆଦେଶ କ୍ରମେ ସ୍ଥାନୀୟ ପ୍ରକାଶ ଚନ୍ଦ୍ର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆରେ ଆନ୍ତଃ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ଖୋ ଖୋ ଟୁର୍ନାମେଣ୍ଟ ବୁଧବାର ଅପରାହ୍ଣରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀମାଞ୍ଚଳ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ଆଇଆଇସି ପ୍ରଭାତ ସାହୁ, ଅଧାପିକା ଉଷାରାଣୀ ସାବତ ଯୋଗ ଦେଇଥିଲେ। କ୍ରୀଡା ଅଧାପିକ ଏଲିଜା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଅତିଥିମାନେ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ୩ ଦିନିଆ ଏହି ଟୁର୍ନାମେଣ୍ଟରେ ମୋଟ ୨୦ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାଳିକା ଟିମ୍ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ଦିବସରେ ଆର୍‌ସିଏମ୍ ଖଲ୍ଲିକୋଟ, ଋଷିକୁଲ୍ୟା ସୋରଡା, ଋଷିକୁଲ୍ୟା ବ୍ରାହ୍ମଣୀଗାଁ, ନବରଙ୍ଗପୁର, ମହେନ୍ଦ୍ରଗିରି, ପିସିଏମ୍ ଦଳ ଯୋଗ ଦେଇଛନ୍ତି। କ୍ରୀଡା ଶିକ୍ଷକ ସୁବାସ ଚନ୍ଦ୍ର ଗୌଡ, ଅଧାପକ ଧ୍ରୁବଚରଣ ଦାଶ, ରବି ପାଢି, ଶିବଶଙ୍କର ପଟ୍ଟନାୟକ, ମାଧବ ଖୁଣ୍ଟିଆ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏଠାରୁ ବିଜୟୀ ଦଳ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟ ଏନ୍‌ସିଆର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆଜପୁରଠାରେ ଯୋଗଦେବେ ବୋଲି କ୍ରୀଡା ଅଧାପକ ଧ୍ରୁବଚରଣ ଦାଶ କହିଛନ୍ତି।

# କଲେଜ ସମସ୍ୟା ନେଇ ଅଧକ୍ଷଙ୍କୁ ଭେଟିଲେ ଛାତ୍ରୀଛାତ୍ର

**ଗଞ୍ଜାମ,୨୯।୧୧(ଡି.ଏନ.ଏ.)**

ଦାମୋଦରପୁର ଗ୍ରାମସ୍ଥିତ ଗଞ୍ଜାମ କଲେଜ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛି । କଲେଜରେ ପାନୀୟ ଜଳ, ଖେଳ ପଡ଼ିଆ, ପାଚେରୀ, ଆବଶ୍ୟକୀୟ ଶ୍ରେଣୀଗୃହ, ସାଇକେଲ ଷ୍ଟାଣ୍ଡ ଆଦି ବିଭିନ୍ନ ସମସ୍ୟା ଥିବାରୁ ଛାତ୍ରୀଛାତ୍ର ଅସୁବିଧା ଭୋଗୁଛନ୍ତି। ଏ ନେଇ ଗୁରୁବାର ଛାତ୍ରୀଛାତ୍ରମାନେ କଲେଜ ଅଧକ୍ଷ ରଙ୍ଗନାଥ କାନୁନଗୋଙ୍କୁ ଭେଟି ସମସ୍ୟା ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ । ଏଥିସହ ବହୁ ଦୂରଦୂରାନ୍ତରୁ ଆସୁଥିବା ପିଲାମାନଙ୍କ ପାଇଁ କଲେଜ ବସ ସେବା ଯୋଗାଇ ଦେବାକୁ ଦାବି କରିଥିଲେ। ଦାବିପତ୍ରର ନକଲ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏବଂ ତହସିଲଦାର ଅବନୀ କୁମାର ସାହୁଙ୍କୁ ଭେଟି ପ୍ରଦାନ କରାଯାଇଥିବା ଛାତ୍ର ସଂଗଠନ ପକ୍ଷରୁ କୁହାଯାଇଛି।



କଲେଜ ଅଧକ୍ଷଙ୍କୁ ଭେଟୁଛନ୍ତି ଛାତ୍ର।

ଦାବିପତ୍ର ପ୍ରଦାନ ବେଳେ ପୂର୍ବତନ ଛାତ୍ରସଂସଦ ସଭାପତି ଅନିଲ କୁମାର ପରିଡ଼ା, ସାନ୍ତନୁ ବିଶ୍ୱାଳ, ପ୍ରମୋଦ ସାହୁ, ପ୍ରଶାନ୍ତ କୁମାର ପରିଡ଼ାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଏ ସମ୍ପର୍କରେ ତହସିଲଦାର ସାହୁ କହିଛନ୍ତି, କଲେଜରେ ସମସ୍ୟା ଥିବା ସମ୍ପର୍କରେ ଶିକ୍ଷା ବିଭାଗକୁ ଅବଗତ କରାଯିବ।

# ଜି.ଉଦୟଗିରି ଏନଏସିର ସ୍ୱତନ୍ତ୍ର ବୈଠକ

**ଜି.ଉଦୟଗିରି,୨୯।୧୧(ଡି.ଏନ.ଏ.)**

ଜି.ଉଦୟଗିରି ଏନଏସିର ସ୍ୱତନ୍ତ୍ର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପି. ସଞ୍ଜୀବ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରବିବାର ହେବାକୁ ଥିବା ବିଜୁ କଲ୍ୟାଣ ମଣ୍ଡପ, ବିଜୁ ଭାସ୍କର ପାଠାଗାର ଉଦଘାଟନୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ଉଦଘାଟନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଉପାଧକ୍ଷା ଭାନୁପ୍ରଭା ମିଶ୍ର, କାଉନସିଲର ସମୀର କୁମାର ପାଢ଼ୀ, ଅନିଲ କୁମାର ଦଳବେହେରା, ଅଶ୍ୱିନୀ କୁମାର ନାୟକ, କୁନିମା ପ୍ରଧାନ, ରେଣୁକା କହଁର, ନିରୋଜା କୁମାରୀ ନାୟକ ମତ ଉପସ୍ଥାପନ କରିଥିଲେ । ବୈଠକରେ କନିଷ୍ଠ ଯନ୍ତ୍ରୀ ନୀଳକଣ୍ଠ ନାୟକ, ସତ୍ୟପ୍ରକାଶ ମହାପାତ୍ର, ଶିବଶଙ୍କର ଦାସ, କମ୍ବୁପାଣି ପାଣିଗ୍ରାହୀ, କେତନ ନାୟକ, ନିରଞ୍ଜନ ସାହୁ, ନରୋତ୍ତମ ସାହୁ ଓ ଗଣେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଅପରାଧ ସମୀକ୍ଷା କଲେ ଗଞ୍ଜାମ ଏସ୍‌ପି

**ଛତ୍ରପୁର,୨୯।୧୧(ଡି.ଏନ.ଏ)**

ଗଞ୍ଜାମ ପୋଲିସ ଜିଲା ଅପରାଧ ସମୀକ୍ଷା ବୈଠକ ଗୁରୁବାର ଛତ୍ରପୁରସ୍ଥିତ ଏସପିଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଏସ୍‌ପି ବ୍ରିଜେଶ କୁମାର ରଏ ଅଧକ୍ଷତା କରିଥିଲେ । ବୈଠକରେ ଗଞ୍ଜାମ ପୋଲିସ ଜିଲା ଅଧୀନ ସମସ୍ତ ଥାନାର ମାମଲା ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ପଡି ରହିଥିବା ଥିବା ମାମଲା ଗୁଡିକର ତୁରନ୍ତ ଫଇସଲା କରିବାକୁ ଆଇଆଇସି ମାନଙ୍କୁ ଏସପି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଚିଟ୍ ଫଣ୍ଡ ମାମଲା, ମହିଳା ଶିଶୁ ଡେସ୍କ , ସ୍ୱୟଂସିଦ୍ଧା ଓ ଆମ ପୋଲିସ କାର୍ଯ୍ୟକ୍ରମ, ସିନିୟର ସିଟିଜେନ ସେଲ, ସଡକ ସୁରକ୍ଷା, ଜାଲ ଜାତିଗତ ପ୍ରମାଣପତ୍ର, ଶିଶୁ ଚାଲାଣ ରୋକିବା ଆଦି ବିଷୟରେ ଏସ୍‌ପି ସମୀକ୍ଷା କରିଥିଲେ। ଅସାମାଜିକ ଓ ପୁରୁଣା ଅପରାଧୀମାନଙ୍କ ଉପରେ କଡା ନଜର ରଖିବାକୁ କୁହାଯାଇଥିଲା । ପୋଲିସ ଯେପରି ସାଧାରଣ ଲୋକଙ୍କ ଆସ୍ଥାଭାଜନ ହୋଇପାରିବ ସେ ନେଇ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବେଆଇନ ମଦ କାରବାର ରୋକିବା, ନିୟମିତ ହେଲମେଟ ଯାଞ୍ଚ କରିବାକୁ କୁହାଯାଇଥିଲା । ସମୀକ୍ଷା ବୈଠକରେ ଅତିରିକ୍ତ ଏସପି ପ୍ରଦୀପ କୁମାର ମହାପାତ୍ର, ଡିଏସ୍‌ପି ଦିଲୀପ ଦାଶ, ଡିଆଇବି ଡିଏସପି କେଶବ ଚନ୍ଦ୍ର ବେହେରା, ଡିଏସପି ଏସ୍ ପ୍ରଧାନ, ଛତ୍ରପୁର ଏସଡିପିଓ ରମେଶ ଚନ୍ଦ୍ର ସେଠୀ, ଆସିକା ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ, ଭଞ୍ଜନଗର ଏସଡିପିଓ ଉତ୍କଳ କେଶରୀ ଦାଶ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜିତେନ୍ଦ୍ର କୁମାର ଦେହୁରୀଙ୍କ ସମେତ ସମସ୍ତ ଥାନା ଆଇଆଇସିମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଏସପି ଏବଂ ଅନ୍ୟମାନେ ।

## ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷକଙ୍କୁ ଓଟିଇଟି ସୁବିଧା

# ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ସିଟି ସ୍କୁଲ ଛାତ୍ରୀଛାତ୍ରଙ୍କ ଧାରଣା

**ଭଞ୍ଜନଗର,୨୯।୧୧(ଡି.ଏନ.ଏ.)**

ପ୍ରଥମରୁ ୧୦ମ ଶ୍ରେଣୀ ମଧ୍ୟରେ ଥିବା ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ୨୦୧୯ ସୁଦ୍ଧା ବାଧ୍ୟତାମୂଳକ ଭାବେ ତାଲିମପ୍ରାପ୍ତ ଶିକ୍ଷକ ରଖିବା ପାଇଁ ସରକାର ଏକ ନିର୍ଦ୍ଦେଶନାମା ଜାରି କରିଥିଲେ । ନଚେତ ବିଦ୍ୟାଳୟ ଗୁଡ଼ିକର ଏନଓସି କାଟି ଦିଆଯିବ । ଏହାପରେ ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ଗୁଡ଼ିକରେ କାର୍ଯ୍ୟରତ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜାତୀୟ ମୁକ୍ତ ବିଦ୍ୟାଳୟ (ଏନଆଇଓଏସ୍) ମାଧ୍ୟମରେ ଡ଼ିଏଲଇଡ଼ି ତାଲିମ ଦେବା ବ୍ୟବସ୍ଥା କରାଯାଇଥିଲା । ଏହିଭଳି ରାଜ୍ୟର ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନର ହଜାର ହଜାର ଶିକ୍ଷୟିତ୍ରୀ ଶିକ୍ଷକ ବିଭିନ୍ନ ମହାବିଦ୍ୟାଳୟରେ ହୋଇଥିବା ଷ୍ଟଡ଼ି ସେଣ୍ଟରରେ ପାଠ ପଢୁଛନ୍ତି। ୪ଟି ସେମିଷ୍ଟାର ମଧ୍ୟରୁ ୩ୟ ସେମିଷ୍ଟାର ପରୀକ୍ଷା ଡିସେମ୍ବରରେ ହେବ। ସେମାନେ ଓଟିଇଟି ପରୀକ୍ଷା ଦେବେ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ଏଭଳି ପରିସ୍ଥିତିରେ ଚାକିରି ନ ମିଳିବା ଆଶଙ୍କା କରି ରାଜ୍ୟର ଡିଇଏଲଇଡ଼ି (ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେଶନ) ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀଛାତ୍ରମାନେ ଦୁଇଦିନ ହେଲା ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଭଞ୍ଜନଗର ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀଛାତ୍ରମାନେ ମଧ୍ୟ ଗୁରୁବାର ଆନ୍ଦୋଳନ ଆରମ୍ଭ କରିଛନ୍ତି। ଛାତ୍ରୀଛାତ୍ରମାନେ ପ୍ରଶିକ୍ଷଣ କେନ୍ଦ୍ର ସମ୍ମୁଖରେ ଧାରଣା ଦେବାସହ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅଧକ୍ଷ ଡ଼.ବାମଦେବ ତ୍ରିପାଠୀଙ୍କୁ ପ୍ରଦାନ କରିଛନ୍ତି। ସରକାର ତୁରନ୍ତ ଉକ୍ତ ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ । ନଚେତ ଆଗାମୀ ଦିନରେ ଆନ୍ଦୋଳନକୁ ଯୋରଦାର କରାଯିବ ବୋଲି ଛାତ୍ରୀଛାତ୍ରମାନେ ଧମକ ଦେଇଛନ୍ତି ।



ଧାରଣା ଦେଇଥିବା ଛାତ୍ରୀଛାତ୍ର ।